
କୋର୍ଟରେ ଆତ୍ମସମର୍ପଣ କଲେ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play
Download on the App Store


ଅଗଷ୍ଟ ୧ରେ ରିଲିଜ୍ ହେବ ତୃପ୍ତିଙ୍କ 'ଧଡକ୍ ଟୁ' |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୦୬ Vol. 22 No-106 16 JULY 2025 WEDNESDAY, BHUBANESWAR ବୁଧବାର, ୧୬ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୩ଦିନ ଭିତରେ ଗୋପାଳପୁର ଗଣଦୁଷ୍କର୍ମ ମାମଲା ଚାର୍ଜସିଟ୍

କଟକ, ୧୫।୭ (ଭାସ୍କର ନ୍ୟୁଜ): ଆସନ୍ତା ୩ ଦିନ ମଧ୍ୟରେ ବହୁଚର୍ଚ୍ଚିତ ଗୋପାଳପୁର ଗଣଦୁଷ୍କର୍ମ ମାମଲାର ଚାର୍ଜସିଟ୍ ଦାଖଲ କରାଯିବ। ଏ ନେଇ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ସୂଚନା ଦେଇଛନ୍ତି। ସେ କହିଛନ୍ତି, କ୍ରାଇମବ୍ରାଞ୍ଚ ତା'ର ତଦନ୍ତ ଶେଷକରି ଚାର୍ଜସିଟ୍ ପ୍ରସ୍ତୁତ କରିଛି। ଇତିମଧ୍ୟରେ ଘଟଣାକୁ ମାସେ ପୂରିଯାଇଛି।

### ପ୍ରବଳ ବର୍ଷାରେ କାନ୍ଥପଡ଼ି ୨ ମହିଳା ମୃତ

କୋଇଡା, ୧୫।୭ (ଭାସ୍କର ନ୍ୟୁଜ): ଲଘୁଚାପଜନିତ ଲଗାଣ ବର୍ଷାରେ କାନ୍ଥପଡ଼ି ୨ ମହିଳାଙ୍କ ମୃତ୍ୟୁ ହୋଇଛି। କେ.ବଲାଙ୍ଗ ଥାନା ଓ କାଳଟା ଅଞ୍ଚଳର ଲୋହାରତୋଡ଼ା ଓ ମୋଟୁ ହନୁମାନଠାରେ ଏହି ଅଘଟଣ ଘଟିଛି। ମୃତକମାନେ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


### ବିଦ୍ୟୁତ ତାର ଲାଗି ମାମୁ-ଭଣଜା ମୃତ

ଭଦ୍ରକ, ୧୫।୭ (ଭାସ୍କର ନ୍ୟୁଜ): ଭଦ୍ରକ ବ୍ଲକ ଅନ୍ତର୍ଗତ ଦଇସିଂ ଗ୍ରାମରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମାମୁ ଓ ଭଣଜା ମୃତ୍ୟୁବରଣ କରିଛନ୍ତି। ମାଙ୍କଡକୁ ଘଉଡାଉଥିବାବେଳେ ପ୍ରଥମେ ଭଣଜା ବିଦ୍ୟୁତ ତାରରେ ଲାଗି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ମାମୁ ମଧ୍ୟ ସେଥିରେ ଫସି ଯାଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ବଡ଼ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଦୁଇଟିଯାକ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ସେନ୍‌ସେକ୍ସ: ୮୨,୫୭୦.୯୧
ସର୍ବାଧିକ: ୩୨ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

**୧୫।୭।୨୦୨୫ ର ମତାମତ**

ବରିଷ୍ଠ ଅଧିକାରୀମାନେ ଲାଞ୍ଚ ନେଇ ଜେଲ ଗଲେ ପ୍ରଭାବ କନିଷ୍ଠଙ୍କ ଉପରେ ପଡ଼ିବ ନାହିଁ କି?




**ଆଜିର ପ୍ରସଙ୍ଗ**

ସରକାରଙ୍କ ସ୍ୱତନ୍ତ୍ର ପଦକ୍ଷେପ ସତ୍ତ୍ୱେ ଓଡ଼ିଶାରୁ ମାଓବାଦ ବିଲୋପ ସମ୍ଭବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଫିକା ପଡ଼ିଗଲା ରାଷ୍ଟ୍ରପତିଙ୍କର
ଏଥର ଓଡ଼ିଶା ଭିଜିଟି,
ଯୁଆଡ଼େ ଦେଖିବ ସିଆଡ଼େ ଚର୍ଚ୍ଚାରେ
ଏଫେମ କଲେଜ ଝିଅଟି।
ବିଚରା ସୌମ୍ୟଶ୍ରୀ ଝିଅଟି,
ନ୍ୟାୟ ଖୋଜି ଖୋଜି ନିଆଁରେ ଜଳିଲା
ରାଜନୀତି ଫୁଲ୍ ଟାଇଟି !

## ଅଶ୍ରୁଳ ନୟନରେ ସୌମ୍ୟାଶ୍ରୀଙ୍କୁ ଶେଷ ବିଦାୟ

# ଜନ୍ମମାଟିରେ ଜଳିଲା ଚିତା





ବାଲେଶ୍ୱର/ଭୋଗରାଇ/ଭୁବନେଶ୍ୱର, ୧୫।୭ (ଭାସ୍କର ନ୍ୟୁଜ): ସବୁଦିନ ପାଇଁ ନୀରବି ଯାଇଛନ୍ତି ବାଲେଶ୍ୱରର ସାହସୀ ଝିଅ ସୌମ୍ୟାଶ୍ରୀ। ସୋମବାର ରାତିରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ପରେ ମଙ୍ଗଳବାର ତାଙ୍କୁ ଅଶ୍ରୁଳ ବିଦାୟ ଦେଇଛନ୍ତି ବାପା-ମାଆ, ସଂପର୍କୀୟ ଓ ଆତ୍ମୀୟସ୍ୱଜନଙ୍କ ସମେତ ହଜାର ହଜାର ଜନସାଧାରଣ। ଶେଷ ଦର୍ଶନ କରିବା ପରେ ଜନ୍ମମାଟି ଭୋଗରାଇର ପଳାଶିଆରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଯେଉଁମାଟିରେ ଦିନେ ଖେଳିବୁଲି ବଡ଼ ହୋଇଥିଲେ, ସେହି ଗାଁ ମଶାଣିରେ ପଞ୍ଚଭୂତରେ ବିଲୀନ ହେଲେ ସୌମ୍ୟାଶ୍ରୀ। ପୁରା ଅଞ୍ଚଳବାସୀ ଓ ପରିବାର ଭାଙ୍ଗି ପଡ଼ିଛନ୍ତି। ଛାତିପିଟି କାନ୍ଦୁଛନ୍ତି ମାଆ, ସ୍ତବ୍ଧ ହୋଇଯାଇଛନ୍ତି ଜେଜେମା, ପାଗଳପ୍ରାୟ ହୋଇଛନ୍ତି ବାପା ଓ ଭଉଣୀକୁ ଝୁରି ଝୁରି ଆଖିରୁ ଲୁହ ଶୁଖୁନି ଭାଇର। ପଳାଶିଆ ଗାଁରେ ମରଶରୀର ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କୁ ବିଦାୟ ଦେବାକୁ ନେତା, ପ୍ରଶାସକ, ସଂପର୍କୀୟଙ୍କଠାରୁ ଆରମ୍ଭ କରି ● ପୃଷ୍ଠା ୫ ଦେଖନ୍ତୁ

**ଅଶ୍ରୁଳ ବିଦାୟ ଦେଲେ ହଜାର ହଜାର ଜନତା**

**ମୁଖ୍ୟମନ୍ତ୍ରୀଙ୍କ ୨୦ଲକ୍ଷ ଟଙ୍କାର ସହାୟତା ଘୋଷଣା**

**ଫାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କଲା ୟୁଜିସି**

**ସୌମ୍ୟାଶ୍ରୀଙ୍କ ପରିବାରକୁ ଭେଟିଲା କଂଗ୍ରେସ ଟିମ୍**

**ଆଜି ବିଜେଡିର ୮ଘଣ୍ଟିଆ ବାଲେଶ୍ୱର ବନ୍ଦ**

**୧୭ରେ ଓଡ଼ିଶା ବନ୍ଦ ଡାକରା ଦେଲା କଂଗ୍ରେସ**

**ଆଜି ଲୋକସେବା ଭବନ ଘେରିବ ବିଜେଡି**

**କର୍ମଚାରୀଙ୍କ ପାଇଁ ଗାଇଡ୍‌ଲାଇନ ଜାରି**

## ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି

# ଭାରତୀୟ ମୂଲ୍ୟବୋଧକୁ ଜୀବନର ଦୀକ୍ଷାଭାବେ ଗ୍ରହଣ କର



କଟକ, ୧୫।୭ (ଭାସ୍କର ନ୍ୟୁଜ): ଶିକ୍ଷା କେବଳ ଜୀବନ ବିତାଇବାର ମାଧ୍ୟମ ନୁହେଁ, ବରଂ ମଣିଷଟିଏ ହୋଇ ଜୀବନ ଡଙ୍ଗାକୁ ଆଗକୁ ବଢ଼ାଇବା ସହ ସତ୍ୟପ୍ରତି ନିଷ୍ଠା ରଖିବା ଜରୁରି ବୋଲି ମଙ୍ଗଳବାର ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମତ ରଖିଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ କହିଛନ୍ତି, ରେଭେନ୍ସା ହେଉଛି ଭାରତ ଓ ଓଡ଼ିଶା ଇତିହାସର ସକ୍ରିୟ ଅଂଶୀଦାର। ତେଣୁ ଏହାର ଗରିମା ବଜାୟ ରଖିବାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ରେଭେନ୍ସାଭିଆନ ଚେଷ୍ଟିତ ହେବା ଆବଶ୍ୟକ। ସେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ଉଦାହରଣ ଦେଇ କହିଥିଲେ ଯେ ଶୁଭାଂଶୁ ଆମ ଦେଶ ପାଇଁ ଗୌରବ ଆଣି ଦେଇଛନ୍ତି। ଆଗକୁ ଏହି ରେଭେନ୍ସାର ଛାତ୍ରଛାତ୍ରୀ ଆମପାଇଁ ସେଭଳି କିଛି ଗୌରବ ଆଣିବେ ବୋଲି ମୁଁ ଆଶା କରୁଛି। ତେବେ ଏଠାରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀମାନେ ଚାକିରି ଖୋଜିବା ଅପେକ୍ଷା ଚାକିରି ପ୍ରଦାନକାରୀ ହୋଇପାରିଲେ ବିକଶିତ ଭାରତ ଗଠନର ସ୍ୱପ୍ନ ସାକାର ହୋଇପାରିବ ବୋଲି ଶ୍ରୀମତୀ ମୁର୍ମୁ କହିଥିଲେ। ପ୍ରଥମଥର ଲାଗି ରେଭେନ୍ସା ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗ ଦେଇଥିବାରୁ ଖୁସି ପ୍ରକଟ କରିଥିଲେ। ସେ କହିଥିଲେ, ମୋ ଝିଅ ଏଠି ଦୁଇବର୍ଷ ପାଠ ପଢ଼ିବା ସମୟରେ ମୁଁ ଏଠାକୁ ଆସିଥିଲି। ଏହା କେବଳ ଇଟା, ସିମେଣ୍ଟରେ ଗଢ଼ା ନୁହେଁ, ଏହା ଏକ ଶାଳଗ୍ରାମ। ଗତ ଦୁଇବର୍ଷ ହେବ ଝିଅମାନେ ରେଭେନ୍ସାରେ ସଫଳତାରେ ଆଗରେ ରହିଛନ୍ତି। ପୁଅମାନଙ୍କଠାରୁ ଝିଅମାନଙ୍କୁ ଅଧିକ ସଫଳତା ପରିବର୍ତ୍ତନର ପ୍ରମାଣ ଦିଏ ବୋଲି ସେ କହିଥିଲେ। ମଧୁବାବୁଙ୍କ ଦ୍ୱାରା ନିର୍ମିତ ଯୋତା କାରଖାନାର ଉଦାହରଣ ଦେଇ ସେ କହିଥିଲେ, ଯେଉଁ କର୍ମକ୍ଷେତ୍ରରେ ଥିଲେ ବି ଅନୁଷ୍ଠାନକୁ ଭୁଲିପାରିବା ନାହିଁ। ଏହି ସମାରୋହରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଥିଲେ, ରେଭେନ୍ସା ହେଉଛି ଜାତୀୟ ମୁକ୍ତି ଆନ୍ଦୋଳନର ଏକ୍ତିଶାଳା ଓ ଭାଷା ଆନ୍ଦୋଳନର ପ୍ରୟୋଗଶାଳା। ଏହି ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ● ପୃଷ୍ଠା ୫ ଦେଖନ୍ତୁ

## ବିଜେପି ବୈଠକ ପରେ ରାଜସ୍ୱ ମନ୍ତ୍ରୀଙ୍କ ସୂଚନା

# ବଦଳିଲା ଦଫା, ବଢ଼ିବ ତଦନ୍ତ



ଭୁବନେଶ୍ୱର, ୧୫।୭ (ଭାସ୍କର ନ୍ୟୁଜ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ଘଟଣାକୁ ନେଇ ରାଜନୀତି ସରଗରମ ହୋଇ ଉଠିଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ପ୍ରାୟ ଅଢ଼େଇଘଣ୍ଟା ଧରି ଚାଲୁ ରହିଥିଲା। ବୈଠକ ପରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନାଦେଇ କହିଥିଲେ ଯେ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏହାକୁ ନେଇ ରାଜନୀତି କରାଯିବା ଠିକ୍ ନୁହେଁ। ସରକାର ଏ ନେଇ କଠୋର ପଦକ୍ଷେପ ଗ୍ରହଣ କରିବେ। ସୌମ୍ୟାଶ୍ରୀଙ୍କ ମୃତ୍ୟୁପରେ ପୂର୍ବରୁ ଲାଗିଥିବା ଦଫାକୁ ବଦଳାଯାଇଛି ଏବଂ ତଦନ୍ତ ପ୍ରକ୍ରିୟାକୁ ଆଗକୁ ନିଆଯିବ। ● ପୃଷ୍ଠା ୫ ଦେଖନ୍ତୁ



ଦୁଇଦିନିଆ ଓଡ଼ିଶା ଗସ୍ତ ସାରି ନୂଆଦିଲ୍ଲୀ ଫେରିଲେ ମହାମହିମ, ବିମାନବନ୍ଦରରେ ବିଦାୟ ସମ୍ବର୍ଦ୍ଧନା ଦେଉଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।


## ସ୍ପେସ୍ ଡ୍ରାଗନ୍‌ର ସଫଳ ଅବତରଣ

# ପୃଥିବୀ ଫେରିଲେ ଶୁଭାଂଶୁ



ନୂଆଦିଲ୍ଲୀ, ୧୫।୭: ପୃଥିବୀ ଫେରିଲେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା। ମହାକାଶରେ ୧୮ ଦିନ ରହିବା ପରେ ଅନ୍ୟ ୩ ମହାକାଶଚାରୀଙ୍କ ସହ ଶୁଭାଂଶୁ ସୁରକ୍ଷିତ ଭାବେ ଫେରିଥିବା ସୂଚନା ମିଳିଛି। ମଙ୍ଗଳବାର ଅପରାହ୍ନ ୩ଟାରେ ପ୍ରଶାନ୍ତ ମହାସାଗରର କାଲିଫର୍ଣ୍ଣିଆ ଉପକୂଳରେ ସ୍ପେଶ ଡ୍ରାଗନ୍ ସଫଳ ଅବତରଣ କରିଥିଲା। ପ୍ରାୟ ୨୬ ଘଣ୍ଟାର ଯାତ୍ରା ପରେ ସେମାନଙ୍କ ଡ୍ରାଗନ୍ ସ୍ପେଶ୍ କ୍ରାଫ୍ଟ କାଲିଫର୍ଣ୍ଣିଆ ତଟରେ ଜଳାବତରଣ କରିଛି। ସୋମବାର ଅପରାହ୍ନ ୨.୧୫ରେ ଏହି ଚାରିଜଣ ମହାକାଶଚାରୀ ଡ୍ରାଗନ୍ କ୍ୟାପସୁଲରେ ପ୍ରବେଶ କରିଥିଲେ। ଏହାପରେ ୪.୪୫ରେ କ୍ୟାପସୁଲଟି ଆଇଏସଏସ୍‌ର ହାରମନି ମଡ୍ୟୁଲରୁ ଅନ୍ ଡକ୍ ହୋଇଯାଇଥିଲା। ମଙ୍ଗଳବାର ଅପରାହ୍ନ ୩ଟାରେ ଏହା ଅବତରଣ କରିଛି। ଏହି ମହାକାଶଯାନଟି ୨୬୩ କିଲୋଗ୍ରାମରୁ ଅଧିକ ଓଜନର ସାମଗ୍ରୀ ସହ ପ୍ରତ୍ୟାବର୍ତ୍ତନ କରିଛି। ଏଥିରେ ନାସାର ହାର୍ଡଓୟେର ଓ ● ପୃଷ୍ଠା ୫ ଦେଖନ୍ତୁ

**ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ**

ବିଶ୍ୱେଶ୍ୱର

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବେତନଟୀ(ଭାସ୍କର ନ୍ୟୁଜ): ବେତନଟୀ ସ୍ଥିତ ଦମୟନ୍ତୀ ମଣ୍ଡପରେ ବେତନଟୀ ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାର୍ଥୀ ପରିଷଦର ପୂର୍ବତନ ଜିଲ୍ଲା ସଂଯୋଜକ ସାଇରଞ୍ଜନ ଲେଙ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଯୁବ ସଂଗଠକ ଜୀବନ ପରିଡା ଉପସ୍ଥିତ ରହି ଉଦ୍‌ଘାଟନ କରିଥିବା ସହ ଏବିଭିପିର ଲକ୍ଷ୍ୟ ଓ ଆଦର୍ଶ ବିଷୟରେ ପରାମର୍ଶ ଦେଇଥିଲେ। ସର୍ବଶେଷରେ ଉଇଶୀ ସୌମ୍ୟାଶ୍ରୀଙ୍କ ବିଷୟରେ ଆଲୋଚନା ହୋଇଥିଲା। ଏହାପରେ ପୂର୍ବ କାର୍ଯ୍ୟକାରିଣୀ ଭଙ୍ଗକରେ ସହ ନୂତନ କାର୍ଯ୍ୟକାରିଣୀ ଘୋଷଣା ହୋଇଥିଲା। ନୂତନ ନଗର ସଭାପତି ଭାବରେ ନରୋତ୍ତମ ମହାନ୍ତ, ସମ୍ପାଦକ ଭାବରେ ରାକେଶ କୁମାର ମହାନ୍ତ, ସହ ସମ୍ପାଦକ ଭାବରେ ରୋନାଲଡ ମହାନ୍ତି, ସୃଷ୍ଟିକ ସ୍ୱରର ଦାଶ, ଛାତ୍ରୀ ପ୍ରମୁଖ ଭାବରେ ତପସ୍ୱିନୀ ମହାନ୍ତ, ଏସଏଫଡି ପ୍ରମୁଖ ଭାବରେ ରାଜେଶ କୁମାର ବେହେରା ଓ ଛାତ୍ର ସେବା ପ୍ରମୁଖ ଭାବରେ ଜିତେନ୍ଦ୍ର ସେଠୀ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ବୃକ୍ଷରୋପଣ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ସ୍ଥିର ହେଲା। ଏହି କାର୍ଯ୍ୟକ୍ରମକୁ କେଶବ ନାଥ, ସଂଜୀବ ଜେନା, ଅଶୋକ ବେହେରା, ଅଭିଜିତ ନାୟକ, ସୌମ୍ୟ ରଞ୍ଜନ ନାୟକ, ଗୌରବ ନାଥ, ଭୈରବ ନାଥ, ଭାଗ୍ୟରଞ୍ଜନ ବେହେରା, ଉମାକାନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲା ବେଳେ ବେତନଟୀ, ବଡ଼ସାହି, ବୈଶିଙ୍ଗା ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଦରମା ଓ ପିଏଫ୍‌କୁ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମେଡ଼ିକାଲ କର୍ମଚାରୀ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ମେଡିକାଲ କର୍ମଚାରୀମାନଙ୍କୁ ଦରମା ଓ ପିଏଫ ସମୟ ଅବଧିରେ ମିଳୁନଥିବା ପ୍ରତିବାଦରେ ସୋମବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଠିକା ସଂସ୍ଥା ଏଲଏଣ୍ଡକେ ତରଫରୁ କର୍ମଚାରୀ କାମ କରିଆସୁଛନ୍ତି। ଠିକା ସଂସ୍ଥା ଠିକ୍ ସମୟରେ ଦରମା ପ୍ରଦାନ ନ କରିବା, ଇପିଏଫ୍ ସବୁ ମାସ ଦିଆ ଯାଉନଥିବାବେଳେ ଅଭିଯୋଗ ହୋଇ ଆସୁଛି। ତେବେ ଦରମା ବିଳମ୍ବ ନେଇ ହସ୍ପିଟାଲ ମ୍ୟାନେଜରଙ୍କୁ ଅନେକ ଥର ଅଭିଯୋଗ କରି ଆସୁଥିଲେ ହେଁ ଫଣ୍ଡରେ ଟଙ୍କା ନାହିଁ ବୋଲି କୁହାଯାଉଛି। ଏ ନେଇ ବିଗତ ଦିନରେ ଆନ୍ଦୋଳନ କରାଯାଇଥିଲେ ମଧ୍ୟ ମେଡ଼ିକାଲ କର୍ତ୍ତୃପକ୍ଷ ଓ ଠିକା ସଂସ୍ଥା ଏଲଏଣ୍ଡକେ କର୍ଣ୍ଣପାତ କରୁନାହିଁ। ପ୍ରତ୍ୟେକ ମାସ ଠିକ୍ ସମୟରେ ଦରମା ପ୍ରଦାନ କରାଯାଉନଥିବା ଯୋଗୁଁ ପରିବାର ପ୍ରତିପୋଷଣରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ କର୍ମଚାରୀଙ୍କ ଯାହା ଅସୁବିଧା ହେବ ତା ପାଇଁ ମେଡ଼ିକାଲ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଦାବି ପତ୍ରରେ ଦର୍ଶାଇଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯିବାକୁ ମେଡ଼ିକାଲ କର୍ମଚାରୀ ଗୁରି ନାୟକ, ସୁବାଶିନୀ ବେହେରା, ବସନ୍ତ ମହାନ୍ତ,ଅହଲ୍ୟା ମୁଖି, ପଦ୍ମାଳୟ ପାତ୍ର,ଅନସୂୟା ମୁଖି, ସତ୍ୟଭାମା ମୁଖି ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ।

## ଛିଣ୍ଡା ନଦୀତଟରୁ ବାଲି ଚୋରାଚାଲାଣ ଅଭିଯୋଗ



କଣ୍ଡାପଡ଼ା (ଭାସ୍କର ନ୍ୟୁଜ): 'ବାଡ଼ ଯଦି କ୍ଷେତ ଖାଏ' ଗୁହାରି କରିବ କାହାକୁ। ଏହାର ଅର୍ଥ ଚୋରା ବାଲି ଚାଲାଣ ରୋକିବା ପାଇଁ କଟକ ଜିଲ୍ଲା ମାଇନ୍ସ ବିଭାଗ ଅଧିକାରୀମାନଙ୍କୁ ରାଜ୍ୟ ସରକାର ଦାୟିତ୍ୱ ନ୍ୟସ୍ତ କରିଛନ୍ତି। କିନ୍ତୁ କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ବ୍ରାହ୍ମଣ ବାଟି ପଞ୍ଚାୟତ ନିକଟ ଛିଣ୍ଡା ନଦୀ ବ୍ରାହ୍ମଣ ବାଟି ଠାରେ ଗତକାଲି ରାତି ତମାମ ଛିଣ୍ଡା ନଦୀ ଗର୍ଭରୁ ଚିରି ଚୋରା ବାଲି ଚାଲାଣ ହେଉଥିବା ନେଇ ଅଭିଯୋଗ ହସ୍ତଗତ ହୋଇଛି। ଏ ନେଇ କିଛି ବ୍ୟକ୍ତି କଟକ ଜିଲ୍ଲା ମାଇନ୍ସ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ମାଇନ୍ସ ବିଭାଗ ନିରବ ଯୋଗୁଁ ରାତି ତମାମ ବାଲି ଚୋରାଚାଲାଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ଛିଣ୍ଡା ନଦୀ ବ୍ରାହ୍ମଣ ବାଟି ନିକଟରେ ବେଆଇନ ଘାଟ ଓ ରାସ୍ତା ନିର୍ମାଣ କରି ଜେସିବି ମେସିନ ଏବଂ ହାଇଭା ମାଧ୍ୟମରେ ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଛି। ଏହି ଚୋରା ବାଲି ଚାଲାଣ ଯୋଗୁଁ ରାଜ୍ୟ ସରକାରଙ୍କ ରାଜସ୍ୱହାନୀ ହେଉଛି। ଗତକାଲି ରାତିରେ ଖୋଦ ବିଧାୟକଙ୍କ ଅନୁଗତ ରାଜନେତାଙ୍କ ହାଇଭା ଗାଡି ବାଲି ଚୋରି କରି ନେଉଥିବାବେଳେ ବ୍ରାହ୍ମଣ ବାଟି ପମ୍ପ ହାଉସ ନିକଟରେ ଗଳି ପଡିଥିଲା। ଶାସକ ଦଳର ନେତାଙ୍କ ଗାଡି ହୋଇଥିବାରୁ ସ୍ଥାନୀୟ ଲୋକମାନେ ଖବର ଦେଇଥିଲେ ମଧ୍ୟ ପୋଲିସ ଯାଇନଥିଲା। ଯାହାଫଳରେ ଗ୍ରାମବାସୀମାନେ ବାଲି ଚୋରାଚାଲାଣ କୁ ତୀବ୍ର ବିରୋଧ କରିଛନ୍ତି। କଟକ ଜିଲ୍ଲା ନିଆଳି ବିଧାୟକ ଛବି ମଲ୍ଲିକ ଓ କଟକ ଜିଲ୍ଲାପାଳ ଦୃଷ୍ଟି ଦେବା ସହିତ ଏହି ବେଆଇନ ବାଲିଘାଟ ଉପରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

## ରାସ୍ତା ଓ ନାଳ ନିର୍ମାଣ ଦାବି କଲେ ସ୍ଥାନୀୟ ବାସିନ୍ଦା



ବ୍ରହ୍ମପୁର, (ଭାସ୍କର ନ୍ୟୁଜ) ସ୍ଥାନୀୟ ଦୁଇ ନମ୍ବର ୱାର୍ଡର ବିଭିନ୍ନ ଅଞ୍ଚଳ ସମ୍ପୂର୍ଣ୍ଣ ଅବ୍ୟବସ୍ଥା ଘେରରେ ରହିଛି। ରାସ୍ତା ଓ ନାଳ ସମସ୍ୟା ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ବିଶେଷ କରି ଅଂଚଳର ବାଙ୍କେଶ୍ୱରୀ ନଗର ଏବଂ ଲକ୍ଷ୍ମୀ ନୃସିଂହ ସାହି ୧୧ ନଂ ଗଳିର ଅବସ୍ଥା ନ କହିବା ଭଲ। ବର୍ଷା ହେଲେ ଏଠି ଜଳବନ୍ଦୀ ସମସ୍ୟା ଉପୁଜୁଛି। କଦର୍ଯ୍ୟ ରାସ୍ତା ସାଙ୍ଗକୁ ବର୍ଷା ଜଳ ସଠିକ୍ ଭାବେ ନିଷ୍କାସନ ହୋଇପାରୁନଥିବାରୁ ନାଳ ପାଣି ଘରେ ପଶୁଛି। ସାମାନ୍ୟ ବର୍ଷାରେ ଉକ୍ତ ଅଂଚଳ ବିଚ୍ଛିନ୍ନାଂଚଳରେ ପରିଣତ ହେଉଛି। ଏନେଇ ଆଜି ସ୍ଥାନୀୟ ଯୁବ ନେତା ତଥା ପୂର୍ବତନ ବିଜେପି କର୍ପୋରେଟର ପ୍ରାର୍ଥୀ ଅନୁପ ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳବାସୀ ମହାନଗର ନିଗମର ଦ୍ୱାରସ୍ତ ହୋଇ ସମସ୍ୟା ସମ୍ପର୍କିତ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଖୋଦ କମିଶନର ଉକ୍ତ ଅଂଚଳ ପରିଦର୍ଶନ କରି ଲାଗିରହିଥିବା ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଲୋକେ ଦାବି ଜଣାଇଛନ୍ତି। ପୂର୍ବରୁ ବହୁବାର ଅବଗତ ପରେ ବି କର୍ତ୍ତୃପକ୍ଷ ଧ୍ୟାନ ଦେଉନଥିବା ୱାର୍ଡ ବାସୀ ଅଭିଯୋଗ କରିଛନ୍ତି। କମିଶନରଙ୍କ ଅନୁପସ୍ଥିତିରେ ଡେପୁଟି କମିଶନର କଲ୍ୟାଣି ସଂଘମିତ୍ରାଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଜୟ କୁମାର ପଣ୍ଡା,ମମତା ପାଣିଗ୍ରାହୀ, ସୀମାଞ୍ଚଳ ସାହୁ, ମମତା ସେଠି, ଟୁନି ଦାସଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ବୋଲଗଡ଼(ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ମହିଳା ଶିଶୁ ବିକାଶ ପ୍ରକଳ୍ପର ବରିଷ୍ଠ କର୍ମଚାରୀ ମନୋରଞ୍ଜନ ସାହୁ (ମନୁ ଭାଇ) ଙ୍କର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସୋମବାର ଦିନ ବୋଲଗଡ଼ ସଦର ମହକୁମାସ୍ଥ ନନ୍ଦିଘୋଷ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ବ୍ଲକର ଅଙ୍ଗନବାଡ଼ି କର୍ମୀ ସହାୟକ ସଂଘର ସଭାନେତ୍ରୀ ମେରୀୟା ବେଗମ୍ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଉପଦେଷ୍ଟା ଗଙ୍ଗାଧର ଦାଶ ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦିକା ସୁଲୋଚନା ପରିଡ଼ା ବିବରଣୀ ପାଠ କରିଥିଲେ।ପ୍ରକଳ୍ପ ଅଧିକାରିଣୀ ସୁଷମା ପ୍ରଧାନ ମୁଖ୍ୟ ଅତିଥି ମମତା କାର୍ଯକ୍ରମର ମୁଖ୍ୟ ବିଷ୍ଣୁପ୍ରିୟା ବାରିକ ସମ୍ମାନିତ ଅତିଥି ମୁଖ୍ୟ ବକ୍ତା ଭାବେ ବରିଷ୍ଠ କର୍ମଚାରୀ ସମ୍ରାଟ୍ ଆରିସଲ ଅନ୍ୟତମ ଅତିଥି ଭାବେ ନମିତରାନି ମଙ୍ଗରାଜ , ଶର୍ମିଷ୍ଠା ବାରିକ, ଲିଲି ତିର୍କୀ, ଭବାନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କର୍ମଚାରୀ ମନୋରଞ୍ଜନ ସାହୁଙ୍କୁ ଉପଢୌକନ ମାନପତ୍ର ଉତ୍ତରୀୟ ପ୍ରଭୃତି ବହୁ ଉପହାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନବାଡ଼ି ସଂଘର ଉପସଭାନେତ୍ରୀ ପ୍ରତିମା ଦେଇ ସଂଗଠନ ସମ୍ପାଦିକା ନମିତାରାଣୀ ପ୍ରଧାନ ସହସଂପାଦିକା ପ୍ରଭାସିନୀ ମହାରଣା କୋଷାଧ୍ୟକ୍ଷା ରେଣୁବାଳା ଦେଇ ପ୍ରବୀଣ ରଣସିଂହ , ଶାନ୍ତିଲତା ଦେଇ, ମହାଶ୍ୱେତା ଲକ୍ଷ୍ମୀ ଦେଇ ପ୍ରମୁଖ ବହୁ ଉପସ୍ଥିତ କର୍ମୀମାନେ ମନୁଭାଇ ଙ୍କ ୨୫ ବର୍ଷ ର କାର୍ଯ୍ୟ ଦକ୍ଷତା ମିଷ୍ଟଭାଷୀ ପରୋପକାରୀ ସହଯୋଗୀ ଓ ସମସ୍ତଙ୍କୁ ଭଲପାଇବା ସମ୍ପର୍କରେ ଗୁଣଗାନ କରିଥିଲେ। ଶେଷରେ ମେରିୟା ବେଗମ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଏରଞ୍ଚ ହରିଜନ ସାହିରେ ପାନୀୟ ଜଳ ସମସ୍ୟା

### ■ ପ୍ରଶାସନ ଦୃଷ୍ଟି ପଡ଼ିବ କେବେ !



ଫୁଲନଖରା(ଭାସ୍କର ନ୍ୟୁଜ): କଟକ ସଦର ବ୍ଲକ୍ ୪୨ ମୌଜା ବେଷ୍ଟକାର ପଞ୍ଚାୟତ ଅର୍ନ୍ତଗତ ଏରଞ୍ଚ ଗ୍ରାମ ଭୋଇ ସାହି ନଳକୂପ ୨ ମାସ ହେଲାଣି ଅଚଳ ହୋଇ ପଡିରହିଛି। ଫଳରେ ବହୁ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରାୟ ୨୦ ପରିବାର ପାଣି ପାଇବାରୁ ବଞ୍ଚିତ । ସଦର ବ୍ଲକ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ମରାମତି କରିବା ନଚେତ ନୂତନ ନଳକୂପ ବସାଇବା ପାଇଁ ବେଙ୍ଗୁଲି ଭୋଇ, ନକ୍ଷୀ ଭୋଇ, ରେଖା ଭୋଇ, ମିନାକ୍ଷୀ ଭୋଇ, ଅନି ଭୋଇ, ଶର୍ମିଷ୍ଠା ଭୋଇ, ହରେକୃଷ୍ଣ ଭୋଇ, ସଙ୍ଗୀତା ଭୋଇ, ଶିକ୍ଷାବିତ୍ ତଥା ସମାଜସେବୀ ପ୍ରଫେସର୍ ଇଂ. ମନୋଜ ନାୟକ, ବିଜୟ ନାୟକ, ବସନ୍ତ ପଣ୍ଡା,ତାପସ ପତି,ମିଟୁ ବେହେରା, ସଞ୍ଜୟ ବେହେରା,ସୁଶିଲ ପରିଡ଼ା, ପ୍ରକାଶ ମାଝୀ ପ୍ରମୁଖ ଦୃଢ଼ ଦାବି କରିଛନ୍ତି ।

## ପରିବା ଦର ଚଢା, ଖାଉଟିଙ୍କ ଅସନ୍ତୋଷ



ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ପରିବା ଦର ଆକାଶଛୁଆଁ ରହିଥିବା ଦେଖାଦେଇଛି। ସାପ୍ତାହିକ ହାଟ ହେଉ ଅବା ଗାଁ ଗହଳି ଦୋକାନ ହେଉ ସବୁଠି ପରିବା ମୂଲ୍ୟ ଅଧିକ ଥିବାରୁ ଧନିଶାଳୀ, ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକମାନେ ପରିବା କିଣି ଖାଇବା କଷ୍ଟକର ହୋଇ ପଡିଛି। ସମସ୍ତଙ୍କ ଭାବନା ଥାଏକି, ହାଟରେ ପରିବା ପତ୍ର କମ ଦର ଥିବ ବୋଲି। କିନ୍ତୁ, ଯାହା ମୂଲ୍ୟ ଅଛି ପରିବା ଏକ କିଲୋ କିଣିବା ବଦଳରେ ଅଢେଇଶହ ଗ୍ରାମ ଲେଖାଏଁ ସବୁଥିରୁ ଆଣି ପରିବାର ମୁହଁରେ ଦେବାକୁ ପଡୁଛି ।ପରଜଙ୍ଗ ନିକଟବର୍ତ୍ତୀ ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱ ଭାଲୁମୁଣ୍ଡା ଛକରେ ଚାଲିଥିବା ସାପ୍ତାହିକ ହାଟରେ ବାଇଗଣ ୮୦, ଫୁଲକୋବି ଗୋଟାକୁ ୭୦,କଲରା ୬୦, ଭେଣ୍ଡି ୬୦, ପୋଟଳ ୬୦, ମୁଗୁନା ଛୁଇଁ ୬୦,ଗାଜର ୬୦,ଟମାଟୋ ୪୦, ରସୁଣ ୧୦୦ହୋଇଥିବା ବେଳେ, କେବଳ ଆଳୁ ଓ ଓଲ ପିଆଜ ୨୦ଟଙ୍କା ଲେଖାଏଁ ରହିଥିବା ଦେଖାଯାଇଛି । ଲଗାଣ ବର୍ଷାରେ ପରିବା ନଷ୍ଟ ହୋଇ ଯାଉଥିବାରୁ ଅଧିକ ଦରରେ ସାଧାରଣ ବର୍ଗର ପରିବାର ଆଳୁ ବାଇଗଣ ଫାଳେ ପୋଡି ଖାଇବା ବିନା ତରକାରୀ ସେମାନଙ୍କ ପାଇଁ ସାତ ସପନ ବୋଲି ଚର୍ଚ୍ଚା ହେଉଥିବା ଜଣାପଡିଛି ।

## ସନ୍ତେଭଞ୍ଜ ବିଦ୍ୟାଳୟ ପଡିଆରେ ଜମୁଛି ପାଣି



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଳାସପଙ୍ଗା ପଞ୍ଚାୟତ ସନ୍ତେଭଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆରେ ପାଣି ଜମୁଛି। ଫଳରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ୪୩୮ଜଣ ଛାତ୍ରଛାତ୍ରୀ ନାନା ସମସ୍ୟାରେ ପଡିଛନ୍ତି।ଏହି ଶିକ୍ଷାନୁଷ୍ଠାନ ୧୯୭୩ ରେ ସ୍ଥାପିତ ହୋଇଛି। ଶିକ୍ଷକ ଜଣେ ଓ ଶିକ୍ଷୟିତ୍ରୀ ୮ଜଣ ଏବଂ ଜଣେ କିରାଣୀ ସମେତ ପିଅନ ରାତ୍ରୀ ଜଗୁଆଳ ନିଯୁକ୍ତ ହୋଇଛନ୍ତି। ତେବେ ବିଦ୍ୟାଳୟରେ ୧ଶହ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରୀ ନିବାସ ରହିଥିବାବେଳେ ପର୍ଜନପୁର-ପଳାସପଙ୍ଗାର ରାସ୍ତା କଡରେ ସ୍କୁଲ ପଡିଆ ଅଛି। ପୂର୍ବରୁ ସେଠାରେ ହୋମ ପାଇପ୍ ଥିଲା। ରାସ୍ତା ନିର୍ମାଣବେଳେ ହୋମ ପାଇପ୍ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।ଲୋକେ ନିକଟରେ ଜମି କିଣି ବଡବଡ କୋଠା ନିର୍ମାଣ କରି ଜଳ ନିଷ୍କାସନ ରାସ୍ତାଟି ବନ୍ଦ କରି ଯାତାୟତ ପାଇଁ ରାସ୍ତା କରି ଦେଇଛନ୍ତି। ଅଗଷ୍ଟ ୧୫ ଆସୁଥିବାରୁ ଛାତ୍ରଛାତ୍ରୀ ପ୍ୟାରେଡ ଅଭ୍ୟାସ କରିଥାନ୍ତି। ପାଣି ଜମି ରହିଥିବାରୁ ସେମାନେ ଅଭ୍ୟାସ କରି ପାରୁନଥିବା ଅଭିଯୋଗ ହୋଇଛି। ଏହାସହ ଶିକ୍ଷା ସହିତ କ୍ରୀଡା ଗ୍ରହଣ କରି ପାରିବେନି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ପଡିଆ ପାର୍ଶ୍ୱରେ ଦୁଇଟି ଶୌଚାଳୟ ରହିଥିବାବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀ। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପ୍ରେସ୍ କାଉନସିଲ୍ ନାମ ବ୍ୟବହାର ଉପରେ ନିଷେଧାଦେଶ

ଜଗତସିଂହପୁର, ( ଭାସ୍କର ନ୍ୟୁଜ ) ପ୍ରେସ କାଉନସିଲ ଅଫ ଇଣ୍ଡିଆ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଏକ ବୈଧାନିକ ସଂସ୍ଥା ହୋଇଥିବାରୁ କୌଣସି ଗଣମାଧ୍ୟମ ସଂସ୍ଥା 'ପ୍ରେସ କାଉନସିଲ' ନାମ ବ୍ୟବହାର କରିବା ଉପରେ ନିଷେଧାଦେଶ ରହିଛି । ଜିଲ୍ଲାରେ କୌଣସି ଗଣମାଧ୍ୟମ ସଂସ୍ଥା କିମ୍ବା ସରକାରୀ ସଂଘ ନିଜ ସଂସ୍ଥାର ନାମ ପଞ୍ଜିକରଣ ସମୟରେ ପ୍ରେସ କାଉନସିଲ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କେନ୍ଦ୍ର ସରକାରଙ୍କ ଅନୁମତି ବିନା କୌଣସି ସଂସ୍ଥା ପ୍ରେସ୍ କାଉନସିଲ ନାମ ବ୍ୟବହାର କଲେ ଏହା ଆଇନ୍ ଅନୁଯାୟୀ ଗ୍ରହଣୀୟ ନୁହେଁ । ତେଣୁ ଜିଲ୍ଲାର କୌଣସି ସରକାରୀ ସଂଘ ବା ଗଣମାଧ୍ୟମ ସଂସ୍ଥା ନିଜ ନାମରେ ପ୍ରେସ କାଉନସିଲ ବ୍ୟବହାର ନ କରିବାକୁ ଅନୁରୋଧ କରାଯାଉଛି ।

## କର୍ମବୀର ଗୌରୀଶଙ୍କରଙ୍କ ଜୟନ୍ତୀ ପାଳିତ




କରଞ୍ଜିଆ (ଭାସ୍କର ନ୍ୟୁଜ): ଚେତନା ରାଷ୍ଟ୍ର ଚିନ୍ତନ ଓ ଜାଗରଣ ସଂଗଠନ ତରଫରୁ ସ୍ଥାନୀୟ ମଧୁବାରିଷ୍ଟର ମାର୍ଗଠାରେ 'କର୍ମବୀର ଗୌରୀଶଙ୍କର ରାୟ ଓ ଓଡ଼ିଆ ଅସ୍ମିତା' ବିଷୟରେ ଏକ ଆଲୋଚନାଚକ୍ର ତାଙ୍କ ପୂଣ୍ୟ ଜନ୍ମତିଥିରେ ଅନୁଷ୍ଠିତ ହୋଇଯାଇଛି। ଚେତନାର ସଭାପତି ଆଇନଜୀବୀ ସଂଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ପାଂଚପୀଢ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଂପାଦକ ଅଭିମନ୍ୟୁ ତ୍ରିପାଠୀ ମୁଖ୍ୟ ଅତିଥି ଓ ଇଟରନିଟୀ ଅନ୍ତରାଷ୍ଟ୍ରୀୟ ଇଂରାଜୀ ପତ୍ରିକାର ସଂପାଦକ ହରେକୃଷ୍ଣ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମବୀର ଗୌରୀଶଙ୍କର ରାୟଙ୍କ ତ୍ୟାଗ, ନିର୍ଭୀକତା ଏବଂ ଓଡିଆ ଭାଷା ଓ ଜାତି ପ୍ରୀତି ପାଇଁ ସର୍ବଦା ଓଡ଼ିଶାବାସୀଙ୍କ ପ୍ରେରଣା ହୋଇ ରହିଥିବେ। ୧୮୬୬ ମସିହାରୁ ପ୍ରକାଶିତ ତାଙ୍କର ସଂପାଦିତ, ଓଡିଶାର ପ୍ରଥମ ସମ୍ବାଦପତ୍ର ଉତ୍କଳ ଦୀପିକା ଥିଲା ଓଡିଶର ସ୍ୱର ବୋଲି କହିଥିଲେ। ସମ୍ମାନୀୟ ଅତିଥି ଭାବେ ପାଂଚପୀଢ ବରିଷ୍ଠ ନାଗରିକ ସଂଘର ସଂପାଦକ ସର୍ବେଶ୍ୱର ମିଶ୍ର,ସମାଜ ସେବୀ ସିଦ୍ଧାର୍ଥ ରାୟ,ଜୀତେନ୍ଦ୍ର ବେହେରା ଓ ଡମ୍ବରୁଧର ପୋଥାଳ ଆଦି ଯୋଗ ଦେଇ ପୂଜ୍ୟ ପୂଜାକୁ ଭୂଲିଗଲେ ସମାଜ ଭୁଶୁଡି ଯିବ ଏବଂ କର୍ମବୀର ଗୌରୀଶଙ୍କର ସଦା ସର୍ବଦା ଓଡ଼ିଆ ଜାତିର ଆଦର୍ଶ ହୋଇ ରହିଥିବେ ବୋଲି ମତ ଦେଇଥିଲେ। ସଭାପତି ଶ୍ରୀ ସାହୁ କର୍ମବୀରଙ୍କ ଗୁଣାବଳୀକୁ ପ୍ରକାଶ କରିଥିବାରୁ ପ୍ରଶଂସା କରିଥିଲେ ଓ ସରକାରଙ୍କୁ ଓଡିଆ ଅସ୍ମିତାର ପ୍ରତୀକ ଗୌରୀଶଙ୍କରଙ୍କୁ ଆଦୌ ଭୁଲିଯିବା ଉଚିତ୍ ନୁହେଁ ବୋଲି ମତ ଦେଇଥିଲେ।

## ସୌମ୍ୟାଶ୍ରୀଙ୍କ ନ୍ୟାୟ ପାଇଁ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ




କେନ୍ଦୁଝର(ଭାସ୍କର ନ୍ୟୁଜ୍):ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ ବିଇଡି ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଉଦ୍ୟମ ସହ ପ୍ରଥମେ ବାଲେଶ୍ୱର ଓ ପରେ ଏମ୍ସ ମେଡିକାଲରେ ନିଜ ଜୀବନ ସହ ସଂଘର୍ଷ କରି ଶେଷରେ ହାରିଯାଇ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସରକାର ତୁରନ୍ତ ରାତାରାତି ଶବ ବ୍ୟବଚ୍ଛେଦ କରି ବିଜେପି ନେତାଙ୍କ ଉପସ୍ଥିତିରେ ମେଡିକାଲ ପଛ ଗେଟରେ ପୋଲିସ ସୁରକ୍ଷାରେ ଶବକୁ ବାହାର କରିଛନ୍ତି । ଯାହାକି ସନ୍ଦେହଜନକ ଘଟଣା ହୋଇଛି । ଏହି ସରକାର ପାଇଁ ଗୋଟେ ନିରୀହ ଝିଅର ଜୀବନ ବାଜି ଲାଗିଛି। ଏହି ଉଭଣୀଟି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟ ଥିଲେ ମଧ୍ୟ ନିଜ ଉପରେ ଉକ୍ତ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀଙ୍କ ଦ୍ୱାରା ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇ ନ୍ୟାୟ ଅଧିକାର ପାଇଁ ନିଜ ଦଳର ମୁଖ୍ୟମନ୍ତ୍ରୀ , ଉଚ୍ଚ ଶିକ୍ଷାମନ୍ତ୍ରୀ , ବିଧାୟକ ମାନସ ଦତ୍ତ, ସାଂସଦ ପ୍ରତାପ ଷଡ଼ଙ୍ଗୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେପି କର୍ମକର୍ତ୍ତାଙ୍କୁ ଜଣାଇ ବିଫଳ ହୋଇ ଶେଷରେ ଆତ୍ମହତ୍ୟା ପରି ବିକଳ୍ପ ବାଛି ନେଇଥିଲେ । ଶେଷରେ ପୀଡିତା ସୌମ୍ୟାଶ୍ରୀଙ୍କ ବିୟୋଗ ପରେ ମୁଖ୍ୟମନ୍ତ୍ରୀ ନିଦ ବିଷ୍ଣୁ ସାଜି ଚୁପଚାପ ରହିଛନ୍ତି। ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଆଜି ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ନେତୃତ୍ୱରେ ଯୁବ,ଛାତ୍ର ଓ ମହିଳା ମାନେ ବିରୋଧୀ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବୀ କରି କୁଶ ପୁତ୍ତଳିକା ଦାହ କରିଥିଲେ । କଂଗ୍ରେସ ନେତା ମାନେ ମୃତ ପୀଡିତଙ୍କ ପରିବାରକୁ ୨୫ ଲକ୍ଷ ଅନୁଦାନ ଦେବା ସହିତ ଏହି ଏହି ଘଟଣାର ନିରପେକ୍ଷ ବିଚାର ତଦନ୍ତ ପାଇଁ ସିବିଆଇକୁ ହସ୍ତାନ୍ତର କରିବାକୁ ଦାବୀ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ ଆଦିବାସୀ ସେଲ ଅଧକ୍ଷ ତଥା ପୂର୍ବତନ ସାଂସଦ ଯଶବନ୍ତ ନାରାୟଣ ସିଂ ଲାଗୁରି, ଜିଲ୍ଲା କଂଗ୍ରେସ ସଂଯୋଜକ ସଂଗୀତା ସିଂହ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, କଂଗ୍ରେସ ନେତ୍ରୀ ପ୍ରତିଭା ମଞ୍ଜରୀ ନାଏକ, ସସ୍ମିତା ବେହେରା, ସେବତୀ ମହାନ୍ତ, ସୋନାଲି ମାର୍ଣ୍ଡି, ପ୍ରେମଲତା ବେହେରା, କଂଗ୍ରେସ ନେତା ନିର୍ମଳ ନାଏକ, ଲଳିତ ମୋହନ ନାଏକ, ରତ୍ନାକର ଜେନା,ଉତ୍ତମ କୁମାର ସାହୁ, ସନ୍ତୋଷ କୁମାର ସାହୁ, ବିକ୍ରମ ଜେନା, ସୁନୀଲ ନାଏକ, ରଘୁନାଥ ପାତ୍ର, ସୁଢଳ କୁମାର ସେଠି, ଦିଲ୍ଲୀପ କୁମାର ସାହୁ, ଦିନେଶ ରାଉତ, ଶୁକଦେବ ମହାକୁଡ଼, ପ୍ରମୋଦ ବେହେରା, ରଂଜିତ ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, କ୍ଷୀରୋଦ ପାତ୍ର, ଶେଷଦେବ ସାହୁ ଏବଂ ଯୁବ ଓ ଛାତ୍ର ନେତା ସୌମ୍ୟ ରଞ୍ଜନ ରାଉତ, ମହମ୍ମଦ ରାଜୁ, ଅମିତ କୁମାର ରାଉତ, ମାନସ ବେହେରା, ଆକାଶ ବେହେରା, ଅଭିନାଶ ଓଝା, ରାହୁଲ ବେହେରା, ଶମ୍ଭୁ ବେହେରା, ଅଭିଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବୋହୂକୁ ପେଟ୍ରୋଲ ଢାଳି ମାରିବାକୁ ଉଦ୍ୟମ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ ବାରିମୂଳ ଖଣ୍ଡାସାହି ଗ୍ରାମର ଜଣେ ମହିଳାଙ୍କ ଉପରେ ପେଟ୍ରୋଲ ଢାଳି ହତ୍ୟା କରାଯିବା ଉଦ୍ୟମ ହୋଇଛି। କିନ୍ତୁ ପୀଡିତା ଅଳ୍ପକେ ବଞ୍ଚି ଯାଇଛନ୍ତି। ଏହାସହ ସଂପୃକ୍ତ ମହିଳାଙ୍କୁ ଶ୍ୱଶୁର ଓ ଦିଅରମାନେ ମାଡମାରି କ୍ଷତାକ୍ତ କରିଛନ୍ତି। ଏନେଇ ପୀଡିତା ସଦର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଏହାକୁ ଗୁରୁତ୍ୱ ଦେଉନାହିଁ। ତେଣୁ ବାଧ ହୋଇ ପୀଡିତା ଏସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା କହିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଏଥିସହ ଅଭିଯୋଗର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ମନ୍ମଥ ଛାତ୍ର କଂଗ୍ରେସ ନୂତନ ସାଧାରଣ ସମ୍ପାଦକ ମନୋନୀତ



କେନ୍ଦୁଝର(ଭାସ୍କର ନ୍ୟୁଜ): ରାଜ୍ୟରେ ଛାତ୍ର କଂଗ୍ରେସ ସଂଗଠନକୁ ମଜବୁତ ଓ କ୍ରିୟାଶୀଳ କରିବା ପାଇଁ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ କୁମାର ପ୍ରଧାନ ରାଜ୍ୟ କମିଟି କରିଛନ୍ତି । ଏହି କମିଟିରେ ବହୁ ଅନୁଭବୀ ଓ ଦକ୍ଷ ଛାତ୍ରନେତା ମାନଙ୍କୁ ନିଯୁକ୍ତି କରିଛନ୍ତି । ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ସୁପାରିଶକ୍ରମେ ଅଖିଳ ଭାରତୀୟ ଛାତ୍ର କଂଗ୍ରେସ (ଏନଏସୟୁଆଇ)ର ସଭାପତି ବରୁଣ ଚୌଧୁରୀଙ୍କ ଅନୁମୋଦନ କ୍ରମେ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଭଦ୍ରାସାହର ଦକ୍ଷ ସଂଗଠକ ଓ ଛାତ୍ର ନେତା ମନ୍ମଥ କୁମାର ବାରିକଙ୍କୁ ରାଜ୍ୟ ଛାତ୍ର କଂଗ୍ରେସ କମିଟିର ନୂତନ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି । ସୂଚନାଯୋଗ୍ୟ ଯେ ଛାତ୍ର ନେତା ଶ୍ରୀ ବାରିକ ହେଉଛନ୍ତି ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ ଚମ୍ପୁଆ କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ଜିଲ୍ଲା କଂଗ୍ରେସ ପଛୁଆବର୍ଗ ବିଭାଗର ଅଧକ୍ଷ ଯଦୁମଣି ବାରିକ ଙ୍କ ଏକମାତ୍ର ପୁତ୍ର ଅଟନ୍ତି । ଛାତ୍ର ନେତା ମନ୍ମଥ ବାରିକ ନୂତନ ନିଯୁକ୍ତିରେ ଖୁସିବ୍ୟକ୍ତ କରିବା ସହିତ କହିଛନ୍ତି ଯେ ମୋ ପରିବାର କଂଗ୍ରେସ ଦଳ ସହିତ ରହିଛନ୍ତି ଏବଂ ମୁଁ କଂଗ୍ରେସ ଦଳର ନୀତି, ଆଦର୍ଶ, ପରମ୍ପରା ଓ ସଂଗଠନରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବି । ତାଙ୍କ ନିଯୁକ୍ତି ପାଇଁ ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପିସିସି ସଭାପତି ଭକ୍ତଚରଣ ଦାସ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ଏନଏସୟୁଆଇ ସଭାପତି ବରୁଣ ଚୌଧୁରୀ, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରି, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ଜିଲ୍ଲା କଂଗ୍ରେସ ସଂଯୋଜକ ସଂଗୀତା ସିଂହ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ କୁମାର ପ୍ରଧାନ ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କୁ କୃତଜ୍ଞତା ଜଣାଇଛନ୍ତି ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ବିଶ୍ୱ ସର୍ପ ଦିବସ । ସାପର ସଂରକ୍ଷଣ ନିମନ୍ତେ ସମାଜକୁ ସଚେତନତାର ବାର୍ତ୍ତା ଦେବା ପାଇଁ ପ୍ରତିବର୍ଷ ଜୁଲାଇ ୧୬ ତାରିଖକୁ ବିଶ୍ୱ ସର୍ପ ଦିବସ ରୂପେ ପାଳନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ ତୂଳୀରେ ନିଖୁଣ୍ ରୂପେ 'ସାପ ଜୈବ ଶୃଙ୍ଖଳର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ' ଶୀର୍ଷକ ଚିତ୍ର ଆଙ୍କି ଜନସଚେତନତା ଉଦ୍ଦେଶ୍ୟରେ ସାରା ବିଶ୍ୱକୁ ଦେଇଛନ୍ତି ବଳିଷ୍ଠ ବାର୍ତ୍ତା । ଏ ସଂପର୍କରେ ସେ କୁହନ୍ତି, ସାପକୁ ସମସ୍ତେ ଭୟ କରୁଥିଲେ ମଧ୍ୟ ଏହା ମଣିଷର ବିଭିନ୍ନ ଉପକାର ବି କରିଥାଏ । ଯେପରି ଫସଲ ପ୍ରତି କ୍ଷତିକାରକ ବେଙ୍ଗ, ମୂଷା, କୀଟପତଙ୍ଗ ଆଦିକୁ ଖାଇ ଅମଳକୁ ସେ ସୁରକ୍ଷା ଦେଇଥାଏ । ଏଣୁ ଖାଦ୍ୟଶୃଙ୍ଖଳର ସୁପରିଚାଳନା ପାଇଁ ସାପର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦ୍ୱିତୀୟରେ ଚିକିତ୍ସାବିଜ୍ଞାନ କ୍ଷେତ୍ରରେ ସାପର ବିଷକୁ ବ୍ୟବହାର କରାଯାଇ ଅନେକ ମାରାତ୍ମକ ରୋଗରୁ ମଣିଷର ଜୀବନ ରକ୍ଷା କରାଯାଇ ପାରୁଛି । ସାପ ନ ରହିଲେ ପରିବେଶର ସନ୍ତୁଳନ ବିଗିଡ଼ିଯିବ । ଏନେଇ ଏହାର ସୁରକ୍ଷା ଓ ବଂଶ ବୃଦ୍ଧିରେ ସମସ୍ତେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ଶାନ୍ତନୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

### ଆଦିକବି ସାରଳା ଦାସଙ୍କ ଜୟନ୍ତୀ ସମାରୋହ ପାଳିତ

# କଳିଙ୍ଗ ରତ୍ନ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି



କଟକ(ଭାସ୍କର ନ୍ୟୁଜ୍): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର କଟକ ଠାରେ ଆଦିକବି ସାରଳା ଦାସଙ୍କ ଜୟନ୍ତୀ ସମାରୋହରେ ଅତିଥି ଭାବେ ଯୋଗଦାନ କରିଛନ୍ତି । ଏହି ଅବସରରେ ସେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ରେ ସମ୍ମାନିତ କରିଛନ୍ତି । ରାଷ୍ଟ୍ରପତି ଆଦିକବି ସାରଳା ଦାସଙ୍କ ପ୍ରତି ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ କହିଛନ୍ତି, ଆଦିକବି ସାରଳା ଦାସ ମହାଭାରତ ରଚନା କରି ଭାରତୀୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଏହି ମହାନ କବିଙ୍କ ଜନ୍ମବାର୍ଷିକୀ ପାଳନ ଏବଂ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସେ 'ସାରଳା ସାହିତ୍ୟ ସଂସଦ'କୁ ପ୍ରଶଂସା କରିଛନ୍ତି । କଳିଙ୍ଗ ରତ୍ନ ପୁରସ୍କାର ପାଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଷ୍ଟ୍ରପତି ଅଭିନନ୍ଦନ ଜଣାଇଛନ୍ତି । ସେ ମଧ୍ୟ 'ସାରଳା ସମ୍ମାନ' ସାହିତ୍ୟ ପୁରସ୍କାର ପାଇଥିବା ବିଜୟ ନାୟକଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଆମର ବିବିଧତା ଏକ ଇନ୍ଦ୍ରଧନୁ ପରି । ଆମର ଏକତା ଯୁଗ ଯୁଗ ଧରି ବହୁତ ସୁଦୃଢ଼ ରହିଛି । ଆମର ଅନେକ ଭାଷା ଅଛି, କିନ୍ତୁ ଭାବନା ଗୋଟିଏ । ଏତେ ସଂଖ୍ୟକ ଭାଷା ଏବଂ ଧର୍ମକୁ ନେଇ ଭାରତ ଯେପରି ଏକଜୁଟ ଏବଂ ସଦ୍ଭାବନାର ସହ ରହିଆସିଛି ତାହା ଦେଖି ବିଶ୍ୱ ଚକିତ ହୋଇଥାଏ । ରାଷ୍ଟ୍ରପତି କହିଛନ୍ତି, ଭାରତୀୟ ଶିକ୍ଷା ପରମ୍ପରାକୁ ସମୃଦ୍ଧ କରିବାରେ ଭାରତୀୟ ଭାଷାଗୁଡ଼ିକର ବ୍ୟାପକ ଅବଦାନ ରହିଛି । ଜାତୀୟ ଶିକ୍ଷା ନୀତି ୨୦୨୦ରେ ମାତୃଭାଷାରେ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବା ଖୁସିର ବିଷୟ । ମାତୃଭାଷାରେ ଶିକ୍ଷା ପିଲାଙ୍କୁ ସେମାନଙ୍କ ସଂସ୍କୃତି ଏବଂ ପରମ୍ପରା ସହ ଯୋଡ଼ିବାରେ ସହାୟକ ହେବ । ନିଜ ମାତୃଭାଷା ବ୍ୟତୀତ ଅନ୍ୟ ଭାଷା ମଧ୍ୟ ଶିଖିବା ଉଚିତ ବୋଲି ସେ ମତବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବ, ବିଶିଷ୍ଟ ଲେଖିକା ପଦ୍ମଭୂଷଣ ପ୍ରତିଭା ରାୟ ପ୍ରମୁଖ ଯୋଗ ଦେଇଥିଲେ ।

## ସୌମ୍ୟାଶ୍ରୀଙ୍କ ପରିବାରକୁ ୨ କୋଟି ଆର୍ଥିକ ସହାୟତା ଦେବାକୁ ବିଜେଡିର ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୌମ୍ୟାଶ୍ରୀଙ୍କ ପରିବାରକୁ ୨ କୋଟି ଆର୍ଥିକ ସହାୟତା ଦେବାକୁ ଦାବି କରିଛି ବିଜେଡି । ବିଜେଡି ବିଧାୟକ ଦେବୀ ରଂଜନ ତ୍ରିପାଠୀ ସୌମ୍ୟଶ୍ରୀ ପରିବାରକୁ ୨ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯାଉ ବୋଲି ଦାବି କରିଛନ୍ତି । ଏବଂ ସେ ଝିଅକୁ କେଉଁ ଏବିଭିପିର ପିଲା ପେଟ୍ରୋଲ ଦେଲେ ତାର ତଦନ୍ତ ହେଉ । ଆଜିଠୁ ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱ ବିଦ୍ୟାଳୟରେ ଦୁର୍ବାର ଆନ୍ଦୋଳନର ଡାକରା ଦେଉଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ । ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ଏବେ ରାଜନୀତି ବେଶ୍ ସରଗରମ ହେବାରେ ଲାଗିଛି ।

## ଓଡ଼ିଶୀ ନୃତ୍ୟରେ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୁରୁ ଦେବପ୍ରସାଦ ଦାସଙ୍କ ୩୯ତମ ପୁଣ୍ୟତିଥି ଅବସରରେ ତ୍ରିଧାରା ଦ୍ୱାରା ଓ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ସହଯୋଗରେ ୩୯ତମ ଶ୍ରଦ୍ଧାଞ୍ଜଳି ସମାରୋହ ୨୦୨୫ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଉଦଘାଟିତ ହୋଇଯାଇଛି । ଦୁଇଦିନଧରି ଅନୁଷ୍ଠିତ ହେଉଥିବା ଏହି ଉତ୍ସବରେ ସମୁଦାୟ ୧୦୦୦ରୁ ଅଧିକ କଳାକାର ଓ ୭୦ରୁ ଅଧିକ ଅନୁଷ୍ଠାନ ଅଂଶ ଗ୍ରହଣ କରୁଛନ୍ତି । ଉତ୍ସବ ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟ ଗୁରୁ ଦେବପ୍ରସାଦ ଦାସଙ୍କ ପୁଣ୍ୟତିଥିରେ ଗୁରୁଜୀଙ୍କ ନୃତ୍ୟ ଶୈଳୀରେ ଓଡିଶାର ବିଭିନ୍ନ ଅନୁଷ୍ଠାନ ଓ ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରି ଗୁରୁଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା । ସନ୍ଧ୍ୟା ଅଧିବେଶନ ପ୍ରାରମ୍ଭରେ ସମ୍ମାନିତ ଅତିଥି ଭାବେ ଓଡିଶାର ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ବିଭାଗମନ୍ତ୍ରୀ ବିଭୁତି ଭୂଷଣ ଜେନା, ବିଶିଷ୍ଟ ଓଡିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି, ବିଶିଷ୍ଟ ଓଡିଶୀ ନୃତ୍ୟାଙ୍ଗନା ଗୁରୁ ଇଲିଆନା ଚିତାରିଷ୍ଟି ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ । ପ୍ରଥମେ ଶ୍ରଦ୍ଧାଞ୍ଜଳି ସମାରୋହ ୨୦୨୫ରେ ଅଂଶଗ୍ରହଣ କରିଥିବା ନୃତ୍ୟ ଅନୁଷ୍ଠାନର ଗୁରୁ ତଥା ବିଶିଷ୍ଟ କଳାକାରମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରଯାଇଥିଲା । ସନ୍ଧ୍ୟା ଅଧିବେଶନର ପ୍ରଥମ ପ୍ରସ୍ତୁତିରେ ଥିଲା ଜୟରାମ ଯାହାକୁ ପରିବେଷଣ କରିଥିଲେ ତ୍ରିଧାରା ଅନୁଷ୍ଠାନର ଶିଳ୍ପୀ । କାର୍ଯ୍ୟକ୍ରମକୁ ସଂଯୋଜନା ତ୍ରିଧାରା ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡା ଓ ସହକାରୀ ନିର୍ଦ୍ଦେଶକ ପ୍ରଭୁତୋଷ ପଣ୍ଡା କରିଥିଲା ବେଳେ ପୂର୍ଣ୍ଣ ଦର୍ଶନ ସାହୁ ଓ ଋତୁପର୍ଣ୍ଣା ମହାପାତ୍ର ପରିଚାଳନା କରିଥିଲେ ।

## ଯୁବ କଂଗ୍ରେସର ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତୀକାତ୍ମକ ଶବଦାହ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ମଙ୍ଗଳବାର ପ୍ରତିକାତ୍ମକ ଭାବରେ ବିଜେପି କାର୍ଯ୍ୟାଳୟ ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କର ଫ୍ଲେକ୍ସ ନିର୍ମିତ ଶବଦାହ କରାଯାଇଛି । ପ୍ରଦେଶ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ଏକ ରାଲିରେ "ରାମ ନାମ ସତ୍ୟହେ, ହରିନାମ ସତ୍ୟହେ" ଉଚ୍ଚାରଣ କରି ଦୁଇଟି କୋକେଇ କାନ୍ଧେଇଥିଲେ ସେହି କୋକେଇରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କର ଦୁଇଟି ଫ୍ଲେକ୍ସ ନିର୍ମିତ ଶବ ରଖାଯାଇଥିଲା । ସେପଟେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଶବ ତାଙ୍କ ନିଜ ଗାଁରେ ଦାହ ହେଉଥିବା ବେଳେ ଭୁବନେଶ୍ୱରରେ ବିଜେପି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କର ଫ୍ଲେକ୍ସ ନିର୍ମିତ ଶବକୁ ଯୁବ କଂଗ୍ରେସ ପ୍ରତିକାତ୍ମକ ଭାବେ ଦାହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ, ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ବିଜେପି ସରକାର ତ୍ୱରିତ୍ୱ ନ୍ୟାୟ ଉପରେ ଗୁରୁତ୍ୱ ଦେଉଛନ୍ତି: କୃଷ୍ଣଚନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଫଏମ ଛାତ୍ରୀ ମୃତ୍ୟୁକୁ ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, କଂଗ୍ରେସ ଓ ବିଜେଡି ଅଯଥା ରାଜନୀତି କରୁଛନ୍ତି । ବିଜେଡ଼ି ୨୪ ବର୍ଷ ସରକାରରେ ଥିଲା । ସେତେବେଳେ ସେମାନେ ତୁରନ୍ତ ଆକ୍ସନ ନେଉ ନଥିଲେ । ବେବିନା, କୁନ୍ଦୁଲି ଘଟଣା ହେଉ ଆକ୍ସନ ନେଇ ନଥିଲେ । ଦୋଷୀ ଖୁଲମ ଖୁଲା ବୁଲୁଥିଲେ । ପୂର୍ବ ସରକାର ମାନେ ଲୋକଙ୍କୁ ନ୍ୟାୟ ଦେଲେ ନାହିଁ । ବିଜେପି ସରକାର ତୁରନ୍ତ ଆକ୍ସନ ନେଉଛନ୍ତି । ଏହି ଘଟଣାରେ ୧୨ ଘଣ୍ଟା ଭିତରେ ଆକ୍ସନ ନିଆଯାଇଛି । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, କାହାକୁ ଛଡା ଯିବ ନାହିଁ । ଅପରାଧ ଏବଂ ଅପରାଧୀଙ୍କୁ ସରକାର ଦୃଢ଼ ହସ୍ତରେ ଦମନ କରୁଛନ୍ତି । ଅଯଥାରେ ଶସ୍ତା ରାଜନୀତି କରୁଛନ୍ତି ବିରୋଧୀ । ଅତୀତ ସରକାର ଲୋକଙ୍କ ବିଶ୍ୱାସ ଭାଜନ ହୋଇପାରିନଥିଲା । ବିଜେଡ଼ି ୨୪ ବର୍ଷ ସରକାରରେ କେତେ ଜଣ ଇସ୍ତଫା ଦେଇଛନ୍ତି ? ଦିବ୍ୟ ଶଙ୍କର ମିଶ୍ର, ପ୍ରତାପ ଜେନା ଇସ୍ତଫା ଦେଇଥିଲେ କି ? ତେଣୁ ସେମାନେ ଫାଲତୁ କଥା କହି କିଛି ଲାଭ ନାହିଁ । କୁନ୍ଦୁଲି ପୀଡ଼ିତା ନ୍ୟାୟ ପାଇଲେ କି ? ବିଜେପି ସରକାର ତ୍ୱରିତ୍ୱ ନ୍ୟାୟ ଉପରେ ଗୁରୁତ୍ୱ ଦେଉଛନ୍ତି । ଏଭଳି ତ୍ୱରିତ ଏଭଳି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଅତୀତରେ କୌଣସି ସରକାର ନେଇନାହାନ୍ତି । ଯିଏ ଦୋଷୀ ଦଣ୍ଡ ପାଇବେ । ଅନ୍ୟକୁ ବୁଦ୍ଧି ଶିଖାଉଛନ୍ତି, ନିଜ ବେଳକୁ ବୁଦ୍ଧି ଆସୁନଥିଲା । ରାଜରାସ୍ତାକୁ ଆସିବାକୁ ମନା ନାହିଁ । ମୋହନ ମାଝୀ ସରକାର ଅପରାଧକୁ ବରଦାସ୍ତ କରିବେ ନାହିଁ ବୋଲି ସେ କହିଛନ୍ତି ।

## ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନୂତନ କର୍ମଚାରୀ ବାସଗୃହର ଭିତ୍ତିପ୍ରସ୍ତର ସ୍ଥାପନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନୂତନ କର୍ମଚାରୀ ବାସଗୃହର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ନୂତନ ବାସଗୃହ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଓଡିଶା ନିର୍ମାଣ ନିଗମ ମାଧ୍ୟମରେ ନିର୍ମାଣ କରାଯିବ । ଉକ୍ତ ପ୍ରକଳ୍ପରେ ତଳ ମହଲାକୁ ମିଶାଇ ମୋଟ ପାଂଚ ମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ କରାଯିବ । ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଲେ ଯେ ପ୍ରତିଷ୍ଠାନରେ ନୂତନ ଭାବେ ଆଉ ୫ଟି ନୂତନ ପାଠ୍ୟ ଖସଡ଼ା ଅନ୍ତର୍ଭୁକ୍ତ ହେବାକୁ ଯାଉଛି । ଏହାଦ୍ୱାରା ଅଧିକ ଛାତ୍ରଛାତ୍ରୀ ମାନଙ୍କ ଉତମ ପାଠପଢା ପାଇଁ ଅଧିକ ଅଧ୍ୟାପକ ଓ କର୍ମଚାରୀଙ୍କ ଆବଶ୍ୟକତା ରହିବ । ଏହାକୁ ଦୃଷ୍ଟିରେ ରଖି ଭିତିଭୂମି ସୁଦୃଢ କରିବାର ଆବଶ୍ୟକତା ରହିଥିବା ସେ କହିଥିଲେ । ଏହି ନୂତନ କର୍ମଚାରୀ ବାସଗୃହ ବିକାଶମୂଳକ ପଦକ୍ଷେପ ମଧ୍ୟରୁ ପ୍ରମୁଖ ବୋଲି ଶ୍ରୀ ପାତ୍ର କହିଛନ୍ତି । ଏହି ଅବସରରେ ବିଜ୍ଞାନ ଓ କାରିଗରୀ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍, ଗଣିତ ଓ ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଯଶବନ୍ତ ଜେନା, କୁଳସଚିବ ପ୍ରଫେସର ତ୍ରୈଲୋକ୍ୟ ପାଣିଗ୍ରାହୀ, ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ବିଦ୍ୟୁତପ୍ରଭା ରାଉତ, ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା, ପ୍ରତିଷ୍ଠାନର ସୁନୀତା ଚକ୍ରବର୍ତ୍ତୀ, ଶିକ୍ଷକ ଓ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଯୁବ ଓ ଛାତ୍ର ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୂତି ଉଦ୍ୟମ କରିଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଗତକାଲି ଏମ୍ସରେ ମୃତ୍ୟୁକୁ ନେଇ ମଙ୍ଗଳବାର ଶଙ୍ଖ ଭବନରେ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଉପରେ ବର୍ଷିଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ । ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ବ୍ୟୋମକେଶ ରାୟ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଯୁବନେତା ଧୃତି ମାର୍ଥା, ମୁଖପାତ୍ର ଇପ୍ସୀତା ସାହୁ ପ୍ରମୁଖ କହିଥିଲେ ଯେ, ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସାରା ଓଡ଼ିଶାବାସୀଙ୍କୁ ସ୍ତବ୍ଧ କରିଛି । ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପୋଲିସ୍ ପର୍ଯ୍ୟନ୍ତ କେହି ବି ସୌମ୍ୟାଶ୍ରୀଙ୍କ ଗୁହାରି ଶୁଣିଲେନି । ଗୋଟେ ଝିଅର ନିର୍ଯାତନାକୁ ଅଣଦେଖା କରି ଉତ୍ସବ ମନାଇବାରେ ବ୍ୟସ୍ତ ରହିଲେ ସରକାର । ମୃତ୍ୟୁ ପରେ ପୋଲିସ୍ ମାଧ୍ୟମରେ ମରଶରୀରକୁ ରାତିଅଧିଆ ପୁରୀ ନେଇ ଦାହ କରିବାକୁ ଯୋଜନା କରିଥିଲେ ସରକାର । ସୌମ୍ୟାଶ୍ରୀଙ୍କ ପରିବାର ଏବଂ ଯୁବ ଓ ଛାତ୍ର ବିଜେଡିର ତୀବ୍ର ପ୍ରତିବାଦ ଫଳରେ ସରକାର ବାଧ୍ୟ ହୋଇ ତାଙ୍କ ନିଜ ଗାଁ ପଳାସିଆକୁ ମରଶରୀର ନେଇଥିଲେ । ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକ ଏହି ଘଟଣାରେ ଅବଗତ ଥାଇ ମଧ୍ୟ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ କରିନଥିବାରୁ, ଏହାର ତଦନ୍ତ ଦାୟିତ୍ୱ ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କୁ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି ।

## ନିର୍ଭରଯୋଗ୍ୟ ଗ୍ରୀଡ୍ ପାଇଁ ସୌର ଏବଂ ପବନ ଶକ୍ତିର ମିଶ୍ରଣ ଜରୁରି: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉପମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ନବୀକରଣୀୟ ଶକ୍ତି ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଭାରତର ପବନ ଶକ୍ତି ଉତ୍ପାଦନର ଇତିହାସ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ରହି ଆସିଛି । ଓଡ଼ିଶା ପବନ ଓ ସୌରଶକ୍ତି ଭଳି ନବୀକରଣୀୟ ଶକ୍ତି ଲକ୍ଷ୍ୟ ପଥରେ ଅଗ୍ରଗତି କରୁଛି । ଏହାର ପ୍ରାକୃତିକ ସମ୍ପଦ, ଲମ୍ବା ଉପକୂଳ ଓ ଅବ୍ୟବହୃତ ଶୂନ୍ୟ ପାହାଡ଼ ଶିଖରର ବ୍ୟବହାର କରି ପବନ ଶକ୍ତି ଉତ୍ପାଦନ କରିବା ଲକ୍ଷ୍ୟ ରଖିଛି । ନିର୍ଭରଯୋଗ୍ୟ ଗ୍ରୀଡ୍ ପାଇଁ ସୌର ଏବଂ ପବନ ଶକ୍ତିର ମିଶ୍ରଣ ଜରୁରୀ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମତବ୍ୟକ୍ତ କରିଛନ୍ତି । ବୈଠକରେ ଜାତୀୟ ସ୍ତରରେ ନିର୍ଦ୍ଧାରିତ ପ୍ରତିଶ୍ରୁତି ହାସଲ କରିବା ପାଇଁ ଅତ୍ୟାବଶ୍ୟକ ପବନ ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି କରିବା, ଉତ୍ପାଦନ ସମ୍ଭାବନା, ଚ୍ୟାଲେଞ୍ଜ ଏବଂ ସମ୍ଭାବ୍ୟ ମାର୍ଗ ବିଷୟରେ ଆଲୋଚନା କରାଯାଇଥିଲା । ୨୦୩୦ ସୁଦ୍ଧା ଅଣ-ଜୀବାଶ୍ମ ଇନ୍ଧନ-ଆଧାରିତ ଶକ୍ତି ସମ୍ପଦରୁ ୫୦% ବିଦ୍ୟୁତ ଶକ୍ତି ସ୍ଥାପିତ କ୍ଷମତା ହାସଲ କରିବା ଏବଂ ୨୦୭୦ ସୁଦ୍ଧା ନେଟ୍ ଜିରୋ କାର୍ବନ ହାସଲ କରିବା ପାଇଁ ପବନ ଶକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଭରେଡି ନାମକ ଏକ ଦକ୍ଷିଣ ଆଫ୍ରିକୀୟ କମ୍ପାନୀ ଓଡ଼ିଶାର କିଛି ଜିଲ୍ଲାରେ ପବନ ଟର୍ବାଇନ୍ ସ୍ଥାପନ ବିଷୟରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଥିଲା । ବୈଠକରେ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ କୁମାର ଦେବ, ଗ୍ରୀଡକୋ, ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ, ବିତପରାମର୍ଶଦାତା-ତଥା-ସ୍ୱତନ୍ତ୍ର ସଚିବ ଦେବିଦତ୍ତ ତ୍ରିପାଠି, ଅତିରିକ୍ତ ସଚିବ ସାଇଦତ ବିପ୍ଳବ କେଶରୀ, ଏଭରେଡି ଦକ୍ଷିଣ ଏସିଆ ବ୍ୟବସାୟ ମୁଖ୍ୟ ଅରିଜିତ ଦାସ, ଜଳସେଚନ ଓ ଜଳସମ୍ପଦ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ସୌମ୍ୟାଶ୍ରୀଙ୍କ ପାଇଁ ବିଭିନ୍ନ ମହଲରେ ଶୋକ



'ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଛାତ୍ରୀ ସୌମ୍ୟାଶ୍ରୀ ବିଶି କଲେଜର ବିଭାଗୀୟ ମୁଖ୍ୟ ଓ ଅଧ୍ୟକ୍ଷଙ୍କ ଦ୍ୱାରା ମାନସିକ ଯନ୍ତ୍ରଣାର ଶିକାର ହେବା ପରେ ନିଜେ ଆତ୍ମାହୁତି ଦେବା ଘଟଣାକୁ ବିଭିନ୍ନ ମହଲରେ ଦୃଢ଼ ନିନ୍ଦା କରାଯାଇଛି । ଏଥିସହ ଏପରି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ସହ ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ଘଟେ, ସେଥିନେଇ ସରକାର ସଚେତନ ହେବାକୁ ବିଭିନ୍ନ ମହଲରେ ଦାବି ଜୋର ଧରିଛି । ଏଥିସହ ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି ।'

### ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୌମ୍ୟାଶ୍ରୀଙ୍କ ମୃତ୍ୟୁରେ ରାଜ୍ୟପାଳ ଶୋକ ପ୍ରକାଶ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଖବରକୁ ନେଇ ଗଭୀର ମର୍ମାହତ । ଛାତ୍ରୀଙ୍କ ଅକାଳ ବିୟୋଗ ଶୁଣି ମୁଁ ଗଭୀର ମର୍ମାହତ । ଏହା କେବଳ ଏକ ଦୁଃଖଦ ଘଟଣା ନୁହେଁ, ଆମ କ୍ୟାମ୍ପସକୁ ସୁରକ୍ଷିତ ରଖିବାକୁ ଜରୁରୀ ଆବଶ୍ୟକତା ବୋଲି ମନେ ପକାଉଛି । ଆଇନ୍ କଡ଼ା ପଦକ୍ଷେପ ନେବ, ସଂପୃକ୍ତ ବ୍ୟକ୍ତିଙ୍କୁ ଦଣ୍ଡ ମିଳିବ । ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଏହି ଦୁଃଖର ସମୟରେ ଭଗବାନ ତାଙ୍କ ପରିବାରକୁ ଧୈର୍ଯ୍ୟ ଦିଅନ୍ତୁ ବୋଲି କାମନା କରିଛନ୍ତି ରାଜ୍ୟପାଳ ।

### ବିରୋଧୀ ଦଳ ନେତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଏମ୍ସରେ ଚିକିତ୍ସିତ ହେଉଥିବା ବାଲେଶ୍ୱର ଏଫଏମ କଲେଜ ପୀଡ଼ିତା ଛାତ୍ରୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ ଓ ମର୍ମାହତ । ଏପରି ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ପରିବାର ଲୋକଙ୍କୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ । ମନକୁ ଏହା ଅଧିକ ବିଚଳିତ କରୁଛି ଯେ, କିପରି ଗୋଟେ ବିଫଳ ବ୍ୟବସ୍ଥା ଜଣଙ୍କ ଜୀବନ ନେଇଯାଇପାରେ । ସବୁଠୁ କଷ୍ଟଦାୟକ ହେଉଛି, ଏହା କୌଣସି ଦୁର୍ଘଟଣା ନୁହେଁ, ବରଂ ଏପରି ଏକ ବ୍ୟବସ୍ଥାର ଫଳ; ଯାହା ସାହାଯ୍ୟ କରିବା ବଦଳରେ ଚୁପ୍ ରହିଲା । ନ୍ୟାୟ ପାଇବାକୁ ସଂଗ୍ରାମ କରି କରି ଶେଷରେ ଝିଅଟି ଆଖି ବୁଜିଦେଲା । ନବୀନ ପଟ୍ଟନାୟକ କହିଛନ୍ତି ଯେ, ସେ ଅତି ସାହସିକତାର ସହ ତା' ସହିତ ଘଟିଥିବା ଯୌନ ନିର୍ଯାତନା ବିଷୟରେ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରିଥିଲା । କଲେଜ ପଦାଧିକାରୀଙ୍କ ଦ୍ୱାରା ଅଣଦେଖା ହେବା ପରେ ସେ ଅଟକି ଯାଇ ନଥିଲା । ନ୍ୟାୟ ପାଇବାକୁ ସେ ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲା । ଏପରି କି ବାଲେଶ୍ୱର ସାଂସଦଙ୍କୁ ମଧ୍ୟ ବ୍ୟକ୍ତିଗତ ଭାବେ ଭେଟି ନିଜ ଦୁଃଖ ବିଷୟରେ କହିଥିଲା । ପୀଡ଼ିତାଙ୍କ ଅମର ଆତ୍ମାର ସଦଗତି ହେଉ । ପ୍ରଭୁ ଜଗନ୍ନାଥଙ୍କ ନିକଟରେ ମୁଁ ପୁଣିଥରେ ପ୍ରାର୍ଥନା କରୁଛି, ଏହି ଦାରୁଣ ଦୁଃଖକୁ ସାମ୍ନା କରିବା ପାଇଁ ସେ ପରିବାର ସଦସ୍ୟମାନଙ୍କୁ ଶକ୍ତି ଏବଂ ସାହସ ଦିଅନ୍ତୁ ।

### ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଫଏମ କଲେଜ ଛାତ୍ରୀଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀଙ୍କ ଦେହାନ୍ତ ଖବର ଶୁଣି ମୁଁ ଗଭୀର ଭାବେ ମର୍ମାହତ । ତମାମ ପ୍ରଚେଷ୍ଟା ତଥା ପ୍ରାର୍ଥନା ସତ୍ତ୍ୱେ ଆମେ ଛାତ୍ରୀଜଣଙ୍କୁ ହରାଇଲୁ । ମନ୍ତ୍ରୀ କହିଛନ୍ତି ଯେ, ଇତି ମଧ୍ୟରେ ଦୋଷୀଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତିରେ କଠୋରରୁ କଠୋରତମ ଦଣ୍ଡ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏପରି ଘଟଣା ଆଗକୁ ନ ଘଟିବ ସେଥିପ୍ରତି ଆମେ ଯତ୍ନଶୀଳ ଅଛୁ । ସବୁ ପରେ ବି ଯାହା ଘଟିଛି ତାହା ଘଟିବାର ନଥିଲା । ଏଭଳି ଘଟଣାକୁ ନିନ୍ଦା କରିବା ପାଇଁ ଶବ୍ଦର ଅଭାବ ମୋ ନିକଟରେ । ପରିବାରବର୍ଗଙ୍କୁ ପ୍ରଭୁ ସାହସ ଓ ଶକ୍ତି ପ୍ରଦାନ କରନ୍ତୁ ।

### ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଫଏମ କଲେଜର ପୀଡିତା ଛାତ୍ରୀଙ୍କ ବିୟୋଗରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଶୋକ ପ୍ରକାଶ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦେହାନ୍ତ ଖବର ଶୁଣି ମୁଁ ଅତ୍ୟନ୍ତ ମର୍ମାହତ । ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାରବର୍ଗଙ୍କୁ ଏହି ଅପୂରଣୀୟ କ୍ଷତି ସହ୍ୟ କରିବା ପାଇଁ ଶକ୍ତି ପ୍ରଦାନ କରିବା ନିମନ୍ତେ ମୁଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

### ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଫଏମ କଲେଜ ଛାତ୍ରୀଙ୍କ ବିୟୋଗରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଶୋକ ପ୍ରକାଶ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦେହାନ୍ତ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ।

### ଏଆଇଡିଏସ୍‌ଓ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନିର୍ଯାତନାର ଶୀକାର ହୋଇ ଆତ୍ମାହୁତି ଦେଇଥିବା ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଜୀବନ ମୃତ୍ୟୁର ସଂଘର୍ଷ କରି ଶେଷରେ ଆଖିବୁଜି ଦେଇଛନ୍ତି । ଏହି ଘଟଣାରେ ଏଆଇଡିଏସଓ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯିବା ସହିତ ମଙ୍ଗଳବାର ରାଜ୍ୟବ୍ୟାପୀ ଶୋକ ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସଓ ଭୁବନେଶ୍ୱର କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର ରାଜ୍ୟ ସଂପାଦକ ସିଦ୍ଧାର୍ଥ ରଥ, ଭୁବନେଶ୍ୱର ସଭାପତି ନସିମ ସରକାର, ଉପସଭାପତି ଶପ୍ତର୍ଷିନୀ ରାଉଳ, ରୂପାଲି ଦିଗଲ, ଶୁଭଶ୍ରୀ ପ୍ରମୁଖଙ୍କ ସହିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ବହୁ ଛାତ୍ରୀ ଓ ଅଭିଭାବକ ଅଂଶଗ୍ରହଣ କରି ସୋମ୍ୟାଶ୍ରୀଙ୍କ ଫଟୋ ଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପୂର୍ବକ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ଛାତ୍ରୀ ଓ ମହିଳାମାନଙ୍କ ନିରାପତା ସୁନିଶ୍ଚିତ କରିବା ପାଇଁ ସଂଗଠନ ପକ୍ଷରୁ ଦୃଢ ଦାବୀ କରାଯାଇଛି ।

### ବିଜେପି ପକ୍ଷରୁ ଦୀପ ପ୍ରଜ୍ୱଳନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ତିନି ଦିନ ଧରି ଜୀବନ ଓ ମୃତ୍ୟୁ ସଙ୍ଗେ ଯୁଦ୍ଧ କରି ଗତକାଲି ରାତ୍ରିରେ ଅଫେରା ରାଇଜକୁ ଚାଲିଯାଇଛନ୍ତି । ତାଙ୍କ ବିୟୋଗ ଆମ ସମସ୍ତଙ୍କୁ ଗଭୀର ମର୍ମାହତ କରିଛି । ସ୍ୱର୍ଗତଃ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦଗତି କାମନା କରି ଭୁବନେଶ୍ୱର ବିଜେପି ପକ୍ଷରୁ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଦ୍ୱୀପ ପ୍ରଜ୍ୱଳନ କରାଯାଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ବାବୁ ସିଂ, ଟଙ୍କଧର ତ୍ରିପାଠୀ, ଇରାଶିଶ୍ ଆଚାର୍ଯ୍ୟ, ବରିଷ୍ଠ ନେତା ବିରଂଚି ନାରାୟଣ ତ୍ରିପାଠି, ନିରଞ୍ଜନ ମିଶ୍ର, ଅରବିନ୍ଦ ଢ଼ାଲି, ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ଅନେକ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହିତ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ ।

### ନଗର କଂଗ୍ରେସ



କଟକ(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦୁଃଖଦ ଦେହାନ୍ତରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସଙ୍କ ଆହ୍ୱାନ କ୍ରମେ ସନ୍ଧ୍ୟାରେ କଟକ ନଗର (ଜିଲ୍ଲା) କଂଗ୍ରେସ ପକ୍ଷରୁ ଦରଘା ବଜାର ସ୍ଥିତ ନେତାଜୀ ମ୍ୟୁଜିୟମରୁ ଏକ ମହମବତୀ ଶୋଭାଯାତ୍ରା ବାହାରି ଗୌରୀ ଶଙ୍କର ପାର୍କରେ ପହଞ୍ଚି ଅମରଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସରକାରଙ୍କ ଅପାରଗତା ଓ ଉଦାସୀନତା ଯୋଗୁଁ ଜଣେ ପ୍ରତିଭାଶାଳୀ ଜୀବନ ଅକାଳରେ ଝଡିଗଲା ବୋଲି ବିଧାୟିକା ସୋଫିଆ କହିଛନ୍ତି । ଏଥିରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ଝିଅଟି ନ ଡରି ନ୍ୟାୟ ପାଇଁ ଲଢିଥିଲା । କିନ୍ତୁ ସବୁଠାରୁ ନିରାଶ ହେଲାପରେ ନିଜ ଜୀବନ ନେବାକୁ ପ୍ରୟାସ କରିଦେଲା, ଯାହା ରାଜ୍ୟ ସରକାରଙ୍କ ବିଫଳତାକୁ ଦର୍ଶାଉଛି ବୋଲି କହିଛନ୍ତି ।



ତୁମେ ତ ରହିବ ଜୀଇଁ, ମାଟି ପାଣି ଆଉ ଆକାଶର ପରମ ବ୍ୟାପ୍ତିରେ। ଛୋଟ ତାରାଫୁଲ ହୋଇ ଯୁଗ ଯୁଗ ପାଇଁ।

-କବିବର ରାଧାନାଥ ରାୟ



କଷ୍ଟ ମଣିଷକୁ ପରିବର୍ତ୍ତନ କରେ। କଷ୍ଟ ମଣିଷକୁ ଶକ୍ତିଶାଳୀ କରେ। ପ୍ରତ୍ୟେକ କଷ୍ଟର ଅଭିଜ୍ଞତା ଆମ ପାଇଁ ଏକ ନୂତନ ଶିକ୍ଷା ଅଟେ।

-ଶିରିଡି ସାଇ



### ଯୁଦ୍ଧ ବିରତି ପାଇଁ ରୁଷକୁ ଧମକ

# ଟ୍ରମ୍ପଙ୍କ ବିବାଦୀୟ ପଦକ୍ଷେପ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ଶାସନରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବରାବର ଚର୍ଚ୍ଚାରେ ରହିଆସିଛନ୍ତି। ତାଙ୍କର କଥା ଓ କାର୍ଯ୍ୟ ମଧ୍ୟରେ ତାଳମେଳ ରହୁନଥିବାବେଳେ କେତେବେଳେ କାହାକୁ ସମର୍ଥନ ବା ବିରୋଧ କରନ୍ତି, ତାହା ଜାଣିବା କଷ୍ଟକର ହୋଇପଡୁଛି। ଆଜି ଯାହାକୁ ମିତ୍ର ରୂପେ ବିବେଚନା କରୁଛନ୍ତି, ଅଳ୍ପଦିନ ପରେ ତାକୁ ଶତ୍ରୁ ଭାବରେ ଗଣ୍ୟ କରିବାର ଏକାଧିକ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି। ଗତ ତିନିବର୍ଷ ପୂର୍ବେ ଆରମ୍ଭ ହୋଇଥିବା ରୁଷ-ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବା ପାଇଁ ଟ୍ରମ୍ପ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରୁକରୁ ବ୍ୟଗ୍ରତା ପ୍ରକାଶ କରିଥିଲେ। ସେଥିପାଇଁ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କୁ ଆମେରିକାକୁ ଡକାଇ ଚେତାବନୀ ମଧ୍ୟ ଦେଇଥିଲେ ଏବଂ ୟୁକ୍ରେନ୍‌କୁ ସବୁ ପ୍ରକାର ଆର୍ଥିକ ଓ ସାମରିକ ସହାୟତା ବନ୍ଦ କରିବା ପାଇଁ ପଛାଇନଥିଲେ। ସେତେବେଳେ ଟ୍ରମ୍ପଙ୍କ ମନୋଭାବ ରୁଷ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ସୁହାଇଲା ଭଳି ମନେହେଲା। ମାତ୍ର ବର୍ତ୍ତମାନ ରାଷ୍ଟ୍ରପତି ଟ୍ରମ୍ପ୍ ଏହି ଦୀର୍ଘସ୍ଥାୟୀ ଯୁଦ୍ଧର ଅନ୍ତ ଘଟାଇବାକୁ ରୁଷ୍ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବା ପାଇଁ ଆଗେଇ ଆସିଛନ୍ତି। ରୁଷ ନେତା ପୁଟିନ୍‌ଙ୍କୁ ଚେତାବନୀ ଶୁଣାଇ ସେ କହିଛନ୍ତି ଯେ, ରୁଷ୍ ଯଦି ଏହି ଯୁଦ୍ଧ ବନ୍ଦ ପାଇଁ ୫୦ ଦିନ ଭିତରେ ଅସ୍ତ୍ର ବିରତି ନକରେ, ତେବେ ତା' ଉପରେ ଆମେରିକା ୧୦୦ ପ୍ରତିଶତ ଟାରିଫ୍ (ଶୁଳ୍କ) ଲଗାଇଦେବ। ଆମେରିକା ଶତପ୍ରତିଶତ ଶୁଳ୍କ ଧାର୍ଯ୍ୟ କଲେ ଆର୍ଥିକ ଦିଗରୁ ରୁଷକୁ ବିପୁଳ କ୍ଷତି ସହିବାକୁ ପଡିବ। ରୁଷ୍‌ର ଅର୍ଥନୀତି ଗୁରୁତର ଭାବରେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେବ। ଟ୍ରମ୍ପ୍ ରୁଷ ଉପରେ ଦୋଷାରୋପ କରି ଆହୁରି ଦର୍ଶାଇଛନ୍ତି ଯେ, ପୂର୍ବରୁ ସେ ପୁଟିନ୍‌ଙ୍କୁ ଯୁଦ୍ଧ ବିରତିର ପ୍ରସ୍ତାବ ଦେଇଥିଲେ, ମାତ୍ର ପୁଟିନ୍ ତାହାକୁ ଗ୍ରହଣ କଲେ ନାହିଁ। ଯଦି ତାଙ୍କର ଯୁଦ୍ଧ ବିରତି ପ୍ରସ୍ତାବକୁ ରୁଷ ନେତା ଗ୍ରହଣ କରିଥାନ୍ତେ, ତେବେ ଦୁଇ ମାସ ପୂର୍ବରୁ ଯୁଦ୍ଧ ବନ୍ଦ ହୋଇସାରନ୍ତାଣି। ପୁଟିନ୍‌ଙ୍କ ମନୋଭାବ ତାଙ୍କୁ ଖୁବ୍ ବ୍ୟଥିତ କରିଛି। ଶାନ୍ତି କଥାବାର୍ତ୍ତା ଚାଲିଥିବାବେଳେ ରୁଷ ମିସାଇଲ ମାଡ କରି ନିରୀହ ଲୋକଙ୍କ ଜୀବନ ନେବା ଅତ୍ୟନ୍ତ ଦୁଃଖଦାୟକ ବୋଲି ଟ୍ରମ୍ପ୍ ଉଲ୍ଲେଖ କରିଛନ୍ତି। ରୁଷ-ୟୁକ୍ରେନ୍ ଯୁଦ୍ଧର ଅବସାନ ଘଟାଇବାକୁ ଟ୍ରମ୍ପ୍ ପ୍ରଶାସନ ସଂପୃକ୍ତ ଦୁଇ ଦେଶ ସହ ବରାବର ଆଲୋଚନା କରିଆସିଛି। ଗତ ମଇ ମାସରେ ତୁର୍କୀର ଇସ୍ତାନବୁଲ୍ ଠାରେ ଉଭୟଙ୍କୁ ଗୋଟିଏ ଟେବୁଲ୍‌ରେ ବସି ଆଲୋଚନା କରିବାକୁ ପ୍ରୟାସ କରିଥିଲା। ସେତେବେଳେ ୟୁକ୍ରେନ୍ ୩୦ ଦିନିଆ ଯୁଦ୍ଧ ବିରତି ପ୍ରସ୍ତାବରେ ରାଜି ହୋଇଥିବାବେଳେ ରୁଷ୍ ତାକୁ ପ୍ରତ୍ୟାଖ୍ୟାନ କରିଥିଲା। ରୁଷର ଯୁକ୍ତି ଥିଲା ଯେ ଏହି ୩୦ ଦିନର ଯୁଦ୍ଧ ବିରତି ଭିତରେ ୟୁକ୍ରେନ୍ ପୁନର୍ବାର ସୈନ୍ୟ ଓ ଯୁଦ୍ଧାସ୍ତ୍ର ଯୋଗାଡ କରି ଲଢ଼େଇ କରିବାକୁ ସୁଯୋଗ ପାଇଯିବ। ଏହା ପରେ କ୍ଷୁବ୍ଧ ଟ୍ରମ୍ପ୍ ଏବେ ୟୁକ୍ରେନ୍‌କୁ ସୈନ୍ୟ ଓ ରେକର୍ଡ ସଂଖ୍ୟାରେ ଯୁଦ୍ଧାସ୍ତ୍ର ଯୋଗାଇବାକୁ ନିଷ୍ପତ୍ତି ନେଇଥିବାର ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କ ଠାରୁ ଜଣାପଡିଛି। ଏହା ଫଳରେ ଏହି ଭୟଙ୍କର ଯୁଦ୍ଧ ଆଗାମୀ ଦିନରେ ଏକ ନିର୍ଣ୍ଣାୟକ ମୋଡ ନେବାର ସମ୍ଭାବନାକୁ ଏଡାଇ ଦେଇହେବନାହିଁ। ଗୋଟିଏ ପଟେ ଶାନ୍ତିର ମନ୍ତ୍ର ଉଚ୍ଚାରଣ କରୁଥିବା ଟ୍ରମ୍ପଙ୍କ ପଦକ୍ଷେପ ରୁଷ୍-ୟୁକ୍ରେନ୍ ଯୁଦ୍ଧକୁ ପୁଣି ଥରେ ତେଜାଇବାରେ ସହାୟକ ହେବା ସୁନିଶ୍ଚିତ।

# ବିଶ୍ୱଶାନ୍ତି ଓ ନିରସ୍ତ୍ରୀକରଣ



ଉମାଶଙ୍କର ପ୍ରସାଦ
ସଂସ୍କୃତି ଗବେଷକ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

ଆଜିର ବିଜ୍ଞାନ ଯୁଗରେ ଜ୍ଞାନବିଜ୍ଞାନର ବିକାଶ ତଥା ନାନା ପ୍ରକାର ଧ୍ୱଂସକାରୀ ମାରଣାସ୍ତ୍ର ଉଦ୍ଭାବନ ଫଳରେ ବିଶ୍ୱରେ କେବଳ ଶାନ୍ତି ବ୍ୟାହତ ହୋଇନାହିଁ, ଅପର ପକ୍ଷରେ ମାନବ ସଭ୍ୟତା ଏକ ଅଶାନ୍ତ, ଅନିଶ୍ଚିତ ଓ ଭୟାକୁଳ ଅବସ୍ଥା ମଧ୍ୟ ଦେଇ ଗତି କରୁଛି। ଅତିତରେ ଘଟିଯାଇଥିବା ଦୁଇ ଦୁଇଟି ବିଶ୍ୱଯୁଦ୍ଧର ଅନୁଭୂତିରୁ ଏହା ପ୍ରତିପନ୍ନ ହୋଇଛି ଯେ ଯଦି ଭବିଷ୍ୟତରେ କୌଣସି ଅବସ୍ଥାରେ 'ତୃତୀୟ ବିଶ୍ୱଯୁଦ୍ଧ' ସଂଘଟିତ ହୁଏ , ତେବେ ଯୁଗଯୁଗର ବିବର୍ତ୍ତନ ମଧ୍ୟରେ ଯେଉଁ ମାନବ ସଭ୍ୟତା ଆଜି ଉନ୍ନତିର ଚରମ ସୋପାନରେ ଉପନୀତ ହୋଇଛି, ତାହା ନିମିଷକ ମଧ୍ୟରେ ପୋଡି ପାଉଁଶ ହୋଇଯିବ। ମଣିଷର ଏହି ଆଶଙ୍କାକୁ ଅଧିକ ଦୃଢ଼ୀଭୂତ କରିଛି ପରମାଣୁ ଭଳି ଅତ୍ୟାଧୁନିକ ମାରଣାସ୍ତ୍ର। ଦେଶ ଦେଶ ଭିତରେ ଯେଉଁ ଉତ୍ତେଜନା ସୃଷ୍ଟି ହେଉଛି ଏବଂ ଶୀତଳ ଯୁଦ୍ଧ ଲାଗିରହିଛି, ତାହା ଦ୍ୱାରା ବିଶ୍ୱଶାନ୍ତି ବିପନ୍ନ ହୋଇଛି। ସେଥିପାଇଁ ବିଶ୍ୱରେ ଶାନ୍ତି ସ୍ଥାପନ ନିମନ୍ତେ ନିରସ୍ତ୍ରୀକରଣକୁ ଗୁରୁତ୍ୱର ସହ ବିଚାର କରାଯାଉଛି। ଯୁଗେ ଯୁଗେ ଦୁର୍ବଳ ଉପରେ ସବଳର ଅତ୍ୟାଚାର ଜୀବଜଗତର ଏକ ସ୍ୱଭାବସିଦ୍ଧ ଧର୍ମ। ଅହଂକାର ଓ ସଞ୍ଚାର ଲୋଭ ହେଉଛି ମଣିଷର ପରମ ଶତ୍ରୁ। ଆଜିର ବୃହତ ରାଷ୍ଟ୍ରମାନେ ମାରଣାସ୍ତ୍ରରେ ସଜ୍ଜିତ ହୋଇ ଦୁର୍ବଳ ରାଷ୍ଟ୍ର ବିପକ୍ଷରେ ରଣ ହୁଙ୍କାର ଦେବାରୁ ଆଜି ଶାନ୍ତି, ସୌହାର୍ଦ୍ଦ୍ୟ ଓ ସହାବସ୍ଥାନଟି ବିପନ୍ନ ହୋଇଛି। ସେ ଦିନର ଯାଯାବର ଜୀବନ ସ୍ଥାନରେ ମଣିଷ ଆଜି ସଂହତି ଓ ଗୋଷ୍ଠୀଜୀବନ ଯାପନ କରିବାକୁ କ୍ଷମ ହୋଇପାରିଛି। ପଶୁ କେବଳ ତାର ସ୍ୱାର୍ଥ ପାଇଁ ଶକ୍ତି ଖଟାଇ ସଂଘର୍ଷ କରେ କାରଣ ତାର ହିତାହିତ ଜ୍ଞାନ ନଥାଏ ଏବଂ ବିଚାର ବୋଧ ବା ସଂଯମ ନଥାଏ। କିନ୍ତୁ ମନୁଷ୍ୟ ସମାଜରେ ଏହା ଶୋଭନୀୟ ନୁହେଁ। କିନ୍ତୁ ଆଜିର ମଣିଷ ପଶୁଠୁ ନିମ୍ନ ସ୍ତରକୁ ଯାଇ ଶାନ୍ତି, ସୌହାର୍ଦ୍ଦ୍ୟକୁ ଭୂଲି ମାରଣାସ୍ତ୍ର ପଛରେ ପଡିଛି ଯାହା ଶୁଭଙ୍କରୀ ନୁହେଁ। ତେଣୁ ଶାନ୍ତି ପାଇଁ ଅସ୍ତ୍ର ଶସ୍ତ୍ର ପ୍ରସାରକୁ ସମ୍ପୂର୍ଣ୍ଣ ନିରୋଧ କରିବା ଦରକାର।

ବିଶ୍ୱରୁ ଯୁଦ୍ଧର ଭୟ ଦୂର କରିବାକୁ ହେଲେ ପ୍ରତ୍ୟେକ ଦେଶ ସଂପୂର୍ଣ୍ଣ ନିରସ୍ତ୍ରୀକରଣ ନୀତିକୁ ଗ୍ରହଣ କରିବା ଦରକାର। ଆମେରିକା ତାର ବାର୍ଷିକ ବଜେଟରେ ପ୍ରାୟ ଶତକଡା ୨୫ ଭାଗ ଅର୍ଥ ପ୍ରତିରକ୍ଷା ଦିଗରେ ବ୍ୟୟ କରିଥାଏ। ଭାରତର ପ୍ରତିରକ୍ଷା ବଜେଟରେ ୧୯୯୫ ମସିହାରେ ୨୫ ହଜାର ପାଂଚଶହ କୋଟି ଟଙ୍କା ବା ମୋଟ ଶତକଡା ୧୩ ଭାଗ ଅର୍ଥ ବରାଦ କରାଯାଇଥିବା ସ୍ଥଳେ ୨୦୦୬-୦୭ ବଜେଟରେ ଏହାର ପରିମାଣ ଥିଲା ୮୯ କୋଟି, ଯେଉଁଥିରୁ ୩୭ ହଜାର କୋଟି କେବଳ ନୂତନ କ୍ରୟ ବାବଦରେ ରଖା ଯାଇଥିଲା। ୨୦୨୩-୨୪ରେ ପ୍ରତିରକ୍ଷା କ୍ଷେତ୍ରରେ ଭାରତ ତାର ୧୩ % ପ୍ରତିଶତ ଅର୍ଥାତ ୫.୫୪,୮୭୫ କୋଟି ଅର୍ଥ ବ୍ୟୟ କରିଛି। ଭାରତ ଭଳି ଏକ ଦରିଦ୍ର ରାଜ୍ୟରେ ଏଭଳି ଏକ ଅନାବଶ୍ୟକ ବ୍ୟୟ ଫଳରେ ଯୋଜନା କାର୍ଯ୍ୟ ଗୁରୁତର ଭାବରେ ବ୍ୟାହତ ହୋଇଛି। ବିଶ୍ୱରେ ଯଦି ଯୁଦ୍ଧ ଭୟ ନଥାନ୍ତା ତେବେ ସାମରିକ କାର୍ଯ୍ୟକଳାପରେ ବ୍ୟୟିତ ହେଉଥିବା ବିପୁଳ ଅର୍ଥ ମାନବ ସମାଜର ଉନ୍ନତିମୂଳକ କାର୍ଯ୍ୟରେ ବିନିଯୁକ୍ତ ହୁଅନ୍ତା। ଅସ୍ତ୍ରଶସ୍ତ୍ର କ୍ରୟ କରିବାରେ ପୃଥିବୀରେ ଭାରତର ସ୍ଥାନ ତୃତୀୟ ଅଟେ। ଏକ ଆକଳନରୁ ଜଣାପଡିଛି ପୃଥିବୀରେ ପ୍ରତିବର୍ଷ ଅସ୍ତ୍ରଶସ୍ତ୍ର ନିର୍ମାଣ ବାବଦରେ ପ୍ରାୟ ୧୨ଶହ କୋଟି ଡଲାର ଖର୍ଚ୍ଚ ହେଉଛି। ତୃତୀୟ ବିଶ୍ୱର ବିକାଶଶୀଳ ରାଷ୍ଟ୍ରମାନେ ସେମାନଙ୍କର ବାର୍ଷିକ ବଜେଟରେ ଶତକଡା ସାତରୁ ପନ୍ଦରଭାଗ ପର୍ଯ୍ୟନ୍ତ ଅର୍ଥ କେବଳ ପ୍ରତିରକ୍ଷା ବାବଦରେ ବ୍ୟୟ କରନ୍ତି; ଅଥଚ ଶିକ୍ଷା ଓ ସ୍ୱାସ୍ଥ୍ୟ ବାବଦରେ ସେମାନଙ୍କର ବ୍ୟୟ ହେଉଛି ମାତ୍ର ଦୁଇରୁ ପାଞ୍ଚ ଭାଗ। ପାକିସ୍ତାନ, ଇସ୍ରାଏଲ ଏବଂ ଚିଲ୍ଲି ଭଳି କ୍ଷୁଦ୍ର କ୍ଷୁଦ୍ର ରାଜ୍ୟମାନେ ସେମାନଙ୍କର ବଜେଟରେ ୪୦ ରୁ ୬୦ ଭାଗ ପର୍ଯ୍ୟନ୍ତ ପ୍ରତିରକ୍ଷା ଦିଗରେ ବ୍ୟୟ କରନ୍ତି। ବର୍ତ୍ତମାନ ଅସ୍ତ୍ରଶସ୍ତ୍ର ଉତ୍ପାଦନ ହେଉଛି ଆଧୁନିକ ପୃଥିବୀର ପ୍ରଧାନ ଶିଳ୍ପ। ପ୍ରତିରକ୍ଷା ଯନ୍ତ୍ରପାତି ଉତ୍ପାଦନ, ମାରଣାସ୍ତ୍ର ନିର୍ମାଣ ଓ ପରୀକ୍ଷା ବାବଦରେ ପୃଥିବୀରେ ପ୍ରତିବର୍ଷ ଯେଉଁ କୋଟି କୋଟି ଅର୍ଥ ବ୍ୟୟ ହେଉଛି, ତା'ର ଗଠନମୂଳକ ଦିଗ କିଛି ନାହିଁ। ସେତିକି ଅର୍ଥ ଯଦି ଶିକ୍ଷା, ସ୍ୱାସ୍ଥ୍ୟ, ଗୃହନିର୍ମାଣ, କୃଷି, ଜଳସେଚନ ବା ଜଳଯୋଗାଣ ଇତ୍ୟାଦି ବାବଦରେ ବିନିଯୋଗ କରାଯାଆନ୍ତା ତେବେ ମନୁଷ୍ୟର ଜୀବନଅଧିକ ସୁଖକର ଓ ଶାନ୍ତିପ୍ରଦ ହୁଅନ୍ତା। ଦକ୍ଷିଣ-ଏସିଆ ଏବଂ ଆଫ୍ରିକୀୟ ରାଜ୍ୟମାନଙ୍କରେ ହାରାହାରି ପ୍ରତି ୩୭୦୦ ବ୍ୟକ୍ତିଙ୍କ ପାଇଁ ଜଣେ ଡାକ୍ତର ଥିବାବେଳେ ୨୫୦ ଜଣଙ୍କ ପାଇଁ ଜଣେ ସୈନିକ ନିଯୁକ୍ତ ହୋଇଛନ୍ତି। ପୃଥିବୀ କ୍ଷୁଧା, ଅନାହାର, ରୋଗ ଓ ବ୍ୟାଧି କବଳରେ ସଢୁଥିବାବେଳେ କେବଳ ମାରଣାସ୍ତ୍ର ନିର୍ମାଣରେ ବିପୁଳ ଅର୍ଥ ବ୍ୟୟ କରାଯିବା ଅତ୍ୟନ୍ତ ଦୁଃଖର ଘଟଣା। ଔଷଧ, ଚିକିତ୍ସା ଓ ଖାଦ୍ୟ ଅଭାବରୁ ଦୈନିକ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଶିଶୁ ମୃତ୍ୟୁର ଶିକାର ହେଉଛନ୍ତି। ଭାରତରେ ଆଜିବି ପ୍ରାୟ ଦେଢକୋଟି ଶିଶୁ ରାତିରେ ଉପାସରେ ଶୁଅନ୍ତି। ପୃଥିବୀରେ ଆଜିବି କୋଟି କୋଟି ଲୋକ ନିରକ୍ଷର ଅଛନ୍ତି। କିନ୍ତୁ ଏ ବିଷୟରେ କ୍ୱଚିତ ଚିନ୍ତା କରାଯାଉଛି।

ଗୋଟିଏ ଯୁଦ୍ଧ ଟ୍ୟାଙ୍କର କିଣା ମୂଲ୍ୟରେ ଭାରତର ୪୦ ରୁ ୫୦ ଲକ୍ଷ ଶିଶୁଙ୍କୁ ଟୀକାଦାନ କରାଯାଇପାରିବ, ଗୋଟିଏ ମିରେଜ ୨୦୦୦-୫ର କ୍ରୟ ମୂଲ୍ୟରେ ୩୦ ଲକ୍ଷ ଶିଶୁଙ୍କୁ ପ୍ରାଥମିକ ଶିକ୍ଷା ଦିଆଯାଇପାରିବ। ସାମରିକ ବ୍ୟୟରୁ ଯଦି ଶତକଡା ମାତ୍ର ଅଧେଭାଗ ବ୍ୟୟ ହ୍ରାସ କରିଦିଆଗଲେ ଦରିଦ୍ର ରାଷ୍ଟ୍ରମାନଙ୍କର କୃଷିର ଉନ୍ନତି କରି ସେମାନଙ୍କୁ ଖାଦ୍ୟଶସ୍ୟରେ ସ୍ୱାବଲମ୍ବନଶୀଳ କରାଯାଇପାନ୍ତା। ଆମେରିକାର 'ବୁରୋ ଅଫ୍ ଲେବର ଷ୍ଟାଟିଷ୍ଟିକ୍‌ସ'ଙ୍କ ମତରେ ପ୍ରତିରକ୍ଷା କ୍ଷେତ୍ରରେ ବ୍ୟୟ କରାଯାଉଥିବା ଶହେ କୋଟି ଡଲାର ୭୫ ହଜାର କର୍ମନିଯୁକ୍ତି ସୃଷ୍ଟି କରିପାରନ୍ତା। ଏହି ସମସ୍ତକୁ ପ୍ରତ୍ୟେକ ଦେଶ ତଥା ରାଷ୍ଟ୍ର ଗୁରୁତ୍ୱର ସହିତ ବିଚାର କଲେ ନିରସ୍ତ୍ରୀକରଣ ପ୍ରସଙ୍ଗଟି କେତେ ଜରୁରି ତାହା ସହଜରେ ହୃଦୟଙ୍ଗମ କରିହେବ।

ରକ୍ତାପ୍ଳୁତ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଥମ କରି ୧୯୪୫ ମସିହାରେ ବୃହତ ଶକ୍ତିବୃନ୍ଦ 'ନିରସ୍ତ୍ରୀକରଣ'କଥାଟିକୁ ଗୁରୁତର ଭାବେ ଅନୁଭବ କରିଥିଲେ। ୧୯୪୯ ମସିହାରେ ଜାତିସଂଘର ଏକ ବୈଠକରେ ଏହି ପ୍ରସ୍ତାବକୁ ସର୍ବସମ୍ମତି ଭାବେ ସମର୍ଥନ କରାଯାଇଥିଲା। ୧୯୫୯ ମସିହା ସେପ୍ଟେମ୍ବର ମାସରେ ଆମେରିକାରେ ଅନୁଷ୍ଠିତ ଶୀର୍ଷ ସମ୍ମିଳନୀରେ ଋଷର ପ୍ରଧାନମନ୍ତ୍ରୀ ନିକିତା କୃସ୍‌ଚେଭ ଓ ଆମେରିକାର ରାଷ୍ଟ୍ରପତି ଆଇଜେନ ହାୱାର ଏ ସମ୍ପର୍କରେ ଆଲୋଚନା କରିଥିଲେ। ୧୯୭୨ ମସିହା ମେ' ମାସରେ ମସ୍କୋଠାରେ ଅନୁଷ୍ଠିତ ଶୀର୍ଷ ସମ୍ମିଳନୀରେ ସୋଭିଏତ ଋଷ ନେତା ବ୍ରେଜନେଭ ଓ ଆମେରିକାର ରାଷ୍ଟ୍ରପତି ରିଚାର୍ଡ ନିକ୍‌ସନ ଏ ସମ୍ପର୍କରେ ଏକ ମିଳିତ ରାଜିନାମାରେ ସ୍ୱାକ୍ଷର କରିଥିଲେ; କିନ୍ତୁ ଏହା ରାଜନୈତିକ କାରଣରୁ ସଫଳ ହୋଇପାରିନାହିଁ। ଆମ ଭାରତ ହେଉଛି ଏକ ଶାନ୍ତିକାମୀ ଦେଶ। ସ୍ୱର୍ଗତ ପ୍ରଧାନମନ୍ତ୍ରୀ ନେହେରୁଙ୍କ ସମୟରୁ ଭାରତ ବିଶ୍ୱଶାନ୍ତିରେ ବିଶ୍ୱାସ କରିଆସିଛି ଓ ବରାବର ଅଣୁଅସ୍ତ୍ର ପରୀକ୍ଷା ପ୍ରସ୍ତାବ ଉତ୍‌ଥାପନ କରିଛି। ସ୍ୱର୍ଗତ ଇନ୍ଦିରା ଗାନ୍ଧିଙ୍କ ନେତୃତ୍ୱରେ ୧୯୮୩ ମସିହା ମେ' ମାସରେ ଦିଲ୍ଲୀଠାରେ ଅନୁଷ୍ଠିତ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର ସମ୍ମିଳନୀ ତରଫରୁ ବିଶ୍ୱର ସମସ୍ତ ରାଷ୍ଟ୍ରକୁ ଅଣୁଅସ୍ତ୍ର ପ୍ରତିଯୋଗିତା ବନ୍ଦ କରିବାକୁ ନିବେଦନ କରାଯାଇଥିଲା। ଏହି ସମ୍ମିଳନୀରେ ଆର୍ଜେଣ୍ଟିନା, ମେକ୍‌ସିକୋ, ସୁଇଡେନ୍, ଗ୍ରୀସ, ତାଞ୍ଜାନିଆ ପ୍ରଭୃତି ଚାଟି ଦେଶର ରାଷ୍ଟ୍ର ମୁଖ୍ୟ ଯୋଗଦେଇ ନିବେଦନରେ ସ୍ୱାକ୍ଷର କରିଥିଲେ। ୧୯୮୫ ମସିହା ଜାନୁଆରୀ ମାସରେ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଉଦ୍ୟମରେ ଉପରୋକ୍ତ ଛ'ଟି ରାଷ୍ଟ୍ରର ପ୍ରତିନିଧିଙ୍କୁ ନେଇ ଦିଲ୍ଲୀଠାରେ ପୁଣି ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଋଷ ଏଥିପ୍ରତି ଆନ୍ତରିକ ସମର୍ଥନ ଜଣାଇ ଏକତରଫା ଭାବେ ଆଣବିକ ଅସ୍ତ୍ର ପରୀକ୍ଷାକୁ ବନ୍ଦ କରିବାକୁ ଘୋଷଣା କରିବା ସଙ୍ଗେ ସଙ୍ଗେ ପ୍ରତିରକ୍ଷା ବ୍ୟୟ ଶତକଡା ୫୦ ଭାଗ ହ୍ରାସ କରିବାକୁ ପ୍ରତିଶ୍ରୁତି ଦେଇଥିଲା ମାତ୍ର ଆଜି ଋଷ ତାର ସେ ଅତୀତ କଥାକୁ ଭୂଲି ଯାଇ ନିଜ ପାଖରେ ବର୍ତ୍ତମାନ ୫୫୮୦ଟି ପରମାଣୁ ବୋମା ଗଚ୍ଛିତ ରଖିଛି। ନିରସ୍ତ୍ରୀକରଣ ଦିଗରେ ସାଂପ୍ରତିକ କାଳରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ବିବଦମାନ ବିଷୟଟି ହେଉଛି CTBT ( Comprehensive Test Ban Treaty)। ଏହି ଚୁକ୍ତିର ଉଦ୍ଦେଶ୍ୟ ହେଉଛି ଅସ୍ତ୍ରଶସ୍ତ୍ର ପରୀକ୍ଷାକୁ ସମ୍ପୂର୍ଣ୍ଣରୂପେ ନିଷେଧ କରିବା। ଏ ସମ୍ପର୍କରେ ୧୯୯୪ ମସିହା ଜନୁଆରୀ ମାସରେ ଜେନେଭା ଠାରେ ଅନୁଷ୍ଠିତ ନିରସ୍ତ୍ରୀକରଣ ସମ୍ମିଳନୀରେ ଆଲୋଚନା ଆରମ୍ଭ ହୋଇଥିଲା ଏବଂ ଏ କ୍ଷେତ୍ରରେ ଭାରତ ଏବଂ ଯୁକ୍ତରାଷ୍ଟ୍ର ଥିଲେ ଯୁଗ୍ମ ଉଦ୍ୟୋକ୍ତା। ୧୯୯୬ ମସିହା ସେପ୍ଟେମ୍ବର ମାସରେ ଜାତିସଙ୍ଘର ସାଧାରଣ ପରିଷଦରେ ଏହି ଚୁକ୍ତିର ଚିଠା ଉପସ୍ଥାପନ କରାଯାଇଥିଲା ଏବଂ ଏହା ସପକ୍ଷରେ ୧୫୮ ଟି ରାଷ୍ଟ୍ର ଭୋଟ ଦେଇଥିଲେ ମଧ୍ୟ ଚୁକ୍ତିର କେତେକ ଦୋଷ ତ୍ରୁଟି ଦର୍ଶାଇ ଭାରତ, ଭୁଟାନ, ଲିବିଆ ଏହି ୩ଟି ରାଷ୍ଟ୍ର ବିରୋଧ କରିଥିଲେ। ଯଦିଓ ଭାରତ ଅସ୍ତ୍ର ଶସ୍ତ୍ର ପରୀକ୍ଷା ନିରୋଧ ଚୁକ୍ତିକୁ ସମର୍ଥନ କରୁଥିଲେ ମଧ୍ୟଏହି ତ୍ରୁଟିପୂର୍ଣ୍ଣ ଚୁକ୍ତିକୁ ବିରୋଧ କରିଥିଲା। ଆମେରିକା ଏ ପର୍ଯ୍ୟନ୍ତ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଆଣବିକ ପରୀକ୍ଷା କରିଛି। ୧୯୯୭ ମସିହା ଅପ୍ରେଲ ମାସରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର ସମ୍ମଳନୀରେ ଭାରତ ପୁଣି ଥରେ ଦୃଢତାର ସହିତ ପ୍ରସ୍ତାବ ଉପସ୍ଥାପନ କରି କହିଥିଲା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମଗ୍ର ପୃଥିବୀକୁ ପରମାଣୁ ମୁକ୍ତ କରାଯାଉ। ନିରସ୍ତ୍ରୀକରଣ ଓ ଅଣୁଅସ୍ତ୍ର ପରୀକ୍ଷା ନିଷେଧ ଚୁକ୍ତି ସହିତ ବିଶ୍ୱରାଜନୀତି ଅଙ୍ଗାଅଙ୍ଗୀ ଭାବେ ଜଡିତ। ଯଦି ପୃଥିବୀର ଦୁଇ ମହାନ ଶକ୍ତି ଆମେରିକା ଓ ଋଷ ଏହି ନିରସ୍ତ୍ରୀକରଣ ଦିଗରେ ଆନ୍ତରିକତା ପ୍ରଦର୍ଶନ କରିବେ ତେବେଏହା ବିଶ୍ୱପାଇଁ ଶୁଭଙ୍କରୀ ହେବ।

# କେତେ ସୁରକ୍ଷିତ-କ୍ୟାବ୍



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ: ୯୪୩୭୬୪୨୯୪୭

ଭାରତର 'କ୍ୟାବ' ଉଦ୍‌ଯୋଗ ଯାହାକୁ କିଛି ବର୍ଷ ପୂର୍ବେ ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ସୁବିଧାର ପ୍ରତୀକ ଭାବରେ ବିବେଚନା କରାଯାଉଥିଲା, ଆଜି ଗମ୍ଭୀର ବିବାଦ ଏବଂ ଆର୍ଥିକ ଅନିୟମିତତା ଯୋଗୁଁ ଚର୍ଚ୍ଚାରେ। ଓଲା, ଉବେର, ରାପେଡୋ, ବ୍ଲୁ ସ୍ମାର୍ଟ ଭଳି ପ୍ରମୁଖ କମ୍ପାନୀଗୁଡ଼ିକ ବିରୁଦ୍ଧରେ ଠକେଇ ଏବଂ ଟିକସ ଫାଙ୍କିବା ଅଭିଯୋଗ କେବଳ ସେମାନଙ୍କର ବ୍ୟବସାୟ ମଡେଲ ଉପରେ ପ୍ରଶ୍ନ ଉଠାଇନାହିଁ ବରଂ ଲକ୍ଷ ଲକ୍ଷ ଗ୍ରାହକଙ୍କ ମଧ୍ୟରେ ଅବିଶ୍ୱାସ ଏବଂ ନିରାଶାର ଭାବନା ସୃଷ୍ଟି କରିଛି। ଏହି କମ୍ପାନୀଗୁଡ଼ିକ ସେମାନଙ୍କର ଗ୍ରାହକମାନଙ୍କୁ ଠକୁଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି। ୨୦୦୯ କାଲିଫର୍ନିଆରେ ଜନ୍ମ ହୋଇଥିବା ଉବେର ଅଫିସିଆଲ ଭାବେ ଭାରତରେ ୨୦୧୩ ଅଗଷ୍ଟ ବାଙ୍ଗାଲୋର ରାସ୍ତାରେ ଚାଲିଥିଲା। ୨୦୧୦ ମୁମ୍ବାଇରେ ଓଲାର ଶୁଭାରମ୍ଭ ହୋଇଥିଲା। ସେହିପରି ବ୍ଲୁ ସ୍ମାର୍ଟ , ଯାହା ୨୦୧୯ ରେ ଏକ ବୈଦ୍ୟୁତିକ ଯାନ-ଆଧାରିତ କାର୍ ସେବା ଭାବରେ ଆରମ୍ଭ ହୋଇଥିଲା, ଏହାର ପରିବେଶ-ଅନୁକୂଳ ନୀତି ଏବଂ ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟ ଯୋଗୁଁ ଦ୍ରୁତ ଗତିରେ ଲୋକପ୍ରିୟତା ହାସଲ କରିଥିଲା। ଦିଲ୍ଲୀ, ବେଙ୍ଗାଲୁରୁ ଏବଂ ମୁମ୍ବାଇ ଭଳି ସହରରେ ଏହାର ସେବା ଆରମ୍ଭ ହେବା ପରେ, କମ୍ପାନୀ ଅନେକ ବଡ଼ ନିବେଶକଙ୍କ ଠାରୁ ବିପୁଳ ପାଣ୍ଠି ପାଇଥିଲା। ଏପ୍ରିଲ, ୨୦୨୫ ରେ ଭାରତୀୟ ବିନିମୟ ବୋର୍ଡ ବ୍ଲୁ ସ୍ମାର୍ଟ ର ମୂଳ କମ୍ପାନୀ କାର୍ଯ୍ୟପଦ୍ଧତି ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଥିଲା।

ଜାଣିବାକୁ ମିଳିଥିଲା ଏହାର ପ୍ରମୁଖ ଅନମୋଲ ସିଂହ ଜାଗ୍ଗି ଏବଂ ପୁନିତ ସିଂହ ଜାଗ୍ଗି କମ୍ପାନୀକୁ ଦିଆଯାଇଥିବା ୯୭୭.୭୫ କୋଟି ଟଙ୍କାର ଋଣକୁ ଆତ୍ମସାତ କରିଛନ୍ତି। ଇଲେକ୍ଟ୍ରିକ୍ ଯାନ କ୍ରୟ ଏବଂ ବ୍ୟବସାୟର ବିସ୍ତାର ପାଇଁ ଉଦ୍ଦିଷ୍ଟ ଏହି ରାଶି ବିଳାସପୂର୍ଣ୍ଣ ଫ୍ଲାଟ ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ବିନିଯୋଗ ହୋଇଥିବା ଅଭିଯୋଗ ହୋଇଛି। ତଦନ୍ତ ଅନୁଯାୟୀ, ପ୍ରତିଶ୍ରୁତି ଦିଆଯାଇଥିବା ୬୪୦୦ ଯାନ ବଦଳରେ କମ୍ପାନୀ କେବଳ ୪୭୦୪ ଯାନ କିଣିଛି। ଏହା ଫଳରେ ୨୬୨.୧୩ କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିଲା। ପ୍ରମାଣିତ ହେବା ପରେ ୨୦୨୫ ଏପ୍ରିଲରୁ ଏହାର କାର୍ଯ୍ୟ ବନ୍ଦ ରହିଛି। ଏହି ବନ୍ଦ ହଜାର ହଜାର ଡ୍ରାଇଭର, ଲକ୍ଷ ଲକ୍ଷ ଗ୍ରାହକ ଏବଂ ସେମାନଙ୍କ ସହିତ ଜଡିତ ଅନେକଙ୍କୁ ପ୍ରଭାବିତ କଲା। ପୂର୍ବ ସୂଚନା ବିନା ଶହଶହ ଡ୍ରାଇଭର ବେକାର ହେଲେ। ଗ୍ରାହକଙ୍କ ଜମା ରାଶି ଅଟକି ରହିଛି। ଦିଲ୍ଲୀର ଜଣେ ନିୟମିତ ଗ୍ରାହକଙ୍କ ଅନୁଯାୟୀ, ସେ ସର୍ବଦା ବ୍ଲୁ ସ୍ମାର୍ଟର ସୁବିଧା ଏବଂ ଅନୁକୂଳ ସେବାକୁ ପ୍ରଶଂସା କରିଥିଲେ, କିନ୍ତୁ ବର୍ତ୍ତମାନ ତାଙ୍କର ୪୫୦୦ ଟଙ୍କା ଫସି ରହିଛି, ଏବଂ ତାଙ୍କୁ ଫେରସ୍ତ ବିଷୟରେ କୌଣସି ସୂଚନା ମିଳୁନାହିଁ। ଭାରତର ଅନଲାଇନ୍ କ୍ୟାବ ବଜାରର ଅଗ୍ରଣୀ ଥିବା ଓଲା ମଧ୍ୟ ଗତ କିଛି ବର୍ଷ ମଧ୍ୟରେ ଅନେକ ବିବାଦରେ ଫସିଛି। ସମ୍ପ୍ରତି, କମ୍ପାନୀ ଉପରେ ଗୁରୁତର ଟିକସ ଫାଙ୍କିବା ଏବଂ ଆର୍ଥିକ ଅନିୟମିତତାର ଅଭିଯୋଗ ଆସିଛି। ଆୟକର ବିଭାଗ ଦ୍ୱାରା କରାଯାଇଥିବା ଏକ ତଦନ୍ତରୁ ଜଣାପଡିଛି ଯେ ଓଲା ଏହାର ଡ୍ରାଇଭରମାନଙ୍କୁ ଦେୟ ଦେବା ଏବଂ ଭଡ଼ା ପରିମାଣ ଉପରେ ଟିକସ ଗଣନା କରିବାରେ ଅନିୟମିତତା କରିଛି। ଏହା ମଧ୍ୟ ଅଭିଯୋଗ ହୋଇଛି ଯେ ଓଲା ଟିକସ ଦାୟିତ୍ୱ ହ୍ରାସ କରିବା ପାଇଁ ଏହାର ସହାୟକ କମ୍ପାନୀଗୁଡ଼ିକ ମାଧ୍ୟମରେ ଭୁଲ ଉପାୟରେ ପାଣ୍ଠି ସ୍ଥାନାନ୍ତର କରିଛି। ଏହା ଉଲ୍ଲେଖନୀୟ ଯେ ଓଲା କ୍ୟାପ ର ମୂଳ କମ୍ପାନୀ ଏଏନ୍‌ଆଇ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିମିଟେଡ୍ ଭାରତରେ ଏକ ପ୍ରମୁଖ ଇଲେକ୍ଟ୍ରିକ୍ ସ୍କୁଟର ନିର୍ମାତା କମ୍ପାନୀ 'ଓଲା ଇଲେକ୍ଟ୍ରିକ୍' ଆରମ୍ଭ କରିଛି। କିନ୍ତୁ ଆଜି ଏହି କମ୍ପାନୀ ତାର ଗ୍ରାହକ ଏବଂ ଯୋଗାଣକାରୀଙ୍କ ସହିତ ଆର୍ଥିକ ଅନିୟମିତତାର ଖବର ଆସୁଛି। ଓଲା ତାର ପାର୍ଟନରମାନଙ୍କୁ ସମୟୋଚିତ ପେମେଣ୍ଟ କରିବାରେ ବିଳମ୍ବ କରିଛି। ତେଣୁ, ଅନେକ ପ୍ରମୁଖ ଯୋଗାଣକାରୀ କମ୍ପାନୀ ସମ୍ପର୍କ ଛିନ୍ନ କରିଛନ୍ତି। ଓଲାର ଖର୍ଚ୍ଚ ହ୍ରାସ ରଣନୀତି, ଯେପରିକି ଯାନବାହାନ ପଞ୍ଜିକରଣ ଏଜେନ୍ସିଗୁଡ଼ିକ ସହିତ ଚୁକ୍ତି ପୁନଃ ଆଲୋଚନା, ବିକ୍ରୟ ଏବଂ ପଞ୍ଜିକରଣ ସଂଖ୍ୟାରେ ଏକ ବିରାଟ ବିସଙ୍ଗତି ସୃଷ୍ଟି କରିଥିଲା। ଫେବୃଆରୀ ୨୦୨୫ ରେ, ଓଲା ୨୫୦୦୦ ସ୍କୁଟର ବିକ୍ରି କରିଥିବା ଦାବି କରିଥିଲା କିନ୍ତୁ ବାହାନ ପୋର୍ଟାଲରେ କେବଳ ୮୩୯୦ ପଞ୍ଜିକୃତ ହୋଇଥିଲା। ଆର୍ଥିକ ଏବଂ କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜ ଯୋଗୁଁ ସେପ୍ଟେମ୍ବର ୨୦୨୪ରେ ଓଲାର ବଜାର ଅଂଶ ୨୭% କୁ ହ୍ରାସ ପାଇଛି।

ଏତତ୍ ବ୍ୟତୀତ ଅନେକ ଅଭିଯୋଗ କରନ୍ତି ଓଲା ନିର୍ଦ୍ଧାରିତ ସମୟରେ ପହଞ୍ଚି ନଥାଏ ଯଦି ଗ୍ରାହକ ବିଳମ୍ବ କାରଣରୁ ବୁକିଂ ବାତିଲ୍ କରନ୍ତି ତେବେ ତାଙ୍କୁ ପରବର୍ତ୍ତୀ ବୁକିଂ ସମୟରେ ଅଧିକ ଟଙ୍କା ଜୋରିମାନା ସହିତ ଦେବାକୁ ହୁଏ।କେତେକ ଚାଳକ ଦର୍ଶାଉଥିବା ରାଶି ଠାରୁ ଅଧିକ ମାଗିଥାନ୍ତି।

ବ୍ଲୁସ୍ମାର୍ଟ, ଓଲା, ଉବେର ଭଳି ଶିଳ୍ପଗୁଡିକ ସହ ଜଡିତ ବିବାଦ ପ୍ରତି ଗ୍ରାହକଙ୍କ ବିଶ୍ୱାସକୁ ଦୁର୍ବଳ କରିଛି। ଏହା ଭାରତରେ ଏପରି ଶିଳ୍ପଗୁଡ଼ିକ ପାଇଁ ଏକ କଠୋର ନିୟାମକ ଢାଞ୍ଚାର ଆବଶ୍ୟକତାକୁ ଦର୍ଶାଏ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ସରକାର ଆର୍ଥିକ ସ୍ୱଚ୍ଛତା ସୁନିଶ୍ଚିତ କରିବା, ଗ୍ରାହକ ଏବଂ ସେମାନଙ୍କ ସହିତ ଜଡିତ ଅନ୍ୟମାନଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ କଠୋର ନିୟମ ଲାଗୁ କରିବା ଉଚିତ। ଆୟକର ବିଭାଗ, ରାଜ୍ୟ ଉପଭୋକ୍ତା ସୁରକ୍ଷା ପରିଷଦ ଭଳି ନିୟାମକ ସଂସ୍ଥା ଏପରି କମ୍ପାନୀଗୁଡ଼ିକର ତଦାରଖ କରିବା ଉଚିତ ଯେଉଁମାନେ ବିପୁଳ ପରିମାଣର ପାଣ୍ଠି ସଂଗ୍ରହ କରନ୍ତି ଏବଂ ଲକ୍ଷ ଲକ୍ଷ ଗ୍ରାହକ ସେମାନଙ୍କ ଉପରେ ନିର୍ଭର କରନ୍ତି। ଗ୍ରାହକ ସୁରକ୍ଷା ଆଇନକୁ ମଧ୍ୟ ସୁଦୃଢ଼ କରାଯିବା ଆବଶ୍ୟକ ଯାହା ଦ୍ୱାରା ଗ୍ରାହକମାନଙ୍କୁ ରିଫଣ୍ଡ ଏବଂ କ୍ଷତିପୂରଣ ପାଇଁ ଲମ୍ବା ଆଇନଗତ ପ୍ରକ୍ରିୟା ଦେଇ ଯିବାକୁ ନପଡ଼େ। ଏହି ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ, କମ୍ପାନୀଗୁଡ଼ିକୁ ସେମାନଙ୍କର ଆର୍ଥିକ କାର୍ଯ୍ୟଶୈଳୀରେ ସ୍ୱଚ୍ଛତା ଏବଂ ନିୟାମକ ସଂସ୍ଥାଗୁଡ଼ିକୁ କଠୋର ପଦକ୍ଷେପ ନେବାକୁ ପଡିବ। ଯେପର୍ଯ୍ୟନ୍ତ ଏହା ନହୋଇଛି , ଗ୍ରାହକ ମାନଙ୍କ ବିଶ୍ୱାସ ଜିତିବା ଏହି କମ୍ପାନୀଗୁଡ଼ିକ ପାଇଁ ଚ୍ୟାଲେଞ୍ଜ ହୋଇ ରହିବ।

# ତବ କୃପାର ଛାୟା ତଳେ, ଭକ୍ତ ଆଶ୍ରିତ ସଦାକାଳେ....



ଡକ୍ଟର ସୁରେଶ କୁମାର ନାୟକ
ସିଡିଏ, କଟକ
ମୋ : ୯୪୩୭୨୨୫୫୯୨

ବିଶ୍ୱାସ ଶବ୍ଦର ଅର୍ଥ ହେଉଛି ଜଣଙ୍କ ଉପରେ ଜଣଙ୍କର ଆସ୍ଥା ଏବଂ ଏହି ଆସ୍ଥା ପ୍ରସଙ୍ଗକୁ ଆଲୋଚନା କଲାବେଳେ ଶ୍ରୀମଦ୍ ଭାଗବତ ଗୀତାର ଶ୍ଳୋକଟି ଉଲ୍ଲେଖ କରୁଛି - 'ଯୋଗକ୍ଷମ ବହାମ୍ୟହମ୍।' ଏହାର ଭାବାର୍ଥ ହେଉଛି ଯିଏ ତାଙ୍କ ନିକଟରେ ନିଜକୁ ସମର୍ପଣ କରେ ତାର ସମସ୍ତ ରକ୍ଷଣ ସେ କରିବେ। ଏବଂ ତାହାର ଯାହା ପ୍ରାପ୍ୟ ତାକୁ ପ୍ରଦାନ କରିବେ। ପ୍ରାୟ ସବୁ ଧର୍ମରେ ଈଶ୍ୱରଙ୍କ ଉପରେ ଏହି ଆସ୍ଥା ଆଧାରିତ। ଗୁରୁ ହିଁ ହେଉଛନ୍ତି ଆମର ଏକମାତ୍ର ଗତିମୁକ୍ତି ଦାତା। ଗୁରୁ କୃପା ହିଁ ଈଶ୍ୱର କୃପା। ଯାହା ସର୍ବଦା ଭାବାସିକ୍ତ। ଗୁରୁଙ୍କ କୃପା ତିନୋଟି ଭାବର। ଯଥା ହସ୍ତକୃପା, ପାଦକୃପା ଓ ନୟନ କୃପା ତେବେ ଏ ସବୁ ଭିତରେ ସର୍ବଶ୍ରେଷ୍ଠ ହେଉଛି ପାଦକୃପା। କାରଣ ଏହି କୃପାରେ କିଛି ଆଶା ନଥାଏ କିମ୍ବା କିଛି ପାଇବାର ମୋହ ନଥାଏ। ସେହି ପାଦ ପଦ୍ମକୁ ଯିଏ ଆଶ୍ରୟ କରେ ତାର ଜୀବନ ଧନ୍ୟ ହୋଇଯାଏ। ସେ ଓ ଭଗବାନ ବା ତାଙ୍କ ଗୁରୁଦେବ ଏକ ହୋଇଯାଆନ୍ତି। ଗୁରୁକୃପା ସମସ୍ତଙ୍କୁ ପ୍ରାପ୍ତ ହୋଇଥାଏ। ଆମେ ପ୍ରତିଦିନ ସୂର୍ଯ୍ୟ ଉଦୟ ଦେଖୁଥାଉ। ସୂର୍ଯ୍ୟ ଉଦୟ ଯେପରି ତାଙ୍କ ଚତୁର୍ଦ୍ଦିଗ ଆଲୋକିତ କରିଥାନ୍ତି ଠିକ୍ ସେହିଭଳି ଗୁରୁଦେବ ତାଙ୍କ ଆଶୀର୍ବାଦ ଓ କୃପା ଦ୍ୱାରା ଆମ ଜୀବନକୁ ଶାନ୍ତି ଓ ଆନନ୍ଦର ଆଲୋକରେ ଉଦ୍ଭାସିତ କରନ୍ତି। ଗୁରୁଶକ୍ତି ହିଁ ହେଉଛି ଅମର ଆତ୍ମାର ଉତ୍ତରଣର ସୂତ୍ରଧର। କୃପାର ସ୍ୱରୂପ, ତ୍ରିଗୁଣରୁ ଅତୀତ, କାଳରୁ ଅତୀତ ଅର୍ଥାତ୍ କାଳାକୃତ। ଗୁରୁଦେବ ହେଉଛନ୍ତି ଅଷ୍ଟ ସତ୍ତ୍ୱିକ ଭାବାର ଆଧାର। ଗୁରୁଙ୍କର ଦିବ୍ୟ ଆଶ୍ରୟ ଅନୁଗତ ଭାବେ ଯେ ଗ୍ରହଣ କରିଥାଏ ତା'ର ଚେତନାର ବିସ୍ତାର ଘଟେ। ଗୁରୁ ଶିଷ୍ୟର ସତ୍ତାରେ ଶକ୍ତି ସଞ୍ଚାର କରନ୍ତି। ଏବଂ ଶିଷ୍ୟର ଆଧାତ୍ମିକ ଶକ୍ତି ବଢ଼ି ସତ ଗୁଣର ବିକାଶ ଘଟେ। ଗୁରୁ ଶିଷ୍ୟ ମଧ୍ୟରେ ଥିବା ପାପୀଳ ତମଗୁଣର ହ୍ରାସ କରି ତାଙ୍କ ଭିତରେ ସଦଗୁଣକୁ ପୂର୍ଣ୍ଣ କରିଦିଅନ୍ତି। ମାୟାବଧ ଓ ମହାଚ୍ଛନ୍ନ ଜୀବାତ୍ମାକୁ ମୁକ୍ତି ଗୁରୁଦେବ ହିଁ କରିଥାନ୍ତି। ଶିଷ୍ୟର ଗୁରୁଙ୍କ ପ୍ରତି ଅଟଳ ବିଶ୍ୱାସ ଓ ପୂର୍ଣ୍ଣ ସମର୍ପଣର ଭାବ ଦ୍ୱାରା ଗୁରୁ ଏହା କରିଥାନ୍ତି। ଶିଷ୍ୟକୁ ମୁକ୍ତି ପ୍ରଦାନ କରିବା ପର୍ଯ୍ୟନ୍ତ ଭାବ ସମ୍ବନ୍ଧରେ ବାନ୍ଧି ହୋଇ ଗୁରୁ ଶିଷ୍ୟର ପଛେ ପଛେ ଜନ୍ମ ଜନ୍ମାର ପର୍ଯ୍ୟନ୍ତ ଚାଲିଥାନ୍ତି।

କୌଣସି ସାଧନା ବା ତପସ୍ୟା ନକରି କେବଳ ଗୁରୁ ଭକ୍ତି ଓ ସେବା ଦ୍ୱାରା ଫଳ ମିଳିଥାଏ କି ? ଏଭଳି ଅନେକ ପ୍ରଶ୍ନ ଅନେକଙ୍କ ଭିତରେ ଉଚ୍ଚାରିତ ହୋଇଥାଏ। ତେବେ ସଦଗୁରୁ ଅଶେଷ କୃପା ପ୍ରଦାନ କରି ପୂର୍ବ ପ୍ରାରବ୍ଧ ଜନିତ ଯେତେ ଦୁଃଖ, କ୍ଲେଷ ସବୁକୁ ଉଦ୍ଧାର କରିଥାନ୍ତି। ଗୁରୁ ଶକ୍ତି ହିଁ ଏହି ସଂସାରର ପରିଚାଳକ। ସଂପ୍ରତି ଆଷାଢ଼ ମାସ ଚାଲିଥିବାରୁ ଆଷାଢ଼ ପୂର୍ଣ୍ଣିମାରେ ଗୁରୁପୂର୍ଣ୍ଣିମାର ଅବସର ଆସିଥାଏ। ପ୍ରାଚୀନ କାଳରୁ ମହର୍ଷି ବେଦବ୍ୟାସ ଯିଏ କି ଚାରୋଟି ଯାକ ବେଦର ରଚନା କରି ଋକ, ଯର୍ଜୁ, ଅଥର୍ବ ଓ ସାମ ବେଦ ନାମରେ ନାମିତ କରିଥିଲେ ତଥା ଅଷ୍ଟାଦଶ ପୁରାଣ, ମହାଭାରତ ଓ ଶ୍ରୀମଦ ଭାଗବତ ରଚନା କରି ଯୁଗ ଯୁଗ ପାଇଁ ଲୋକ କଲ୍ୟାଣ କରିଗଲେ ତାଙ୍କରି ସ୍ମୃତି ଉପଲକ୍ଷେ ଏହି ଦିନଟିକୁ ଶ୍ରଦ୍ଧାର ସହ ପାଳନ କରାଯାଉଛି। ପରବର୍ତ୍ତୀ କାଳରେ ପ୍ରତ୍ୟେକ ସଂପ୍ରଦାୟର ଆଧାତ୍ମିକ ଉନ୍ନତିକାମୀ ଶ୍ରଦ୍ଧାଳୁ ଆଶ୍ରିତ ଓ ଭକ୍ତଗଣଙ୍କ ଦ୍ୱାରା ନିଜ ନିଜର ଗୁରୁଙ୍କ ପୂଜନ ପରମ୍ପରା ଆରମ୍ଭ ହେଲା। ଶାସ୍ତ୍ରରେ ଗୁରବ୍ରହ୍ମା, ଗୁରୁବିଷ୍ଣୁ ଗରୁର୍ଦେବୋ ମହେଶ୍ୱର, ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈଶ୍ରୀ ଗରୁବେ ନମଃ ବୋଲି କୁହାଯାଇଛି। ଅର୍ଥାତ୍ ଗୁରୁ ସାକ୍ଷାତ ଈଶ୍ୱରତୁଲ୍ୟ ବୋଲି ବର୍ଣ୍ଣନା କରାଯାଇଛି। ଗୁରୁଙ୍କ କୃପାରୁ ଯେଉଁ ଶକ୍ତି ପ୍ରାପ୍ତ ହୁଏ ବା ଜ୍ଞାନ ଜାତ ହୁଏ, ତାହା ଅନ୍ୟ କୌଣସି ପ୍ରକାରେ ସମ୍ଭବ ନୁହେଁ ବୋଲି ସମସ୍ତଙ୍କର ମତ। କିନ୍ତୁ କଥା ହେଉଛି ସେହିଭଳି ଗୁରୁ ମିଳିବେ କିପରି ? ପ୍ରକୃଷ୍ଟ ସମୟ ଆସିଲେ ହିଁ ଅର୍ଥାତ୍ ଯେତେବେଳେ ଶିଷ୍ୟ ବା ଆଶ୍ରିତ ଭିତରେ ଉପଯୁକ୍ତ ଗୁଣ ବା ଭୂମିକା ପ୍ରସ୍ତୁତ ହୋଇଯାଏ ସେତେବେଳେ ନିଜେ ଗୁରୁ ତା ପାଖକୁ ଆସି ତାକୁ ଧୀରେ ଧୀରେ ଉନ୍ନତିପଥରେ ନେଇଯାଆନ୍ତି।

ସଦ୍‌ଗୁରୁ ହେଉଛନ୍ତି ଏକମାତ୍ର ମାଧ୍ୟମ ଯେ କି ଭକ୍ତର ଆତ୍ମା ଯେଉଁ କର୍ମରଣର ପଞ୍ଜୁରୀରେ ବାନ୍ଧି ଛଟପଟ ହେଉଥାଏ ସେଥିରୁ ତାକୁ ମୁକ୍ତ କରିପାରିଥାନ୍ତି। ସଦଗୁରୁଙ୍କ ପ୍ରତ୍ୟକ କାର୍ଯ୍ୟକଳାପ ତାଙ୍କର ଦର୍ଶନ ବାଣୀ ଓ ସ୍ପର୍ଶରେ ଅସୀମ ଶକ୍ତି ନିହିତ ଅଛି। ଗୁରୁଦେବଙ୍କ ନାମ ଜପ କରିବା ଅତି ସହଜ। ତାଙ୍କ ପୂଜା ଆରାଧନା ପାଇଁ ଅର୍ଥର ପ୍ରୟୋଜନ ନାହିଁ। ଭକ୍ତି ଓ ଶ୍ରଦ୍ଧାର ସହ ଫୁଲ, ଫଳ ଓ ଜଳ ଯାହାକିଛି ଅର୍ପଣ କଲେ ବି ସେଥିରେ ସେ ପ୍ରସନ୍ନ ହୁଅନ୍ତି। ଆମ ପାଖରେ ସେ ସଦାସର୍ବଦା ଅଛନ୍ତି। କଳିକାଳର ମାୟା ମହାଚ୍ଛନ୍ନ ସଂସାରରୁ ମୁକ୍ତି ପାଇଁ ପ୍ରତ୍ୟେକ ଆଶ୍ରିତ ଓ ଗୁରୁଦେବଙ୍କ ଶ୍ରଦ୍ଧାଳୁ ଗୁରୁଭାଇ ମାନେ ଭକ୍ତି ମାର୍ଗରେ ଅଗ୍ରସର ହେବା ଆବଶ୍ୟକ। ବାସ୍ତବିକ ଶୁଦ୍ଧ ଓ ନିଷ୍କପଟ ଭକ୍ତିର ତୁଳନା ନାହିଁ। ଜଣେ ଯଦି ଏହି ପରି ପ୍ରୟାସ କରେ ସେ ନିଜେ ଅନେକଙ୍କୁ ଆଲୋକିତ କରିପାରିବ। ଗୁରୁଦେବ ହେଉଛନ୍ତି ଆମ ଜୀବନର ପରମ ମିତ୍ର। ଗୁରୁଦେବଙ୍କ ପାଦ ପଦ୍ମରେ - ହେ ଗୁରୁ ଗୋବିନ୍ଦ ଗୋସାଇଁ, ତୁମେ ଭକ୍ତର ଭାବଗ୍ରାହୀ। ତବ କୃପାର ଛାୟା ତଳେ, ଭକ୍ତି ଆଶ୍ରିତ ସଦା କାଳେ।'

# ଅନୁପ୍ରବେଶକାରୀଙ୍କ ହାତରେ ଗ୍ରାମ୍ୟ ରୋଜଗାର



ଇଂ ସତ୍ୟନାରାୟଣ ମାଝୀ
ଷ୍ଟାଣ୍ଡିଙ୍ଗ୍ କମିଟି ସଦସ୍ୟ,ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ
ମୋ: ୯୪୩୮୫୩୭୦୧୩

ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଆମ ରାଜ୍ୟ ବହୁ ଆଗକୁ ବଢିବାରେ ଲାଗିଛି। ଗାଁରୁ ସହର ପର୍ଯ୍ୟନ୍ତ ସବୁ ଜାଗାରେ କଂକ୍ରିଟର ଆସ୍ତରଣରେ ଭୂପୃଷ୍ଠକୁ ଆଚ୍ଛାଦିତ କରିଚାଲିଛି ଏବେ। ସରକାରଙ୍କର ନିଷ୍ପତ୍ତିକୁ ଦୃଷ୍ଟିକୋଣରୁ ଆବାସ ଯୋଜନା ଆଧାରରେ ସମସ୍ତଙ୍କୁ ପକ୍କାଘର ମିଳିବା ନିଶ୍ଚିତ। କେହି ବି କଚ୍ଚାଘରେ ରହିବେନାହିଁ,ସମସ୍ତଙ୍କୁ ମିଳିବ ପକ୍କାଘର। ସେଥିପାଇଁ ଏବେ ଜୋରସୋରରେ ଚାଲିଛି ପ୍ରତିଯୋଗିତାମୂଳକ ଭାବରେ ପକ୍କାଘର ନିର୍ମାଣ। ପକ୍କାଘର ଓ କୋଠା ଆଦି ନିର୍ମାଣ ତ ହେବ ନିହାତି। ଆମ ନିକଟରେ ସେତିକି ନିର୍ମାଣ ଶ୍ରମିକ ଅଛନ୍ତି ତ ? ଏହି କଥାକୁ ଯଦି ବିଚାରକୁ ନିଆଯିବ,ଆମ ଗାଁ ଅବା ସହରର କୋଠାବାଡି ନିର୍ମାଣରେ ଆମ ଅଞ୍ଚଳ ତଥା ରାଜ୍ୟର କେତେ ଶ୍ରମ ଲାଗିଛି।ଆମ ଅଞ୍ଚଳ ତଥା ରାଜ୍ୟର କେତେ ଶ୍ରମିକ ସରକାରୀ ବା ବେସରକାରୀ କୋଠା ନିର୍ମାଣ କାର୍ଯ୍ୟରେ ନିୟୋଜିତ। ଗାଁରୁ ସହର ପର୍ଯ୍ୟନ୍ତ ଯେତେସବୁ କୋଠା ନିର୍ମାଣ ହେଉଛି ସେଥିରେ ପ୍ରାୟତଃ ଆମ ଅଞ୍ଚଳର କୁଶଳୀ ଶ୍ରମିକଙ୍କର ଅବଦାନ ଶୂନ କହିଲେ ଅତ୍ୟୁକ୍ତି ହେବନାହିଁ। ସାଂପ୍ରତିକ ସ୍ଥିତିରେ ରାଜ୍ୟର ଅଧିକାଂଶ ସହର ବଜାର କିମ୍ବା ଗାଁମାନଙ୍କରେ ନିର୍ମାଣ ହେଉଥିବା କୋଠାଘରଗୁଡିକ ଆମଦାନୀ ଶ୍ରମିକମାନଙ୍କ ଦ୍ୱାରା ହେଉଛି।ଲକ୍ଷ୍ୟ କରାଯାଇଛି ବିଗତ ଦଶବର୍ଷ ମଧ୍ୟରେ ଯେତିକି କୋଠାଘରର ନିର୍ମାଣ ହୋଇଛି ତାର ସିଂହଭାଗ ନିର୍ମାଣ ଆମଦାନୀ ଶ୍ରମିକମାନେ କରିଛନ୍ତି।କଥା ଉଠୁଛି ଯେ ଆମଦାନୀ ଶ୍ରମିକ କିଏ, କୁଆଡୁ ଆସୁଛନ୍ତି ଏବଂ କେଉଁଥିଲାଗି ତାଙ୍କ ଚାହିଦା ବଢିଛି।

ଏହା ବ୍ୟତୀତ ବହୁ ବିଭିନ୍ନ ଏଜେନ୍ସିରେ ରହି ବାଂଲାଦେଶୀ ଅନୁପ୍ରବେଶକାରୀମାନେ କାମ କରୁଛନ୍ତି। ରାଜ୍ୟର ବିଭିନ୍ନ କନଷ୍ଟ୍ରକ୍ସନ ସାଇଟରେ ଠିକା ଭାବେ କିଏ ସିମେଣ୍ଟ ମିସ୍ତ୍ରୀ ତ କିଏ ଟାଇଲ ମିସ୍ତ୍ରୀ ବା ଶ୍ରମିକ କାମ କରି ବିଭିନ୍ନ ସଂସ୍ଥାର ଅଣ ଆଢୁଆଳରେ ରହିଛନ୍ତି। କେବଳ ସେହି କାମ ନୁହେଁ ବିଭିନ୍ନ ବଡ଼ବଡ଼ ଅଫିସ ବା ବହୁ ତାଲା ବିଶିଷ୍ଟ କୋଠାମାନଙ୍କରେ ଇଣ୍ଟେରିୟର ଡିଜାଇନ୍ କାମରେ ମଧ୍ୟ କମ୍ ମୂଲ୍ୟରେ ମିସ୍ତ୍ରୀ ଓ ବଢେଇ ଭାବେ ନିୟୋଜିତ ହୋଇଛନ୍ତି। ପ୍ଲାଏ ଓ ଇଣ୍ଟେରିୟର ଡିଜାଇନ ,ପୁଟି ରଙ୍ଗ କାମ ଭଳି କଣ୍ଟ୍ରାକ୍ଟରଙ୍କ ପାଖରେ କାମ କରୁଛନ୍ତି। ବାଂଲାଦେଶୀ ଅନୁପ୍ରବେଶକାରୀ ଯୁବକଯୁବତୀମାନେ ବିଭିନ୍ନ ସ୍ପା, ହୋଟେଲ, ଡ୍ୟାନ୍ସ ବାରରେ ମଧ୍ୟ ଲୁଚିଛପି ବେଆଇନ୍ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏମିତିକି ଏମାନେ ଭୋଟର ପରିଚୟ ପତ୍ର ରାସନ କାର୍ଡ ଓ ଆଧାର କାର୍ଡ ଆଦି ହାତେଇ କରିସାରିଲେଣି।ଏହା ସହିତ ବିଭିନ୍ନ କବାଡିଆ ଦୋକାନ ଓ ଗାଡି ଗାରେଜ୍, ମେକାନିକ ସପ୍ ମାନଙ୍କରେ ମଧ୍ୟ ସେମାନେ କାମ କରୁଛନ୍ତି। ପୂର୍ବାଞ୍ଚଳର ବିଭିନ୍ନ ରାଜ୍ୟରେ ଅନୁପ୍ରବେଶକାରୀ ବାଂଲାଦେଶୀମାନଙ୍କର ପ୍ରାଦୁର୍ଭାବ ବହୁମାତ୍ରାରେ ବଢିଯାଇଛି। ପଶ୍ଚିମବଙ୍ଗ, ଓଡିଶା, ଝାଡଖଣ୍ଡ, ବିହାର, ଆସାମ ସମେତ ଅନ୍ୟସମସ୍ତ ଉତ୍ତର ପୂର୍ବ ରାଜ୍ୟରେ ମଧ୍ୟ ପତିଆରା ଜାହିର କଲେଣି। ଏମାନେ କେବଳ ଲୋକଙ୍କ ରୋଜଗାରକୁ କବ୍‌ଜା କରିନାହାନ୍ତି, ରୋଜଗାର କରିବା ଆଳରେ ଭିନ୍ନ ଭିନ୍ନ ଅସମାଜିକ କାର୍ଯ୍ୟରେ ମଧ୍ୟ ଲିପ୍ତ ରହୁଛନ୍ତି। ଅନୁପ୍ରବେଶକାରୀମାନେ ସ୍ଥାନୀୟ ଲୋକଙ୍କ ରୋଜଗାର ଠପ୍ କରୁଥିବା ବେଳେ ସାଧାରଣରେ ଅସାମାଜିକ କାର୍ଯ୍ୟରେ ବି ଲିପ୍ତ ରହୁଛନ୍ତି। ଚୋରି ଠୁ ଆରମ୍ଭ କରି ମହିଳାମାନଙ୍କ ଉପରେ ଖରାପ ଦୃଷ୍ଟି ରଖି ଅସଦାଚରଣ ମଧ୍ୟ କରୁଛନ୍ତି। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏକତାର ଭାବ ହଜିଯାଉଥିବାରୁ ଏମାନେ ସକ୍ରିୟ ହୋଇଯାଉଛନ୍ତି। ବାହାରୁ ଲୋକେ ଆସି କାର୍ଯ୍ୟ କଲେ ନିଶ୍ଚିତ ଭାବରେ ସ୍ଥାନୀୟ ଅଞ୍ଚଳରେ ବେକାରୀ ସମସ୍ୟା ସୃଷ୍ଟି ହେବ। ଆମ ରାଜ୍ୟର ପ୍ରାୟ ସବୁ ଜିଲ୍ଲାରେ କୁଶଳୀ ଅଣକୁଶଳୀ ଶ୍ରମିକ ଭାବରେ ବେଶ୍ ଆଡ୍ଡା ଜମାଇଛନ୍ତି ଅନୁପ୍ରବେଶକାରୀ। ଏମାନେ ବେଆଇନ ଅନୁପ୍ରବେଶ କରୁଥିବାରୁ ସରକାରୀସ୍ତରରେ ରୋକ ଲଗାଯିବା ଆବଶ୍ୟକ। ସରକାର ନୀତିଗତ ନିଷ୍ପତ୍ତି ନେବାରେ ଅହେତୁକ ବିଳମ୍ବ କରୁଥିବା କାରଣରୁ ବୋଧେ ଆମ ରାଜ୍ୟରେ କୁଶଳୀ ଶ୍ରମିକର ଅଭାବ ଦେଖାଦେଇଛି। ବିଗତ ସରକାର ତ ଅନୁପ୍ରବେଶକାରୀମାନଙ୍କ ଉପରେ କୌଣସି ଆଖିଦୃଶିଆ ପଦକ୍ଷେପ ନ ନେବା ଯୋଗୁଁ ଅନେକ ବ୍ୟାପକ ବୃଦ୍ଧି ପାଇଛି ଏମାନଙ୍କର କାର୍ଯ୍ୟକଳାପ। ଯେପର୍ଯ୍ୟନ୍ତ ଅନୁପ୍ରବେଶକାରୀଙ୍କ ଉପରେ ରୋକ୍ ଲଗାନଯିବ ସେତେ ପର୍ଯ୍ୟନ୍ତ ରାଜ୍ୟରେ ସ୍ଥାନୀୟ ବାସିନ୍ଦା କୁଶଳୀ ହେବାକୁ କୁଣ୍ଠାବୋଧ କରିବେ। ତତ୍‌ସହିତ ସ୍ଥାନୀୟ ଅଞ୍ଚଳରେ ଦାରିଦ୍ର୍ୟତା ବଢିବାରେ ଲାଗିବ,କାରଣ ରୋଜଗାର ତ ସବୁ ଅନୁପ୍ରବେଶକାରୀ ନିକଟକୁ ଯାଉଛି। ଏହା ଆଗାମୀ ଦିନରେ ରାଜ୍ୟ ପ୍ରତି ଘୋର ବିପଦ ସୃଷ୍ଟି କରିବାର ଆଶଙ୍କା ରହୁଛି। ଅନୁପ୍ରବେଶକାରୀମାନଙ୍କର ସୁଅ ଏଭଳି ଛୁଟି ଚାଲିଲେ ଆମର ରାଜ୍ୟବାସୀ ହାତଗୋଡ ବାନ୍ଧି ଅଳସୁଆ ହୋଇଯିବେ। ନିଜେ ସ୍ୱାବଲମ୍ବୀ ହେବା ତ ଦୂରର କଥା କାର୍ଯ୍ୟ ଦକ୍ଷତା ସ୍ଥାଣୁ ହୋଇଯିବ।



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ବ୍ରହ୍ମପୁରରେ ବାଇକ ପାଟ୍ରୋଲିଂ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଆଜି ବ୍ରହ୍ମପୁର ଅରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଠାରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ସହରରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ଏବଂ ଲୋକଙ୍କ ସୁରକ୍ଷା ବୃଦ୍ଧି ପାଇଁ ପୋଲିସ୍ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସାଇରନ୍, ମେଗାଫୋନ୍ ଏବଂ ବ୍ଲିଙ୍କର୍ ସହ ସଜ୍ଜିତ ୧୫ଟି ଦୁଇ ଚକିଆ ଯାନର ଶୁଭାରମ୍ଭ ହୋଇଛି। ଟ୍ରାଫିକ ଥାନା ପାଇଁ ୫ଟି ନିୟୋଜିତ କରାଯାଇଥିବା ବେଳେ ଟାଉନ, ଗୋଶାଣିନୂଆଗାଁ, ବୈଦ୍ୟନାଥପୁର, ବଡ ବଜାର, ନିମଖଣ୍ଡି ଭଳି ଥାନାକୁ ୨ଟି ଲେଖାଏଁ ବାଇକ ଆବଣ୍ଟିତ କରାଯାଇଛି। ଏହି ବାଇକ ପେଟ୍ରୋଲିଂ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଧ୍ୟାନ ଟ୍ରାଫିକ ନିୟନ୍ତ୍ରଣ ଓ ଜରୁରୀକାଳୀନ ମୁକାବିଲା ଉପରେ ରହିବ। ବାଇକରେ ପେଟ୍ରୋଲିଂ କରିବା ଦ୍ୱାରା ଟ୍ରାଫିକ ଭିଡ଼ ସ୍ଥାନ ଏବଂ ଦୁର୍ଘଟଣାସ୍ଥଳ ସହ ଚାରି ଚକିଆ ଯାନ ପ୍ରବେଶ କରିପାରୁନଥିବା ସ୍ଥଳକୁ ପୋଲିସ୍ କର୍ମଚାରୀ କମ୍ ସମୟରେ ପହଁଚିପାରିବେ। ଆଗକୁ ଅନ୍ୟ ଥାନା ମାନଙ୍କୁ ପ୍ରତ୍ୟେକ ଦୁଇଟି ଲେଖାଏଁ ପାଟ୍ରୋଲିଂ ବାଇକ ଯୋଗାଇ ଦିଆଯିବ ବୋଲି ପୋଲିସ୍ ପକ୍ଷରୁ କୁହାଯାଇଛି। ବ୍ରହ୍ମପୁର ଏସପି ସର୍ବଣା ବିବେକ୍ ଏମ୍, ଅତିରିକ୍ତ ଏସପି ଏବଂ ଡ଼ିଏସପି(ଡ଼ିପିଓ), ଟାଉନ ଓ ସଦର ଏସଡିପିଓ ସମେତ ବିଭିନ୍ନ ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ପାଣି ଘେରରେ କେରଡ଼ାଗଡ଼ ଜଗନ୍ନାଥଙ୍କ ବଡ଼ଦାଣ୍ଡ


# ବିନା ଡଙ୍ଗା ସାହାଯ୍ୟରେ ହସ୍ପିଟାଲ ଓ ସ୍କୁଲ ଯିବା ମନା



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ କେରଡା ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ବଡ଼ଦାଣ୍ଡରେ ଏବେ ଆରଡ଼ି ବିଭାଗର ଦୟାରୁ ଜନକଲ୍ୟାଣ ପାଇଁ ବର୍ଷାଜଳରେ ବନ୍ୟା ସୃଷ୍ଟି କରିବା ସୌଭାଗ୍ୟ ଅର୍ଜନ କରିପାରିଛି। ଏଭଳି ଉପକାରକୁ କେରଡ଼ାଗଡ଼ ସମେତ ଆଖପାଖ ଅଞ୍ଚଳର ଲୋକମାନେ ଭୁଲିପାରୁ ନପାରି ପ୍ରଶଂସା କରି ରହିପାରୁ ନାହାଁନ୍ତି। ବିଭାଗୀୟ ଅଧିକାରୀ, ଠିକାଦାର, ବିଧାୟକ ଓ ସ୍ଥାନୀୟ ନେତାଙ୍କ ସମେତ ବିଜେଡି ସରକାରକୁ ଏହି ପାଣିରେ ପଶି ରାସ୍ତା ପାରି ହେଉଥିବା ଲୋକମାନେ ମନେପକାଇ ତାଙ୍କ ଜନକଲ୍ୟାଣ କାର୍ଯ୍ୟକୁ ତାରିଫ କରିଛନ୍ତି । ଏଠାରେ ପୋଖରୀ ସଦୃଶ୍ୟ ହୋଇଥିବା ରାସ୍ତାରେ ଆଣ୍ଠୁଏ ପାଣିରେ ପଶି ହସ୍ପିଟାଲ, ସ୍କୁଲ କଲେଜ, ମାର୍କେଟ, ବ୍ଲକ, ତହସିଲି, ଥାନାକୁ ଦୟନୀୟ ଅବସ୍ଥାରେ ଯାତାୟତ କରୁଛନ୍ତି କେରଡ଼ାଗଡ଼ ସଦରମହକୁମା ସମେତ ଆଖପାଖ ଅଞ୍ଚଳର ଏହି ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମବାସୀ ହେଲେ ଏତେବଡ଼ ଅସୁବିଧାର ସମ୍ମୁଖୀନ ହେଉଥିବା ଜନସାଧାରଣଙ୍କ ପାଇଁ କୌଣସି ନେତା କି ବିଧାୟକ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ନିଘା ନାହିଁ। ଏହି ବିଭାଗର କାର୍ଯ୍ୟ ଯେମିତି ବର୍ଷାରେ ପିଚୁ ଉଠୁଛି । ସେହିପରି ଚନ୍ଦନପୁର, କେରଡ଼ାଗଡ଼, ଗୁପ୍ତି ପଞ୍ଚାୟତର ବନବିହାରୀପୁର ଗାଁ ଭିତରେ ବର୍ଷା ଜଳରେ ବନ୍ୟା ସୃଷ୍ଟି ହେଉଛି । କେରଡ଼ାଗଡ଼ ବଡ଼ଦାଣ୍ଡରେ ସୃଷ୍ଟି ହୋଇଥିବା ବନ୍ୟା ପାଣିରେ ଦୟନୀୟ ଅବସ୍ଥାରେ ଜଣେ ଦିବ୍ୟାଙ୍ଗ ଗାଡିରେ ପାରହୋଇ ଦୁଃଖର ସହ କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣ କରୁଥିବା ଏହି ରାସ୍ତାକୁ ଅଧିକ କଂକ୍ରିଟ ଦେଇ ସମାନ କରିବାକୁ କୁହାଯାଇଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ନିରବ ରହିଥିବା ବେଳେ ଠିକାଦାର ରୋକ୍ ଠୋକ୍ ମନାକରି ଦେଇଥିଲେ। ସେମାନେ କହିଥିଲେ ନେତା ଅଫିସର ସମସ୍ତଙ୍କୁ ଦେଲାପରେ ଆମକୁ କେତେ ମିଳିଯିବ ଯେ ଆମେ ଅଧିକ କଂକ୍ରିଟ ଦେଇ ଉଚ୍ଚା କରିବୁ। ଆରଡି ବିଭାଗର ଚନ୍ଦନପୁରରୁ କେରଡ଼ାଗଡ଼ ପର୍ଯ୍ୟନ୍ତ ହୋଇଥିବା ସିସିରାସ୍ତା ନିମ୍ନମାନର ହୋଇ ଗୋଡି ଦିଶୁଥିବା ବେଳେ ଗାଁ ମାନଙ୍କରେ ଖାଲ କରି ବର୍ଷା ହେଲେ ବନ୍ୟା ସୃଷ୍ଟି ହୋଇଯାଉଛି। ଠିକାଦାର, ଯନ୍ତ୍ରୀ, ନେତା ଅର୍ଥ ଲୁଟି ଖାଇଲେ ଲୋକମାନଙ୍କ ପାଇଁ ରାସ୍ତାରେ ପୋଖରୀ କରିଲେ। ଯଦି ପ୍ରଶାସନ ଲୋକଙ୍କ କଲ୍ୟାଣ ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ପମ୍ପ ଦ୍ୱାରା ଜଳକୁ ଅସ୍ଥାୟୀ ଭାବେ ନିଷ୍କାସନ କରିବା ସହ ଜଳ ନିଷ୍କାସନ ପାଇଁ କେନାଲର ସ୍ଥାୟୀ ବ୍ୟବସ୍ଥା କରିବାକୁ ଲୋକମାନେ ଦାବି କରିଛନ୍ତି। ଏହା ଯଦି କରାନଯାଏ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦିଆଯାଉ ଗ୍ରାମ୍ୟ ଉନ୍ନୟନ ବିଭାଗର ସହଯୋଗରେ ଡଙ୍ଗା ପକାଯାଇ ଲୋକଙ୍କୁ ପାର କରା ଯିବାକୁ ବହୁ ଗ୍ରାମବାସୀ ଦାବି କରିଛନ୍ତି।

### ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

# ରାଷ୍ଟ୍ରପତିଙ୍କଠାରୁ ସ୍ୱର୍ଣ୍ଣପଦକ ଗ୍ରହଣ କଲେ ଆଞ୍ଜେଲିନା



ପାରାଦୀପ(ଭାସ୍କର ନ୍ୟୁଜ): ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ ତମ ସମାବର୍ତ୍ତନ ଉତ୍ସବରେ ପାରାଦ୍ୱୀପର ଝିଅ କୁମାରି ଆଲେଷା ଆଞ୍ଜୋଲିନା ପ୍ରାଣୀ ବିଜ୍ଞାନ ବିଭାଗରେ ସାରା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ଆଲେଷା ଜଣେ ମେଧାବୀ ଛାତ୍ରୀ, ସେ ତାଙ୍କର ଛାତ୍ରୀ ଜୀବନ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବେଥାନି କନଭେଣ୍ଟ ସ୍କୁଲ ଓ ଦ୍ୱାଦଶ ଶ୍ରେଣୀ ପିପିଏଲ୍ ଡିଏଭି ସ୍କୁଲରୁ ପାଠପଢା ଶେଷ କରି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବର୍ଷ ୨୦୨୩ ପାଇଁ ଜୀବ ବିଜ୍ଞାନ ସ୍ନାତକ ସମ୍ମାନରେ ପ୍ରଥମ ସ୍ଥାନ ହାସଲ କରି ଏହି ସ୍ୱର୍ଣ୍ଣ ପଦକ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ତାଙ୍କର ପିତା ବିନୋଦ ବିହାରୀ ମହାନ୍ତି ଜୀବନ ବିମା ନିଗମରେ କାର୍ଯ୍ୟ କରନ୍ତି ଓ ମାତା ସ୍ୱାତୀ ସୁଚରିତା ମହାନ୍ତି ଜଣେ ଗୃହିଣୀ। ଆଲେଷା ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ରୀ ଥିଲେ ଓ ସେ ପାରାଦ୍ୱୀପ ବନ୍ଦର ଦ୍ୱାରା ପରିଚାଳିତ ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ପୂର୍ବତନ ବିଜ୍ଞାନ ଓ ଗଣିତ ଶିକ୍ଷକ ବିଭୂତି ଭୂଷଣ ମହାନ୍ତିଙ୍କ ନାତୁଣୀ । ତାଙ୍କର ଏହି କୃତିତ୍ୱ ପାଇଁ ପରିବାରବର୍ଗ ତଥା ଉଭୟ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ପାରାଦ୍ୱୀପର ଅନେକ ଅନୁଷ୍ଠାନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । କୁମାରୀ ଆଲେଷା ବର୍ତ୍ତମାନ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶେଷବର୍ଷର ଛାତ୍ରୀ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଏହି ୧୩ ତମ ସମାବର୍ତ୍ତନ ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତଥା ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଚାକିରି ଆଳରେ ୬୨.୫ ଲକ୍ଷ ଠକେଇ

# ମହିଳା ଗିରଫ, ସ୍ୱାମୀ ଫେରାର୍



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ରେଳବାଇରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଏକାଧିକ ଆଶାୟୀଙ୍କୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ସଦର ଥାନା ପୁଲିସ ଭୁବନେଶ୍ୱରରୁ ଜଣେ ନାରୀନେତ୍ରୀଙ୍କୁ ଗିରଫ କରିଛି । ସେ ହେଲେ, ଯାଜପୁର ଜିଲ୍ଲା ବରି ରାମଚନ୍ଦ୍ରପୁର ବନ୍ଧପାଟଣାର ଶୁଭଲକ୍ଷ୍ମୀ ରାଉତ ଓରଫ ନାୟକ(୨୮) । ପୁଲିସ ତାଙ୍କଠାରୁ ଦୁଇଟି ପାସବୁକ୍ ଜବତ କରିଛି । ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଶୁଭଲକ୍ଷ୍ମୀଙ୍କ ସ୍ୱାମୀ ସମରଜିତ ରାଉତ ଓରଫ ବସନ୍ତ ସିଂହ ଫେରାର୍ ହୋଇଯାଇଛନ୍ତି । ପୂର୍ବରୁ ଏହି ମାମଲାରେ ମାଷ୍ଟରମାଇଣ୍ଡ ତଥା କୁକୁଡାଖଣ୍ଡି ଗ୍ରାମ ଶାନ୍ତିନଗରର ଏ. ବିଘ୍ନେଶ୍ୱର ରାଓ ଡୋରା ଗିରଫ ହୋଇଥିଲେ । ଆଜି ଶୁଭଲକ୍ଷ୍ମୀଙ୍କୁ ମିଶାଇ ଏହି ଠକେଇ ମାମଲାରେ ଗିରଫ ସଂଖ୍ୟା ୨କୁ ବୃଦ୍ଧି ପାଇଛି । ୨୦୨୩ ମସିହାରେ ଠକେଇ ହୋଇଥିଲା । ପାଟପୁର ଥାନା ଅନ୍ତର୍ଗତ କଂସାମାରି ଗ୍ରାମର ଏସ୍. କୃଷ୍ଣଚନ୍ଦ୍ର ଡୋରା(୩୨) ଓ ତାଙ୍କର କିଛି ବନ୍ଧୁ ଚାକିରି ସନ୍ଧାନରେ ଥିଲେ । ଏ. ବିଘ୍ନେଶ୍ୱର ରାଓ ତାଙ୍କ ସେମାନଙ୍କୁ ରେଳ ବିଭାଗରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ । ଏଥିପାଇଁ ପ୍ରତ୍ୟେକଙ୍କୁ ୧୨ଲକ୍ଷ ୫୦ହଜାର ଲେଖାଏଁ ଦେବାକୁ ପଡ଼ିବ ବୋଲି କହିଥିଲେ । କିଛି ଦିନ ପରେ ବିଘ୍ନେଶ୍ୱର ଅଭିଯୋଗକାରୀ କୃଷ୍ଣ ଏବଂ ତାଙ୍କ ବନ୍ଧୁଙ୍କୁ ଭୁବନେଶ୍ୱର ନେଇ ସମରଜିତ ରାଉତ ଓରଫ ବସନ୍ତ ସିଂହ ଏବଂ ତାଙ୍କ ପତ୍ନୀ ଶୁଭଲକ୍ଷ୍ମୀ ରାଉତଙ୍କ ସହ ପରିଚୟ କରାଇଥିଲେ । ବସନ୍ତ ନିଜକୁ ରେଳବାଇର ସ୍କାଉଟ୍ ଏବଂ ଗାଇଡ୍‌ରେ ଟିଟିଇ ଭାବେ କାର୍ଯ୍ୟରତ ବୋଲି କହିବା ସହ ସେ ବିଭିନ୍ନ ବ୍ୟକ୍ତିଙ୍କ ନିଯୁକ୍ତିପତ୍ର ଦେଖାଇ ସେମାନଙ୍କ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥିଲେ। ଏପରିକି ପୂର୍ବତଟ ରେଳବାଇ ଜିଏମ୍ ଓ ଅନ୍ୟ ଉଚ୍ଚ ଅଧିକାରୀଙ୍କ ଭିନ୍ନଭିନ୍ନ ଫଟୋ ଦେଖାଇଥିଲେ । ପରେ ଏହି ଦମ୍ପତି ଭୁବନେଶ୍ୱରର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବିଘ୍ନେଶ୍ୱରଙ୍କ ମାଧ୍ୟମରେ କୃଷ୍ଣଙ୍କ ସମେତ ୫ଜଣ ଚାକିରି ଆଶାୟୀଙ୍କଠାରୁ ୧୨ଲକ୍ଷ ୫୦ହଜାର ଟଙ୍କା ଲେଖାଏଁ ମୋଟ ୬୨ଲକ୍ଷ ୫୦ହଜାର ଟଙ୍କା ନେଇଥିଲେ । ଟଙ୍କା ନେବା ପରେ ଡାକ ମାଧ୍ୟମରେ ନିଯୁକ୍ତିପତ୍ର ମଧ୍ୟ ଦେଇଥିଲେ। ପରବର୍ତ୍ତୀ ସମୟରେ ତାହା ନକଲି ଜଣାପଡ଼ିବା ପରେ କୃଷ୍ଣ ସଦର ଥାନାରେ ଅଭିଯୋଗ କରିଥିଲେ। ଘଟଣାରେ ପୋଲିସ୍ ବିଘ୍ନେଶ୍ୱରଙ୍କୁ ଗିରଫ କରିଥିଲା । ସଦର ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି କଳିଙ୍ଗ ବିହାରରୁ ଶୁଭଲକ୍ଷ୍ମୀଙ୍କୁ ଗିରଫ କରିଛି।

# ସରିଲା ବାୟୁ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଉପରେ ମିନି ସମ୍ମିଳନୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସ୍ୱିଡେନର ଗୋଥେନବର୍ଗ ବିଶ୍ୱବିଦ୍ୟାଳୟ, ଆଇଏମ୍ଏମ୍ଟି ଭୁବନେଶ୍ୱର, ଆଇଆଇଟି କାନପୁର ଏବଂ ଆଇଆଇଟି ଦିଲ୍ଲୀ ସହଯୋଗରେ, ଭୁବନେଶ୍ୱରର ବିଳାସପୂର୍ଣ୍ଣ ସ୍ୱସ୍ତି ପ୍ରିମିୟରରେ ବାୟୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଏହାର ଅନ୍ତର୍ଜାତୀୟ ମିନି ସମ୍ମିଳନୀ ସିରିଜ୍ ୨୦୨୫ର ପ୍ରଥମ ଦିନ ସଫଳତାର ସହିତ ସମାପ୍ତ କରିଛି । ଡକ୍ଟର ରବିକାନ୍ତ ପାଠକ (ପ୍ରଫେସର, ଗୋଥେନବର୍ଗ ବିଶ୍ୱବିଦ୍ୟାଳୟ) ଏବଂ ଡକ୍ଟର ତୃପ୍ତି ଦାସ (ଆଇଏମ୍ଏମ୍ଟି ଭୁବନେଶ୍ୱର)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀ ୧୦୦+ ଅଂଶଗ୍ରହଣକାରୀଙ୍କୁ ଏକତ୍ରିତ କରିଥିଲା, ଯେଉଁଥିରେ ପ୍ରସିଦ୍ଧ ଶିକ୍ଷାବିତ୍, ଶିଳ୍ପ ନେତା, ନୀତି ନିର୍ଦ୍ଧାରକ ଏବଂ ପରିବେଶ କର୍ମୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ବାୟୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରମୁଖ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବା ପାଇଁ ସର୍ବଶେଷ ଗବେଷଣା, ଅଭିନବ ପ୍ରଯୁକ୍ତିବିଦ୍ୟା ଏବଂ ନୀତି ଢାଞ୍ଚା ଉପରେ ଆଲୋଚନା କରିବା ପାଇଁ ଏକ ଗତିଶୀଳ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା। ଓଡ଼ିଶା ପାଇଁ କ୍ଷେତ୍ର-ନିର୍ଦ୍ଦିଷ୍ଟ ସମାଧାନ ଉପରେ ବିଶେଷ ଧ୍ୟାନଦେଇ ବାୟୁ ଗୁଣବତ୍ତା ମନିଟରିଂ, ନିର୍ଗମନ ନିୟନ୍ତ୍ରଣ ରଣନୀତି ଏବଂ ସ୍ଥାୟୀ ସହରାଞ୍ଚଳ ଯୋଜନା ଉପରେ ଗଭୀର ଉପସ୍ଥାପନା କରାଯାଇଥିଲା । ଅନ୍ତର୍ଜାତୀୟ ବିଶେଷଜ୍ଞ ଏବଂ ସ୍ଥାନୀୟ ଅଂଶୀଦାରଙ୍କ ମଧ୍ୟରେ ଜ୍ଞାନ ଆଦାନ ପ୍ରଦାନକୁ ଉତ୍ସାହିତ କରିଥିଲା । ଏହି ଅବସରରେ ଡକ୍ଟର ପାଠକ ଆଲୋକପାତ କରିଥିଲେ । ଏହି ମିନି-କନଫରେନ୍ସ ସିରିଜ୍ ସ୍ୱଚ୍ଛ ବାୟୁ ଏବଂ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଅନ୍ତର୍ଜାତୀୟ ସହଯୋଗକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଡକ୍ଟର ଦାସ ଆହୁରି ମଧ୍ୟ କହିଥିଲେ ଯେ, ଏଠାରେ ପ୍ରାପ୍ତ ଅନ୍ତର୍ଦୃଷ୍ଟି ଓଡ଼ିଶା ଏବଂ ବାହାର ପାଇଁ କାର୍ଯ୍ୟକ୍ଷମ ରଣନୀତି ବିକାଶ କରିବାରେ ସିଧାସଳଖ ଯୋଗଦାନ ଦେବ। ଅନ୍ତର୍ଜାତୀୟ ମିନି ସମ୍ମିଳନୀ ସିରିଜ୍ ୨୦୨୫ ବିଭିନ୍ନ ବିଶ୍ୱ ସ୍ଥାନରେ ଆଗାମୀ ସଂସ୍କରଣ ସହିତ ଜାରି ରହିବ, ଯାହା ପରିବେଶଗତ ସ୍ଥିରତା ଉପରେ ଆଲୋଚନାକୁ ଆହୁରି ମଜବୁତ କରିବ।

# ନିମାପଡ଼ାରେ ଅବାଧରେ ଚାଲିଛି ଜୁଆ ଖେଳ, କାର୍ଯ୍ୟାନୁଷ୍ଠାନ ଶୂନ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଜୁଆ ଖେଳ କୁଟୀର ଶିଳ୍ପରେ ପରିଣତ ହୋଇଛି । ସକାଳୁ ଆରମ୍ଭକରି ରାତ୍ର ପର୍ଯ୍ୟନ୍ତ ଚାଲିଛି ଜୁଆ ଖେଳ । କେତେକ ଦଣ୍ଡିଆ ଏହି ଜୁଆ ଖେଳରେ ମଧ୍ୟସ୍ଥି ସାଜି ପକେଟ୍ ଗରମ କରୁଥିବା ଜଣାପଡ଼ିଛି । ଅନେକ ବ୍ୟକ୍ତି ଜୁଆ ଖେଳି ଟଙ୍କା ହାରିବା ସହ ଘରେ ନିଜ ପତ୍ନୀ ଓ ପିଲାଙ୍କୁ ମାଡ଼ ମାରିବା ସହ ଘରର ଆସବାବପତ୍ର ବିକ୍ରି କରି ଜୁଆ ଖେଳୁଛନ୍ତି । କୁଶଭଦ୍ରା ନଦୀ ଭିତରେ ଥିବା ଏକ ବରଗଛ ଉପରେ ମଞ୍ଚା ବନ୍ଧାଯାଇ ଲୁଚାଳି ଜୁଆ ଖେଳୁଛନ୍ତି । ଚାରିଛକରେ ମଧ୍ୟ ଜୁଆର ବହୁଳ ପ୍ରସାର ହେଉଥିବା ଜଣାପଡ଼ିଛି । ଗତ କିଛିଦିନ ତଳେ ନିମାପଡ଼ା ପୋଲିସ ଚଢ଼ଉ କରି ୧୧ ଜୁଆଡ଼ିଙ୍କୁ କୋର୍ଟ ଚାଲାଣ କରିଥିଲା । ସେହି ସମୟରେ ଜୁଆଡ଼ିମାନେ ପୋଲିସ ଉପରକୁ ଟେକା ପଥର ମାଡ଼ କରିଥିଲେ । ବର୍ତ୍ତମାନ ଜୁଆଡ଼ିଙ୍କ ପ୍ରାଦୁର୍ଭାବ ବେଶ୍‌କୁ ବେଶ୍ ବଢ଼ି ଚାଲିଛି । ସୂଚନା ଅନୁଯାୟୀ, ନିମାପଡ଼ାରେ ଜୁଆଖେଳ ଏକାଧିକ ସ୍ଥାନରେ ଚାଲିଛି । କେତେକ ପ୍ରଭାବଶାଳୀ ବ୍ୟକ୍ତି ସଂପୃକ୍ତ ରହି ଖେଳିବା ପାଇଁ ପ୍ରୋତ୍ସାହନ ଦେଉଥିବା ଘଟଣା ବିଶେଷ ସୂତ୍ରରୁ ଜଣାପଡ଼ିଛି । ତୁରନ୍ତ ଜୁଆ ଖେଳ ବନ୍ଦ କରିବାକୁ ନିମାପଡ଼ାର ସଚେତନ ନାଗରିକ ଦାବି କରିଛନ୍ତି ।

# ୫ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କଲା ବ୍ୟାସ୍ ଫାଉଣ୍ଡେସନ୍




ପାରାଦୀପ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାର ଏକମାତ୍ର ସାମାଜିକ ଓ ଆଧ୍ୟାତ୍ମିକ ସଂଗଠନ ବ୍ୟାସ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ତାର ଉଦାର ପଣ ଓ ନିଃସ୍ୱାର୍ଥପର ସମାଜ କଲ୍ୟାଣ କାର୍ଯ୍ୟ ନିମନ୍ତେ ଜିଲ୍ଲାରେ ନିଜର ପରିଚୟକୁ ସୁଦୃଢ଼ କରିପାରିଛି । ବିଶେଷକରି ସଂଗଠନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ରାସ୍ତା ପତିତ ମାନସିକ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ପ୍ରତି ଏକ ସ୍ୱତନ୍ତ୍ର ଅନୁକମ୍ପା ଓ ଆନ୍ତରିକତା ରହିଛି । ଦୀର୍ଘ ଦିନ ହେବ ପାରାଦୀପରୁ କଟକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରୁ ସମସ୍ତଙ୍କ ପାଇଁ ଅବାଞ୍ଛିତ ଓ ଅଲୋଡ଼ା ଏହି ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ନିଜସ୍ୱ ଉଦ୍ୟମ ଓ ଖର୍ଚ୍ଚରେ ଉଦ୍ଧାର ଏବଂ ଚିକିତ୍ସା କରି ନୀଳାଚଳ ସେବା ପ୍ରତିଷ୍ଠାନ ପୁରୀର କଣାସରେ ଥଇଥାନ କରି ଆସୁଛନ୍ତି । ଜିଲ୍ଲା ପ୍ରଶାସନ ବିଶେଷ କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପ୍ରଶାସନିକ ସାହାଯ୍ୟକୁ ସମ୍ବଳ କରି ଏଭଳି କାର୍ଯ୍ୟରେ ଅପୂରନ୍ତ ଆନନ୍ଦ ପାଇଛନ୍ତି ଶ୍ରୀମତୀ ଆଚାର୍ଯ୍ୟ । ନାନା ବାଧା ପ୍ରତିବନ୍ଧକ ମଧ୍ୟରେ ନିଜ ସଙ୍କଳ୍ପରୁ ଓହରି ନାହାନ୍ତି ସଂଗଠନର ଅଧ୍ୟକ୍ଷା । ଗତ ସୋମବାର କୁଜଙ୍ଗ ଓ ତତ୍ ସଂଲଗ୍ନ ଅଞ୍ଚଳରୁ ମାତ୍ରାଧିକ ମାନସିକ ସ୍ଥିତି ବିଗିଡି ଯାଇଥିବା ବିଭିନ୍ନ ସମୟରେ ସେହି ଅଞ୍ଚଳରେ ନାନା ଅପ୍ରୀତିକର ଘଟଣା ଘଟାଉଥିବା ୫ଜଣ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କରି ସାମୟିକ ଚିକିତ୍ସା ପରେ ସଂଗଠନର ସଭାପତି ଡ. ସିଦ୍ଧେଶ୍ୱର ପଣ୍ଡାଙ୍କ ସହାୟତାରେ ନୀଳାଚଳ ସେବା ପ୍ରତିଷ୍ଠାନ କଣାସରେ ଥଇଥାନ କରାଯାଇଥିଲା ।

### ଝିଙ୍କିରପୁର ଗ୍ରାମ୍ୟ ଜଳଯୋଗାଣ ବିଭାଗ କର୍ମଚାରୀଙ୍କ ଚଉକି ମୋହ

# ତିନି ଦଶନ୍ଧି ଧରି ଗୋଟିଏ ଜାଗାରେ, ବଦଳି ହେଉନି

ଝିଙ୍କିରପୁର(ଭାସ୍କର ନ୍ୟୁଜ): ଚାକିରି କଲେ ଅଧିକାଂଶ କ୍ଷେତ୍ରରେ ବଦଳି ରହିଛି। ମାତ୍ର କେତେକ କର୍ମଚାରୀ ଉପରିସ୍ଥ ଅଧିକାରୀ, ରାଜନେତାଙ୍କୁ ତୁଷ୍ଟ କରି ଗୋଟିଏ ଗୋଟିଏ ଜାଗାରେ ୨୫ରୁ ୩୦ ବର୍ଷ ଧରି କାର୍ଯ୍ୟ କରୁଛନ୍ତି। ସେମାନଙ୍କ ବଦଳି କରିବାକୁ ସାହସ କରନ୍ତି ନାହିଁ ବିଭାଗୀୟ ଉଚ୍ଚ ଅଧିକାରୀ । ଫଳରେ ସଂପୃକ୍ତ କର୍ମଚାରୀ ନିଜ କାମ ପଛ କରି ଲାଭଜନକ କାମରେ ନିଜକୁ ନିୟୋଜିତ କରି ମୋଟା ଅଙ୍କର ଅର୍ଥ ରୋଜଗାର କରନ୍ତି। ଝିଙ୍କିରପୁର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରେ ଯଶୋବନ୍ତ ଧଳ ଦୀର୍ଘ ୨୫ ବର୍ଷ ହେଲା କାର୍ଯ୍ୟ କରିଆସୁଛନ୍ତି । ସେ ସ୍ଥାନୀୟ ବାସିନ୍ଦା। ତାଙ୍କ କାମ କାର୍ଯ୍ୟାଳୟରେ । ମାତ୍ର ସେ ମହାଶୟ ନଳକୂପ ବସାଇବା ଓ ମରାମତି ପାଇଁ ଆସୁଥିବା ଯନ୍ତ୍ରାଂଶ ବାହାରେ ବିକ୍ରି କରି ବେଶ୍ ଦୁଇ ପଇସା ରୋଜଗାର କରିଛନ୍ତି। ଗ୍ରାମ ପଞ୍ଚାୟତ ନଳକୂପ ମରାମତି ଦାୟିତ୍ୱ ନେବା ପରେ ଧଳବାବୁ ଠିକା କାମରେ ବ୍ୟସ୍ତ। ନଳକୂପ ସ୍ଥାପନ କରି ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ଅଭିଯୋଗ ହେଉଛି। ୨୫ ବର୍ଷରୁ ଅଧିକ ସମୟ ଗୋଟିଏ ଜାଗାରେ ରହି କାମ କରୁଥିଲେ ମଧ୍ୟ ତାଙ୍କର ଅନ୍ୟତ୍ର ବଦଳି ହେଉନି। କରିତକର୍ମା କର୍ମଚାରୀ ତଲୁ ଉପର ସମସ୍ତ ଅଧିକାରୀ ରାଜନେତାଙ୍କୁ ହାତବାରିଶିକରି ଆସ୍ଥାନ ଜମାଇ ବସିଛନ୍ତି। କାର୍ଯ୍ୟାଳୟରେ କାମ କରିବା ପରିବର୍ତ୍ତେ ସେ ବିଭିନ୍ନ ପଞ୍ଚାୟତ ବୁଲି ଠିକା କାମ କରିବାରେ ବ୍ୟସ୍ତ। ଏ ସଂପର୍କରେ ବିଭାଗୀୟ ଏସଡିଓ ଅନିଲ କୁମାର ସାମଲଙ୍କୁ ପଚାରିବାରୁ ସେ ଅନୁସନ୍ଧାନ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି । ସେହିପରି ଝିଙ୍କିରପୁର କାର୍ଯ୍ୟାଳୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଗୀତାଞ୍ଜଳି ରଥ କୁହନ୍ତି ଯେ ସେ ୭ ବର୍ଷ ହେଲା ଏଠାରେ କାର୍ଯ୍ୟ କରୁଛନ୍ତି । ଜଣେ ମହିଳା ଭାବେ ସେ କାର୍ଯ୍ୟସ୍ଥଳକୁ ସବୁ ସମୟରେ ଯିବା ଅସହଜ। ତେଣୁ ଶ୍ରୀ ଧଳଙ୍କୁ ହେଉଥିବା କାର୍ଯ୍ୟର ତଦାରଖ, ଅନୁଧ୍ୟାନ ପାଇଁ ପଠାଇଥାନ୍ତି । କନିଷ୍ଠ ଯନ୍ତ୍ରୀ ଶ୍ରୀମତୀ ରଥ ବୈଷୟିକ ଜ୍ଞାନ କୌଶଳର ଅଧିକାରୀ । ତାଙ୍କ ପରିବର୍ତ୍ତେ ଜଣେ ଅନଭିଜ୍ଞ, ବୈଷୟିକ ଜ୍ଞାନ କୌଶଳରେ ଅଜ୍ଞ ବ୍ୟକ୍ତିଙ୍କୁ କାମ ତଦାରଖରେ ପଠାଇବା କେତେ ଦୂର ଯୁକ୍ତିଯୁକ୍ତ ତାହା ବିଚାର୍ଯ୍ୟ। ଶ୍ରୀ ଧଳଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯିବାକୁ ଝିଙ୍କିରପୁର ଅଞ୍ଚଳର କେତେକ ବୁଦ୍ଧିଜୀବି ଅଣ୍ଟା ଭିଡିଛନ୍ତି। ବିଭାଗୀୟ ମନ୍ତ୍ରୀଙ୍କୁ ଭେଟି ବଦଳି ପାଇଁ ଜଣାଇବାକୁ ସ୍ଥିର କରାଯାଇଛି । ସରକାରୀ ଚାକିରି କରି କର୍ମଚାରୀ କିଭଳି ତାଙ୍କ ବିଭାଗର ଠିକା କାମ କରୁଛନ୍ତି ତଦନ୍ତ ସାପେକ୍ଷ।

# ୩୩ କେଭି ବିଦ୍ୟୁତ ତାର ଚୋରି ବେଳେ ୪ ଗିରଫ




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଚାରି ଡ଼କାୟତଙ୍କୁ କାବୁ କରି ପୋଲିସ ଜିମା ଦେଲେ ଜନସାଧାରଣ । ଦୀର୍ଘଦିନ ଧରି ବିଭିନ୍ନ ଚୋରି ସହ ବିଦ୍ୟୁତ୍ ତାର ଚୋରି ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ନିମାପଡ଼ା-ପିପିଲି ରାସ୍ତାରେ ୩୩ କେଭି ବିଦ୍ୟୁତ୍ ତାର କାଟୁଥିବା ବେଳେ ଜନସାଧାରଣଙ୍କ ହାବୁଡ଼ରେ ପଡ଼ି ଛେଚା ଖାଇଛନ୍ତି ୪ ଚୋର । ଏହି ଚୋରଙ୍କ ମଧ୍ୟରେ ଦୁଇଜଣ ବାଂଲାଦେଶୀ ରହିଛନ୍ତି। ଯେଉଁ ବାଂଲାଦେଶୀଙ୍କ ବିରୁଦ୍ଧରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରଣ ହୋଇ ଆସୁଥିଲା । କୁଶଭଦ୍ରା ପୋଲ ନିକଟରେ ବସ୍ତି କରି ବାଂଲାଦେଶୀ ଅନୈତିକ କାର୍ଯ୍ୟ କରି ଚାଲିଥିବା ବେଳେ ଚୋରି, ରାହାଜାନିରେ ସଂପୃକ୍ତ ରହୁଥିବା ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି । ସୂଚନା ଅନୁଯାୟୀ, ନିମାପଡ଼ା ଉପକଣ୍ଠ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ୩୩ କେଭି ବିଦ୍ୟୁତ୍ ତାର ଖୁଣ୍ଟରେ ଚଢ଼ି ଚାରି ଯୁବକ ବିଦ୍ୟୁତ୍ ତାର ଗତ ସୋମବାର ବିଳମ୍ବିତ ରାତ୍ରରେ କଟର ମେସିନ୍ ସାହାଯ୍ୟରେ କାଟି ଆଣୁଥିବା ବେଳେ ଏହି ରାସ୍ତା ଦେଇ ଯାଉଥିବା କେତେକ ବ୍ୟକ୍ତିଙ୍କ ନଜରକୁ ଆସିଥିଲେ । ହୋହାଲ୍ଲା କରିବାରୁ ଚୋରମାନେ ତାର ଧରି ଏକ ଜୋର ମଧ୍ୟକୁ ଡ଼େଇଁ ପଡ଼ିଥିବା ବେଳେ ଲୋକେ ଗୋଡ଼ାଇ ଜୋର ଭିତରେ ମାଡ଼ି ବସିଥିଲେ । ସେମାନଙ୍କୁ କାବୁ କରି ଉତ୍ତମ ମଧ୍ୟମ ଦେଇ ପୋଲିସକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରୁ ଚୋରଙ୍କୁ ଧରି ଥାନାକୁ ଆଣି ପଚରା ଉଚରା କରିବାରେ ଏହି ଚୋରି ଗ୍ୟାଙ୍ଗ ସହିତ ଅନେକ ସଂପୃକ୍ତ ଥିବା ଜଣାପଡ଼ିଛି । ଗୋଲେଇ ଛକ ନିକଟରେ ଏକ ଗୃହରେ ତାର ତରଳା ଯାଇ ବାହାରକୁ ଚାଲାଣ କରାଯାଉଛି । ଚୋରଙ୍କ ସହ ଅନ୍ୟ ଚୋରମାନେ ସଂପୃକ୍ତ ରହି ତାର ଚୋରିର ମାଷ୍ଟର ମାଇଣ୍ଡ ସାଜିଛନ୍ତି । ସେମାନଙ୍କ ଠାରୁ ବିପୁଳ ପରିମାଣରେ ପୋଲିସ ତାର ଜବତ କରିଥିବା ବେଳେ ସେମାନଙ୍କ ନାମ ହେଲା, ନିମାପଡ଼ା ଅଣ୍ଡିଆ ଶାସନ ଗ୍ରାମର ମାଧବାନନ୍ଦ ଦାସ (୩୦), ଗୋଲେଇ ଛକର ବାଂଲାଦେଶୀ ଏସ୍.କେ. ବାବୁ (୨୮), ଏସ୍.କେ. କାଦିର (୩୦), ଅଲଣ୍ଡା ଗ୍ରାମର ମୃତ୍ୟୁଞ୍ଜୟ ଭୋଇ (୨୭) ବୋଲି ଜଣାପଡ଼ିଛି । ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୩୦୩ରେ ମାମଲା ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଜାମିନ୍ ନାମଞ୍ଜୁର ପରେ ଅଭିଯୁକ୍ତମାନେ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି । ଦିନରେ ମିସ୍ତ୍ରୀ କାମ କରି ରାତିରେ ଚୋରି ଏମାନଙ୍କ ପେଷା ବୋଲି କୁହାଯାଉଛି ।

# କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କିଡ୍‌ନୀ ରୋଗ ପରୀକ୍ଷା ଶିବିର ତଦାରଖ କଲେ ମନ୍ତ୍ରୀ



କାଳିଆପାଣି(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କାଳିଆପାଣି ଖଣି ଅଞ୍ଚଳରେ ପ୍ରଥମଥର ମଙ୍ଗଳବାର ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁକାଳ ସ୍ଥାୟୀ ବୃକକ ରୋଗ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ସମବାୟ, ବୟନଶିଳ୍ପ, ହସ୍ତଶିଳ୍ପ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦିପ ବଳସାମନ୍ତ ଶିବିରକୁ ତଦାରଖ କରିବା ସହ ଖଣି ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ପଚାରି ବୁଝିଥିଲେ । କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୨୪ ଘଣ୍ଟିଆ ଖଣି ଅଞ୍ଚଳବାସିଙ୍କୁ ସେବା ଯୋଗାଇବା ନେଇ ଯାଜପୁର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ମିଶ୍ରଙ୍କ ସହ ଆଲୋଚନା କରିଥିଲେ । ଖଣି ଅଞ୍ଚଳର ଶତାଧିକ ମହିଳା, ପୁରୁଷ ଓ ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ୯୦ଜଣଙ୍କ କିଡ଼ନୀ ପରୀକ୍ଷା ପାଇଁ ରକ୍ତ ଓ ମୂତ୍ର ନମୁନା ନେଇଥିବା ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଜୟଦେବ ନନ୍ଦ ସୂଚନା ଦେଇଛନ୍ତି । ଏହି ଶିବିରରେ ଡା. ଆକାଶ ଦାସ ମହାପାତ୍ର, ଡା. ଧରଣୀଧର ସିଂହ, ଡା. ଜ୍ୟୋତିରଞ୍ଜନ ରାଉତ, ଡା. ପ୍ରଣତିନି ନାୟକ, ଡା. ରମେଶ ଚନ୍ଦ୍ର ମଲ୍ଲିକ, ଡା. ଶୁଭାଶିଷ ଜେନା, ଡା. ପ୍ରଦିପ ରାଉତରାୟ, ମାଇକ୍ରୋ ବାୟୋଲୋଜିଷ୍ଟ ଦିପକ କୁମାର ସାହୁ, ମାଇକ୍ରୋଲୋଜିଷ୍ଟ ନିରୁମ ମହାପାତ୍ର, ଦୋଳଗୋବିନ୍ଦ ପଣ୍ଡା, ଫାର୍ମାସିଷ୍ଟ କାର୍ତ୍ତିକ ଚନ୍ଦ୍ର ସାମଲ ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । କାର୍ଯ୍ୟକ୍ରମରେ ଓଡିଶା ମାଇନିଂ ୱାର୍କର୍ସ ୟୁନିଅନର ସଭାପତି ସବ୍ୟସାଚୀ ବଳସାମନ୍ତ, ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା ଯୋଗ ଦେଇଥିବା ବେଳେ କାଳିଆପାଣି ଖଣି ଅଞ୍ଚଳର ବରିଷ୍ଠ ବିଜେପି ନେତା ବେଣୁଧର ମହାନ୍ତ, ଦିପୁ ପାତ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଜୀବନ ଯୁଦ୍ଧରେ ହାରିଗଲେ ସୌମ୍ୟାଶ୍ରୀ, ନିମାପଡ଼ାରେ ବିକ୍ଷୋଭ




ନିମାପଡ଼ା(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀର ମୋହନ କଲେଜ ଶିକ୍ଷା ବିଭାଗର ଛାତ୍ରୀ ଭୁବନେଶ୍ୱର ଏମ୍‌ସରେ ଗତ ସୋମବାର ବିଳମ୍ବିତ ରାତ୍ରରେ ମୃତ୍ୟୁବରଣ କରିବା ପରେ ଏହାକୁ ନେଇ ରାଜ୍ୟ ସାରା ରାଜନୀତିକ ଝଡ଼ ଦେଖା ଦେଇଥିବା ବେଳେ ନିମାପଡ଼ାରେ ମଧ୍ୟ ରାଜନୀତିକ ତାତି ଦେଖିବାକୁ ମିଳିଛି । ଛାତ୍ରୀଙ୍କ ମୃତ୍ୟୁରେ ସମବେଦନା ଜଣାଇବା ପରିବର୍ତେ ରାସ୍ତା ଅବରୋଧ କରିବା, ରାସ୍ତାରେ ଟାୟାର ଜାଳିବା ଘଟଣାକୁ ନେଇ ନିମାପଡ଼ାରେ ଏକ ଘଂଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଏହାକୁ ରାଜନୀତିକ ରଙ୍ଗ ଦିଆଯାଉଥିବା ଅନେକ ବରିଷ୍ଠ ବ୍ୟକ୍ତି ମତ ପ୍ରକାଶ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ସୌମ୍ୟାଶ୍ରୀ ଫକୀର ମୋହନ ଶିକ୍ଷା ବିଭାଗରେ ନ୍ୟାୟ ନ ମିଳିବାରୁ ଛାତ୍ରୀଙ୍କ ଅବସ୍ଥା ସଂକଟାପନ୍ନ ଥିବାବେଳେ ଏମ୍‌ସ ହସ୍ପିଟାଲ୍‌ରେ ଚିକିତ୍ସା ହେଉଥିଲେ । ପୀଡ଼ିତାଙ୍କ ଡ଼ାଏଲିସିସି କରାଯାଇଥିଲା । ଛାତ୍ରୀଙ୍କ ମୃତ୍ୟୁ ପରେ ଏବେ ରାଜନୀତିକ ବାଦ ଅନୁବାଦ ଦେଖା ଦେଇଛି । ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତା ଦୋଳବେଦୀ ଛକ ଠାରେ ବିଜେଡ଼ି କର୍ମୀମାନେ ଟାୟାର ଜାଳି ବିକ୍ଷୋଭ କରିବା ସହ ମନ୍ତ୍ରୀଙ୍କ ଇସ୍ତଫା ଦାବୀ କରିଛନ୍ତି । ଏହି ଘଟଣା ଏବେ ଓଡ଼ିଶାବାସୀଙ୍କୁ ଦୁଃଖ ଦେଇଥିବା ବେଳେ ବିଭିନ୍ନ ରାଜନୀତିକ ଦଳ ବିକ୍ଷୋଭ ଆରମ୍ଭ କରିଛି । ସରକାରଙ୍କୁ କଟୁ ସମାଲୋଚନା କରିବା ସହ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିଜେଡ଼ି କର୍ମୀମାନେ ଦାବୀ କରିଛନ୍ତି । ଛାତ୍ରୀଙ୍କ ମୃତ୍ୟୁ ଘଟଣା ସାରା ଓଡ଼ିଶାବାସୀଙ୍କ ଦୁଃଖ ଦେଇଥିବା ବେଳେ ଏ ନେଇ ରାଜନୀତିକ ଦଳ ରାସ୍ତା ଉପରେ ବିକ୍ଷୋଭ ଆରମ୍ଭ କରିଛନ୍ତି ।

# ବିଷ ପିଇ ଯୁବକର ଆତ୍ମହତ୍ୟା

ମାହାଙ୍ଗା(ଭାସ୍କର ନ୍ୟୁଜ): ମାହାଙ୍ଗା ଥାନା ଅନ୍ତର୍ଗତ କୋଳିଅଠା ଗ୍ରାମର ରମେଶ ଚନ୍ଦ୍ର ସେଠିଙ୍କ ପୁଅ ରାଜେନ୍ଦ୍ର ସେଠି (୨୫)ଆତ୍ମହତ୍ୟା କରିଥିବା ଜଣାପଡିଛି । ସୂଚନା ମୁତାବକ ଆଜି ସକାଳୁ ରାଜେନ୍ଦ୍ର ଘରେ ନିଜର ନିତ୍ୟକର୍ମ ସାରି ୮ଟାରେ ଘରୁ ବାହାରି ଯାଇଥିଲା । ଏହାର କିଛି ସମୟ ପରେ ମେରିପୁର ବାଟ ମହାପୁରୁଷଙ୍କ ନିକଟରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବାର ସ୍ଥାନୀୟ ଅଞ୍ଚଳର ଲୋକେ ଦେଖିବାକୁ ପାଇଥିଲେ । ପରେ ପରିବାର ଲୋକଙ୍କୁ ଖବର ଦେବା ପରେ ପରିବାର ଲୋକେ ସେଠାରେ ପହଞ୍ଚି ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ । ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଓ ପରେ ଶବ ବ୍ୟବଛେଦ କରାଯାଇଥିଲା ।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ ସହ ପୋଡ଼ାଜଳା



ରଘୁନାଥପୁର(ଭାସ୍କର ନ୍ୟୁଜ): ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁ ସାରା ରାଜ୍ୟବାସୀଙ୍କୁ ମର୍ମାହତ କରିଛି। ଏଥିପାଇଁ ଶାସନାଧୀନ ସରକାରଙ୍କୁ ଦାୟୀ କରି ବ୍ଲକ ଯୁବ ବିଜେଡି ସଭାପତି ଜୋସେଫ ସ୍ୱାଇଁ ଓ ଛାତ୍ର ସଭାପତି ଶକ୍ତିଶଙ୍କର ପଟ୍ଟନାୟକଙ୍କ ନେତୃତ୍ୱରେ ମଙ୍ଗଳବାର ରଘୁନାଥପୁର ବ୍ଲକ କୂର୍ତ୍ତାଙ୍ଗ ସ୍ଥିତ ସ୍ୱାମୀ ଆରୁପାନନ୍ଦ ମହାବିଦ୍ୟାଳୟର ଛାତ୍ରୀଛାତ୍ର ବିକ୍ଷୋଭ କରିଥିଲେ। ପ୍ରଥମେ ମୃତା ଛାତ୍ରୀଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଜାଳି ୨ ମିନିଟ ନୀରବ ପ୍ରାର୍ଥନା ପରେ ଶତାଧିକ ଛାତ୍ରୀଛାତ୍ର ଶ୍ରେଣୀ ବର୍ଜନ କରି କଲେଜ ସମ୍ମୁଖସ୍ଥ କଟକ ପାରାଦୀପ ରାଜରାସ୍ତାକୁ ଚାଲିଆସିଥିଲେ। ସେଠାରେ ଭାଜପା ସରକାରଙ୍କ ବିରୁଦ୍ଧରେ ନାରାବାଜି କରିବା ସହ ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିଥିଲେ। ଏହାଛଡା ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଥିଲେ। ଫଳରେ ଏକ ଘଣ୍ଟା ପର୍ଯ୍ୟନ୍ତ ଯାତାୟାତ ଠପ ହୋଇଯାଇଥିଲା। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଛାତ୍ର ବିଜେଡ଼ି ସଭାପତି ସୁଭ୍ରକାନ୍ତ ଜେନା ବକ୍ତବ୍ୟରେ ସରକାରଙ୍କ ବିଫଳତାକୁ ଦାୟୀ କରିବା ସହ ମୃତା ଛାତ୍ରୀଙ୍କ ଅମାରାତ୍ମାକୁ ଜଗନ୍ନାଥ ଶାନ୍ତି ପ୍ରଦାନ କରନ୍ତୁ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ, କର୍ମକର୍ତ୍ତା ମାନସ ଦାସ, ପ୍ରକାଶ ମଲ୍ଲିକ, ଅନ୍ତର୍ଯ୍ୟାମୀ ସାମଲ, ଅନ୍ତର୍ଯ୍ୟାମୀ ରାଉତ, ନିରାକାର ଖୁଣ୍ଟିଆ, ଚନ୍ଦ୍ରଶେଖର ସିଂହ, ପ୍ରଭାକର ମଲ୍ଲିକ, ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଓ ନିହାର ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠି ଛାତ୍ରୀଛାତ୍ରଙ୍କୁ ବୁଝାଇ ରାସ୍ତା ଅବରୋଧ ହଟାଇଥିଲେ।

# ହିଣ୍ଡାଲକୋ ଦକ୍ଷତା ବିକାଶ କେନ୍ଦ୍ରରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ




ସମ୍ବଲପୁର(ଭାସ୍କର ନ୍ୟୁଜ): ମଙ୍ଗଳବାର ବରାଇପାଲି ସ୍ଥିତ ହିଣ୍ଡାଲକୋ ଦକ୍ଷତା ବିକାଶ କେନ୍ଦ୍ରରେ ବିଶ୍ୱ ଯୁବ ଦକ୍ଷତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ବଲପୁରର ଡେପୁଟି କଲେକ୍ଟର ବିକାଶ ରଞ୍ଜନ ସବର ମୁଖ୍ୟ ଅତିଥି ଏବଂ ହିଣ୍ଡାଲକୋ ହୀରାକୁଦର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଦେ ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଡେପୁଟି କଲେକ୍ଟର ଶ୍ରୀ ସବର ହିଣ୍ଡାଲକୋର ଦକ୍ଷତା ବିକାଶ କେନ୍ଦ୍ରରେ ଯୁବଶକ୍ତିର ଦକ୍ଷତା ବିକାଶ ପାଇଁ କରିଥିବା ପ୍ରୟାସକୁ ସାଧୁବାଦ ଜଣାଇବା ସହ ଯୁବସମାଜ ଏହାର ସୁଯୋଗ ନେବାକୁ ଆହ୍ୱାନ କରିଥିଲେ । ଆଦିତ୍ୟ ବିର୍ଲା ସ୍କିଲସ ସେଣ୍ଟର ମୁଖ୍ୟ ମନୋରଂଜନ ମାହାକୁଡ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଲ୍ୟାଣ୍ଡ ଏବଂ କର୍ପୋରେଟ ବ୍ୟାପାର ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା, ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ଶୁକାନ୍ତ କୁମାର ମହାପାତ୍ର, ଆନନ୍ଦ ଚକ୍ରବର୍ତ୍ତୀ, ଆଦିତ୍ୟ ଏଲୁମିନିୟମର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ରବି ନିବାସ ଓ ମନୋରଂଜନ ବେହେରା ଉପସ୍ଥିତ ଥିଲେ । ଆଦିତ୍ୟ ବିର୍ଲା ସ୍କିଲ୍ସ ସେଣ୍ଟରର ସ୍ଥାନୀୟ ଯୁବ ପ୍ରତିଭାମାନେ ବିଶ୍ୱ ଯୁବ ଦକ୍ଷତା ଦିବସକୁ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରିଛନ୍ତି । ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ବ୍ୟବହାରିକ ଦକ୍ଷତାକୁ ପ୍ରଦର୍ଶନ କରି ବ୍ୟାଙ୍କିଙ୍ଗର ଦେଣନେଣ ସହ ଅନ୍ୟ ବ୍ୟବସ୍ଥା ଉପରେ ଉପସ୍ଥାପନା କରିଥିଲେ । ମିନି ଏ.ସି ଏବଂ ପବନ ଶକ୍ତି ଉତ୍ପାଦନର ଉପରେ ମଡେଲ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦୁଇଟି ସମ୍ବଲପୁରୀ ନୃତ୍ୟ ଦର୍ଶକ ଓ ଅତିଥି ମାନଙ୍କର ମନମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମ ଗୁଡିକ ମଧ୍ୟରେ ଫ୍ୟାଶନ୍ ଶୋ, ବିଶେଷ ଆକର୍ଷଣୀୟ ହୋଇଥିଲା । ଏହି ଶୋ'କୁ ଫ୍ୟାଶନ୍ ଟେକ୍ନିସିଆନ୍ ଟ୍ରେଡର ଛାତ୍ରୀମାନେ ବେଶ ସତର୍କତାର ସହିତ ଡିଜାଇନ୍ ଓ ସିଲେଇ କରିଥିବା ସହ ପୋଷାକଗୁଡ଼ିକୁ ଉପସ୍ଥାପନ କରିଥିଲେ। ସେମାନଙ୍କ ସହକର୍ମୀମାନେ ଏହି ସୃଷ୍ଟିଗୁଡ଼ିକୁ ରାମ୍ପରେ ଆତ୍ମବିଶ୍ୱାସର ସହିତ ମଡେଲ୍ କରିଥିଲେ, ଯାହା ସେମାନଙ୍କ ନୂତନ ଅର୍ଜିତ ଦକ୍ଷତାର ବ୍ୟବହାରିକ ପ୍ରୟୋଗକୁ ସ୍ପଷ୍ଟ ଭାବରେ ପ୍ରଦର୍ଶନ କରିଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଦିତ୍ୟ ବିର୍ଲା ସ୍କିଲସ ସେଣ୍ଟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଳ ସ୍ଥିତ ପଞ୍ଚାୟତ ବାଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ଭୁବନେଶ୍ୱର ସ୍ଥିତ 'ପୂଜ୍ୟପୂଜା ଓଡ଼ିଶା' ତରଫରୁ ଶିକ୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ସାରସ୍ୱତ ସଂଗଠନ ତଥା ପୂଜ୍ୟପୂଜା ଓଡ଼ିଶାର ସମ୍ପାଦକ ରମାକାନ୍ତ ମିଶ୍ର ଯୋଗଦେଇ ପୂଜ୍ୟପୂଜା ଉତ୍କଳ ସଂସ୍କୃତିର ମହାନ ପରମ୍ପରା ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ଉପସ୍ଥିତ ଛାତ୍ରୀମାନଙ୍କୁ ଗୀତା ଭାଗବତ ଆଦି ପୁରାଣର ବିଭିନ୍ନ ଉଦାହରଣ ମାଧ୍ୟମରେ ନିଜ ମଧ୍ୟରେ ଗଭୀର ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ ରଖିବା ସହିତ କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ଜୀବନରେ ଜଣେ ଭଲ ମଣିଷ ହୋଇ ସଫଳତା ହାସଲ କରିପାରିବେ ବୋଲି କହିଥିଲେ । ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ରହିଥିବା ସଂଶୟ ଦୂର କରିବା ପାଇଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରାରମ୍ଭରେ ଶିକ୍ଷୟିତ୍ରୀ ପଙ୍କଜିନୀ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରଣତି ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ଶିକ୍ଷକ ଲୋକନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ ।

## ସୌମ୍ୟାଶ୍ରୀ ମୃତ୍ୟୁ ଘଟଣା

# ବିଭିନ୍ନ ସ୍ଥାନରେ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ଆଜି ମାଲକାନଗିରି ଜିଲ୍ଲା କଂଗ୍ରେସ ପକ୍ଷରୁ ମାଲକାନଗିରି ମହାବିଦ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରି ବିକ୍ଷୋଭ କରିଥିଲେ । ନିରୀହ ଛାତ୍ରୀର ଜୀବନ ନେଇଗଲେ ଅମାନୁଷିକ ମଣିଷ । ପରିଶେଷରେ ଜୀବନ ଯୁଦ୍ଧରେ ହାରିଗଲେ ବିଚାରି ସୌମ୍ୟାଶ୍ରୀ । ବଞ୍ଚିବାର ଆଶା, ସ୍ୱପ୍ନ ସବୁ ଧୂଳିସାତ ହୋଇଗଲା, ବାଲେଶ୍ୱର ସ୍ଥିତ ଫକିର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଏବଂ ଆଜି ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ସମ୍ବନ୍ଧରେ ସରକାରଙ୍କ ବିଫଳତା, ଓଡ଼ିଶାରେ ଦିନକୁ ଦିନ ଗଣଦୁଷ୍କର୍ମ ବୃଦ୍ଧିକୁ ବିରୋଧ କରି ଆଜି ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓ (ଚିଟି ଭାଇ)ଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସର ସମସ୍ତ ଦଳୀୟ କର୍ମକର୍ତ୍ତା ମିଶି ରାଜ୍ୟର ସମସ୍ତ ଛାତ୍ରୀ ମାନଙ୍କର ସୁରକ୍ଷା, ନାରୀ ନିର୍ଯାତନା ତଥା ଏହି ଡବଲ ଇଞ୍ଜିନ ସରକାରଙ୍କ ଏକ ବର୍ଷ ମଧ୍ୟରେ ଯେଉଁ ଭଳି ଅତ୍ୟାଚାର ବିରୁଦ୍ଧରେ ଦାବି ରଖିବା ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ମାଲକାନଗିରି ମହାବିଦ୍ୟାଳୟ ସମ୍ମୁଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶ ପୁତ୍ତଳିକା ଦାହକରି ବିକ୍ଷୋଭ ପ୍ରଦର୍ଶନ କରାଯାଇ ଥିବା ଦେଖିବାକୁ ମିଳିଛି । ଆଗାମୀ ୧୭ ତାରିଖରେ ଓଡ଼ିଶା ସମେତ ମାଲକାନଗିରି ଜିଲ୍ଲାରେ ଚକାଜାମ, ଅଫିସ ବନ୍ଦ ଆଦି ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ପ୍ରକାଶ କରିଛନ୍ତି । ଏହି ବିକ୍ଷୋଭରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ଗୋବିନ୍ଦ ପାତ୍ର, ପି. କେଶୁ ରାଓ, ପର୍ଶୁରାମ ଭକ୍ତ, ପ୍ରାଣକୃଷ୍ଣ ହାଲଦାର, ପଦ୍ମ ପାଙ୍ଗି, ଭିମା ବାର୍ଶେ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଇଶାକ ଖୋସଲା, ପ୍ରଭାକର ପାଳଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ ।




ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୋମ୍ୟଶ୍ରୀଙ୍କ ଆତ୍ମ ହତ୍ୟା ପ୍ରତିବାଦରେ ଆଜି ଚଣ୍ଡିଖୋଲ ସ୍ଥିତ ବାବା ଭୈରବା ନନ୍ଦ ଶୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ବଡ଼ଚଣା ଯୁବ ଛାତ୍ର କଂଗ୍ରେସର ବିକ୍ଷୋଭରେ ଯୁବ ନେତା ଚର୍ଚ୍ଚିତ ମହାଲାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା । ଏଥିରେ ରାଜ୍ୟ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ, ବଡ଼ଚଣା ଛାତ୍ର କଂଗ୍ରେସ ସଭାପତି ଆଭାସ ଜେନା, ପ୍ରବୀର ବଳ, ଉମେଶ ସ୍ୱାଇଁ, ଜନ୍ମଜୟ ନାୟକ, ଚିକୁ ଦାସ, ସନକ ନାୟକ, ମାନସ ରାଉତ ସମେତ ମହାବିଦ୍ୟାଳୟ ବହୁ ଛାତ୍ର ଛାତ୍ରୀ ଯୋଗଦେଇ ରାଜ୍ୟ ସରକାରଙ୍କ ଅପାରଗତା ଓ ପ୍ରଶାସନର ଅବହେଳା ପାଇଁ ଛାତ୍ରୀ ଜଣଙ୍କର ମୃତ୍ୟୁ ହୋଇଛି ବୋଲି କହିଥିଲେ । ଏଥିସହ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ସ୍ଥାନୀୟ ସାଂସଦଙ୍କ ଇସ୍ତଫା ଦାବି କରିବା ସହ ମୃତ୍ୟୁ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ପ୍ରତିବାଦ ଜଣାଇଥିଲେ ।

# ସାର ବୁଣା ଯନ୍ତ୍ରର କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଇକ୍ରିସାଟ୍, ହାଇଦ୍ରାବାଦର ମିଳିତ ଉଦ୍ୟମରେ ପରିଚାଳିତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପ୍ରକଳ୍ପ 'ଓଡ଼ିଶାର ଡିପ ଜମିରେ ପୁଷ୍ଟିଶସ୍ୟ ଚାଷର ବିକାଶ' । ଏହି ପ୍ରକଳ୍ପ ଅଧିନରେ ରାଜ୍ୟର ୫ଟି ଜିଲ୍ଲା ଯଥା କେନ୍ଦୁଝର, ସୁନ୍ଦରଗଡ଼, ନୂଆପଡା, ନବରଙ୍ଗପୁର ଓ କୋରାପୁଟରେ ପୁଷ୍ଟି ଶସ୍ୟ ଚାଷର ବିକାଶ ନିମନ୍ତେ ଓୟୁଏଟି ଅଧିନସ୍ଥ ଆଞ୍ଚଳିକ ଗବେଷଣା କେନ୍ଦ୍ର ଓ ଇକ୍ରିସାଟ୍‌ର ଗବେଷକଙ୍କ ଦ୍ୱାରା ନୂତନ ପୁଷ୍ଟିଶସ୍ୟ କିସମର ଆବିଷ୍କାର, ଫସଲର ଅମଳ ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ଗବେଷଣା ଚାଲୁଛି । ସେହିଭଳି ଓୟୁଏଟି ଅଧିନସ୍ଥ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ଦ୍ୱାରା ପୁଷ୍ଟିଶସ୍ୟ ଚାଷ ନିମନ୍ତେ ବିକସିତ ବିବିଧ କୃଷି ଯନ୍ତ୍ରପାତିର ଗବେଷଣା ଓ ସମ୍ପ୍ରସାରଣ ଦିଗରେ ମଧ୍ୟ କାର୍ଯ୍ୟ ଚାଲୁଛି । ଏହି ପ୍ରକଳ୍ପ ଅଧିନରେ ଆଜି କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକର ଜଗମୋହନପୁର ଗ୍ରାମରେ ଆଞ୍ଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ, କେନ୍ଦ୍ର କୃଷି ବିଜ୍ଞାନ କେନ୍ଦ୍ର ଓ ବେସରକାରୀ ସଂସ୍ଥା ସେବକର ସହଯୋଗରେ ଏକ ଟ୍ରାକ୍ଟର ଚାଳିତ ନଅ ଧାଡ଼ିଆ ପୁଷ୍ଟିଶସ୍ୟ ମଞ୍ଜି ଓ ସାର ବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା ।

# ଗୋ ସମ୍ପଦର ଉନ୍ନତି ପାଇଁ ତୃଣ ଚାଷକୁ ପୋତ୍ସାହନ



ଉମରକୋଟ, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଗୋ- ଉନ୍ନୟନ ଓ ତୃଣ ପ୍ରଦର୍ଶନ ଯୋଜନା ଅନ୍ତର୍ଗତ ଦ୍ୱି ଦିବସୀୟ ଉପଖଣ୍ଡ ସ୍ତରୀୟ ତୃଣ ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଉମରକୋଟ ସ୍ଥିତ ଦୁଗ୍ଧ ଉତ୍ପାଦନ କେନ୍ଦ୍ର ପରିସରରେ ଥିବା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ରାଧେଶ୍ୟାମ ଲାଇକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ମନୋରଞ୍ଜନ ନନ୍ଦ (ପ୍ରାଣୀଧନ ଉତ୍ପାଦନ), ଉମରକୋଟ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଆଶିଷ ମହାପାତ୍ର, ଫଡର ଅଧିକାରୀ ଦୁର୍ଗା ପ୍ରସାଦ ନାଗ, ହେମନ୍ତ ନାୟକ ପ୍ରମୁଖ ଯୋଗଦେଇ ଥିଲେ । ଏହି ଶିବିରରେ ନବରଙ୍ଗପୁର ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଡାକ୍ତର ପ୍ରଜ୍ଞା ପରିମିତା ପଣ୍ଡା ଯୋଗଦେଇ ତୃଣ ଚାଷ ସମ୍ପର୍କିତ ବିଭିନ୍ନ ବୈଷୟିକ ସୂଚନା ପ୍ରଦାନ କରିଥିଲେ । ଘାସ ପଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ଅଟେ । ଯଦି ଘାସକୁ ଗ୍ରୀଷ୍ମ ଋତୁରେ ଗାଈ କିମ୍ବା ମଇଁସିଙ୍କୁ ଖାଇବାକୁ ଦିଅନ୍ତି, ତେବେ ସେମାନଙ୍କର ହଜମ ପ୍ରକ୍ରିୟା ସୁସ୍ଥ ରହିବ । ଏଥି ସହ ସେମାନଙ୍କ ଶରୀର ମଧ୍ୟ ସୁସ୍ଥ ରହିବ । ଘାସର ବିଶେଷତ୍ୱ ହେଉଛି ଯେ ଏହାକୁ ଯେକୌଣସି ଋତୁରେ ଚାଷ କରିପାରିବେ । ଗ୍ରୀଷ୍ମ ଋତୁ ଆସିବା ମାତ୍ରେ ଗାଈ ଓ ମଇଁଷି ଭଲ କ୍ଷୀର ଦେବା ଆରମ୍ଭ କରିଥାନ୍ତି । ଏଭଳି ପରିସ୍ଥିତିରେ ସେମାନଙ୍କୁ ସବୁଜ ଘାସ ଖାଇବାକୁ ଦିଆଯାଏ, ଯାହାଦ୍ୱାରା ସେମାନଙ୍କ ଶରୀରରେ ଜଳୀୟ ଅଂଶର ଅଭାବ ଦେଖାଯାଇନଥାଏ ଏବଂ ସେମାନେ ପୂର୍ବ ପରି କ୍ଷୀର ଦେବା ଜାରି ରଖନ୍ତି । ତଥାପି, ଗ୍ରୀଷ୍ମ ଋତୁରେ ଘାସ ଚାଷ କରିବା ମଧ୍ୟ ଏକ କଷ୍ଟସାଧ୍ୟ ଏବଂ ମହଙ୍ଗା କାର୍ଯ୍ୟ । କାରଣ ଏହାକୁ ପ୍ରତି ଚାରିରୁ ପାଞ୍ଚ ଦିନରେ ଜଳସେଚନ କରିବାକୁ ପଡ଼ିଥାଏ । କିନ୍ତୁ, ବର୍ତ୍ତମାନ ଚାଷୀଙ୍କୁ ଘାସ ଚାଷ ବିଷୟରେ ଚିନ୍ତା କରିବାକୁ ପଡିବ ନାହିଁ । କାରଣ ଘାସ ଚାଷ ପାଇଁ ସରକାର ବମ୍ପର ସବସିଡି ପ୍ରଦାନ କରୁଛନ୍ତି । ଏଭଳି ପରିସ୍ଥିତିରେ ଘାସ ଚାଷ କରୁଥିବା ଚାଷୀଙ୍କ ପାଇଁ ଏକ ଭଲ ସୁଯୋଗ ରହିଛି । ଏହି ଘାସକୁ ଖୁଆଇବା ଦ୍ୱାରା ଗାଈ ଏବଂ ମଇଁଷି ଅଧିକ କ୍ଷୀର ଦେବା ଆରମ୍ଭ କରିଥାନ୍ତି । ଯଦି ଘାସକୁ ଗ୍ରୀଷ୍ମ ଋତୁରେ ଗାଈ କିମ୍ବା ମଇଁସିଙ୍କୁ ଖାଇବାକୁ ଦିଆଯାଏ ତେବେ ସେମାନଙ୍କର ହଜମ ପ୍ରକ୍ରିୟା ସୁସ୍ଥ ରହିବ । ଏଥି ସହ ସେମାନଙ୍କ ଶରୀର ମଧ୍ୟ ସୁସ୍ଥ ରହିବ । ଘାସର ବିଶେଷତ୍ୱ ହେଉଛି ଯେ ଏହାକୁ ଯେକୌଣସି ଋତୁରେ ଚାଷ କରିପାରିବେ । ଏନେଇ ସରକାର ଏକ ବଡ଼ ଘୋଷଣା କରିଛନ୍ତି । ଯଦି କୃଷକ ଭାଇମାନେ ବର୍ତ୍ତମାନ ଘାସ ଚାଷ କରୁଛନ୍ତି, ତେବେ ସେମାନଙ୍କୁ ସରକାର ଏକର ପିଛା ୩୫,୦୦୦ ଟଙ୍କା ସବସିଡି ପ୍ରଦାନ କରୁଛନ୍ତି । ଯଦି କୃଷକମାନେ ଏହି ସବସିଡିର ଲାଭ ଉଠାଇବାକୁ ଚାହାଁନ୍ତି, ତେବେ ସେମାନେ ସରକାରୀ ୱେବସାଇଟ୍ ପରିଦର୍ଶନ କରି ଆବେଦନ କରିପାରିବେ । ବିଭିନ୍ନ କିସମର ଘାସ ଉପଲବ୍ଧ ହେଉଥିବାବେଳେ ହାତୀ ଘାସ ଏକ କିସମ, ହାତୀ ଘାସକୁ ନାପିଅର୍ ଘାସ ମଧ୍ୟ କୁହାଯାଏ । ବିଶେଷ କଥା ହେଉଛି ହାତୀ ଘାସ ଠିକ୍ ଆଖୁ ପରି ଦେଖିବାକୁ । ଏହାର ଉଚ୍ଚତା ୪ ମିଟର ପର୍ଯ୍ୟନ୍ତ ହୋଇଥାଏ । ବର୍ଷସାରା ହାତୀ ଘାସ ଚାଷ କରିପାରିବେ । ଏହି ଘାସ ଭିତରେ ଅନେକ ପୋଷକ ତତ୍ତ୍ୱ ଭରି ରହିଥାଏ । ଏହାକୁ ଖାଇବା ଦ୍ୱାରା ଗାଈ ଏବଂ ମଇଁସି ଅଧିକ କ୍ଷୀର ଦେବା ଆରମ୍ଭ କରିଥାନ୍ତି । ଏହି ଶିବିରରେ ପ୍ରାଣୀ ମିତ୍ର ସହ ୬୦ ରୁ ଉର୍ଦ୍ଧ୍ୱ ଗୋ ପାଳକ ଯୋଗଦେଇ ତାଲିମ ନେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଓମଫେଡ୍ ୟୁନିଟ୍ ଇନ୍ ଚାର୍ଜ ପ୍ରଶାନ୍ତ କୁମାର ବିଶ୍ୱାଳ ଅଧିକ ସୂଚନା ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ




ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଆଜି ମାଲକାନଗିରି ଆଇଟିଆଇ ପ୍ରଧନୀଗୁଡ଼ାର ସମ୍ମିଳନୀ କକ୍ଷ ଠାରେ ବିଶ୍ୱ ଯୁବ ଦକ୍ଷତା ଦିବସ ଖୁବ୍ ଆଡମ୍ବରରେ ପାଳିତ ହୋଇଛି । ଏହି ଆୟୋଜନ ମେରା ଯୁଭା ଭାରତ ମାଲକାନାଗିରି ଓ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ତରଫରୁ ମିଳିତ ଭାବରେ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସରକାରୀ ଆଇଟିଆଇ ଓ ପଲିଟେକନିକ୍ କଲେଜର ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତା ଯଥା ଦକ୍ଷତା କାର୍ଯ୍ୟକ୍ରମ, ସଙ୍ଗୀତ, ନୃତ୍ୟ, ପ୍ରବନ୍ଧ ଆଦିରେ ଭାଗ ନେଇ ଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗୁପ୍ତ ମାଢ଼ି ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ, ଉପେନ୍ଦ୍ର ଦୀପ, ମୟଙ୍କ ରାଜ ସିଏମ୍ ଫେଲୋ, ସୁବାସ ଚନ୍ଦ୍ର ପରିଡା ଅଧକ୍ଷ ସରକାରୀ ଆଇଟିଆଇ ମାଲକାନଗିରି, ତ୍ରିନାଥ ନାଳି ଟ୍ରେନିଂ ଅଧିକାରୀ, ରିତେଶ କୁମାର ସ୍କିମ୍ ଅଧିକାରୀ ଟାଟା ଷ୍ଟାଇଭ, ସନ୍ତୋଷ କୁମାର ପାତ୍ର ସଂଯୋଜକ ନେହେରୁ ଯୁବ ସଂଗଠନ ମାଲକାନଗିରି ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ବଳବନ୍ତ ସାହୁଙ୍କ 'ଧାନଫୁଲ' କବିତା ଉନ୍ମୋଚିତ



ମୁରିବାହାଲ/ବଙ୍ଗୋମୁଣ୍ଡା (ଭାସ୍କର ନ୍ୟୁଜ୍): ସାହିତ୍ୟ ପତ୍ରିକା ସୃଜନ ସଳିତା 'ନବନୀତା' ପକ୍ଷରୁ ଆୟୋଜିତ ଯୁବ ସାହିତ୍ୟିକ ସମାବେଶ 'ପଲ୍ଲବନ' ଅବସରରେ ଯୁବକବି ବଳବନ୍ତ ସାହୁଙ୍କ କବିତା ସଂକଳନ 'ଧାନଫୁଲ' ଉନ୍ମୋଚିତ ହୋଇଯାଇଛି । ବଲାଙ୍ଗିର ସାମ୍ବାଦିକ ଭବନଠାରେ ପତ୍ରିକାର ସଂପାଦକ ରାଜେଶ ଝାଙ୍କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଶିଷ୍ଟ ସାହିତ୍ୟିକ ବାସୁଦେବ ସୁନାନୀ, ସାମାଜିକ କର୍ମୀ ତଥା ସାହିତ୍ୟିକ ସରୋଜ ମହାନ୍ତି ଅତିଥି ଭାବେ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ । କବି ଶ୍ରୀ ସାହୁ ଲେଖକୀୟ ବକ୍ତବ୍ୟରେ ସାହିତ୍ୟ ସମାଜରେ ପରିବର୍ତ୍ତନର ମଞ୍ଜି ବୁଣିପାରେ ବୋଲି ଦୃଢୋକ୍ତି ପ୍ରକାଶ କରିଥିବା ବେଳେ ଅଧ୍ୟାପକ ଡ. କୌତୁକ ପନ୍ଦର ପୁସ୍ତକର ସଂକ୍ଷିପ୍ତ ସମୀକ୍ଷା ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ପତ୍ରିକାର ସୃଜନ ସହଯୋଗୀ ଡ. ଜଗନ୍ନାଥ ସାହୁ, ପରିଚାଳନା ସମ୍ପାଦକ ଯୁଜେଷ୍ଠି ମେହେର ପ୍ରମୁଖ ସହଯୋଗ କରିଥିଲେ । ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଭୁଷଲାଡ଼ ନିବାସୀ ବଳବନ୍ତ ନବପ୍ରଜନ୍ମର ଜଣେ ପ୍ରତିଭାବାନ କବି । ତାଙ୍କ କବିତାରେ ସମାଜର ତମାମ୍ ଦୁଃଖ, ଅସହାୟତା, ଅପାରଗତା, ଅନ୍ଧବିଶ୍ୱାସ, ଓ ସେଥିରେ ଲୁଚି ରହିଥିବା ସ୍ନେହ, ପ୍ରେମ ଭଲପାଇବାର ସୂକ୍ଷ୍ମ ଭାବନା ପ୍ରତିଫଳିତ । ତାଙ୍କର ପ୍ରଥମ କବିତା ସଙ୍କଳନ ପାଠକ ମାନଙ୍କ ମନ ମୋହିବ, ତାଙ୍କ 'ଧାନଫୁଲ'ର ବାସ୍ନା ଚାରିଆଡ଼େ ଚହଟି ଯିବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ ।

# ଦୁର୍ଘଟଣାରେ ଦମ୍ପତି ଗୁରୁତର



ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ଥାନା ଅଧୀନ ଚଣ୍ଡିଖୋଲ ପାରାଦ୍ୱୀପ ଜାତୀୟ ରାଜପଥର ଲକ୍ଷ୍ମୀନାରାୟଣପୁର ଛକ ନିକଟରେ ସୋମବାର ଅପରାହ୍ନରେ ବାଇକ୍‌ରେ ଯାଉଥିବା ଦମ୍ପତିଙ୍କୁ ଟ୍ୟାଙ୍କର ଧକ୍କା ଦେବାରୁ ଉଭୟ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି । ସୂଚନାରୁ ପ୍ରକାଶ ଯାଜପୁର ଜିଲ୍ଲା କୃଷ୍ଣଦାସପୁର ଅଂଚଳର ସରୋଜ ଜେନା (୫୨) ଓ ତାଙ୍କ ପତ୍ନୀ ଅଞ୍ଜନା ଜେନା (୪୭) କୌଣସି କାମରେ ଜାତୀୟ ରାଜପଥରେ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିଲେ । ଏହି ସମୟରେ ସରୋଜ ନିର୍ମାଣଧୀନ ଜାତୀୟ ରାଜପଥରେ ହଠାତ୍ ରାସ୍ତା ଜାଣିନପାରି ଲକ୍ଷ୍ମୀନାରାୟଣପୁର ନିକଟରେ ଏକ ଓଭରବ୍ରିଜ ବାଟଦେଇ ଅପର ପାଶ୍ୱକୁ ଯାଉଥିବା ବେଳେ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ଦୁଇଟି ତେଲ ଟ୍ୟାଙ୍କର ମଝିରେ ପଶିଯାଇଥିଲେ । ଏହି ସମୟରେ ଟ୍ୟାଙ୍କର ଦୁଇଟି ଭାରସାମ୍ୟ ହରାଇବାରୁ ବାଇକ୍‌ଟି ଉଭୟ ଟ୍ୟାଙ୍କର ମଝିରେ ଚାପି ହୋଇଯାଇଥିଲା । ଫଳରେ ବାଇକଟି ଦୁର୍ଘଟଣା ଗ୍ରସ୍ତ ହେବା ସହ ଅଞ୍ଜନା ଓ ସରୋଜ ଏହି ଦୁର୍ଘଟଣାରେ ଗୁରୁତର ହୋଇ ପଡ଼ିଥିଲେ । ଅଞ୍ଜନାଙ୍କର ଖପୁରି ହାଡ଼ ବାହାରି ଯାଇଥିବା ବେଳେ ସରୋଜଙ୍କର ବାମହାତ ଭାଙ୍ଗିଯାଇ ଗୁରୁତର ହୋଇପଡ଼ିଛନ୍ତି । ଉଭୟଙ୍କ ସ୍ଥାନୀୟ ଲୋକମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଉଭୟଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କର ଦୁଇଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ବାଇକଟିକୁ ଜବତ କରି ନିଜ ହେପାଜତକୁ ଆଣିଛି ।

# ଇବ ଖାଦାନ ମଜଦୁର ସଂଘର ସାଧାରଣ ବୈଠକ




ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଇବ ଭ୍ୟାଲି ଜି ଏମ୍ ଅଫିସ ରବୀନ୍ଦ୍ର ଭବନ ଠାରେ ବ୍ରଜରାଜନଗର ଇବ ଖାଦାନ ମଜଦୁର ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଥମେ ଶତାଧିକ ସଦସ୍ୟ ସଦସ୍ୟା ଏକ ବିଶାଳ ମୋଟର ସାଇକେଲ ରେଲି କରି ଇବ୍ ଭ୍ୟାଲି ଗ୍ୟାଷ୍ଟ ହାଉସ୍‌ରୁ ରବିନ୍ଦ୍ର ଭବନକୁ ଯାଇଥିଲେ । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଏମ୍ଏସ୍‌ର କୋଲ ଇଣ୍ଡିଆ ପ୍ରଭାରୀ ଓ ଏପକ୍ସ ଜେସିସି ମେମ୍ବର୍ କେ ଲକ୍ଷ୍ମା ରେଡ୍ଡୀ ମଞ୍ଚାସିନ ଥିବା ବେଳେ ଅଖିଳ ଭାରତୀୟ ଖାଦାନ ମଜଦୂର ସଂଘର କାର୍ଯ୍ୟକାରୀ ସଭାପତି ରଞ୍ଜନ ବେହେରା, ଭାରତୀୟ ଖାଦାନ ମଜଦୁର ସଂଘର ସମ୍ପାଦୀକା ସର୍ସ୍ମିତା ପଟେଲ, ତାଳଚେର କୋଇଲା ଖଣି ମଜଦୂର ସଂଘର ସାଧାରଣ ସମ୍ପାଦକ ବୀରେନ ଖିଲାର୍, ବ୍ରଜରାଜନଗର ଇବ ଖାଦାନ ମଜଦୁର ସଂଘର ସଭାପତି ଗୋବିନ୍ଦ ସିଂ ମଞ୍ଚାଷିନ ଥିଲେ ଓ ମୁଖ୍ୟ ଅତିଥି ବ୍ରଜରାଜନଗର କୋଇଲା ଖଣି ମାନଙ୍କରେ ନିଜ ଭାରତୀୟ ମଜଦୁର ସଂଘ ଚମତ୍କାର ପ୍ରଦର୍ଶନ କରି ଇତିହାସରେ ପ୍ରଥମ ଥର ପାଇଁ ଆଇ ଆର ଫୋରମ୍ ହାସଲ କରିଥିବା ପାଇଁ ବହୁତ ଖୁସି ଅଛି ବୋଲି କହି ବ୍ରଜରାଜନଗର ଇବ ଖାଦାନ ମଜଦୁର ସଂଘର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କୁ ଧନ୍ୟବାଦ୍ ଦେଇଥିଲେ । ଏହି କାର୍ଯ୍ୟକ୍ରମର ମଞ୍ଚକୁ ପରିଚାଳନା କରିଥିଲେ ବ୍ରଜରାଜନଗର ଇବ ଖାଦାନ ମଜଦୁର ସଙ୍ଘର ସାଧାରଣ ସମ୍ପାଦକ ମହେଶ୍ୱର ମହନ୍ତ । ଶେଷରେ ସଭାପତି ଗୋବିନ୍ଦ ସିଂହ ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମର ସମାପ୍ତି କରିଥିଲେ ।

# ଆମ ପୋଲିସ ସମିତି ବୈଠକ




ରାମନାଗୁଡା, (ଭାସ୍କର ନ୍ୟୁଜ୍) : ରାମନାଗୁଡା ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଥାନ ଅଧିକାରୀ ସୁନିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟରେ ଘଟୁଥିବା ଚୋରି, ଠକେଇ, ଗୁଣିଗାରେଡି, ସାମାଜିକ ବାସନ୍ଦ, ବାଲ୍ୟବିବାହ ଆଦି କୁସଂସ୍କାର ଆଦି ସମ୍ମୁଖୀନ ହେଉଥିବା ବିଷୟରେ ଆଲୋଚନା କରିଥିଲେ ଥାନା ଅଧିକାରୀ କିଭଳି ଏହାକୁ ରୋକି ହେବ ସେ ବିଷୟରେ ସମସ୍ତଙ୍କ ମତ ଲୋଡିବା ସହ ସମସ୍ତଙ୍କୁ ଏହାକୁ ରୋକିବାକୁ ହେଲେ ପ୍ରଥମେ ନିଜେ ସଚେତନତା ରହିବା ଜରୁରୀ ବୋଲି ମତ ଦେଇଥିଲେ । ନିଜେ ହେଲମେଟ ପିନ୍ଧି ବା ସହ ଅନ୍ୟକୁ ହେଲମେଟ ପିନ୍ଧିବା ପାଇଁ ଏଏସ୍ଆଇ ଜଗନ୍ନାଥ ବେହେରା ଏବଂ ଏଏସ୍ଆଇ ସମ୍ଭତ ପ୍ରଧାନ ମତ ରଖିଥିଲେ । ବିଭିନ୍ନ ସମୟରେ ମାଦକ ଦ୍ରବ୍ୟ ପିଇ ଗାଡି ମଟର ଚଲାଇବାକୁ ବାରଣ କରିବାକୁ ପଡ଼ିବ ନଚେତ ଦୃଘଟଣା ଜନିତ ରେ ବହୁତ ଧନ ଜିବନ ନଷ୍ଟ ହେଉଛି ଏହାକୁ କିଭଳି ରୋକାଯାଇ ପାରିବ ଆଲୋଚନା କରିବା ସହ ହେଲମେଟ ପରିଧାନ କରିବା ସହ ପଛରେ ବସିଥିବା ଲୋକଙ୍କୁ ହେଲମେଟ ପିନ୍ଧିବାକୁ ବାଧ୍ୟତାମୂଳକ ବୋଲି କହିଥିଲେ ପୋଲିସ ଓ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହ ପରସ୍ପର ନିକଟତର ହୋଇ ସମସ୍ତ କାର୍ଯ୍ୟ କରିବା ଏବଂ ଜନସାଧାରଣଙ୍କ ମନରେ ପୁଲିସ ପ୍ରତି ରହିବା ଭୟ ଦୂର କରିବାକୁ ଥାନା ଅଧିକାରୀ ସୁନିତା ବେହେରା କହିଥିଲେ । ପୁଲିସ ପ୍ରତି ଜନସାଧରଣ ଭୟଭୀତ ହେବାର କୌଣସି ଆବଶ୍ୟକ ନାହିଁ ପୋଲିସକୁ ସହୋଯୋଗ କଲେ ଅପରାଧ କରୁଥିବା ଲୋକକୁ ଜାଣି ପାରିବା ଏବଂ ତାକୁ ଦଣ୍ଡ ଦେଇହେବ ବୋଲି ଅତିରିକ୍ତ ଥାନା ଅଧିକାରୀ ଜଳେନ୍ଦ୍ର ସେଠି ମତ ରଖିଥିଲେ । ଏଏସ୍ଆଇ ଜଗନ୍ନାଥ ବେହେରା ଏଏସ୍ଆଇ ସମ୍ଭତ ପ୍ରଧାନ କନେଷ୍ଟବଳ ଦୁର୍ଗା ପ୍ରସାଦ ଜୋଗନି କନେଷ୍ଟବଳ ସୁନିଲ କୁମାର ଡାକୁଆ କନେଷ୍ଟବଳ ବାସନ୍ତୀ ଲତା ବାଉରି କନେଷ୍ଟବଳ ଅନିଲ ସତପଥି କନେଷ୍ଟବଳ ସମ୍ଭୁ ପାଲକା କନେଷ୍ଟବଳ ଭଞ୍ଜ କିଶୋର ଗୈଡ କନେଷ୍ଟବଳ ଭାସ୍କର ଶବର କନେଷ୍ଟବଳ ପବିତ୍ର ଶବର ହୋମ୍ ଗାଡ ଜୟ ଦେବ କରକରିଆ ହୋମ୍ ଗାଡ ତ୍ରିନାଥ ରାଓ ହୋମ୍‌ଗାର୍ଡ ସୋଭାବତି ନାଗ ଗ୍ରାମ ରଖ୍ୟକ ଦୟାନିଧି ନାଲା ଏହି ବୈଠକରେ ଯୋଗଦେଇ ଥିବା ସହ ବୈଠକକୁ ସହଯୋଗ କରିଥିଲେ । ବ୍ଲକର ୧୨ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଓ ସଭ୍ୟା ସମାଜ ସେବି, ବୁଦ୍ଧିଜୀବୀ, ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# କାମରେ ଆସୁନି ଆମିଶ ବଜାର



କନ୍ଧମାଳ, (ଭାସ୍କର ନ୍ୟୁଜ୍) : କନ୍ଧମାଳ ଜିଲ୍ଲା ଫୁଲବାଣୀ ସହରର ଏଫସିଆଇ ଛକ ଠାରେ ସର୍ବ ସାଧାରଣ ସୁବିଧା ପାଇଁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ତିଆରି ହୋଇଛି ଆମିଷ ବଜାର । ହେଲେ ଏହି ଆମିଷ ବଜାର ତିଆରି ପରଠୁ ଦୀର୍ଘ ଦିନ ହେଲା ବନ୍ଦ ହୋଇ ଭୁତ ଘର ହୋଇ ପଡ଼ିଛି । ମୁଖ୍ୟ ବଜାର ଏବଂ ସାର୍କୁଲାର ରୋଡ, ସ୍କୁଲ, କଲେଜ ପାଖରେ ଆମିଷ ବ୍ୟବସାୟୀ ଏଣେ ତେଣେ ବସୁଛନ୍ତି । ଏ ନେଇ ଲୋକମାନେ କିଣିବା ସମୟରେ ବାଇକ୍ କାର ଦୋକାନ ସାମନାରେ ରଖି ରାସ୍ତା ଜାମ କରୁଛନ୍ତି । ଏଥି ସହିତ ରାସ୍ତାରେ ଗଣ୍ଡା ଗଣ୍ଡା କୁକୁର ଆମିଶ ଦୋକାନ ଆଗରେ ବୁଲୁଛନ୍ତି । ଗାଡି ଚଳାଚଳ ବେଳେ ଲୋକଙ୍କୁ କାମୁଡି ବାକୁ ଗୋଡାଉଛନ୍ତି ଓ ଫଳରେ ଚାଳକ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏଥି ପ୍ରତି କାହାର ଦୃଷ୍ଟିପଡୁନି ବୋଲି ଦାବୀ କରିଛନ୍ତି ଆପ ଦଳର ନେତା ତଥା ଜିଲ୍ଲା ସାଧାରଣ ସମ୍ପାଦକ ଗିରିଶ ପଟ୍ଟନାୟକ । ଅନ୍ୟ ପକ୍ଷରେ ଏତେ ବହୁତ ଟଙ୍କା ଖର୍ଚ୍ଚ ହୋଇ ଦୁର୍ଗନ୍ଧ ପରିବେଶରେ ଆମିଷ ବଜାର ଅବସ୍ଥିତ ଅଛି । ଫଳରେ ବ୍ୟବସାୟୀ ଓ ଗ୍ରାହକ ମାନେ ସେ ଜାଗାକୁ ଯିବାକୁ ଉଚିତ ମନେ କରୁନାହାଁନ୍ତି । ଏଥିପ୍ରତି ଫୁଲବାଣୀ ପୌରପରିଷଦ ଏବଂ ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କଲେ ଫୁଲବାଣୀବାସୀ ଉପକୃତ ହେବେ । ତତସହିତ ଭିଜିଲାନ୍ସ ତଦନ୍ତ କରିଲେ ଆହୁରି ଗୁମର ବାହାରିବ ।

# ସରୁନି ଚିତ୍ରକୋଣ୍ଡା-ବାଲିମେଳା ମୁଖ୍ୟରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ

## ■ ସ୍ଥାନେ ସ୍ଥାନେ ଭାଙ୍ଗିଲାଣି ସୁରକ୍ଷିତ ଗାର୍ଡୱାଲ, ନିରବଦ୍ରଷ୍ଟା ସାଜିଛି ପୂର୍ତ୍ତ ବିଭାଗ



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା-ଚିତ୍ରକୋଣ୍ଡା ମୁଖ୍ୟ ରାସ୍ତାର ଏଯାଏଁ ସରିଲାନି ପ୍ରଶସ୍ତିକରଣ ନିର୍ମାଣ କାର୍ଯ୍ୟ । ତେବେ ଏହି ରାସ୍ତାଟି ମୁଖ୍ୟତଃ ପାହାଡିଆ ଘାଟି ଅଞ୍ଚଳ ଦେଇ ଯାଇଥିବା ବେଳେ ବହୁ ଅଙ୍କାବଙ୍କା ରାସ୍ତା ଦେଇ ଚିତ୍ରକୋଣ୍ଡା ଯିବାକୁ ପଡିଥାଏ । ତେବେ ଦୈନିକ ଏହି ରାସ୍ତା ଦେଇ ଶହ ଶହ ଗାଡି ଆନ୍ଧ୍ରପ୍ରଦେଶକୁ ଏବଂ ଚିତ୍ରକୋଣ୍ଡା ଅଞ୍ଚଳର ସ୍ୱାଭିମାନ ଅଞ୍ଚଳର ପ୍ରାୟ ୧୫୮ ଟି ଗ୍ରାମକୁ ଯାତାୟାତ କରୁଥିବା ବେଳେ ଅଞ୍ଚଳବାସୀ ଏହି ରାସ୍ତା ଉପରେ ନିର୍ଭର କରି ଯାତାୟାତ କରିଥାନ୍ତି । କିନ୍ତୁ ଘାଟି ରାସ୍ତାର ଉଭୟ ପାର୍ଶ୍ୱରେ ଓସାରିଆ ନିମନ୍ତେ ପୂର୍ତ୍ତବିଭାଗ ପକ୍ଷରୁ ଏହି ସିମେଣ୍ଟ କଂକ୍ରିଟ ପ୍ରଶସ୍ତିକରଣ କାର୍ଯ୍ୟ ନାମକୁ ମାତ୍ର ଆରମ୍ଭ ହୋଇ ବାଲି, ମେଟାଲ ରାସ୍ତାରେ ପଡି ରାସ୍ତା ଅବରୋଧ ହୋଇଥିବା ବେଳେ ଏଯାଏଁ ସରିଲାନି ଏହି ପ୍ରଶସ୍ତିକରଣ କାର୍ଯ୍ୟ । ଫଳରେ ବର୍ତ୍ତମାନ ବର୍ଷା ଦିନ ହେତୁ ଦୈନିକ ଯାଆସ କରୁଥିବା କିଛି ବାଇକ ଚାଳକ ଏହି ଖାଲରେ ପଡି ଦୁର୍ଘଟଣାର ଶିକାର ହୋଇ ଆହତ ହେଉଥିବା ନେଇ ଅଭିଯୋଗ କରିଛନ୍ତି । ଏଥିସହ ଆନ୍ଧ୍ରପ୍ରଦେଶରୁ ଦୈନିକ ଲୋଡ ନେଇ ଆସୁଥିବା ଟ୍ରକ ଗୁଡିକ ସାମ୍ନା ପଟୁ ଆସୁଥିବା ଅନ୍ୟ ଗାଡି ଗୁଡିକୁ ରାସ୍ତା ଦେବାକୁ ଯାଇ ଯଦି ଏହି ଖାଲରେ ପଡନ୍ତି ତ ବଡ଼ ଦୁର୍ଘଟଣାର ଶିକାର ହୋଇ ଟ୍ରକଟି ପାହାଡ଼ ତଳକୁ ଖସିପଡି ଦୁର୍ଘଟଣାର ଶିକାର ହେବା ନେଇ ଅନୁମାନ କରାଯାଉଛି । ଯଦି ସେହିପରି କିଛି ବଡ଼ ଦୁର୍ଘଟଣା ଘଟେ ତାହେଲେ ସେଥିପାଇଁ ପୂର୍ତ୍ତ ବିଭାଗ ଦାୟୀ ରହିବ କି ବୋଲି ଦୈନିକ ସେହି ବାଟ ଦେଇ ଯାଉଥିବା କିଛି ବାଇକ ଚାଳକ ଓଲଟି ପ୍ରଶ୍ନ କରିଛନ୍ତି । ଏଥି ସହ ବର୍ତ୍ତମାନ ବର୍ଷା ଦିନ ହେତୁ ବହୁ ଗଛ ଗୁଡିକର ଶାଖା ଏବଂ ଡାଳ ଗୁଡିକ ଲମ୍ବିବା ଦ୍ୱାରା ଘାଟି ରାସ୍ତାର ଏ କଡକୁ ସେ କଡ ସମ୍ପୂର୍ଣ୍ଣ ଭାବେ ଦେଖା ଯାଉନାହିଁ । ଫଳରେ ଦୈନିକ କିଛି ବାଇକ ଅରୋହୀ ଏବଂ କାର ଡ୍ରାଇଭର ମାନେ ଅଳ୍ପ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଥିବା କହିଛନ୍ତି । ଏଥିସହ ଘାଟିରେ ନିର୍ମାଣ ହୋଇଥିବା ସୁରକ୍ଷିତ ସିମେଣ୍ଟ ଗାର୍ଡ ୱାଲ ଗୁଡିକ ସ୍ଥାନେ ସ୍ଥାନେ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । ସୂଚନାଥାଉ କି ଗତ ୫ ମାସ ତଳେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ୪୭ ନଂ ରାଜ୍ୟ ରାଜପଥର ଗୋବିନ୍ଦପାଲ୍ଲୀ ଠାରୁ ଆରମ୍ଭ କରି ଚିତ୍ରକୋଣ୍ଡା ସ୍ଥିତ ଏସଆର କମ୍ପାନୀ ଦେଇ ଓଡ଼ିଶାର ଶେଷ ସୀମା ଯାଏଁ ଏହି ରାସ୍ତାର କିଛି ମରାମତି ଏବଂ ନିର୍ମାଣ ବାବଦକୁ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ହୋଇଥିବା ବେଳେ ଗଜପତି ଜିଲ୍ଲାର ଆରଆର କମ୍ପାନୀ ନାମକ ଏକ ଠିକାଦାରୀ ସଂସ୍ଥା ଏହି କାର୍ଯ୍ୟଟି ପାଇଥିଲା । କିନ୍ତୁ କିଛି ସ୍ଥାନରେ ଏହି ରାସ୍ତା ମରାମତି କାର୍ଯ୍ୟ ଚାଲିଥିବା ବେଳେ ବର୍ତ୍ତମାନ ଯାଏଁ ଏହି ବାଲିମେଳା-ଚିତ୍ରକୋଣ୍ଡା ମୁଖ୍ୟ ରାସ୍ତାର ସିମେଣ୍ଟ ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ କରି ନଥିବା ଦେଖିବାକୁ ମିଳିଛି । ତେଣୁ ତୁରନ୍ତ ଏହି ରାସ୍ତା ଓସାରିଆ କାର୍ଯ୍ୟ ଆରମ୍ଭ କରିବା ସହ ସୁରକ୍ଷିତ ସିମେଣ୍ଟର ଗାର୍ଡ-ୱାଲ ଗୁଡିକୁ ପୁନଃ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



କରଞ୍ଜିଆ (ଭାସ୍କର ନ୍ୟୁଜ): ଚାଲିଲା ଶ୍ରାବଣ ମାସ। ଏହି ଶ୍ରାବଣ ମାସର ପ୍ରଥମ ସୋମବାର ଶିବଙ୍କୁ ଜଳାଭିଷେକ କରିବା ପାଇଁ ଲାଗିଛି କାଉଡ଼ିଆଙ୍କ ଭିଡ଼। ଜଳାଭିଷେକ ପାଇଁ ଭଳିକି ଭଳି ରଙ୍ଗବେରଙ୍ଗ ରେ ସଜେଇ ହୋଇଛି ଶୈବପୀଠ । ଗେରୁଆ ରଙ୍ଗରେ ସଜାଇ ହେଇଛି କରଞ୍ଜିଆ । କିଛି ବୋଲବମ ଯାତ୍ରୀ ସୋମବାର ଜଳାଭିଷେକ କରିବା ପାଇଁ ଗୈରୀକ ବସ୍ତ୍ର ପରିଧାନ କରି ବୋଲ ବମ୍ ନାରା ଦେଇ ପୂର୍ଣ୍ଣେଶ୍ୱର ଶୈବପୀଠ, ସିଦ୍ଧେଶ୍ୱର ଶୈବପୀଠ, ବାଲୁଙ୍କେଶ୍ୱର ଶୈବପୀଠ,ଚନ୍ଦ୍ରଶେଖର ଶିବ ମନ୍ଦିରରେ ପହଞ୍ଚି ଶୃଙ୍ଖଳାର ସହିତ ଧାଡ଼ିବାନ୍ଧି ଜଳାଭିଷେକ କରିଥିଲେ। କେତେକ ଶିବ ଭକ୍ତମାନେ ପ୍ରଥମ ସୋମବାର ଦିନ ପବିତ୍ର ବୈତରଣୀ ନଦୀରୁ ପାଣି ଉଠାଇ ଚନ୍ଦ୍ରଶେଖର ମହାଦେବ, ପୂର୍ଣ୍ଣେଶ୍ୱର ମହାଦେବଙ୍କ ଠାରେ ଜଳାଭେଷେକ କରିଥିଲେ ତ ଆଉ କେତେକ ଦେଓ ନଦୀରୁ ପାଣି ଉଠାଇ ସିଦ୍ଧେଶ୍ୱର ଶୈବପିଠ, ବାଲୁଙ୍କେଶ୍ୱର ଶୈବ ପୀଠରେ ଜଳାଭିଷେକ କରିଥିଲେ।ବୋଲବମ ଭକ୍ତମାନଙ୍କ ସେବା ନିମନ୍ତେ ବୋଲବମ ସେବା ସମିତି, ହେଲପିଙ୍ଗ ହ୍ୟାଣ୍ଡର କାର୍ଯ୍ୟକର୍ତ୍ତା ପ୍ରସ୍ତୁତହୋଇ ସେବା କରିଥିଲେ । କାଉଡିଆଙ୍କ ପାଣି ଭାର ରଖିବା ପାଇଁ ସ୍ଥାନେ ସ୍ଥାନେ ବିଶ୍ରାମଗାର ସହିତ ଷ୍ଟାଣ୍ଡ ତିଆରି ହୋଇଛି । ପୂର୍ଣ୍ଣେଶ୍ୱର ଶିବ ମନ୍ଦିରରେ ଭକ୍ତମାନଙ୍କ ନିମନ୍ତେ ମାଗଣାରେ ପ୍ରସାଦ ବଣ୍ଟନ କରଯାଇଥିଲା। ଆଗକୁ ଆହୁରି ସୁନ୍ଦର ବ୍ୟବସ୍ଥା ହେବ ବୋଲି ଆୟୋଜକ ମାନେ ସୂଚନା ଦେଇଛନ୍ତି।

# ଧାନର ଅଭାବି ବିକ୍ରି ନେଇ ତହସିଲଦାରଙ୍କୁ ଦାବିପତ୍ର



କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକର ଚାଷୀମାନେ ମାତ୍ର ୩୦ଶତକଡା ଧାନ ମିଲରମାନଙ୍କୁ ଦେଇଥିବା ବେଳେ ୭୦ଭାଗ ଧାନ ଚାଷୀମାନଙ୍କ ପାଖରେ ଗଚ୍ଛିତ ଥିବା ମିଲରମାନେ ଉକ୍ତ ଧାନକୁ ଉଠାଉନଥିବାରୁ ସୋମବାର କଣାସ ବ୍ଲକର ଅନେକ ଚାଷୀ ତହସିଲଦାର ହିମାଂଶୁଶେଖର ଗିରିଙ୍କୁ ଭେଟି ଏକ ଦାବିପତ୍ର ପ୍ରଧାନ କରିଥିବା ଜଣାପଡିଛି । ଦାବିପତ୍ରରେ ଉଲ୍ଲେଖ ଯେ କଣାସ ବ୍ଲକରେ ୨୧ଟି ସମବାୟ ସମିତି ଥିବା ବେଳେ ୧୪ଟି ସେବା ସମବାୟ ସମିତିକୁ ଧାନମଣ୍ଡି ଖୋଲିବା ପାଇଁ ମଞ୍ଜୁର ମିଳିଛି । ଉକ୍ତ ୧୪ଟି ସେବା ସମବାୟ ସମିତି ଚାଷୀମାନଙ୍କ ଠାରୁ ଧାନ କିଣିବା ପାଇଁ ସଂପାଦକମାନେ ଅନଲାଇନ୍‌ରେ ଚାଷୀମାନଙ୍କ ନାମ ଓ କେତେ ପରିମାଣର ଧାନଦେବେ ପଞ୍ଜୀକୃତ କରିଛନ୍ତି । ବର୍ତ୍ତମାନ ସୁଧା ମଣ୍ଡିରୁ ମିଲରମାନେ ୩୦ଭାଗ ଧାନ ଉଠାଇଛନ୍ତି। ୧୪ଟି କୃଷି ସମବାୟ ସମିତି ୧ଲକ୍ଷ ୪୦ହଜାର କ୍ୱିଣ୍ଟାଲ ଧାନ କ୍ରୟ କରିବା ନିମନ୍ତେ ଚାଷୀମାନେ ନାମ ପଞ୍ଜୀକରଣ କରିଥିଲେ। ମାତ୍ର ଦୁଃଖର ବିଷୟ ସରକାରଙ୍କ ଦ୍ୱାର ସ୍ୱୀକୃତ ମିଲରମାନେ ମାତ୍ର ୩୦ଭାଗ ଧାନ କ୍ରୟ କରିଛନ୍ତି। ମିଲରମାନେ ଚାଷୀମାନଙ୍କୁ ଭୟଭୀତ କରାଇ ଏ ଧାନ ଭଲନାହିଁ କହି ଆମେ ନେବୁ ନାହିଁ ବୋଲି କହିବା ସହ କ୍ୱିଣ୍ଟାଲ ପିଛା ୮କେଜିରୁ ୧୮କେଜି କଟଣି ଛଟଣି କରି ନେଉଛନ୍ତି । ଏଭଳିକି ରାତି ଅଧିଆ ଆଇସ୍କାନ୍ କରି ଅନ୍ୟ ସ୍ଥାନରୁ କେବଳ ଶାସନ ଦଳର ଚାଷୀମାନଙ୍କ ଠାରୁ ଧାନ ଉଠାଉଛନ୍ତି । ସଂପାଦକମାନେ ଅନେକ ଜାଗାରେ ହାତଗୁଞ୍ଜା ନ ଦେଲେ ପଞ୍ଜୀକୃତ ଚାଷୀର ମିଲର ଦ୍ୱାରା କ୍ରୟ ନ କରାଇ ହଇରାଣ କରୁଛନ୍ତି । ଅନେକ ଜାଗାରେ ସଂପାଦକମାନେ ବିଭିନ୍ନ ଚାଷୀଙ୍କ ନାମରେ ଧାନ ବିକ୍ରୟ କରିବା ପାଇଁ ପଞ୍ଜୀକରଣ କରିଛନ୍ତି । ଯେଉଁମାନେ ବାହାରେ ରହୁଛନ୍ତି ତାଙ୍କ ଚାଷଜମିକୁ ପଞ୍ଜୀକୃତ କରି ସଂପାଦକମାନେ ନିଜେ ଧାନ ବେପାରୀଙ୍କ ଠାରୁ ୧୮ଶହରେ ଧାନ କିଣି ଏହି ଲୋକମାନଙ୍କ ନାମରେ ବିକ୍ରି କରୁଛନ୍ତି । ବିକ୍ରି ଧାନର ପଇସା ସଂପୃକ୍ତ ଚାଷୀର ଜମାଖାତାକୁ ଗଲାପରେ ସଂପାଦକମାନେ ଜମାଖାତା ଧାରୀଙ୍କୁ ସ୍ୱଳ୍ପ କିଛି ଖର୍ଚ୍ଚ ଦେଇ ଅବଶିଷ୍ଟ ସିଂହଭାଗ ଆଣି ମାଲାମାଲ ହେଉଛନ୍ତି । ଫଳରେ ପ୍ରକୃତ ପଞ୍ଜୀକୃତ ଚାଷୀମାନେ ଧାନ ବିକ୍ରି ନ କରିପାରି ମୁଣ୍ଡରେ ହାତ ଦେଇ ବସିଥିବା ଦାବିପତ୍ରରେ ଦର୍ଶାଇବା ସହିତ କଣାସ ତହସିଲଦାର, ପୁରୀ ଜିଲ୍ଲାପାଳ, ପୁରୀ ଉପଜିଲ୍ଲାପାଳ, ମୁଖ୍ୟ ଯୋଗାଣ ଅଧିକାରୀ ପୁରୀ, ଆରକ୍ଷୀ ଅଧକ୍ଷ ପୁରୀଙ୍କ ନିକଟରେ ଦାବିପତ୍ର ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବିକରିଛନ୍ତି ।

# ମହିଳା ବ୍ୟବସାୟୀଙ୍କୁ କଟୁରୀରେ ଆକ୍ରମଣ

- ବାଦ୍ ପଡିଲେନି ପଥଚାରୀ
- ଉପସ୍ଥିତ ବୁଦ୍ଧି ଯୋଗୁ ନେଇପାରିଲେନି ଟଙ୍କା





ନିଆଳି (ଭାସ୍କର ନ୍ୟୁଜ): ନିଆଳି ଥାନା ଅଧୀନରେ କସର୍ଦା ଫାଣ୍ଡି ଅଧିନସ୍ତ ଏରଞ୍ଚ ଭୋଗେଶ୍ୱର ରାସ୍ତା ହଳଦୀ ଘୋଡି ଠାରେ ନିଛାଟିଆ ଜାଗାର ସୁଯୋଗ ନେଇ ଏରଞ୍ଚ ବଜାରରୁ ବ୍ୟବସାୟ ସାରି ରାତି ୯ ଟା ସମୟରେ ଗୋବିନ୍ଦପୁର ଥାନା ଉତ୍ତାରଣ ପଂଚାୟତ ଭୋଗେଶ୍ୱର ଗ୍ରାମର ବିଶ୍ୱନାଥ ପ୍ରଧାନଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ପ୍ରଧାନ (୪୩)ଙ୍କୁ ୨ଜଣ ଦୁର୍ବୃର୍ତ୍ତ ବାଇକରେ ତାଙ୍କସ୍କୁଟି ଆଗରେ ଗାଡି ଅଟକାଇ କଟୁରୀରେ ମୁହଁ କୁ ହାଣି ଦେଇଥିଲେ। ଏହି ସମୟରେ ଏରଞ୍ଚର ନାରାୟଣ ମହାପାତ୍ର ଯାଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ମଧ ଗୋଡ଼ାଇଥିଲେ। ମହିଳା ଜଣଙ୍କ ରକ୍ତାକ୍ତ ଅବସ୍ଥାରେ ଥାଇ ଟଙ୍କା ବ୍ୟାଗଟିକୁ ରାସ୍ତା କଡ଼ରେ ଥିବା ବିଲ ଭିତରକୁ ଫୋପାଡ଼ି ଦେଇଥିଲେ। ଦୁର୍ବୃତ୍ତ ମାନେ କିଛି ନ ପାଇଁ ଭୋଗେଶ୍ୱର ରାସ୍ତାରେ ପଳାଇଥିଲେ। ମହିଳା ଜଣଙ୍କ ଗୁରୁତର ଅବସ୍ଥାରେ ଅଡଶପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଥିବା ବେଳେ ଖବର ପାଇ କସର୍ଦା ଫାଣ୍ଡି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ ଓ ନିଆଳି ଥାନା ଅଧିକାରୀ ପହଞ୍ଚି ଛାନଭିନ୍ ଆରମ୍ଭ କରିଛନ୍ତି। ଖବର ଲେଖାହେଲା ବେଳକୁ ମହିଳା ଜନକ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଥିବାରୁ ନିଆଳି ଥାନାରେ ଲିଖିତ ଅଭିଯୋଗ ହୋଇପାରି ନାହିଁ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

କଣିହାଁ (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣିହାଁ ପଞ୍ଚାୟତ ସମିତିର ପବିତ୍ରମୋହନ ସଭାଗୃହ ଠାରେ ସୋମବାର ପୂର୍ବାହ୍ନରେ ଆୟୋଜିତ ଶୁଣାଣି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାପାଳ ଅବ୍ଦାଲ ଏମ ଅଖତର ଯୋଗ ଦେଇ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ୨୬ ଅଭିଯୋଗର ଶୁଣାଣି କରିଥିଲେ । ସେଥିରୁ ବ୍ୟକ୍ତିଗତ ୧୮ଟି, ଗ୍ରାମ୍ୟ ଭିତ୍ତିକ ୬ଟି ରେଡକ୍ରସ ସହାୟତା ୨ଜଣଙ୍କୁ। ଏହି ଶିବିର ସ୍ଥଳରେ ତୁରନ୍ତ ୪ଟି ଅଭିଯୋଗର ଫଏସଲା କରାଯାଇଥିଲା। ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ବଜ୍ରକୋଟ ପଞ୍ଚାୟତର ଭକ୍ତ ବନ୍ଧୁ ଧୀର ଏବଂ ସୁଭମ ମହାପାତ୍ର ଉଭୟଙ୍କୁ ଚିକିତ୍ସା ନିମନ୍ତେ ୭୫୦୦ ଟଙ୍କା ଲେଖାଏଁ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଅଭିଯୋଗ ମୁଖ୍ୟତଃ ଗ୍ରାମ ସମସ୍ୟା, କଳକାରଖାନା ଦ୍ୱାରା ଅଧିଗୃହୀତ କ୍ଷତିଗ୍ରସ୍ତ ପ୍ରଜାଙ୍କ ନିଯୁକ୍ତି ଏବଂ ଥଇଥାନ ସମସ୍ୟା, ଜମିଜମା ସମ୍ବନ୍ଧରେ, ରାସ୍ତାଘାଟ ମରାମତି ଏବଂ ବ୍ୟକ୍ତି ଗତ ସମ୍ବନ୍ଧରେ ଆସିଥିଲା । ଶୁଣାଣିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର ନାଥ ରାଇଗୁରୁ, ଉପଜିଲ୍ଲାପାଳ ସମୀର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ , ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଚିନ୍ମୟ ଦାସ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ଯେ, ଅଭିଯୋଗ କଲେ କୌଣସି ସୁଫଳ ମିଳୁନଥିବାରୁ ଦିନକୁ ଦିନ ଅଭିଯୋଗ କମିବାରେ ଲାଗିଛି। ବ୍ୟକ୍ତିଗତ ସମସ୍ୟା ଦୂରେ ଥାଉ ସାମୂହିକ ସମସ୍ୟା ଲୋକମାନଙ୍କ ମୌଳିକ ସମସ୍ୟା ମଧ ସମାଧାନ ହେଉ ନାହିଁ। ମୂଖ୍ୟତଃ ଗମନା ଗମନ ପାଇଁ ଉଦ୍ଦିଷ୍ଟ ରାସ୍ତା ବିପର୍ଯ୍ୟସ୍ତ ହେଲାଣି, ଏଥିନେଇ ବହୁବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କଲା ପରେ ମଧ କୌଣସି ସମାଧାନ ହେଉନଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ।

# ଜଳାଶୟରୁ ନିଖୋଜ ଚାଷୀଙ୍କ ମୃତଦେହ ଉଦ୍ଧାର

ବେତନଟୀ(ଭାସ୍କର ନ୍ୟୁଜ): ଜଳାଶୟରୁ ନିଖୋଜ ଚାଷୀଙ୍କ ମୃତଦେହ ଉଦ୍ଧାର । ଧାନକ୍ଷେତରେ ସାର ସିଞ୍ଚନ କରିବା ପରେ ଘରକୁ ଫେରି ଗାଧୋଇବାକୁ ଯାଇଥିଲେ । କିନ୍ତୁ ପରେ ଆଉ ଘରକୁ ଫେରିନଥିଲେ । ସୋମବାର ସକାଳେ ଘରପାଖ ଜଳାଶୟରୁ ଅଗ୍ନିଶମ ବାହିନୀ ତାଙ୍କ ମୃତଦେହ ଉଦ୍ଧାର କରିଛି । ମୃତକ ହେଉଛନ୍ତି ରେଣୁଗାଁ ଗ୍ରାମର ୬୦ ବର୍ଷୀୟ ଲକ୍ଷ୍ମୀଧର ମହାନ୍ତ । ଘଟଣାରୁ ପ୍ରକାଶ ଲକ୍ଷ୍ମୀଧର ରବିବାର ଧାନକ୍ଷେତକୁ ସାର ସିଞ୍ଚନ କରିବାକୁ ଯାଇଥିଲେ । ଅପରାହ୍ନରେ ଘରକୁ ଫେରିବା ପରେ ଗାଧୋଇବାକୁ ବାହାରି ଯାଇଥିବାବେଳେ ଆଉ ଘରକୁ ଫେରିନଥିଲେ । ଘରଲୋକେ ଆଖପାଖ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ମିଳିପାରିନଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ମଧ ସେ ଘରକୁ ଫେରିନଥିଲେ। ଆଜି ସକାଳେ ଲକ୍ଷ୍ମୀଧରଙ୍କ ମୃତଦେହ ଘରପାଖ ଜଳାଶୟରେ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ପୋଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ମୃତଦେହ ଉଦ୍ଧାର କରିବାପରେ ବେତନଟୀ ପୋଲିସ ୩୦/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି । ଏହା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ।। ନବବଧୂର ଝୁଲନ୍ତା ଶବ ଉଦ୍ଧାର ।।

## ଜାତି, ଯୌତୁକ ଜୁଇରେ କିରଣ

ଧର୍ମଶାଳା(ଭାସ୍କର ନ୍ୟୁଜ୍) : ପାଦରୁ ଅଳତା ଲିଭିନି, ପ୍ରେମରୁ ଆରମ୍ଭ ହୋଇଥିବା ସମ୍ପର୍କ ପରେ ବିବାହ ଏବେ ହତ୍ୟାରେ ପରିଣତ ହୋଇଛି । ୫ବର୍ଷର ପ୍ରେମସମ୍ପର୍କ ପ୍ରେମୀ ଯୁଗଳଙ୍କୁ ପତିପତ୍ନୀ ଭାବେ ପରିଚିତ କରିଥିବା ବେଳେ ଆଜି ସମ୍ପର୍କ ଜାତି ଓ ଯୌତୁକ ପାଇଁ ମାତ୍ର ବିବାହର ୧ମାସ ୧୦ଦିନ ପରେ ତିକ୍ତତା ଏବଂ ହତ୍ୟାକାଣ୍ଡ ଦିଗକୁ ଚାଲିଯାଇଥିବା ଝିଅର ବାପା ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି । ସୋମବାର ଭୋର୍ ସମୟରେ ହଠାତ୍ ଝିଅର ବାପା ହରିହର ବାରିକଙ୍କ ଘର ଫୋନ୍‌କୁ କଲ୍ ଆସିଲା ବରଘର ପକ୍ଷରୁ ଝିଅ କଥା । ସେ ଆଉ ନାହିଁ, ରସିଲଗାଇ ଆତ୍ମହତ୍ୟା କରିଛି ବୋଲି । ଝିଅ କିରଣପ୍ରଭାଙ୍କ ବାପା ହରିହର ଓ ମା ଝିଅ ଘରକୁ ଯାଇ ଦେଖନ୍ତିତ । ଝିଅଜ୍ୱାଇଁ ଶୋଇଥିବା ଘରର ଫ୍ୟାନ୍‌ରେ ଲଟକିଛି ଝିଅ କିରଣପ୍ରଭାର ଶବ । ଶବଟିର ପାଦ ଅଂଶ ଚଟାଣରେ ଲାଗିଛି। ପାରିପାର୍ଶ୍ୱିକସ୍ଥିତି ଆତ୍ମହତ୍ୟାକୁ ନାପସନ୍ଦ କରୁଛି । ଏମିତି ଏକ ଅଭାବନୀୟ ଘଟଣା ଘଟିଛି ଧର୍ମଶାଳା ଥାନା ଶଙ୍ଖ ଗ୍ରାମରେ । ପ୍ରକାଶ ଯେ, ଧର୍ମଶାଳା ଥାନା ଅନ୍ତର୍ଗତ ଅଚ୍ୟୁତପୁର ଗ୍ରାମର ନବବିବାହିତା ଝିଅକୁ ସ୍ୱାମୀ ଯୌତୁକ ପାଇଁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ପାଇଁ ଶାଶୂଘର ଲୋକ ଉଦ୍ୟମ କରିଥିବା ଝିଅର ବାପା ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି । ଧର୍ମଶାଳା ଥାନା ଅଚ୍ୟୁତପୁର ଗ୍ରାମର ହରିହର ବାରିକଙ୍କ ଝିଅ କିରଣପ୍ରଭା ବାରିକ (୨୦) ଏହି ଥାନା ଅନ୍ତର୍ଗତ ପଟୁଣିଆ ପଞ୍ଚାୟତ ଶଙ୍ଖ ଗ୍ରାମର ଶ୍ରୀକାନ୍ତ ଜେନାଙ୍କୁ ଗତ ଜୁନ୍ ମାସ ୪ ତାରିଖରେ ପ୍ରେମ ବିବାହ ମହାବିନାୟକ ମନ୍ଦିରରେ କରିଥିଲେ ।




ମାତ୍ର ପରେ ଝିଅର ଶାଶୂଘର ଲୋକମାନେ ଯୌତୁକ ଆଣିବା ଓ କିରଣ ଜାତିରେ ବାରିକ ହୋଇଥିବାରୁ ତା ଉପରେ ପ୍ରଭାବ ପକାଇ ନାନାଦି ନିର୍ଯାତନା ଦେଉଥିଲେ । ରବିବାର ରାତିରେ କିରଣର ସ୍ୱାମୀ ଶ୍ରୀକାନ୍ତ ତାଙ୍କୁ ବାଡ଼େଇ ମାରିଦେଇ ଫ୍ୟାନ୍‌ରେ ଟାଙ୍ଗି ଦେଇଥିଲା । ପାରିବାରିକ କଳହ ଯୋଗୁଁ କିରଣ ଦୌଡ଼ି ଦେଇ ଆତ୍ମହତ୍ୟା କରିଥିବା ତାଙ୍କ ଶ୍ୱଶୁରଘରକୁ ଜଣାଇଥିଲେ । ଉଭୟ ଅଲଗା ଜାତି ହୋଇଥିବାରୁ ପ୍ରେମ ବିବାହ ବହୁ ବିଳମ୍ବରେ ସମ୍ପନ୍ନ ହୋଇଥିଲା । ବିବାହ ୧ମାସ ୧୦ଦିନ ହୋଇଥିଲେ ମଧ ଝିଅ ଉପରେ ବାରମ୍ବାର ଯୌତୁକ ପାଇଁ ନିର୍ଯାତନା ଦେଉଥିଲେ ବୋଲି ଧର୍ମଶାଳା ଥାନାରେ ତାଙ୍କ ବାପା ହରିହର ବାରିକ ଅଭିଯୋଗ କରିଛନ୍ତି। ଏନେଇ ଧର୍ମଶାଳା ପୋଲିସ୍ ୪୨୨/୨୫ରେ ଏକ କେଶ୍ ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣାର ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଚଳାଇଛି । ମୃତା କିରଣର ସ୍ୱାମୀ ଶ୍ରୀକାନ୍ତଙ୍କୁ ପୋଲିସ୍ ଅଟକ ରଖିବା ସହ ମଙ୍ଗଳବାର ଶବ ବ୍ୟବଚ୍ଛେଦ ହେବ ବୋଲି ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି ।

**ଘାସ ଦଳ ସଫେଇ ନାରେ ଠକେଇ ଅଭିଯୋଗ**

# ଲକ୍ଷାଧିକ ଟଙ୍କାର ବ୍ୟୟ ଅଟକଳ ସତ୍ତ୍ୱେ ସଫା ହେଉନି ଚିଙ୍ଗୁଡ଼ିଆ ଦଳ



ବଡ଼ଚଣା, (ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକର ହାଇ ଲେବୁଲ୍ କେନାଲ ଜଗତପୁର ବିରୁପାରୁ ବାହାରି ଜେନାପୁର ବ୍ରାହ୍ମଣୀରେ ମିଶିଛି। ଏବଂ ସାଉଡିଆ ବାଲିକୁଦା ଅଞ୍ଚଳ ଦେଇ ବ୍ରାହ୍ମଣୀ ନଦୀ ବୋହିଛି। ଏହାର ଶାଖା ହାରାହାରି ଛୋଟ ଛୋଟ ୨୦ ର ରୁ ଉର୍ଦ୍ଧ ହେବ କେନାଲ ବାହାରି ଚାଷ ପାଇଁ ଉଦ୍ଦିଷ୍ଟ। ପ୍ରକାଶ ଥାଉ ଚଣ୍ଡିଖୋଲ ଜଳସେଚନ ଉପଖଣ୍ଡର ଅଧିନରେ ବୈରି, ଚଣ୍ଡିଖୋଲ, ଜେନାପୁର, ଖାଏମା, ସାଉଡ଼ିଆ ୫ ଗୋଟି ଜେ.ଇ ସେକ୍ସନ ଅବସ୍ଥିତ, ଏହି କାର୍ଯ୍ୟଳୟ ଅଧିନସ୍ଥ ଥିବା ନଦୀ, କେନାଲର ଘାସ ଓ ଦଳ ସଫା, ବେଡ୍ କଟିଂ, ଘାଇ ବନ୍ଧା, ବନ୍ଧ ମରାମତି କାମ ଗୁଡ଼ିକ ବର୍ଷା ଦିନ ପୂର୍ବରୁ ଜଳସମ୍ପଦ ବିଭାଗ ତରଫରୁ କାର୍ଯ୍ୟ କରାଯାଇଥାଏ। ଏହା ଏଥର ବ୍ୟତୀକ୍ରମ ଘଟିଛି। ଜଳସେଚନ ବିଭାଗ ତରଫରୁ ୨୮ ଗୋଟି ଟେଣ୍ଡର କରାଯାଇ ୧ କୋଟି ୬୩ ଲକ୍ଷ ୫୩ ହଜାର ଟଙ୍କା ସରକାରୀ ଟଙ୍କା ଖର୍ଚ୍ଚ କରାଯିବ। ବଡ ୧୬ ଲକ୍ଷ ୫୦ ହଜାରରୁ ସବା ଛୋଟ ୨ ଲକ୍ଷ ୧୦ ହଜାର ପର୍ଯ୍ୟନ୍ତ ଟେଣ୍ଡର ଡକା ଯାଇ ଠିକାଦାରଙ୍କ ନାମ ଘୋଷଣା ହୋଇଛି। ୨୮ ଗୋଟି ଟେଣ୍ଡର ମଧ୍ୟରୁ ୨୦ ଜଣ ଠିକାଦାରଙ୍କର କାଗଜ ପତ୍ର ବା ଏଗ୍ରିମେଣ୍ଟ ହୋଇନଥିଲେ ତରବରିଆ ଭାବେ କାର୍ଯ୍ୟ ଆରମ୍ଭ କରିଥିବା ନଜରକୁ ଆସିଛି, କାର୍ଯ୍ୟ ସମାପ୍ତି ସମୟ ୯୦ ଦିନ ୧୫୦ ଦିନ ପଯ୍ୟନ୍ତ ଦିଆଯାଇଛି। କାର୍ଯ୍ୟ କରିବାପାଇଁ ହାଇଲେବୁଲ କେନାଲରୁ ଦଳ ସଫେଇ, ବେଡ୍ କଟିଂ ଏବଂ ଚିଙ୍ଗୁଡ଼ିଆ ଦଳ ସଫା କରିବାରେ ଥିଲେ ମଧ ହାଇଲେବୁଲ କେନାଲ ବା ତା'ର ଶାଖା କେନାଲ ଗୁଡ଼ିକର ଚିଙ୍ଗୁଡ଼ିଆ ଦଳକୁ ଆଦୌ ସଫା କରା ଯାଉନି ବୋଲି ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିଛନ୍ତି। ସାଉଡିଆର ବ୍ରାହ୍ମଣୀ ନଦୀ ଓ ହାଇଲେବୁଲ କେନାଲ ଲଗାଣ ବର୍ଷା ଯୋଗୁଁ ପାଣି ଭର୍ତ୍ତି ହୋଇ ଚାଲିଥିବା ବେଳେ କିପରି କାର୍ଯ୍ୟ କରାଯାଉଛି ବୋଲି ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ହାଇଲେବୁଲ କେନାଲ ୫ ଟି ଭାଗରେ ବୈରି ଠାରୁ ଜେନାପୁର ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଟେଣ୍ଡର ଡକାଯାଇଛି। ହାଇଲେବୁଲ କେନାଲରେ ଦଳ ଓ ଚିଙ୍ଗୁଡ଼ି ଆ ଦଳ ଠେସି ହୋଇ ରହିଥିବା ବେଳେ ଯାହା ସଫା କରାଯାଉଛି ତାହାକୁ ବାହାରେ ଫୋପାଡି ବା ନିୟମ ହେଲେ ମଧ ସେହି କେନାଲ ପାଖରେ ଠିକାଦାର ରଖିଥିବା ଦେଖା ଦେଇଛି, ଲଘୁଚାପ ଜନିତ ଲଗାଣ ବର୍ଷା ଆଉ କିଛି ଦିନପରେ ଜଳସେଚନ ବିଭାଗ କେନାଲ ଗୁଡ଼ିକରେ ପାଣି ଛାଡ଼ିବ ପାଖରେ ପକାଇ ଥିବା ପଙ୍କ ମାଟି ଦଳ ପୁଣି ଭିତରେ ପସି ଜାମ୍ ହୋଇଯିବ। ପ୍ରତିବର୍ଷ ସରକାରୀ କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ହେଲେ କେବଳ ଠିକାଦାର ମାଲେମାଲ ହୋଇଥିବା ଜଣାଯାଏ ବର୍ତ୍ତମାନ ସଫେଇ ନାମରେ ଠକେଇ ପାଣି ଟଙ୍କା ପାଣିରେ। ଏଭଳି କାର୍ଯ୍ୟକୁ ଚାଷି କୂଳ ବୁଦ୍ଧିଜୀବୀ ମାନେ ବିରୋଧ ଓ ଅଭିଯୋଗ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଗଣମାଧ୍ୟମ ଦ୍ୱାରା ଦାବି କରିଛନ୍ତି।

# କଳାକାର ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର




ଜଳେଶ୍ୱର, (ଭାସ୍କର ନ୍ୟୁଜ୍) : ସୋମବାର ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣୀ ଶିବିରରେ ଜଳେଶ୍ୱର କଳାକାର ସଘଂ ପକ୍ଷରୁ ଏକ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଆଞ୍ଚଳିକ ଯାତ୍ରାପାର୍ଟି ଓ କଳାକାର ମାନଙ୍କ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଉଭୟ ଯାତ୍ରାପାର୍ଟି ଓ କଳାକାର ଚୁକ୍ତିପତ୍ର କରୁ ନାହାନ୍ତି, ଯାହା ଦ୍ୱାରା ଅନେକ ସମୟରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଜିଲ୍ଲାପାଳ ଓ ତହସିଲଦାର ବିନା ଅନୁମତିରେ ଯାତ୍ରାପାର୍ଟି ଘଡ଼ି ନ ଉଠିବା ସହିତ ଯାତ୍ରାପାର୍ଟି ପଞ୍ଜିକୃତ ହେବାର ନିୟମ କରାଯାଉ। କଳାକାର ସଙ୍ଘର ବାଲେଶ୍ୱର ଅଫିସ ଗୃହ ନିର୍ମାଣ ପାଇଁ ସରକାର ୨୦୨୧ ମସିହାରୁ ନିର୍ଦ୍ଦେଶ ଥିବା ବେଳେ ଆଜି ପର୍ଯ୍ୟନ୍ତ ସ୍ଥାନ ମିଳି ପାରିଲା ନାହିଁ,ତେଣୁ ତୁରନ୍ତ ଅଫିସ ଗୃହ ନିମନ୍ତେ ସ୍ଥାନ ଯୋଗାଇ ଦିଆଯାଉ। ଏ ବାବଦରେ ମୁଖ୍ୟମନ୍ତ୍ରୀ, ଚିଫ ସେକ୍ରେଟାରୀ, କଲଚୁରାଲ ସେକ୍ରେଟାରୀ ଓ ରେଭେନ୍ୟୁ ସେକ୍ରେଟାରୀଙ୍କୁ ଗତ ମାର୍ଚ୍ଚ ୧ ତାରିଖରେ ସାକ୍ଷାତ କରି ଅବଗତ କରିବା ସହିତ ମେଲ ଯୋଗେ ଦୃଷ୍ଟି ଆକର୍ଷଣ କରା ଯାଇଥିଲା। ଯାହାକି ତା'ର ସଠିକ୍ ଉତ୍ତର ଏ ପର୍ଯ୍ୟନ୍ତ ମିଳିପାରି ନାହିଁ। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ସାରା ଓଡ଼ିଶାରେ ୩୮ ହଜାର ୭ ଶହ କଳାକାର ଯୋଗ୍ୟ ବିବେଚିତ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ୨୨୬୫ଜଣ କଳାକାର ଯୋଗ୍ୟ ବିବେଚିତ ହୋଇ ୨୦୨୧ ମସିହାରୁ ଅପେକ୍ଷା ତାଲିକାରେ ରହିଛନ୍ତି, ସେମାନଙ୍କୁ ତୁରନ୍ତ କଳାକାର ଭତ୍ତା ପ୍ରଦାନ କାରାଯିବାର ବ୍ୟବସ୍ଥା କରାଯାଉ। ଗତ ସରକାର ୨୦୨୪ ମାର୍ଚ୍ଚ ୧୫ ତାରିଖରେ ନୂତନ କଳାକାର ଭତ୍ତା ଆବେଦନ କରିବା ପାଇଁ ବିଜ୍ଞାପନ ଦେଇଥିଲେ, ତାହାକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ, ଓଡ଼ିଶା ସରକାର ଏବେ ୮୦ ବର୍ଷ ରୁ ଉର୍ଦ୍ଧ୍ୱ ବୟସ୍କ ବୃଦ୍ଧ ବୃଦ୍ଧାଙ୍କୁ ମାସିକ ୩୫୦୦ ଟଙ୍କା ବର୍ଦ୍ଧିତ ଭତ୍ତା ପ୍ରଦାନ କରୁଥିବା ବେଳେ କଳାକାର ୨୫୦୦ ଟଙ୍କା ଦିଆ ଯାଉଛି। ତେଣୁ ସରକାରଙ୍କ ଇସ୍ତାହାର ଅନୁସାରେ କଳାକାର ଭତ୍ତା ୨୫୦୦ ରୁ ୫୦୦୦ ଟଙ୍କା କୁ ବୃଦ୍ଧି କରାଯିବା ପାଇଁ କଳାକାରମାନଙ୍କ ଦାବି ସମୂହ ସମାଧାନ ନିମନ୍ତେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ର ପ୍ରଦାନ ସମୟରେ କଳାକାର ସଂଘର ସଭାପତି ଗୌରାଙ୍ଗ ଚରଣ ଦାସ, ସମ୍ପାଦକ ପ୍ରଫୁଲ୍ଲ କୁମାର ଘୋଷ, ଉପସଭାପତି ରାଧାକୃଷ୍ଣ ଗିରି, ସାଧାରଣ ସମ୍ପାଦକ ବିଜୟ କୁମାର ଜେନା, ଉପଦେଷ୍ଟା ରବିନ୍ଦ୍ର ନାଥ ବେହେରା, ସଦସ୍ୟ ଶମ୍ଭୁନାଥ ବେହେରା, ଭୁବନ ଚରଣ ପାତ୍ର, ପ୍ରଫୁଲ୍ଲ ସାହୁ ଓ ଗୌରାଙ୍ଗ ଚରଣ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳଗିରି, ଚାକୁଣ୍ଡା କାଠ ବୋଝେଇ ଟ୍ରକ୍ ଜବତ


ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ବନ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଉମରକୋଟ ପରିବହନ ହେବାକୁ ଥିବା ଏକ କାଠ ବୋଝେଇ ଟ୍ରକକୁ ଅଟକ ରଖିଛି ଓ ଗାଡି ନମ୍ବର ସିଜି ୦୪ ଏନ ଏକ୍ସ ୧୭୦୬କୁ ଅଟକ ରଖିଥିବା ବେଳେ ଉକ୍ତ ଟ୍ରକରେ ନିଳଗିରି କାଠ ସହ କିଛି ଚାକୁଣ୍ଡା କାଠ ବେଆଇନ ଭାବେ ଚାଲାଣ ହେଉଥିବା ସୂଚନା ମିଳିଛି। ବନବିଭାଗ ପକ୍ଷରୁ ଗାଡି ଯାଞ୍ଚ କରାଯାଇଥିବା ବେଳେ ଉକ୍ତ ଟ୍ରକ ଚାକୁଣ୍ଡା କାଠର କିଛି ନଥିପତ୍ର ବନ ବିଭାଗକୁ ନଦେଖାଇବାରୁ ଗାଡିଟିକୁ ଅଟକ ରଖାଯାଇ ସେଥିରୁ କାଠ ଗୁଡ଼ିକୁ ଜବତ କରି ଟ୍ରକଟିକୁ ଛାଡି ଦେଇଥିବା ବନବିଭାଗ ପକ୍ଷରୁ ସୁଚନା ରହିଛି। ଉକ୍ତ ଚାକୁଣ୍ଡା ଗଛ ଗୁଡିକ ନିଜସ୍ୱ ଜମିରୁ କଟା ଯାଇଛି ନା ଜଙ୍ଗଲ ଜମିରୁ କଟାଯାଇଛି, ଯଦି ନିଜସ୍ୱ ଜମିରୁ କଟା ଯାଇଛି ତେବେ ରାଜସ୍ୱ ନିରିକ୍ଷକ ଓ ବନବିଭାଗ ଅଧିକାରୀଙ୍କ ମିଳିତ ଯାଞ୍ଚ ହୋଇଛି କି ନାହିଁ ସେ ବାବଦରେ ବନବିଭାଗ ପକ୍ଷରୁ ତଦନ୍ତ ଜାରି ରହିଥ ?ବା ବେଳେ ଆବଶ୍ୟକ ନଥିପତ୍ର ପାଇବା ପରେ ହିଁ ଉକ୍ତ କାଠ ଗୁଡ଼ିକୁ ନେବା ଅନୁମତି ଦିଆଯିବ ବୋଲି ମାଲକାନଗିରି ବନାଞ୍ଚଳ ଅଧିକାରୀବ ରମେଶ ରାଉତ ପ୍ରକାଶ କରିଛନ୍ତି।

# ରାଶିଫଳ

**ବୁଧବାର, ୧୬ ଜୁଲାଇ ୨୦୨୫**



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଲାଭ ସୁଯୋଗ ଆସିବ। ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବିନିଯୋଗ ଶୁଭ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଏହାର ପ୍ରଭାବ ଚାକିରି କ୍ଷେତ୍ରରେ ପଡିବ।




**ବୃଷ:** ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ। ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ। ଆପଣ ସାମାଜିକ ସେବା କରିବାକୁ ପ୍ରେରଣା ପାଇବେ। ସମ୍ମାନ ପାଇବେ। ଟଙ୍କା ମିଳିବା ସହଜ ହେବ। ଆଘାତ ଏବଂ ରୋଗ ହେତୁ ବାଧା ହେବାର ସମ୍ଭାବନା ଅଛି।



**ମିଥୁନ:** ଯେ କୌଣସି ବଡ ସମସ୍ୟାର ସମାଧାନ ସହଜ ହେବ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଭାଗ୍ୟ ଆପଣଙ୍କ ସହିତ ରହିବ।



**କର୍କଟ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଚାକିରିରେ ମିଳିବ।




**ସିଂହ:** ଶତ୍ରୁତା ରହିବ। ପୂଜାରେ ନିୟୋଜିତ ହେବେ। ବ୍ୟବସାୟରୁ ଲାଭ ବୃଦ୍ଧି ହେବ। କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ। ଏକ ବିବାଦରେ ବିଜୟ ହାସଲ କରାଯାଇପାରେ। ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ। ଚିନ୍ତିତ ହେବେ।




**କନ୍ୟା:** ଦୂରରୁ ଭଲ ଖବର ଗ୍ରହଣ କରାଯିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ। ପରିବାରରେ ଯେ କୈଣସି ଚାହିଦା କାମ ସମ୍ଭବ। ଅସ୍ଥିରତା ହୋଇପାରେ। ବକ୍ତବ୍ୟରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ। ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ। ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ। ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ପ୍ରୟାସ ସଫଳ ହେବ। ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। କିଛି ବଡ କରିବାର ଇଚ୍ଛା ହେବ। ବ୍ୟବସାୟ ଭଲ କରିବ। ଟଙ୍କା ମିଳିବା ସହଜ ହେବ।




**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ। ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ। ଦୌଡାଦୌଡ଼ି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ବେପରୁଆ ହୁଅନ୍ତୁ ନାହିଁ। କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ।




**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି। ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ। ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଚିନ୍ତିତ ହେବେ।



**ମକର:** କାରବାରରେ ସାବଧାନ ରୁହ। ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟ ବୃଦ୍ଧି ପାଇବ। ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ। କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ। ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ। ବିବାଦର ସମାଧାନ ହୋଇପାରିବ। ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ। ଖୁସି ହେବେ। ପାରିବାରିକ ସହାୟତା ଜାରି ରହିବ। ଆୟ ବୃଦ୍ଧି ପାଇବ।



**ମୀନ:** ସୁଖ ବୃଦ୍ଧି ପାଇବ। ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ। ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ। ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ। ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ।



ଗଣନା ସୂତ୍ର


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଖଡ଼ିଆଳ(ଭାସ୍କର ନ୍ୟୁଜ): ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ଜନ୍ମଦିନ ଅବସରରେ ବିଜେଡି ତରଫରୁ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଖଡ଼ିଆଳ ଅଗ୍ରସେନ୍ ଭବନରେ ଆୟୋଜିତ ଶିବିରରେ ଅନେକ ସ୍ୱେଚ୍ଛାସେବୀ, ଯୁବକ ଯୁବତୀ ଓ ବିଜେଡି କର୍ମୀ ରକ୍ତଦାନ କରିଥିଲେ। ଏଥିରେ ୭୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପରେ ବାଦିସ୍ଥିତ ଆଇଟିଆଇ କଲେଜରେ ସମଲେଇ ସେନା ପକ୍ଷରୁ ବୃକ୍ଷରୋପଣ କରାଯାଇ ବିଧାୟକଙ୍କ ଶୁଭ କାମନା କରାଯାଇଥିଲା। ବିଧାୟକଙ୍କ ଏଭଳି କାର୍ଯ୍ୟକୁ ପ୍ରତ୍ୟେକ ମହଲରେ ପ୍ରଶଂସା କରାଯାଇଛି। ବିଧାୟକ ଅଧୀରାଜ ପାଣିଗ୍ରାହୀ, ଖଡ଼ିଆଳ ଡିଏଫ୍‌ଓ ଅଜିଜ ଖାନ୍, କଲେଜ୍ ଛାତ୍ରଛାତ୍ରୀ ଓ ସମଲେଇ ସେନା ମିଶି ବୃକ୍ଷ ଚାରା ରୋପଣ କରିଥିଲେ। ଲୋକଙ୍କ ଭଲ ପାଇବା ଓ ଆଶୀର୍ବାଦରୁ ସେ ଲୋକଙ୍କ କାର୍ଯ୍ୟ କରି ଚାଲିଥିବେ ବୋଲି ଶ୍ରୀ ପାଣିଗ୍ରାହୀ କାର୍ଯ୍ୟକ୍ରମରେ ପ୍ରକାଶ କରିଥିଲେ। ଏଥିରେ ବିଜେଡି କର୍ମୀ ହୀରାଧର ମେହେର, ଯୋଗେନ୍ଦ୍ର ପାଣ୍ଡେ, ତନ୍ମୟ ବାଗ, ହେମସଗାର ନାଗ, ବିଜୟ ପଟେଲ, ସନ୍ତୋଷ ପଟ୍ଟନାୟକ, ସତପାଲ ସିଂ ଛାବଡା, ରମାକାନ୍ତ ପାତ୍ର, ସାନ ଜଗତ ଓ ବଡ ଜଗତ, ସରସ୍ୱତୀ ବାଗ, ରବି ପାଣିଗ୍ରାହୀ,ସହଯୋଗ କରିଥିଲେ। ନୂଆପଡା ଜିଲ୍ଲା ଚିକିତ୍ସାଳୟର କର୍ମଚାରୀ ରକ୍ତ ସଂଗୃହୀତ କରି ନୂଆପଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।

## ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଞ୍ଚ କାରବାର ଅଭିଯୋଗ

### ହାତଗୁଞ୍ଜା ନ ଦେଲେ ମିଳୁନି ଜନ୍ମମୃତ୍ୟୁ ପ୍ରମାଣପତ୍ର

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ୍ମମୃତ୍ୟୁ ପଞ୍ଜିକରଣ ବିଭାଗରେ ଚାଲିଛି ମୋଟା ଅଙ୍କର ଲାଞ୍ଚ କାରବାର। ଗରିବ ନିରୀହ ବ୍ୟକ୍ତିଙ୍କ ଠାରୁ ମୋଟା ଅଙ୍କର ଲାଞ୍ଚ ନେଇ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଲଟିଛି ଦୁର୍ନୀତିର ଗନ୍ତାଘର । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମ ମୃତ୍ୟୁ ପଞ୍ଜିକରଣ ବିଭାଗରେ କାର୍ଯ୍ୟ କରୁଥିବା ଢେପାଗୁଡା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ବିଜୟ କୁମାର ସାହୁ ଏବଂ ଗୋବିନ୍ଦପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ପୁରୁଷ ସ୍ୱାସ୍ଥ୍ୟକର୍ମୀ ବିଶ୍ୱନାଥ ବେହେରା ଦୁହେଁ ମିଳିତ ଭାବେ ପଞ୍ଜିକରଣ ବିଭାଗରେ ବସି ଗରିବ ଲୋକଙ୍କ ଠାରୁ ମୋଟା ଅଙ୍କର ଟଙ୍କା ପ୍ରତିଦିନ ଆଦାୟ କରୁଛନ୍ତି। ଟଙ୍କା ନ ଦେଲେ ସେମାନଙ୍କ କାଗଜପତ୍ର ଫିଙ୍ଗି ଦେଉଛନ୍ତି ଦାୟିତ୍ୱରେ ଥିବା ଅଧିକାରୀ। ଶୁକ୍ରବାର ଦିନ ଜଣେ କାର୍ଯ୍ୟରତ ସାମ୍ବାଦିକ ମୋଜେସ ରଇତ ତାଙ୍କ ବାପାଙ୍କ ମୃତ୍ୟୁ ପ୍ରମାଣ ପତ୍ର ନେବାପାଇଁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ଜନ୍ମ ମୃତ୍ୟୁ ପଞ୍ଜିକରଣ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ଦାୟିତ୍ୱରେ ଥିବା ଅଧିକାରୀ ତାଙ୍କୁ ତିନି ଶହ ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ନ ଦେବାରୁ କାର୍ଯ୍ୟରତ ଖବରଦାତା ପିତାଙ୍କ ଆବେଦନପତ୍ର ଫିଙ୍ଗି ଦେଇ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିଲେ ବୋଲି ଖବରଦାତା ମୋଜେସ ଅଭିଯୋଗ କରିଛନ୍ତି । ତେବେ ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ.ଜୟ ପଣ୍ଡାଙ୍କୁ ଅବଗତ କରାଇଥିଲେ ଶ୍ରୀ ରଇତ । କିନ୍ତୁ ସେ ଏହି ଘଟଣା ଉପରେ ପଦକ୍ଷେପ ନେବା ପରିବର୍ତ୍ତେ ମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି କହିଥିଲେ । ତେଣୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଜାଣତରେ ଲାଞ୍ଚ କାରବାର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ପଞ୍ଜିକରଣ ବିଭାଗରେ ଜଣେ ଅଧିକାରୀ ନିଯୁକ୍ତି ଦେବା ପରିବର୍ତ୍ତେ ବିଭିନ୍ନ ସେକ୍ଟରର ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଦାୟିତ୍ୱ ଦେଇ ଲାଞ୍ଚ କାରବାରକୁ ପରୋକ୍ଷରେ ପ୍ରୋତ୍ସାହନ ଦେଉଛନ୍ତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ । ଏସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଶେଖ ମୁବାରକ ଅଲ୍ଲୀଙ୍କୁ ପଚାରିବାରେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଞ୍ଚ କାରବାର ହେଉଥିବା ନେଇ ସେ ବହୁବାର ଶୁଣିବାକୁ ପାଇଛନ୍ତି । ତେଣୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ତେବେ ଲାଞ୍ଚ କାରବାର ନେଇ ବହୁବାର ଅଭିଯୋଗ ହେବା ସତ୍ତ୍ୱେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତାଙ୍କର ଚିରାଚରିତ ଢଙ୍ଗରେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହୁଛନ୍ତି, କିନ୍ତୁ ପରବର୍ତ୍ତୀ ସମୟରେ ସେ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି । ତେଣୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଲାଞ୍ଚ କାରବାର ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

## ସୁଦେବ ଉମରକୋଟ ବିଜେପି ନଗର ଯୁବମୋର୍ଚ୍ଚା ସଭାପତି



ଉମରକୋଟ(ଭାସ୍କର ନ୍ୟୁଜ): ଭାରତୀୟ ଜନତା ପାର୍ଟି ଉମରକୋଟର ଯୁବ ମୋର୍ଚ୍ଚା ସଭାପତି ଭାବେ ସୁଦେବ ନନ୍ଦୀ କୁ ଦାୟିତ୍ୱ ମିଳିଛି। ସୁଦେବ ଦୀର୍ଘ ୯ ବର୍ଷ ରୁ ଊର୍ଦ୍ଧ୍ୱ ହେବ ଦଳର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଥିବାବେଳେ, ୨୦୨୨ ପୌର ନିର୍ବାଚନରେ କାଉନସିଲର ପ୍ରାର୍ଥୀ ଭାବେ ଦଳରୁ ଟିକେଟ ହାତେଇଥିଲେ। କିନ୍ତୁ ଅଳ୍ପ ଭୋଟ ବ୍ୟବଧାନରେ ପରାଜିତ ହେଇଥିଲେ। ଏହା ପୂର୍ବରୁ ସୁଦେବ ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ଓ ନଗର ସାଧାରଣ ସମ୍ପାଦକ ଭାବେ ମଧ୍ୟ କାର୍ଯ୍ୟ ତୁଲାଇଛନ୍ତି। ବର୍ତ୍ତମାନ ସୁଦେବ ଆରଏସଏସ ସଂଘର ସକ୍ରିୟ କାର୍ଯ୍ୟକର୍ତ୍ତା ସହିତ ନିଖିଳ ଭାରତ ବଙ୍ଗାଳି ସମନ୍ୱୟ ସମିତି ନବରଙ୍ଗପୁର ଜିଲ୍ଲା କମିଟିର ଯୁବ ସମ୍ପାଦକ ଓ ମା' ପେଣ୍ଡ୍ରାଣୀ ଏଗ୍ରୋ ଆସୋସିଏସନ ର ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଅଞ୍ଚଳରେ ସୁଦେବ ବିଜେପିର ଜଣେ ସଂଗ୍ରାମୀ ଯୁବନେତା ଭାବେ ବେଶ ପରିଚିତ। ଯୁବ ସଭାପତି ପଦ ପାଇବା ପରେ ସୁଦେବ ରାଜ୍ୟ ସଭାପତି ମନମୋହନ ସାମଲ, ଜିଲ୍ଲା ସଭାପତି କୁଞ୍ଜ ଦାସ, ସ୍ଥାନୀୟ ବିଧାୟକ ତଥା କେବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜିଲ୍ଲା ଯୁବ ସଭାପତି ଶୁଭଜିତ ପାଣିଗ୍ରାହୀ, ନଗର ସଭାପତି ସନ୍ତୋଷ ଶର୍ମାଙ୍କୁ ଧନ୍ୟବାଦ ଦେଇଛନ୍ତି। ଆଗାମୀ ଦିନରେ ବିଜେପି ଉମରକୋଟ ନଗରରେ ଯୁବମୋର୍ଚ୍ଚାକୁ ଆହୁରି ଶକ୍ତିଶାଳୀ କରିବା ସହ ଯୁବଗୋଷ୍ଠୀଙ୍କୁ ନେଇ ଅଞ୍ଚଳର ସମସ୍ୟା କୁ ଦୂର କରିବାକୁ ପ୍ରୟାସ କରାଯିବ ବୋଲି କହିଛନ୍ତି। ଆଗାମୀ ଦିନରେ କିଭଳି ଉମରକୋଟ ନଗରରେ ଭଲ କାମ କରାଯିବ ସେଥିପାଇଁ ସୁଦେବ ଅଞ୍ଚଳବାସୀଙ୍କ ଆଶୀର୍ବାଦ ଓ ସହଯୋଗ କାମନା କରିଛନ୍ତି।

## ମାନବିକତା ଦେଖାଇ ରକ୍ତଦାନ କରି ଜୀବନ ବଞ୍ଚାଇଲେ ମନୋଜ




ମାଲକାନଗିରି (ଭାସ୍କର ନ୍ୟୁଜ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ମାଲକାନାଗିରି ଜିଲ୍ଲା ମାଥିଲି ବ୍ଲକର ମାଳିଗୁଡା ଗ୍ରାମର ଧନ ମାଛଙ୍କୁ ସିଭିଅର ଏନିମିୟା ଯୋଗୁଁ ତାଙ୍କୁ ଏବି ପଜିଟିଭ୍ + ରକ୍ତର ଆବଶ୍ୟକତା ପଡ଼ିଥିଲା । ପରିବାର ଲୋକେ ରକ୍ତ ଯୋଗାଡ ପାଇଁ ବିଭିନ୍ନ ସ୍ଥାନରେ ଯୋଗାଯୋଗ କରି ନିରାଶ ହେବା ପରେ ମାଲକାନଗିରି ବେଙ୍ଗଲୀ ସମାଜର ନଗର ସମ୍ପାଦକ ତଥା ରିକ୍ଲାମେସନ୍ ରାଇଜିଂ କ୍ଲବ ସଦସ୍ୟ ମନୋଜ କୁମାର ଚୌଧୁରୀଙ୍କ ସହ ଯୋଗାଯୋଗ କରିଥିଲେ । ତେବେ ଏହି ଖବର ମନୋଜ କୁମାର ଚୌଧୁରୀ ଜାଣିବା ପରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଜୁ ଜନତା ଦଳ ମାଲକାନଗିରି ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କୁ ତୁରନ୍ତ ଯୋଗାଯୋଗ କରିଥିଲେ । ମାନବିକତା ଦେଖାଇ ଶ୍ରୀ ତ୍ରିପାଠୀ ସହାୟତା ପାଇଁ ଆଗେଇ ଆସି ରକ୍ତଭଣ୍ଡାରକୁ ଯାଇ ରକ୍ତଦାନ କରି ଧନ ମାଛଙ୍କ ଜୀବନ ବଞ୍ଚାଇଥିଲେ । ତେବେ ତାଙ୍କର ଏଭଳି ମହତ୍ କାର୍ଯ୍ୟ ଯୋଗୁଁ ତାଙ୍କୁ ସହରର ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଏହି ଅବସରରେ ମାଲକାନଗିରି ବେଙ୍ଗଲୀ ସମାଜର ନଗର ସଭାପତି ଦିଲିପ ଦାସ, ସିଖପାଲି ଜିଲ୍ଲା ପରିଷଦ ମୁକ୍ତା ମାଡକାମି, କେ. ରାହୁଲ, ବୀରମୋହନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମା' ପେଣ୍ଡ୍ରାଣୀ ଦେବୀଙ୍କ ଯାତ୍ରା ମହାଆଡମ୍ବରରେ ପାଳିତ



ଉମରକୋଟ (ଭାସ୍କର ନ୍ୟୁଜ): ଉମରକୋଟର ଅଧିଷ୍ଠାତ୍ରୀ ଦେବୀ ମା'ପେଣ୍ଡ୍ରାଣୀଙ୍କ ଯାତ୍ରା ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ମା' ଙ୍କ ଦର୍ଶନ ନିମନ୍ତେ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେଇଥିଲା। ଯାହା ମା'ଙ୍କ ପ୍ରତି ଭକ୍ତଙ୍କର କେତେ ଆସ୍ଥା ଓ ବିଶ୍ୱାସ ରହିଛି ତାହା ଦର୍ଶାଉଥିଲା । ପ୍ରତ୍ୟେକ ବର୍ଷ ଶ୍ରାବଣ ମାସର ପ୍ରଥମ ସୋମବାର ଦିନ ମା' ଙ୍କ ଯାତ୍ରା ଅନୁଷ୍ଠିତ ହୁଏ। ସକାଳୁ ମା'ପେଣ୍ଡ୍ରାଣୀଙ୍କ ମହାଆଳତି, ଷୋଡ଼ଶ ଉପଚାର,ପଣା ଆଦି ରୀତିନୀତି ଅନୁଯାୟୀ କରାଯାଇ ମା'ଙ୍କୁ ପୂଜାଅର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ମା' ଅଞ୍ଚଳବାସୀଙ୍କୁ ସମସ୍ତ ବିପଦ, ରୋଗରୁ ସୁରକ୍ଷା ଦେବା ସହ ସମସ୍ତ ଭକ୍ତ ଯେମିତି ସୁଖ ସମୃଦ୍ଧିରେ ଜୀବନ ଯାପନ କରିବେ ସେଥିପାଇଁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଲାଠି, ପାଲିଙ୍କି, କୁର୍ଚି ସହ ହଜାର ହଜାର ଭକ୍ତଙ୍କ ଗହଣରେ ସହର ପରିକ୍ରମା କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ମାଙ୍କ ବାଦ୍ୟର ତାଳେ ତାଳେ ଦୀର୍ଘ ସମୟ ଧରି ନାଚିଥିଲେ । ମା'ଙ୍କ ଏହି ଯାତ୍ରା ଶହ ଶହ ବର୍ଷ ଧରି ଚାଲି ଆସୁଥିବା ଅନୁମାନ କରାଯାଉଛି। ମା' ଙ୍କୁ ଯେକୌଣସି ଭକ୍ତ ମନସ୍କାମନା କଲେ ତାହା ମା' ପୂରଣ କରନ୍ତି ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ତେଣୁ ମା' ଙ୍କ ଦର୍ଶନ ପାଇଁ ଆଖପାଖ ଅଞ୍ଚଳ ତଥା ପଡୋଶୀ ରାଜ୍ୟ ଛତିଶଗଡ଼, ଆନ୍ଧ୍ରପ୍ରଦେଶରୁ ଶହ ଶହ ଭକ୍ତଙ୍କ ଭିଡ ଲାଗିଥାଏ। ମା'ଙ୍କ ଦର୍ଶନ କରିବା ପରେ ସୁଖ ଶାନ୍ତି ପ୍ରାପ୍ତ ହୋଇଥାଏ ବୋଲି ଭକ୍ତଙ୍କ ଅଗାଧ ବିଶ୍ୱାସ ରହିଛି।

## ପଙ୍କ ଉଦ୍ଧାରବେଳେ ଭାଙ୍ଗିଲା ଗାର୍ଡୱାଲ



କନ୍ଧମାଳ(ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା ସଦର ବ୍ଲକ ମନୁପାଲି ନିକଟରେ ଜଳସେଚନ ବିଭାଗ ପକ୍ଷରୁ ବାଘନଦୀ କେନାଲର ଗାର୍ଡୱାଲ ପଙ୍କ ଉଦ୍ଧାର କାର୍ଯ୍ୟ ଜେସିବି ଲଗାଇ ଚାଲିଥିଲା। ଏହି ସମୟରେ କେନାଲର କଙ୍କ୍ରିଟ ଗାର୍ଡୱାଲ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । ଫଳରେ ଉକ୍ତ କେନାଲ ଉପରେ ନିର୍ଭରଶୀଳ ଚାଷୀମାନେ ପ୍ରତିବାଦ କରିବା ସହିତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଜେସିବିରେ ପଙ୍କ ଉଦ୍ଧାର କାର୍ଯ୍ୟ ବିଭାଗ ବନ୍ଦ ରଖିଛି । ଚାଷୀଙ୍କ ଅଭିଯୋଗ ଅନୁଯାୟୀ କିଛି ବର୍ଷ ତଳେ ନିର୍ମିତ ଗାର୍ଡୱାଲ କାମ ହୋଇଥିବାବେଳେ ପଙ୍କ ଉଦ୍ଧାର ପାଇଁ ଶ୍ରମିକ ଦ୍ୱାରା କାର୍ଯ୍ୟ କରାନଯାଇ ଜଳସେଚନ ବିଭାଗ ଜେସିବି ସାହାଯ୍ୟରେ କାମ କରିବା ଫଳରେ କଂକ୍ରିଟ ଗାର୍ଡୱାଲ ଭାଙ୍ଗି କେନାଲ ଭିତରେ ଓ ହୁଡ଼ାରେ ପକାଇ ଦିଆଯାଇଛି । ଏ ଘଟଣା ଦେଖିବା ପରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଥିଲା । ବିଭାଗୀୟ ଯନ୍ତ୍ରୀଙ୍କ ଖାମ ଖିଆଲି ମନୋଭାବ ଯୋଗୁଁ ଏଭଳି ଗାର୍ଡୱାଲ ଭାଙ୍ଗି ଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି ।

### ପ୍ରେମୀଯୁଗଳଙ୍କୁ ବଳଦ କରି ଗାଁଦାଣ୍ଡରେ ବୁଲାଇବା ଘଟଣା

## ତଦନ୍ତ କଲେ ଦକ୍ଷିଣାଞ୍ଚଳ ରାଜସ୍ୱ ବିଭାଗ ଉପନିର୍ଦ୍ଦେଶକ



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ପେଦାଇଟିକି ଗାଁରେ ପ୍ରେମୀଯୁଗଳଙ୍କୁ ବଳଦ କରି ଗାଁ ଦାଣ୍ଡରେ ବୁଲାଇବା ଘଟଣାର ତଦନ୍ତ କରିଛନ୍ତି ଦକ୍ଷିଣାଞ୍ଚଳ ରାଜସ୍ୱ ବିଭାଗ ଉପନିର୍ଦ୍ଦେଶକ ଅଶୋକ ଶତପଥି । ଅପରାହ୍ନରେ ବୋରିଗୀ ପଞ୍ଚାୟତ ସରପଞ୍ଚଙ୍କ ସହ ପ୍ରେମୀଯୁଗଳଙ୍କ ପରିବାର ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ତଦନ୍ତ କରିଛନ୍ତି। ଘଟଣା କିପରି ଘଟିଲା , କେଉଁମାନେ ସମ୍ପୃକ୍ତି ,କିଏ ଏହା ପଛରେ ଥିଲା, ଗାଁ ଲୋକଙ୍କ ଚାପରେ ଏପରି କରାଯାଇଥିଲା ନା ଆଦିବାସୀ ପ୍ରଥା ଅନୁସାରେ ଏପରି କରାଯାଇଥିଲା। ଏହି ତଥ୍ୟ ସଂଗ୍ରହ କରି ଫେରି ଯାଇଛନ୍ତି ଅଧିକାରୀ।

## ଛତୁ ସଂଗ୍ରହବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ, ୩ ଆହତ

ମାଲକାନଗିରି (ଭାସ୍କର ନ୍ୟୁଜ): ଜିଲ୍ଲା ସୀମାନ୍ତ ଛତିଶଗଡ଼ ଉସୁର ଥାନା ଧନଗୋଲ ଗାଁରେ ଅଘଟଣ। ଜଙ୍ଗଲରୁ ଛତୁ ସଂଗ୍ରହ ପାଇଁ ଯାଇଥିବାବେଳେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୩ ଗୁରୁତର ଆହତ। ସୂଚନା ମୁତାବକ ଗ୍ରାମବାସୀମାନେ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇଥିଲେ,ସେତେବେଳେ ନକ୍ସଲମାନଙ୍କ ଦ୍ୱାରା ଲଗାଯାଇଥିବା ଆଇଇଡି ସଂସ୍ପର୍ଶରେ ଆସି



ବିସ୍ଫୋରଣର ଶିକାର ହୋଇଥିଲେ। ଆହତ ଗ୍ରାମବାସୀଙ୍କ ମଧ୍ୟରେ କୋରସେ ସନ୍ତୋଷ (ବୟସ ୨୪ ବର୍ଷ) ପିତା ଲକ୍ଷ୍ମୈୟା ଚିନ୍ଦେମ୍, କନହୈୟା (ବୟସ ୨୬ ବର୍ଷ) ପିତା କିସ୍ତାୟ ଓ କୁଡେମ୍ କବିତା (ବୟସ ୧୭ ବର୍ଷ) ପିତା ନାଗୈୟା ବୋଲି ଜଣାପଡ଼ିଥିବାବେଳେ ଆହତମାନଙ୍କୁ ତୁରନ୍ତ ବିଜାପୁର ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ।ତେବେ ନକ୍ସଲମାନଙ୍କ ଏପରି ଜଙ୍ଗଲରେ ଆଇଇଡି ଖଞ୍ଜି ରଖିଥିବା ଯୋଗୁ ବର୍ତ୍ତମାନ ଜଙ୍ଗଲକୁ ଯିବାକୁ ଡରୁଛନ୍ତି ଲୋକେ। ପ୍ରଶାସନ ତରଫରୁ ଜଙ୍ଗଲକୁ ଯିବାକୁ ହେଲେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି ।

## ଦୁର୍ନୀତିରେ ଉବୁଟୁବୁ ଭୋଜପୁର ପଞ୍ଚାୟତ

### ବିକାଶ ନାମରେ ଅଳ୍ପ କାମକରି ଅଧିକ ଉଠାଣ ଅଭିଯୋଗ



ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅର୍ନ୍ତଗତ ଭୋଜପୁର ଗ୍ରାମ ପଞ୍ଚାୟତ ଦୁର୍ନୀତି ର ଶୀର୍ଷରେ ପହଂଚି ଥିବା ଗ୍ରାମ ପଞ୍ଚଯାତ ବାସି ଅଭିଯୋଗ କରିବା ସହ ଚର୍ଚ୍ଚା କରୁଛନ୍ତି। ଲୋକଙ୍କ କହିବା ଅନୁଯାଇ ଭୋଜପୁର ସରପଞ୍ଚ କୁଳମଣି ନାୟକ ଗ୍ରାମ ପଞ୍ଚଯାତ

### ଭିଜିଲାନ୍ସ ତଦନ୍ତ ଦାବି

ଯେତେ ବି ଉନ୍ନତି ମୂଳକ କାମ ହେଉଛି ସେସବୁ ତାଙ୍କ ପୁଅ ଠିକା କରୁଥିବା ଅଭିଯୋଗ ହେଉଛି। ସରପଞ୍ଚ କୁଳମଣି ନାୟକ ଓ ପୁଅ ମିଶି ପଂଚାୟତକୁ ଖୋଲ କରିସାରିଲେଣି। କୌଣସି ୱାର୍ଡ ମେମ୍ବର କି ଗ୍ରାମ ଲୋକଙ୍କୁ ମଧ୍ୟ ଖାତିର କରୁନାହାନ୍ତି। ଗ୍ରାମ ପଂଚାୟତ ରେ ମାସିକ ବୈଠକ ମଧ୍ୟ ଠିକ ଭାବେ ହେଉନାହିଁ। ଲୋକ ଦେଖାଣିଆ କେତେବେଳ ନିଜର ସ୍ୱାର୍ଥ ପାଇଁ ଦେଖାଉଛନ୍ତି ଗ୍ରାମ ସେବା ବା ମାସିକ ବୈଠକ। ପଂଚାୟତର ରାସ୍ତାରେ ମୁରୁମ ବିଛେଇବାଠାରୁ ନେଇ ମେଟାଲିଙ୍ଗ, କଂକ୍ରିଟ, ପାର୍କ ନିର୍ମାଣ, ବାଲିଛୁଆ ଖ ନ ନ ରୋଡ଼ ରାସ୍ତାର ନିର୍ମାଣ,ମନରେଗା ଭଳି ସବୁ କାମ ତାଙ୍କ ପୁଅ କରୁଛନ୍ତି ବୋଲି ଲୋକେ କହୁଛନ୍ତି। ପାର୍କ ର ଅବସ୍ଥା ନ କହିଲେ ଭଲ ଲୋକଙ୍କ ସୁବିଧା ପାଇଁ ପାର୍କ ନିର୍ମାଣ ର ବ୍ୟବସ୍ଥା ସରକାର କଲେ ହେଲେ ଜରାଜୀର୍ଣ୍ଣ ଅବସ୍ଥା ରେ ଭୋଜପୁର ପାର୍କ ।ଲୋକେ କାମ କଲା ପାରିଶ୍ରମିକ ଟଙ୍କାକୁ ମଧ୍ୟ ହଡପ କରିଥିବା ଶ୍ରମିକ ମାନେ କହୁଛନ୍ତି। ଆବାସ ଘର, ବୁଢାବୁଢ଼ି ଭର୍ତ୍ତା, କରେଇଦେବା ନାଁରେ ଲାଞ୍ଚ ନେଉଥିବା ଚର୍ଚ୍ଚା ହେଉଛି। ମୃତୁ ବରଣ କରୁଥିବା ଲୋକଙ୍କ ହରିଶ୍ଚନ୍ଦ୍ର ଯୋଜନାର ଦୁଇ ହଜାର ଟଙ୍କା ସମ୍ପର୍କୀୟକୁ ଦେଇ ବାକି ଟଙ୍କା ଆତ୍ମସାତ କରୁଛନ୍ତି। ଦୁର୍ନୀତିର ଶୀର୍ଷକରେ ଭୋଜପୁର ଗ୍ରାମପଞ୍ଚଯାତ। ଅଳ୍ପ କାମ କରି ଅଧିକ ଟଙ୍କା ଉଠାଣ, ଦାୟିତ୍ୱରେ ଥିବା ଜେ ଇ ଙ୍କ ଠାରୁ ଇସଟିମେଣ୍ଟ ନ କରି, ଅନ୍ୟ ବାହାର ଲୋକଙ୍କ ଠାରୁ ଇସଟିମେଣ୍ଟ କରି ବଳ ପୂର୍ବକ କାମ କରିବା। ପଂଚାୟତ ର ସବୁ କାମ କାଗଜ ପତ୍ର କଲମରେ ରେ ଚାଲିଛି ବୋଲି ଅଭିଯୋଗ ହେଉଛି। ହେଲେ ଅଭିଯୋଗ କାରି ତାଙ୍କ ନାମ ଗୋପନ ରଖିବାକୁ କହୁଛନ୍ତି.। କାଳେ ସେମାନେ ଜାଣିଲେ ତାଙ୍କୁ ପଂଚାୟତ ର ସବୁ ସୁବିଧାରୁ ବଞ୍ଚିତ କରିଦେବା ସହ ହଇରାଣ କରିବେ ବୋଲି ସେମାନେ ତାଙ୍କ ନାମ ପ୍ରକାଶ କରିବାକୁ ମନା କରିଛନ୍ତି। ଏସବୁ ସମସ୍ୟା କୁ ନେଇ ସରପଞ୍ଚ କୁଳମଣି ନାୟକ ଙ୍କୁ ପଚାରିବାରୁ ଏସବୁ ସମ୍ପୂର୍ଣ୍ଣ ମିଛ ବର୍ତମାନ ଭୋଜପୁର ପଂଚାୟତ ଲାଞ୍ଚ ମୁକ୍ତ ପଂଚାୟତ ବୋଲି ପ୍ରକାଶ କରିଥିଲେ.। ମୁଁ ନିଜେ ଘରର ଟଙ୍କା ଆଣି କୋଠା ଘର, ବନ୍ଧ ପୋଖରୀ, ସବୁ କରିଛି ବର୍ତ୍ତମାନ ପର୍ଯ୍ୟନ୍ତ ଟଙ୍କା ପାଇଁ ନାହିଁ ବୋଲି କହିଥିଲେ। ତାଙ୍କ ପୁଅ କଥା ପଚରିବାରୁ ମୋର ପୁଅ ଅଛି ବୋଲି ପଂଚାୟତ ର ଉନ୍ନତି କାମ ହେଉଛି ।ତେଣୁ ଗ୍ରାମପଞ୍ଚାୟତ ବାସି ଭୋଜପୁର ଗ୍ରାମ ପଂଚାୟତ କୁ ଭିଜିଲାନ୍ସ ତଦନ୍ତ କରିବାକୁ ଦାବିକରୁଛନ୍ତି।

## କାଦୁଅରେ ଭର୍ତ୍ତି ହାତୀପାଲି ଗାଁ ରାସ୍ତା, ଲୋକେ ନାକେଦମ୍

କନ୍ଧମାଳ(ଭାସ୍କର ନ୍ୟୁଜ): ଗ୍ରାମାଞ୍ଚଳ ଗମନାଗମନକୁ ସୁଗମ କରିବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଏଥିପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଗ୍ରାମାଞ୍ଚଳରେ ମନରେଗା ମାଧ୍ୟମରେ ରାସ୍ତା ନିର୍ମାଣ ହେଉଛି। ହେଲେ ହାତୀପାଲିରେ ଏସବୁ ଯୋଜନାରୁ ବଞ୍ଚିତ ହେଉଛନ୍ତି । ଏବେ ମଧ ହାତୀପାଲିକୁ ସବୁଦିନ ଯିବାଆସିବା ପାଇଁ ଭଲ ରାସ୍ତାଟିଏ ନିର୍ମାଣ ହୋଇ ପାରିନାହିଁ। ବର୍ଷା ଦିନ ହେଲେ ଗମନା ଗମନ ପାଇଁ ଗ୍ରାମବାସୀଙ୍କୁ ଚିନ୍ତା ଘାରୁଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଲିଆପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ହାତୀପାଲି ଗ୍ରାମବାସି ରାସ୍ତା ପାଇଁ ବହୁତ



ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନ ହେଲେ ପାଣି କାଦୁଅରେ ରାସ୍ତାଟି ପରିପୂର୍ଣ୍ଣ ହୋଇଯାଏ। ଯାହାଫଳରେ ଲୋକମାନ ଯାତାୟାତ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ରେ ବର୍ଷା ଦିନରେ ଆମ୍ବୁଲାନ୍ସ ମଧ ଯିବା ବହୁତ୍ କଷ୍ଟକର ହୋଇଥାଏ । ବର୍ଷା ଦିନେ ଏଭଳି କାଦୁଅ ହୋଇପଡେ ଯେ ଚାଲି କି ଯିବା ମଧ ସମ୍ଭବ ହୋଇ ନ ଥାଏ । ଉକ୍ତ କାଦୁଅ ଭର୍ତ୍ତି ରାସ୍ତାରେ ଛାତ୍ରଛାତ୍ରୀଙ୍କ ସହ ଲୋକେ ବିପଦପୂର୍ଣ୍ଣ ଭାବରେ ଯାଇଥାନ୍ତି । ଅସାବଧାନତା ବଶତଃ ଅନେକ ଲୋକ ଯିବା ସମୟରେ ପଡି ଆହତ ହୋଇଥିବା ନଜିର ରହିଛି । ଏଥିପ୍ରତି ଜିଲ୍ଲାପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କରି ସବୁଦିନିଆ ଭଲ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଚାରିଶମ୍ଭୁ ପୁରୁଣା ଐତିହାସିକ ଶୈବପୀଠରେ କାଉଡ଼ିଆଙ୍କ ଜଳଲାଗି

ବୌଦ୍ଧ(ଭାସ୍କର ନ୍ୟୁଜ): ଶ୍ରାବଣ ମାସର ପ୍ରଥମ ସୋମବାରରେ ଅଞ୍ଚଳର ଚଣ୍ଡିତଳ, ଚଣ୍ଡିଗଡ଼, ଦାମୋଦରପୁର, କୃଷ୍ଣପାଲି, ଖଳିଆପାଲି, ବନ୍ଧାପଥର,ପଲାଶ, ଐତିହାସିକ ଗନ୍ଧରାଡ଼ିର ସିଦ୍ଧେଶ୍ୱର ଓ ପଶ୍ଚିମ ସୋମନାଥ ଆଦି ଶୈବପୀଠରେ କାଉଡିଆଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଦୂରଦୂରାନ୍ତରୁ କାଉଡିଆମାନେ ଆସି ବିଭିନ୍ନ ଶୈବପୀଠ ନିକଟରେ ଥିବା ଗୋଷ୍ଠୀକେନ୍ଦ୍ର, ସ୍କୁଲ, ବିଶ୍ରାମଗାରରେ ରାତ୍ରିଯାପନ କରି ସକାଳୁ ନିକଟସ୍ଥ ପୋଖରୀ, ନାଳ ଓ ନଦୀରେ ସ୍ନାନ କରି ଭାରରେ ପାଣି ଧରି ଶିବାଳୟକୁ ଯାତ୍ରା କରିଥିଲେ। ସେଥିପାଇଁ ମନ୍ଦିର ପୂଜକ ଭୋରରୁ ଶୌଚ ସ୍ନାନ ସାରି ନୀତିକାନ୍ତି ଭାବେ ପୂଜା କରି ମନ୍ଦିର ଦ୍ୱାର ଖୋଲିଥିଲେ। ଦ୍ୱାର ଖୋଲିବା ମାତ୍ରେ କାଉଡିଆମାନେ ଜଳ ଲାଗି ଲମ୍ବା ଧାଡିରେ ଠିଆ ହୋଇଥିଲେ। ବିଶେଷକରି ଐତିହାସିକ ପୃଷ୍ଠଭୂମି ବହନ କରୁଥିବା ଗନ୍ଧରାଡ଼ି(ଚାରିଶମ୍ଭୁ) ପୀଠରେ ପ୍ରବଳ ଗହଳିକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ପକ୍ଷରୁ



ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କାଉଡିଆମାନେ ଧାଡିରେ ଜଳଲାଗି କରିବା ପାଇଁ ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଥିଲା। ତେବେ ଭକ୍ତଙ୍କ ପାଇଁ ଏଠାରେ ପାନୀୟ ଜଳ, ରହିବା ପାଇଁ କୌଣସି ସୁବିଧା ନଥିବାରୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଦୀର୍ଘ ଦିନ ହେଲା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇଥିଲେ ମଧ ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ରୋଷେଇ ଶାଳ ଓ ଭୋଗ ମଣ୍ଡପ ପାଇଁ ୩୫ ଲକ୍ଷ ଟଙ୍କା ପଶ୍ଚିମ ଓଡିଶା ବିକାଶ ପରିଷଦରୁ ୨ ବର୍ଷ ହେଲା ଅନୁଦାନ ମଞ୍ଜୁରୀ ହୋଇଥିଲେ ମଧ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏହା ନିର୍ମାଣ ହୋଇ ପାରୁନାହିଁ। ଜହ୍ନାପଙ୍କ ଛକରୁ ଚାରିଶମ୍ଭୁ ମନ୍ଦିର ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ପ୍ରସ୍ତାବ ରହିଥିଲେ ମଧ୍ୟ ତାହା ଫାଇଲରେ ସୀମିତ ରହିଛି। ଉପରୋକ୍ତ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଲେ ଏହା ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ହୋଇପାରିବ ଏଥିରେ ଦ୍ୱିମତ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଆମରଣ ଅନଶନରେ ୪ ସମିତି ସଭ୍ୟା

### ଉନ୍ନତିମୂଳକ କାମରେ ବାଧା ଓ ଜନପ୍ରତିନିଧିଙ୍କୁ ଉପେକ୍ଷା ଅଭିଯୋଗ



ପାଟଣାଗଡ(ଭାସ୍କର ନ୍ୟୁଜ): ପାଟଣାଗଡ ବ୍ଲକରେ ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରାଯିବା ଓ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଉପେକ୍ଷା କରାଯିବା ଅଭିଯୋଗ କରି ଏହାର ପ୍ରତିବାଦରେ ଗତ ଜୁନ ମାସ ୨୪ ତାରିଖରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପାଟଣାଗଡ ବ୍ଲକର ସମିତି ସଭ୍ୟ ଏବଂ ସଭ୍ୟାମାନେ ଧାରଣାରେ ବସିଥିଲେ। ଏହାର ସମାଧାନ ନହେବାରୁ ୧୪ ତାରିଖ ଠାରୁ ସେମାନେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ପାଟଣାଗଡ ବ୍ଲକରେ ଗତ ଏକବର୍ଷ ହେବ ଉନ୍ନତିମୂଳକ କାର୍ଯ୍ୟ ହେଉନାହିଁ। ପଂଚାୟତ ସମିତି ବୈଠକରେ ଯେତେ ପ୍ରସ୍ତୁତି ଅନୁମୋଦନ ହେଲେ ବି ତାହା ଚାପ ପ୍ରୟୋଗ କରାଯାଇ ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରାଯାଉଛି। ଏହାକୁ ବିରୋଧ କରି ପ୍ରଥମେ ବିଡିଓଙ୍କୁ ଉନ୍ନତିମୂଳକ କାର୍ଯ୍ୟ ସୁରୁଖୁରୁରେ ଚାଲୁ ବୋଲି ସମିତି ସଭ୍ୟ ସଭ୍ୟା ମାନେ ଅନୁରୋଧ କରିଥିଲେ। ପରେ ଉପଜିଲ୍ଲାପାଳ ଏବଂ ପରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଥିଲେ। ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ବଲାଙ୍ଗିର ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାକୁ ଅଣଦେଖା କରାଗଲା ଫଳରେ ବାଧ ହୋଇ ସମିତି ସଭ୍ୟ ଓ ସଭ୍ୟା ମାନେ ଗତ ଜୁନ ୨୪ ତାରିଖ ଠାରୁ ବ୍ଲକ ପରିସରରେ ଧାରଣା ଦେଇ ଆସୁଥିଲେ। ବହୁ ଦିନ ହେଲା ସେମାନେ ଧାରଣାରେ ବସିଥିବା ବେଳେ ସେମାନଙ୍କ ଦାବିକୁ କେହି ଶୁଣୁନଥିବାରୁ ସୋମବାର ସକାଳୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଏହି ଅନଶନରେ ବ୍ଲକ ଉପାଧକ୍ଷା ଲକ୍ଷ୍ମୀ ମାଝୀ, ଭରତ ବାହାଲ ସମିତି ସଭ୍ୟା ମଂଜରୀ ଭୁଏ, କେନ୍ଦୁମୁଣ୍ଡି ସମିତି ସଭ୍ୟା ଭୂମିସୁତା ଧରୁଆ,ବରପଦର ସମିତି ସଭ୍ୟା ରଜନୀ ଧରୁଆ ବସିଥିବାବେଳେ ତାଙ୍କ ସହ ସମିତି ସଭ୍ୟ ଓ ସଭ୍ୟାମାନେ ସାମିଲ ହୋଇଛନ୍ତି। ତଥାପି ସରକାର ତାଙ୍କ ଦାବି ନଶୁଣିଲେ ଆଗାମୀ ଦିନରେ ବଲାଙ୍ଗିର ଜିଲ୍ଲାପାଳଙ୍କ ଅଫିସ ଘେରାଉ କରାଯିବା ସହ ସେଠାରେ ଅନଶନ ଜାରି ରଖାଯିବ ବୋଲି ସମିତି ସଭ୍ୟ ସଭ୍ୟା ମାନେ କହିଛନ୍ତି।

## ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ

କନ୍ଧମାଳ(ଭାସ୍କର ନ୍ୟୁଜ): ଗତକାଲି ଶ୍ରାବଣମାସର ପ୍ରଥମ ସୋମବାର ଉପଲକ୍ଷେ ଗୋଇପିଟା (ଦମାମୁଣ୍ଡା ) ସ୍ଥିତ ଶ୍ରୀଖୁଙ୍କୁଡ଼େଶ୍ୱର ମହାଦେବ ମନ୍ଦିରରେ ସ୍ଥାନୀୟ ଡୁମାଳ ସମାଜ ତରଫରୁ କାଉଡିଆ ଏବଂ ଶୈବଭକ୍ତଙ୍କୁ ମାଗଣା ପ୍ରସାଦ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମନ୍ଦିର ସଭାପତି ହର ମେଣ୍ଡିଲି, କାଶୀବିଶ୍ୱନାଥ କର୍ଣ୍ଣ, ସଂକର୍ଷଣ କର୍ଣ୍ଣ,ଅରୁଣ ପ୍ରଧାନ, ଦେବେନ୍ଦ୍ର ବସ୍ତିଆ, ରଞ୍ଜନ ପାତ୍ର, ବେଣୁଧର କର୍ଣ୍ଣ, ସତ୍ୟନାରାୟଣ ମହାକୁଡ଼, ଓ ଅନ୍ୟମାନେ ପରିଚାଳନା କରିଥିଲେ। ଜିଲ୍ଲାପରିଷଦ ଉପସଭାପତି ଶଙ୍କର୍ଷଣ ପ୍ରଧାନ, ସମାଜସେବୀ ସୁଧୀର ମହାକୁଡ଼, ଶିକ୍ଷକ ନିରଞ୍ଜନ କର୍ଣ୍ଣ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଆଗାମୀ ତିନୋଟି ସୋମବାର ଭିନ୍ନ ଭିନ୍ନ ଶୈବ ପୀଠରେ ଏପରି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି କରାଯାଇଥିଲା ।



ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକରେ ୧୫ଦିନ ହେଲା ଝାଡାବାନ୍ତି ଲାଗିରହିଥିବା ବେଳେ ଆଜି କରମଙ୍ଗା ଗ୍ରାମରୁ ୪ଜଣ ଗୋଟିଏ ପରିବାରରୁ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବା ବେଳେ ବିଭିନ୍ନ ପଞ୍ଚାୟତରେ ବିଭିନ୍ନ ଗ୍ରାମରୁ ୧୬ଜଣ ଝାଡାବାନ୍ତି ରୋଗୀ ଚିକିତ୍ସିତ ହେଉଛନ୍ତି । ଦୀର୍ଘ ୧୫ଦିନ ହେଲା ଝାଡାବାନ୍ତି ଲାଗିରହିଛି । ଏସଂପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷମାନିଧି ସେଠୀଙ୍କୁ ପଚାରିବାରୁ ସେକୁହନ୍ତି ଜନସାଧାରଣଙ୍କ ସଚେତନତା ଅଭାବରୁ ଝାଡାବାନ୍ତି ଲାଗିରହିଛି । ବିଶେଷକରି ଗ୍ରାମବାସୀମାନେ ପାଇଖାନା ବ୍ୟବହାର ନ କରି ବାହାରେ ମଳତ୍ୟାଗ କରୁଥିବା ଏବଂ ନଦୀନାଳର ବିଶୁଦ୍ଧ ପାଣିକୁ ବ୍ୟବହାର କରୁଥିବାରୁ ଝାଡାବାନ୍ତି ଲାଗିରହିଛି । ପ୍ରକାଶ ଥାଉକି ୩ମାସ ତଳେ ଗଡିଶାଗୋଦା ଅଂଚଳରେ ନୂଆଗାଁ, ନଈକୂଳପାଟଣା, ଗଡିଶାଗୀଦା, ଯାମଳଗୋଦା, ଯାଗୁଲେଇପଦର, କଳାପଦର, ଗୋପିନାଥପୁର ଗ୍ରାମରେ ଦୀର୍ଘ ୧ମାସ ଧରି ଝାଡାବାନ୍ତି ଲାଗିରହିବା ଏବଂ ୬ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହେବାରୁ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ, ରାଜ୍ୟ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇ ପଡିଥିଲା ।



## ଓଡ଼ିଶା ସରକାରଙ୍କ ନୂଆ ପଦକ୍ଷେପ
# ମୂଳପୋଛ ହେବେ ମାଓବାଦୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଦେଶର ମାଓ ପ୍ରଭାବିତ ରାଜ୍ୟଗୁଡ଼ିକରେ ମାଓବାଦୀଙ୍କ ଉପସ୍ଥିତି ଦିନକୁ ଦିନ କମିବାରେ ଲାଗିଛି । ଦୁର୍ବଳ ହେବାରେ ଲାଗିଛି ମାଓ ସଂଗଠନ । କେତେବେଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ମାଓବାଦୀମାନେ ନିପାତ ହେଉଛନ୍ତି ତ ଆଉ କେତେବେଳେ ସଂଗଠନର ନିର୍ଯାତନାରେ ବୀତସ୍ପୃହ ହୋଇ ବହୁ ମାଓବାଦୀ ସଂଗଠନ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଆତ୍ମସମର୍ପଣ କରୁଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ୨୦୨୬ ମାର୍ଚ୍ଚ ସୁଦ୍ଧା ସାରା ଦେଶରୁ ମାଓବାଦୀଙ୍କୁ ମୂଳପୋଛ କରାଯିବ । ଏହି କ୍ରମରେ ସାରା ଦେଶରେ ମାଓ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଅପରେସନକୁ ଜୋରଦାର କରାଯାଇଛି ।



ମାଓବାଦୀମାନଙ୍କୁ ଓଡ଼ିଶାରୁ ମୂଳପୋଛ କରିବା ପାଇଁ ଅପରେସନକୁ ଅଧିକ ତୀବ୍ର କରିବା ନିମନ୍ତେ ଆଗପାଦେ ଆଗେଇଛନ୍ତି ଓଡ଼ିଶା ସରକାର । ଆଗକୁ ମାଓବାଦୀଙ୍କ ଉପସ୍ଥିତିକୁ ନେଇ ସୂଚନା ଦେବାପାଇଁ ଟୋଲ ଫ୍ରି ନମ୍ବର ଜାରି କରାଯିବ । ଯେଉଁମାନେ ଏ ସଂପର୍କରେ ସୂଚନା ଦେବେ ସେମାନଙ୍କ ପରିଚୟ ଗୋପନ ରଖାଯିବ । ଆଗକୁ ନୂଆ ରଣନୀତି ସହ ଗୁଇନ୍ଦା ସକ୍ରିୟତା ଉପରେ ଧ୍ୟାନ ଦିଆଯିବ ବୋଲି କହିଛନ୍ତି ଏଡିଜି ନକ୍ସଲ ବିରୋଧୀ ଅପରେସନ ତଥା ବରିଷ୍ଠ ଆଇପିଏସ୍ ଅଧିକାରୀ ସଞ୍ଜୀବ ପଣ୍ଡା । ତେବେ ନିକଟରେ ମାଓ ସଂଗଠନର କେନ୍ଦ୍ରୀୟ କମିଟି ତରଫରୁ ଜାରି ଏକ ୨୪ ପୃଷ୍ଠାର ବୁକ୍‌ଲେଟ୍‌ରେ କୁହାଯାଇଛି ଯେ ମାଓବାଦୀମାନେ ତାଙ୍କର ଆଗାମୀ ରଣନୀତି ସ୍ପଷ୍ଟ କରିବେ । ସରକାରଙ୍କ ଯୋଜନାବଦ୍ଧ ଆକ୍ରମଣ ଓ ସୁରକ୍ଷାବାହିନୀର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଚଳିତମାସ ୨୮ରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ଗୋଟିଏ ସପ୍ତାହ ଧରି ସହିଦ ସପ୍ତାହ ପାଳନ କରିବ ମାଓ ସଂଗଠନ । ଏଥିରେ ଆହୁରି ଉଲ୍ଲେଖ କରାଯାଇଛି ଯେ ଗୋଟିଏ ବର୍ଷରେ ୩୫୭ଜଣ ମାଓବାଦୀଙ୍କର ମୃତ୍ୟୁ ଘଟିଛି । ସବୁଠୁ ଅଧିକ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ୨୮୧ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିବା ଏଥିରେ କୁହାଯାଇଛି ।

## ଶିକ୍ଷକ ଓ କର୍ମଚାରୀ ପେନସନର୍ସ ମହାସଂଘର ଜାତୀୟ ପ୍ରତିବାଦ ଦିବସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନିଖିଳ ଓଡ଼ିଶା ଶିକ୍ଷକ ଓ କର୍ମଚାରୀ ପେନସନର୍ସ ମହାସଂଘର ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ସମସ୍ତଙ୍କୁ ପୁରୁଣା ପେନସନ ଦେବା, ୪ ଗୋଟି ଶ୍ରମକୋଡ଼ ବାତିଲ୍ କରିବା ଆଦି ୮ଦଫା ଦାବି ସମ୍ୱଳିତ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ରାଜ୍ୟର ଅବହେଳିତ ପେନସନର୍ସଙ୍କୁ ଚିକିତ୍ସା ଭତା ସମେତ ସ୍ୱାସ୍ଥ୍ୟବୀମା ଦେବା, କମ୍ୟୁଟେସନ ପେନସନକୁ ୧୦ବର୍ଷ ଆଠମାସରେ କାଟିବା ପାଇଁ ଆଦେଶ ଦେବା ଆଦି ୭ଦଫା ଦାବି ସମ୍ୱଳିତ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଏହି ସ୍ମାରକପତ୍ର ପ୍ରଦାନ ସମୟରେ ନିଖିଳ ଓଡ଼ିଶା ଶିକ୍ଷକ ଓ କର୍ମଚାରୀ ପେନସନର୍ସ ମହାସଂଘର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମିଶ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ କ୍ଷେତ୍ରମୋହନ ଦାସ, ଉପାଧ୍ୟକ୍ଷ ସଦାନନ୍ଦ ବେହେରା, ମହାସଚିବ ନରୋତ୍ତମ ପାର୍ଥସାରଥୀ, କାହ୍ନୁଚରଣ ମଲ୍ଲିକ, ବିଜୟ କୁମାର ନାୟକ ଓ ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କ ସମେତ ଶତାଧିକ ପେନସନର୍ସ ଯୋଗ ଦେଇଥିଲେ ବୋଲି ଅଖିଳ ଭାରତ ରାଜ୍ୟ ସରକାରୀ ମହାସଂଘର କାର୍ଯ୍ୟକାରୀ ସଭ୍ୟ କାହ୍ନୁଚରଣ ମଲ୍ଲିକ ଜଣାଇଛନ୍ତି ।

## କଂଗ୍ରେସ ଅନୁସୂଚିତ ଜାତି ବିଭାଗ ରାଜ୍ୟ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶକ୍ରମେ ରାଜ୍ୟ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକ ରାଜ୍ୟ କର୍ମକର୍ତା ମାନଙ୍କ ମଧ୍ୟରେ ବିଭିନ୍ନ ଦାୟିତ୍ୱ ବଂଟନ କରିଛନ୍ତି । ଏହି କ୍ରମରେ ଜିଲ୍ଲା ପ୍ରଭାରୀ ଭାବେ, ମୟୁରଭଞ୍ଜ ପୂର୍ବ–ତୁଷାରକାନ୍ତି ତପସ୍ୱୀ, ମୟୁରଭଞ୍ଜ ପଶ୍ଚିମ-କ୍ଷୀରୋଦ ଚନ୍ଦ୍ର ପାତ୍ର, ବାଲେଶ୍ୱର ଜାନକୀ ମଲ୍ଲିକ, ଭଦ୍ରକ-ସୁବ୍ରତ ଧଡ଼ା, ଯାଜପୁର-ହରିହର ମଣ୍ଡଳ, କଟକ-ସୁଦର୍ଶନ ଜେନା ଏବଂ ଉମାକାନ୍ତ ମଲ୍ଲିକ, କଟକ ନଗର-ଅଶୋକ କୁମାର ନାୟକ, ଶିବ ପ୍ରସାଦ ବେହେରା ଓ ମୂରଲୀଧର ସେଠୀ, କେନ୍ଦ୍ରାପଡ଼ା-ବାବୁଲି ମଲ୍ଲିକ, ଜଗତସିଂହପୁର- ଅନିଲ ନାୟକ, ଭୁବନେଶ୍ୱର-ସୁଦର୍ଶନ ଜେନା (ପୂର୍ବତନ ବିଧାୟକ) ଓ ଆଶିଷ ମଲ୍ଲିକ, ଖୋର୍ଦ୍ଧା-ଦୀନବନ୍ଧୁ ଅଧିକାରୀ, ପୁରୀ-ଶ୍ରୀବସ୍ତ ମଲ୍ଲିକ, ନୟାଗଡ଼-ବସନ୍ତ ମଲ୍ଲିକ, ଗଞ୍ଜାମ ପୂର୍ବ-ମହେନ୍ଦ୍ର ଦଳାଇ, ଗଞ୍ଜାମ ପଶ୍ଚିମ-ତାପସ ସେଠୀ, ଗଜପତି- ଭୋକାଲି ସେଠୀ, କନ୍ଧମାଳ-ଦେବବ୍ରତ ବେହେରା, ବୌଦ୍ଧ- ଭାଗିରଥି ବେହେରା, ଦଳିତ ମହିଳା ନୂତନ ସଦସ୍ୟତା ଅଭିଯାନ- ଜାନକୀ ମଲ୍ଲିକ, ଏଲ ମାଣିକପ୍ରଭା, ଅନୁସୂଚିତ ଜାତି ନିର୍ଯାତନା ନିବାରଣ ଆଇନ ସୂଚାରୁ କାର୍ଯ୍ୟକାରିତା-ଆଇନଜୀବି ଅଶୋକ ନାୟକ, ଆଇନଜୀବି ହିରାସିଂ ମଣ୍ଡଳ, ଆଇନଜୀବି ଭୋକାଲି ସେଠୀ, ଆଇନଜୀବି ଚିତ୍ତରଞ୍ଜନ ନିଆଲ, ଆଇନଜୀବି ବସନ୍ତ ମଲ୍ଲିକ, ଆଇନଜୀବି ସଂଜୟ ମଲ୍ଲିକ, ଆଇନଜୀବି ଦେବାଶିଷ ମଲ୍ଲିକ, ଆଇନଜୀବି ବିକ୍ରମ ମଲ୍ଲିକ, ଆଇନଜୀବି ବିମଳେନ୍ଦୁ ଅଧିକାରୀ, ଆଇନଜୀବୀ ସୁରେଶ ମହାନନ୍ଦ ଓ ଆଇନଜୀବି ଶଶିକାନ୍ତ ଜେନା ନିଯୁକ୍ତି ପାଇଛନ୍ତି ବୋଲି ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଆଇନଜୀବି ମାନସ କୁମାର ମଲ୍ଲିକ ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଦଳିଲା ଦଫା...

ପାଇଁ ନିଷ୍ପତ୍ତି ହୋଇଛି । ସୌମ୍ୟାଶ୍ରୀଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ନେଇ ଦଫା ଲାଗୁ ହେବ । ଯେଉଁମାନେ କର୍ତ୍ତବ୍ୟରେ ଅବହେଳା କରିଛନ୍ତି, ସେମାନଙ୍କ ତଥ୍ୟ ମଧ୍ୟ ସଂଗ୍ରହ କରାଯାଉଛି । ଛାତ୍ରୀଜଣକ ମାନସିକ ଯନ୍ତ୍ରଣାର ଶିକାର ହୋଇଥିଲେ । ତେବେ ତାଙ୍କ ମାଆ ତଦନ୍ତ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବାକୁ କହିଛନ୍ତି । ଅନ୍ୟପକ୍ଷରେ ଏହି ଘଟଣା ପଛରେ ଆଉ ଯେଉଁମାନେ ରହିଛନ୍ତି ସେମାନଙ୍କୁ ଖୋଜିବା ଆରମ୍ଭ ହୋଇଛି । ଉଚ୍ଚଶିକ୍ଷା ବିଭାଗର ରିପୋର୍ଟକୁ ମଧ୍ୟ ତର୍ଜମା କରାଯାଉଛି । ଏହି ବୈଠକରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂହଦେଓ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ ।

### ଭାରତୀୟ ମୂଲ୍ୟବୋଧକୁ...

ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ । ରାଷ୍ଟ୍ରପତି ୩୨୯ଜଣ ପ୍ରତିଭାଙ୍କୁ ସମ୍ମାନିତ କରିବା ସହ ୪ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧୀ ପ୍ରଦାନ କରିଥିଲେ । ସେମାନେ ହେଲେ ମହାକାଶ ଗବେଷକ ଡକ୍ଟର ଅଜିତ ମହାନ୍ତି, ସାଂସଦ ଭର୍ତ୍ତୃହରି ମହତାବ, ପଦ୍ମଶ୍ରୀ ସାବରମତୀ ଓ ଡକ୍ଟର ବିଜୟ କୁମାର ରଥ ।

### ପୃଥିବୀ ଫେରିଲେ...

୬୦ରୁ ଅଧିକ ପ୍ରୟୋଗତଥ୍ୟ ସାମିଲ ରହିଛି । ଏହା ମହାକାଶ ଗବେଷଣାପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ଆକ୍ସିଅମ-୪ ମିଶନର ଏହି ଟିମ୍ ଗତ ଜୁନ୍ ୨୬ ସନ୍ଧ୍ୟା ୪.୦୧ ମିନିଟରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ପହଞ୍ଚିଥିଲା । ଜୁନ୍ ୨୫ ତାରିଖ ଅପରାହ୍ନ ପ୍ରାୟ ୧୨ଟାରେ ସେମାନେ ଯାତ୍ରା ଆରମ୍ଭ କରିଥିଲେ । ସ୍ପେଶ ଏକ୍ସର ଫାଲକନ-୯ ରକେଟ ସହ ଜଡ଼ିତ ଡ୍ରାଗନ କ୍ୟାପସୁଲରେ ସେମାନେ କେନେଡି ମହାକାଶ କେନ୍ଦ୍ରରୁ ଉଡାଣ ଭରିଥିଲେ । ବୈଷୟିକ ସମସ୍ୟା ଓ ପ୍ରତିକୂଳ ପାଣିପାଗକୁ ନେଇ ଏହି ମିଶନକୁ ୬ଥର ରୋକାଯାଇଥିଲା । ଅବତରଣ ପରେ ନାସାର ଜନସନ ସ୍ପେଶ ସେଣ୍ଟରକୁ ଶୁଭାଂଶୁଙ୍କୁ ନିଆଯାଇଛି । କିଛିଦିନ ମେଡ଼ିକାଲ ସୁପରଭିଜନରେ ସେ ସେଠାରେ ରହିବେ । ଶୁଭାଂଶୁ ଓ ମିଶନ-୪ର କ୍ରିୟୁ ମହାକାଶରେ ୬୦ଟି ପରୀକ୍ଷା କରିଛନ୍ତି । ଇସ୍ରୋ ପାଇଁ ୭ଟି ପରୀକ୍ଷଣ ମଧ୍ୟ କରାଯାଇଛି । ଶୁଭାଂଶୁଙ୍କ ସ୍ପେଶ ଅଭିଜ୍ଞତା ନିଜସ୍ୱ ସ୍ପେଶ ଷ୍ଟେସନ ପାଇଁ ବହୁ ଉପଯୋଗୀ ହେବ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ଶୁଭାଂଶୁ ଫେରିବା ପରେ ତାଙ୍କ ବାପା-ମାଆଙ୍କ ଆଖିରେ ଲୁହ ବୋଲ ମାନୁନାହିଁ । ଶୁଭାଂଶୁ ଫେରିବା ପରେ ସାରା ଦେଶରେ ଉତ୍ସାହର ମାହୋଲ ଦେଖାଦେଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାଂଶୁଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି । ମୋଦୀ କହିଛନ୍ତି ଯେ ଭାରତର ପ୍ରଥମ ମହାକାଶଚାରୀ ଭାବେ ଆଇଏସଏସ୍‌କୁ ଯାତ୍ରା କରିଥିବା ଶୁଭାଂଶୁଙ୍କ ସଫଳତା ଦେଶର ମହାକାଶ ଅନ୍ୱେଷଣ ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ।

### ଜନ୍ମମାଟିରେ...

ବହୁସଂଖ୍ୟକ ଲୋକ ଏକାଠି ହୋଇଥିଲେ । ଦିନେ ସାହସୀ ହେବାକୁ ବୁଦ୍ଧି ଦେଉଥିବା ଝିଅର ଏଭଳି ଅବସ୍ଥାକୁ ଦେଖି ସମସ୍ତଙ୍କ ଆଖିରୁ ଝରୁଥିଲା ଲୁହ । ମୃତ ସୌମ୍ୟାଶ୍ରୀଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ ପିସିସି ସଭାପତି ଭକ୍ତଚରଣ ଦାସ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ । ଝିଅକୁ ନ୍ୟାୟ ଦିଆଯିବ ବୋଲି ଭକ୍ତ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ମଧ୍ୟ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଘଟଣା ପଛରେ ଦାୟୀଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସୋମବାର ରାତିରେ ଜୀବନ ଯୁଦ୍ଧରେ ହାରିଯିବା ପରେ ରାତାରାତି ସୌମ୍ୟାଶ୍ରୀଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିଲା । ଏହାପରେ ଏକ ସ୍ୱତନ୍ତ୍ର ଗାଡ଼ିରେ ତାଙ୍କ ମରଶରୀରକୁ ପଳାଶିଆ ନିଆଯାଇଥିଲା । ଅନ୍ୟପକ୍ଷରେ ଏହି ଘଟଣାର ପ୍ରତିବାଦରେ ବୁଧବାର ବିଜେଡି ପକ୍ଷରୁ ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ଡାକରା ଦିଆଯାଇଛି । ସେହିପରି ୧୭ ତାରିଖରେ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବା ନେଇ ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଛନ୍ତି । ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତା ସୌମ୍ୟାଶ୍ରୀଙ୍କ ପରିବାରବର୍ଗଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି । ଅନ୍ୟପକ୍ଷରେ ଏହି ଘଟଣାର ତଦନ୍ତ ପାଇଁ ୟୁଜିସି ପକ୍ଷରୁ ଏକ ୪ଜଣିଆ ଫାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଛି । ଏଥିରେ ଗୁରୁ ଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ୟୁଜିସି ସଦସ୍ୟ ରାଜକୁମାର ମିତ୍ତଲ ଅଧ୍ୟକ୍ଷ ରହିଥିବାବେଳେ ୟୁଜିସିର ପୂର୍ବତନ ସଦସ୍ୟ ସୁଷମା ଯାଦବ, ଗୁଜରାଟ ବିଶ୍ୱବିଦ୍ୟାଳୟର କୁଳପତି ନୀର୍ଜା ଗୁପ୍ତା ଓ ୟୁଜିସିର ଯୁଗ୍ମ ସଚିବ ଡକ୍ଟର ଅସୀମା ମଙ୍ଗଳା ସଦସ୍ୟ ରହିଛନ୍ତି । ସେମାନେ ତଦନ୍ତ କରି ୭ ଦିନ ଭିତରେ ରିପୋର୍ଟ ଦେବା ପାଇଁ ୟୁଜିସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏଫଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୂତି ଓ ମୃତ୍ୟୁ ଘଟଣାର ପ୍ରତିବାଦରେ ବୁଧବାର ଲୋକସେବା ଭବନ ଘେରାଉ ପାଇଁ ବିଜେଡି ଘୋଷଣା କରିଛି । ଏହାକୁ ଦୃଷ୍ଟିରେ ରଖି ଗୃହବିଭାଗ ପକ୍ଷରୁ କର୍ମଚାରୀଙ୍କ ପାଇଁ ଗାଇଡଲାଇନ ଜାରି କରାଯାଇଛି । ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ, କୃଷି ଭବନ ଓ ବିଭାଗୀୟ ମୁଖ୍ୟାଳୟ ଭବନରେ କାର୍ଯ୍ୟରତ କର୍ମଚାରୀଙ୍କୁ ବୁଧବାର ସକାଳ ସାଢେ ୯ଟା ସୁଦ୍ଧା ଅଫିସରେ ପହଞ୍ଚିବାପାଇଁ ତାଗିଦ କରାଯାଇଛି । ସମସ୍ତ କର୍ମଚାରୀ ନିଜର ପରିଚୟପତ୍ର ଓ ପାସ୍ ଆଣିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି ।

## ୧୭ ଜୁଲାଇ ଓଡ଼ିଶା ବନ୍ଦ ସଫଳତା ପାଇଁ ସିପିଆଇର ଆହ୍ୱାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଫକୀର ମୋହନ କଲେଜ ଛାତ୍ରୀଙ୍କୁ ବ୍ୟବସ୍ଥାକୃତ ହତ୍ୟାକାଣ୍ଡ ଘଟଣାରେ ବିଚାର ବିଭାଗୀୟ ତଦନ୍ତ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବାଲେଶ୍ୱର ବିଧାୟକଙ୍କ ଇସ୍ତଫା ଦାବିରେ ମଙ୍ଗଳବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିକ୍ଷୋଭ ସହ ୧୭ ଜୁଲାଇ ଓଡ଼ିଶା ବନ୍ଦ ସଫଳତା ପାଇଁ ଆହ୍ୱାନ ଦିଆଯାଇଛି । ଫକୀର ମୋହନ କଲେଜ ଛାତ୍ରୀଙ୍କ ପ୍ରତି ବିଭାଗୀୟ ମୁଖ୍ୟ ଅଧ୍ୟାପକଙ୍କ ଯୌନ ଉତ୍ପିଡ଼ନ ଘଟଣା ସଂପର୍କରେ ପିଡ଼ିତା ଛାତ୍ରୀ ଏବିଭିପିର ସଦସ୍ୟ ଥାଇ ତାଙ୍କ ସଂଗଠନର ସମସ୍ତଙ୍କୁ, ବିଜେପିର ସ୍ଥାନୀୟ ବିଧାୟକ, ବାଲେଶ୍ୱର ସାଂସଦ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖଙ୍କୁ ନ୍ୟାୟ ପ୍ରଦାନ ପାଇଁ ହାରି ଗୁହାରି କରି ମଧ୍ୟ ସୁରକ୍ଷାର ନିର୍ଭର ଯୋଗ୍ୟ ପ୍ରତିଶ୍ରୁତି ମିଳିନଥିଲା । ପୁଣି ସାମାଜିକ ଗଣମାଧ୍ୟମ ଏକ୍ସ ହ୍ୟାଣ୍ଡଲରେ ଉପରୋକ୍ତ ସମସ୍ତଙ୍କୁ ଜୁଲାଇ ପହିଲାରେ ଜଣାଇଥିଲେ ବି ସୁଫଳ ମିଳିନଥିଲା । ପରିଶେଷରେ ଜୁଲାଇ ୧୨ତାରିଖରେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ସାକ୍ଷାତ୍ କରି ନିରାଶ ହୋଇ ଆତ୍ମହୁତିର ରାସ୍ତା ଆପଣାଇଲେ ପୀଡ଼ିତା ଛାତ୍ରୀ । ଯେହେତୁ ପିଡ଼ିତା ଛାତ୍ରୀ ଏବିଭିପିର ସଦସ୍ୟ ଯୌନ ଉତ୍ପିଡ଼ନକାରୀ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଏବିଭିପିର ସଦସ୍ୟ ଥିବାରୁ ଏବିଭିପି, ବିଜେପି ଓ ସଂଘ ପରିବାର ମନୁବାଦୀ ବିଚାରଧାରାରେ ଯୌନ ଉତ୍ପିଡ଼ନରେ ପିଡ଼ିତା ଛାତ୍ରୀ ସଂପୃକ୍ତ ଅଧ୍ୟାପକଙ୍କ ସହ ବୁଝାମଣା କରିବା ପାଇଁ ବାଧ୍ୟ କରାଇ ଏକ ବ୍ୟବସ୍ଥାକୃତ ହତ୍ୟାକାଣ୍ଡ କରିଛନ୍ତି ଏବିଭିପି ଓ ବିଜେପିର ଡବଲ ଇଞ୍ଜିନ ସରକାର । ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ସହ ଯୌନ ଉତ୍ପୀଡ଼ନର ଶିକାର ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବାଲେଶ୍ୱର ବିଧାୟକଙ୍କ ଇସ୍ତଫା ଦାବି କରାଯାଇଛି । ଏହି ବିକ୍ଷୋଭରେ ସିପିଆଇ ରାଜ୍ୟ ସହ ସଂପାଦକ କ୍ଷୀରୋଦ ସିଂହଦେଓ, ବିକେଏମ୍ୟୁ ରାଜ୍ୟ ସଂପାଦକ ସୁର ଜେନା, ସିପିଆଇ ରାଜ୍ୟ ସଂପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ବିଜୟ ଜେନା, କୈଳାସ ପୁହାଣ, ନମିତା ସାହୁ, ଚେତମ୍ବର ଭୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ସନ୍ଥ ନିରଙ୍କାରୀ ମଣ୍ଡଳର ଜୋନ୍‌ସ୍ତରୀୟ ମହିଳା ସମାବେଶ

କଟକ(ଭାସ୍କର ନ୍ୟୁଜ୍): ସନ୍ଥ ନିରଙ୍କାରୀ ମଣ୍ଡଳ ପକ୍ଷରୁ ଜୋନସ୍ତରୀୟ ନିରଙ୍କାରୀ ମହିଳା ସମାବେଶ ମଧୁପାଟଣା କାଜିଡିହସ୍ଥିତ ସତସଙ୍ଗ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ନିରଙ୍କାରୀ ଅନୁଗାମୀ ମହିଳା ଯୋଗ ଦେଇଥିଲେ । ସଦଗୁରୁ ମାତା ସୁଦିକ୍ଷା ସବିନ୍ଦର ହରଦେବଜୀଙ୍କ ଆଶୀର୍ବାଦରୁ କଲିକତାର ଜ୍ଞାନ ପ୍ରଚାରିକା ସନ୍ଥ ଶାନ୍ତିଲତା ଅଗ୍ରୱାଲା ସମାଜର ଦୂହିତା ଭଗ୍ନୀ, ଜାୟା, ଜନନୀ ରୂପରେ ମହିଳାମାନଙ୍କ ଭୂମିକା ଏବଂ ନିରଙ୍କାର ପରବ୍ରହ୍ମଙ୍କର ଉପସ୍ଥିତିକୁ ଉପଲବ୍ଧ କରି ପରିବାରର ପ୍ରତ୍ୟେକ କମିକୁ ସୂଚାରୁ ରୂପେ ସମ୍ପାଦନ କରିବା ବିଷୟରେ ମତାମତ ରଖିଥିଲେ । ଅ ଳର ଅଧିକାରୀ ବସନ୍ତ ତ୍ରିପାଠୀ ଏବଂ କଟକ ମୁଖ୍ୟ ରାଜିନ୍ଦର ଗୁଗୁନାନୀଙ୍କ ତତ୍ତ୍ୱାବଧାନରେ ତଥା ଭଉଣୀ ପଦ୍ମିନୀ ପଟ୍ଟନାୟକ, ଗୀତାଳି ସ୍ୱାଇଁ, ଊର୍ମିଳା ମହାନ୍ତି, ମାନସୀ ମହାନ୍ତି, ମହାମୟ ହାଜରା ପ୍ରଭୃତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଭୁବନେଶ୍ୱର ଅଞ୍ଚଳ ଅଧିକାରୀ ସତିନ୍ଦର ଗୁଗୁନାନୀ ସରଳ ନିରାଡ଼ମ୍ବର ଜୀବନଯାପନ ତଥା ଭକ୍ତିକୁ ଆଧାର କରି ବଂଚିବା ପାଇଁ ପ୍ରେରଣା ଦେଇଥିଲେ ।

## ନିମିଷା ପ୍ରିୟାଙ୍କ ଫାଶୀ ଦଣ୍ଡାଦେଶ ସ୍ଥଗିତ
# ଖୋଜା ଯାଉଛି ସମାଧାନ ରାସ୍ତା

ନୂଆଦିଲ୍ଲୀ: କେରଳର ନର୍ସ ନିମିଷା ପ୍ରିୟାଙ୍କ ମୃତ୍ୟୁଦଣ୍ଡକୁ ୟେମେନରେ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି । ତାଙ୍କୁ ଚଳିତମାସ ୧୬ ତାରିଖରେ ଫାଶୀ ଦିଆଯିବାର ଥିଲା । ନିମିଷାଙ୍କୁ ଫାଶୀରୁ ରକ୍ଷା କରିବା ପାଇଁ ଭାରତ ସରକାର ଯଥାସମ୍ଭବ ଚେଷ୍ଟା କରୁଥିଲେ । କୁହାଯାଉଥିଲା ଯେ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତାଙ୍କୁ ବଞ୍ଚାଇବା କଷ୍ଟକର । ଏପରିକି କେନ୍ଦ୍ର ସରକାର ମଧ୍ୟ ଏ ନେଇ ହାତ ଟେକି ଦେଇଥିଲେ । କିନ୍ତୁ ତାଙ୍କର ଫାଶୀଦଣ୍ଡ ସ୍ଥଗିତ ଥିବା ନେଇ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି । ନିମିଷାଙ୍କୁ ୟେମେନର ଏକ କୋର୍ଟ ଏକ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡ ଦେଇଛନ୍ତି । ଫଳରେ ସେ ୨୦୧୭ରୁ ଜେଲରେ ରହିଛନ୍ତି । ନିମିଷାଙ୍କୁ ୟେମେନ ନାଗରିକ ତଲାଲ ଆବଦୋ ମହଦିଙ୍କୁ ହତ୍ୟା କରିବା ଅଭିଯୋଗରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ନିମିଷାଙ୍କ ପାସପୋର୍ଟ ପାଇବା ପାଇଁ ମହଦିଙ୍କୁ ନିଶା ଇଞ୍ଜେକ୍ସନ ଦେଇଥିଲେ । କିନ୍ତୁ ଅତ୍ୟଧିକ ମାତ୍ରା ଯୋଗୁ ମହଦିଙ୍କର ମୃତ୍ୟୁ ଘଟିଥିଲା । କେରଳର ପାଲକଦର ବାସିନ୍ଦା ନିମିଷା ଗତ ଦଶନ୍ଧି ଧରି ତାଙ୍କ ସ୍ୱାମୀ ଏବଂ ଝିଅଙ୍କ ସହ ୟେମେନରେ କାମ କରୁଥିଲେ । ୨୦୧୬ରେ ୟେମେନରେ ଗୃହଯୁଦ୍ଧ ଯୋଗୁ ଦେଶ ବାହାରକୁ ଯାତ୍ରା ଉପରେ ପ୍ରତିବନ୍ଧକ ଲଗା ଯାଇଥିଲା । କିନ୍ତୁ ଏହା ପୂର୍ବରୁ ୨୦୧୪ରେ ନିମିଷାଙ୍କ ସ୍ୱାମୀ ଓ ଝିଅ ଭାରତ ଫେରିଥିଲେ ମଧ୍ୟ ନିମିଷା ଫେରିପାରି ନଥିଲେ । ଏହାପରେ ୨୦୧୭ ଜୁଲାଇରେ ନିମିଷାଙ୍କ ନାମରେ ଜଣେ ୟେମେନ ନାଗରିକଙ୍କୁ ହତ୍ୟା କରିବାର ଅଭିଯୋଗ ଥିଲା । ୟେମେନରେ ସରିଆ ଆଇନ ଅନୁଯାୟୀ ହତ୍ୟା ମାମଲାରେ ବ୍ଲଡ୍ ମନି ବା କ୍ଷତିପୂରଣର ବିକଳ୍ପ ରହିଛି । ଏଥିରେ ଅଭିଯୁକ୍ତଙ୍କ ପରିବାର ମୃତକଙ୍କ ପରିବାରକୁ ଆର୍ଥିକ କ୍ଷତିପୂରଣ ଦେଇଥାନ୍ତି । ଯଦି ମୃତକଙ୍କ ପରିବାର କ୍ଷତିପୂରଣ ଗ୍ରହଣ କରନ୍ତି ତେବେ ମୃତ୍ୟୁଦଣ୍ଡ ବନ୍ଦ କରାଯାଇପାରିବ । ଏହି ମାମଲାରେ ତାଙ୍କୁ ୨୦୨୦ରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା ଏବଂ ୨୦୨୩ରେ ତାଙ୍କର ଚୂଡ଼ାନ୍ତ ଆବେଦନ ଖାରଜ ହୋଇଥିଲା । ତାଙ୍କ ଫାଶୀଦଣ୍ଡର ତାରିଖ ଚଳିତମାସ ୧୬ ତାରିଖକୁ ଧାର୍ଯ୍ୟ କରାଯାଇଥିଲା । ବର୍ତ୍ତମାନ ନିମିଷା ୟେମେନ ରାଜଧାନୀ ସାନାର ଏକ ଜେଲରେ ବନ୍ଦୀ ଅଛନ୍ତି ।

**जाहीर नोटीस**

जावक क्र. ७०९
कामगार न्यायालय, ठाणे.
ऑफिस कॉम्प्लेक्स इमारत,
मुलुंड चेकनाका, एम.आय.डी.सी. ठाणे.
दिनांक : १५/०७/२०२५

**श्रमिक भरपाई आयुक्त ठाणे आणि ४ थे कामगार न्यायालय, ठाणे. अर्ज (श्र.नु.भ. वाटप अर्ज) क्र.२५७/आय-७२/२०२५**

**१) श्री बुधिया हाडु रैत ....अर्जदार**
**२) श्रीमती कैता रायता**
पत्ता : सियालीलाती डोलकाता, डोलिकिरथज जिल्हा - गजपती राज्य - ओडीसा

**विरूध्द**

**१) मे. रिद्धी इंटरप्राईजेस .....प्रतिवादी**
**२) न्यु इंडिया एश्योरन्स कं. लि.**

**सुचना**

इस सूचना के द्वारा अवगत किया जाता है कि, उपर दिये गये आवेदकने **मृत्यु कै. आच्युत बुधिया रैत** का काम करते समय **दि.** १०/०९/२०२१ को दुर्घटना से निधन हो गया और उनके निधन के पश्चात यह सब आवेदक इनके कानुनन वारिस है और इस न्यायालय मे अर्जी दाखिल किये है। इस कंपनीने रक्कम धनादेश के द्वारा श्रमिक भरपाई आयुक्त, ठाणे में जमा किया गया है। नुकसान भरपाई की रक्कम **रू. १६,४४,१५०/- (रू. सोलह लाख चौवालीस हजार एकसौ पचास रूपये केवल)** इतनी रक्कम उपरोक्त आवेदक ने श्रमिक भरपाई आयुक्त कार्यालय, ठाणे में जमा कि गयी उनको वितरण करने के लिये अर्जी दाखिल कि है ।

अतः इस सूचना तहत अवगत किया जाता है, कि इस न्यायालय में जमा कि गयी नुकसान भरपाई रकम आवेदको को प्रदान करने पर अगर किसी भी व्यक्ती अथवा व्यक्तीयो को आपत्ति है या उसे विरोध है तो उस प्रकार कि सुचना प्रकाशीत होने के ३० दिन के भितर न्यायालय में दाखल करे। ३० दिन की अवधी समाप्त होने के पश्चात प्राप्त विरोध या सूचना पर विचार नही किया जाऐगा। इससे संबंधित लोग ध्यान रखे।

**सुनवाई की तारीख : २९/०७/२०२५**

न्यायालय मुहर

**आदेशानुसार,**
**प्रभारी सचिव,**
**कामगार न्यायालय, ठाणे**

**AFFIDAVIT**

By virtue of an affidavit sworn in the Court of Executive Magistrate, Simulia on dated 11.07.2025, I Ramesh das, S/o- Sana Das, resident of village/post- Kalasuni, Ps- Simulia, Dist- Balasore, declares that my actual name is Ramesh Das which is mentioned in Aadhar Card, PAN Card & Voter Identity Card. But wrongly updated as Fakira Das in New Aadhar Card. Ramesh Das & Fakira Das,S/o- Sana Das is same and one person myself. this affidavit is to be produced before concerned authority for correction of Aadhar Card as Ramesh Das instead of Fakira Das.

**Sd/- Ramesh Das**

**AFFIDAVIT**

By virtue of an affidavit No. 629 sworn before the Executive Magistrate on dated 13.02.2025, I Rekharani Sahoo, W/o- Jitesh Sahoo, resident of village- Joranda, Post- Karikol, Ps- Athagarh, Dist- Cuttack, declares that I have changed my name fro Anu Sahoo to Rekharani Sahoo. Henceforth, I shall be known as Rekharani Sahoo for all purposes.

**Sd/- Rekharani Sahoo**

**NOTICE**

By virtue of an affidavit sworn before the Executive Magistrate, Khordha, dated: 10.07.2025, I Smrutiprajnya Baliarsingh, Daughter of Tofan Baliarsingh, At/Po- Nijigarh Tapang, Ps- Khordha Sadar, Dist- Khordha, Odisha, PIN- 752018, declare that I have changed my name from Smrutipragyana Baliarsingh to Smrutiprajnya Baliarsingh. Henceforth, I shall be known as Smrutiprajnya Baliarsingh for all purposes.

Sd/- Smrutiprajnya Baliarsingh

**ପୂର୍ବ ତଟ ରେଳପଥ**

ପତ୍ର ସଂ. ST/OT/TELE-ZONAL-KUR/478, ତା.09.07.2025ରିଖ

ST-OT-TELE-ZONAL-KUR-478, ତା. 09.07.2025ରିଖ

**କାର୍ଯ୍ୟର ନାମ :** ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥ ଅଧିନସ୍ଥ ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର / ଖୋର୍ଦ୍ଧା ରୋଡ଼ ପରିସୀମା ଅଧିନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ :** ₹ 46,16,358.11, EMD : ₹ 92,300/-, ବିଡ଼୍ ଆରମ୍ଭ ହେବା ତାରିଖ : 17.07.2025.

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.31.07.2025ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-356/Q/25-26

AU SMALL FINANCE BANK

**Registered Office:**19-A Dhuleshwar Garden, Jaipur, Rajasthan, India, 302001.
**www.aubank.in**

**LOAN AGAINST GOLD - AUCTION NOTICE ON "AS IS WHERE IS" BASIS**

The below mentioned borrower/s have been issued notices to pay their outstanding amounts towards the loan against gold facilities availed from AU Small Finance Bank Limited ("Bank"). Since the borrower/s has/have failed to repay his/their dues, we are constrained to conduct an auction of pledged gold items/articles on **21 JULY 2025** between **11:00 AM – 3:00 PM** (Time) at below mentioned branches according to the mode specified therein. In the case of deceased borrowers, all conditions will be applicable to legal heirs. Please note that in the event of failure of the above auction, the bank reserves its right to conduct another auction without prior intimation.

**E-Auction Branch Details (E-auction will be conducted by using Weblink - https://gold.samil.in)**

**BHADRAK** - 25660000371646 | **BHUBANESWAR** - 24660002732795 | **CUTTACK** - 25660000349219 25660000375889 24660002778018 | **CUTTACK-LINK ROAD** - 25660000296027 | **JAJPUR** - 25660000226761 | **KUAKHIA** - 24660002257029 25660000228597 |

**Note:** The auction is subject to certain terms and conditions mentioned in the bid form, which is made available before the commencement of auction.

Sd/-
**Manager**
**AU Small Finance Bank Limited**

**[GOVERNMENT OF ODISHA]**
OFFICE OF THE BLOCK DEVELOPMENT OFFICER, MUNIGUDA
E-mail – ori-muniguda@nic.in
INVITATIONS FOR BIDS (I.F.B.)
e-Procurement Notice

i-213

**IDENTIFICATION NO.IFB-RC (BDO) MUNIGUDA 03/2025-26,Dt. 11.07.2025**
No. ২২৭৩/2025 Dated -11/07/2025

1. The PanchayatSamiti, MunigudainvitesPercentage Rate bid in Single Cover Systemin **ONLINE MODE** for the construction of Building works (Civil + El) as detailed in the Detailed Tender Call Notice **(D.T.C.N)** from the eligible class of contractors.
2. No. of works: **06 (Six) Nos.**
3. Cost of Tender Paper: - **Rs.6,000/-(Rupees Six thousand) only**
4. Class of contractor:- **"C" & "D" Class**
5. Date & Time of available in web site & receipt online:-**11:00 Hrs. of 18.07.2025 to 17:00 Hrs. of 30.07.2025.**
6. The Bidders have to participate in ONLINE bidding only. Further details can be seen from the State Govt. Portal website: https://tendersodisha.gov.in
7. Any corrigendum / Addendum will be displayed in the website https://tendersodisha.gov.inonly.

**OIPR 19042/11/0004/2526**

**Sd/- Block Development Officer, Muniguda**

email- serwsbd2003@yahoo.com

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

**O-416**

No: ____________/ Date: ____________/

**e- Procurement Notice for Road & Bridge works**

| | | | |
|---|---|---|---|
| 1 | Name of the work | : | Construction of Road & Bridge Works - (09 Nos). |
| 3 | Class of contractor | : | "A" Class & Special of (Odisha PWD) or relevant class of other licensing authority. |
| 3 | Estimated Cost | : | Various from Rs.418.89 Lakhs to Rs.1064.09 Lakhs (Approximately) |
| 4 | Details projects as per Annexure attached. | : | |

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD – Online – 09/2025-26 | 18.07.2025 at 11.00 A.M. | 07.08.2025 up to 5.00 P.M. | 06.08.2025 up to 2.00 P.M. | 08.08.2025 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

**OIPR 25182/11/0067/2526**

Sd/-Chief Construction Engineer, Rural Works Circle, Sunabeda.

**O-424**

*By E_Mail/e-Despatch*
*E_Mail ID : serwcbaripada@gmail.com*
*Ph-No-06792-261343/261344*
*Gangraj, Baripada*

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
***"e" Procurement Notice for Road Work***

**Identification No.- Online Tender- Road N.C.B. No. 381 for 2024-25.**

Letter No. 2878 / Date. 11.07.2025 //

1. Name of the work :- Post DLP Maintenance of PMGSY Road Works in the District of Mayurbhanj for the year 2024-25.
2. Total No. of work :- 01 No. (One)
3. Estimated Cost :- **Rs. 110.80 Lakhs** (approximately).
4. Eligible Class of Contractor :- As per annexure.
5. Period of Completion :- As per annexure.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O C.C.E.R.W. Circle, Baripada. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.381 | Dt.17.07.2025 at 11.00 A.M. | Dt.30.07.2025 up to 5.00 P.M. | Dt.29.07.2025 up to 5.00 P.M. | Dt.31.07.2025 at 11.00 A.M. | Will be intimated later |

- **Further details can be seen from the website: www.tendersodisha.gov.in.**
- **Any Corrigendum / Addendum will be displayed in the above e_tender website only.**

**Sd**-Chief Construction Engineer, R.W. Circle, Baripada.

**OIPR 25130/11/0041/2526**

**DISTRICT PROJECT OFFICE**
**SAMAGRA SHIKSHA, KEONJHAR**
Ph. No-06766-254103, Fax-256420, Pin-758001
Email: dpckeonjharssa.opepa@nic.in

n-

**TENDER CALL NOTICE FOR PRINTING AND SUPPLY OF TRIBAL LANGUAGE TEXTBOOKS FOR MLE PROGRAMME, 2025-26**

**Notice No: ୬୬୭୨ /TE/ Date: 14 / 07 / 2025**

Sealed tenders are invited under a Two-Bid System (Part A – Technical Bid and Part B – Financial Bid) in the prescribed format from eligible Offset Printers/Firms who possess a valid PAN, GST Registration Certificate having experience of Text Book Printing with TBPM, Bhubaneswar. The bidders must also have prior experience in printing and supply of for MLE (Multi-Lingual Education) Text Books under any District Project Office of Samagra Shiksha, Odisha.

The tender is floated for **printing and supply of Tribal Language Textbooks** for the academic session **2025–26** under Samagra Shiksha, Keonjhar. Interested bidders may download the tender document containing detailed specifications, terms, and conditions from the official websites: www.opepa.odisha.gov.in & www.keonjhar.nic.in

- **Tender Cost:** ₹5,000/- (Rupees Five Thousand only), non-refundable.
- **Mode of Submission:** Through Registered Post / Speed Post only.
- **Last Date of Submission:** On or before **24/07/2024 by 2:00 PM**
- **Opening of Tenders:** On **24/07/2024 at 4:30 PM** at the DPC office, in the presence of bidders or their authorized representatives.

The undersigned reserves the right to accept or reject any or all tenders without assigning any reason.

**By Order of the Collector-cum-Chairman,**
**RTE-SSA, Keonjhar**
**Sd/-DEO-cum-DPC**
**SAMAGRA SHIKSHA, KEONJHAR**

**OIPR 27120/11/0009/2526**



ହାଇଦ୍ରାବାଦ - ହାଇଦ୍ରାବାଦର ନାମପଲ୍ଲୀ ଅଞ୍ଚଳରେ ଏକ ଖାଲି ପଡ଼ିଥିବା ଘରୁ ମିଳିଥିବା କଙ୍କାଳର ଚିହ୍ନଟ ହୋଇଛି। ପୁଲିସ ମଙ୍ଗଳବାର କହିଛି ଯେ, ସେ କଙ୍କାଳ ଅମିର ଖାନ ନାମକ ବ୍ୟକ୍ତିଙ୍କର ବୋଲି ମନେ ହେଉଛି, ଯାହାଙ୍କର ୧୦ ବର୍ଷ ପୂର୍ବେ ମୃତ୍ୟୁ ହୋଇଥିଲା। ସୋମବାର ଏକ ବଲକୁ ଖୋଜିବାକୁ ସେଠାକୁ ଯାଇଥିବା ଜଣେ ବ୍ୟକ୍ତି ସେହି ଖାଲି ଘରେ କଙ୍କାଳକୁ ଦେଖିଥିଲେ। ଏହାପରେ ଲୋକେ ଏହାର ଭିଡ଼ିଓ କରି ଥିଲେ। କଙ୍କାଳଟି ପେଟେଇ ହୋଇ ପଡ଼ିଥିବା ଦେଖାଯାଉ ଥିଲା। ଯେଉଁଠି ସେ କଙ୍କାଳ ମିଳିଥିଲା, ସେହି ଘର କିଚେନ ଭଳି ଲାଗୁଥିଲା , କାରଣ ଏହାର ଆଖପାଖରେ କିଛି ବାସନ ମଧ୍ୟ ଦେଖାଯାଉ ଥିଲା। ପୁଲିସ ମଙ୍ଗଳବାର କହିଛି ଯେ, ନାମପଲ୍ଲୀର ଖାଲି ଥିବା ଘରେ ମିଳିଥିବା କଙ୍କାଳ ଅମିର ଖାନଙ୍କର ଥିବା ମନେ ହେଉଛି। ଏହି ଘର ମୁନିର ଖାନଙ୍କର ଥିଲା, ତାଙ୍କର ୧୦ଜଣ ପିଲା ଥିଲେ। ତାଙ୍କର ୩ୟ ପୁଅ ଅମିର ଏହି ଘରେ ଏକୁଟିଆ ରହୁଥିଲେ , ଅନ୍ୟପିଲା ମାନେ ଆଉ କୁଆଡେ ଚାଲି ଯାଇଥିଲେ। ପୁଲିସ ମୁତାବିକ, ସେଠାରୁ ନୋକିଆର ଏକ ମୋବାଇଲ ଫୋନ୍ ଓ କିଛି ଚିରା ନୋଟ୍ ମଧ୍ୟ ମିଳିଛି।

## ୧୭ରେ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି



ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୭ ଜୁଲାଇ, ୨୦୨୫ରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏକ ଜାତୀୟ ସମାରୋହରେ କେନ୍ଦ୍ରମନ୍ତ୍ରୀ ମନୋହର ଲାଲ ଏବଂ ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁଙ୍କ ଉପସ୍ଥିତିରେ ପ୍ରତିଷ୍ଠିତ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ପୁରସ୍କାର ପ୍ରଦାନ କରିବେ। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ହେଉଛି ବିଶ୍ୱର ସର୍ବବୃହତ ସହରାଞ୍ଚଳ ସ୍ୱଚ୍ଛତା ସର୍ଭେର ୯ମ ସଂସ୍କରଣ। ଏହି ଐତିହାସିକ କାର୍ଯ୍ୟକ୍ରମ ସ୍ୱଚ୍ଛ ଭାରତ ମିଶନ-ସହରାଞ୍ଚଳ (ଏସବିଏମ-ୟୁ)କୁ ଆଗକୁ ନେବା ପାଇଁ ସହରଗୁଡ଼ିକର ନିରନ୍ତର ପ୍ରୟାସକୁ ସ୍ୱୀକୃତି ଦେଇ ସହରାଞ୍ଚଳ ଭାରତର ସବୁଠାରୁ ସ୍ୱଚ୍ଛ ସହରଗୁଡ଼ିକୁ ପୁରସ୍କୃତ କରିବ। ଚଳିତ ବର୍ଷ, ଏହି ପ୍ରତିଷ୍ଠିତ ପୁରସ୍କାରଗୁଡ଼ିକ ୪ଟି ବର୍ଗରେ ପ୍ରଦାନ କରାଯିବ - କ) ସୁପର ସ୍ୱଚ୍ଛ ଲିଗ୍ ସହର (ଖ) ୫ଟି ଜନସଂଖ୍ୟା ବର୍ଗରେ ଶ୍ରେଷ୍ଠ ୩ଟି ସ୍ୱଚ୍ଛ ସହର, ସ୍ୱତନ୍ତ୍ର ବର୍ଗ : ଗଙ୍ଗା ସହର, କ୍ୟାଣ୍ଟନମେଣ୍ଟ ବୋର୍ଡ, ସଫାଇ ମିତ୍ର ସୁରକ୍ଷା, ମହାକୁମ୍ଭ (ଘ) ରାଜ୍ୟସ୍ତରୀୟ ପୁରସ୍କାର - ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିଶ୍ରୁତିବଦ୍ଧ ସ୍ୱଚ୍ଛ ସହର। ଚଳିତ ବର୍ଷ ମୋଟ ୭୮ଟି ପୁରସ୍କାର ପ୍ରଦାନ କରାଯିବ। ସ୍ୱଚ୍ଛ ଭାରତ ମିଶନ-ସହରାଞ୍ଚଳ ଅନ୍ତର୍ଗତ ଏକ ଐତିହାସିକ ପଦକ୍ଷେପ, ସ୍ୱଚ୍ଛ ସର୍ବେକ୍ଷଣ, ଗତ ନଅ ବର୍ଷ ଧରି ସହରାଞ୍ଚଳ ଭାରତର ସ୍ୱଚ୍ଛତା ପ୍ରତି ଯାତ୍ରାରେ ଏକ ପରିଭାଷିତ ଶକ୍ତି ହୋଇଛି, ମାନସିକତାକୁ ବଦଳାଇଛି ଏବଂ ଜନ ସମର୍ଥନ ସୃଷ୍ଟି କରି ଲୋକଙ୍କୁ ସ୍ୱଚ୍ଛତା ପ୍ରତି ପ୍ରେରଣା ଦେଇଛି। ୨୦୧୬ ରେ ୭୩ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସହିତ ଆରମ୍ଭ ହୋଇଥିବା ଏହି ନୂତନ ସଂସ୍କରଣ ଏବେ ୪୫୦୦ରୁ ଅଧିକ ସହରରେ ପହଞ୍ଚିଛି। ଏହି ବର୍ଷର ପୁରସ୍କାର କେବଳ ଶ୍ରେଷ୍ଠ ସ୍ୱଚ୍ଛ ସହରଗୁଡ଼ିକୁ ସମ୍ମାନିତ କରେ ନାହିଁ, ବରଂ ଅଭିବୃଦ୍ଧିର ଦୃଢ଼ ସମ୍ଭାବନା ଥିବା ଛୋଟ ସହରଗୁଡ଼ିକୁ ମଧ୍ୟ ଚିହ୍ନଟ ଏବଂ ଉତ୍ସାହିତ କରେ। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ପୁରସ୍କାର 'କମାନ୍ତୁ, ପୁନଃବ୍ୟବହାର କରନ୍ତୁ, ରିସାଇକଲ କରନ୍ତୁ' ବିଷୟ ଉପରେ କେନ୍ଦ୍ରିତ। ୪୫ ଦିନ ଧରି ଦେଶର ପ୍ରତ୍ୟେକ ୱାର୍ଡରେ ୩୦୦୦ରୁ ଅଧିକ ମୂଲ୍ୟାଙ୍କନକାରୀ ଗଭୀର ଯାଞ୍ଚ କରିଥିଲେ। ଅନ୍ତର୍ଭୁକ୍ତି ଏବଂ ସ୍ୱଚ୍ଛତା ପ୍ରତି ଏକ ଅଟଳ ପ୍ରତିବଦ୍ଧତା ସହିତ, ଏହି ପଦକ୍ଷେପରେ ୧୧ ଲକ୍ଷରୁ ଅଧିକ ପରିବାରର ମୂଲ୍ୟାଙ୍କନ ଅନ୍ତର୍ଭୁକ୍ତ ଥିଲା - ଏହା ଜାତୀୟ ସ୍ତରରେ ସହରାଞ୍ଚଳ ଜୀବନଶୈଳୀ ଏବଂ ସ୍ୱଚ୍ଛତାକୁ ବୁଝିବା ପାଇଁ ଏକ ବ୍ୟାପକ ଏବଂ ଦୂରଗାମୀ ଆଭିମୁଖ୍ୟକୁ ପ୍ରତିଫଳିତ କରେ। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ସହରାଞ୍ଚଳ ପରିମଳ ଏବଂ ସେବା ପ୍ରଦାନ ମୂଲ୍ୟାଙ୍କନ ପାଇଁ ଏକ ଦକ୍ଷ ଓ ସଂଗଠିତ ପଦ୍ଧତି ଗ୍ରହଣ କରିଥିଲା, ଯେଉଁଥିରେ ସହରଗୁଡ଼ିକରେ ପରିମଳ ଏବଂ ବର୍ଜ୍ୟବସ୍ତୁ ପରିଚାଳନାର ଏକ ସାମଗ୍ରିକ ଦୃଷ୍ଟିକୋଣ ପ୍ରଦାନ କରିବା ପାଇଁ ୫୪ ସୂଚକ ସହିତ ୧୦ଟି ସୁପରିଭାଷିତ ପାରାମିଟର ରହିଥିଲା।

## ପଦ୍ମ ପୁରସ୍କାର ପାଇଁ ନାମାଙ୍କନ ଶେଷ ତାରିଖ ୩୧ ଜୁଲାଇ

ନୂଆଦିଲ୍ଲୀ: ୨୦୨୬ ଗଣତନ୍ତ୍ର ଦିବସରେ ଘୋଷଣା ହେବାକୁ ଥିବା ପଦ୍ମ ପୁରସ୍କାର-୨୦୨୬ ପାଇଁ ନାମାଙ୍କନ/ସୁପାରିଶ ୧୫ ମାର୍ଚ୍ଚ, ୨୦୨୫ ରୁ ଆରମ୍ଭ ହୋଇଛି। ପଦ୍ମ ପୁରସ୍କାର ପାଇଁ ନାମାଙ୍କନର ଶେଷ ତାରିଖ ୩୧ ଜୁଲାଇ, ୨୦୨୫। ପଦ୍ମ ପୁରସ୍କାର ପାଇଁ ନାମାଙ୍କନ/ସୁପାରିଶ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲରେ ଅନଲାଇନରେ ଗ୍ରହଣ କରାଯିବ। ପଦ୍ମ ପୁରସ୍କାର, ଯଥା ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ, ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର ମଧ୍ୟରୁ ଗୋଟିଏ। ୧୯୫୪ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ପୁରସ୍କାରଗୁଡ଼ିକ ପ୍ରତିବର୍ଷ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଏ। ଏହି ପୁରସ୍କାର 'ଉଲ୍ଲେଖନୀୟ କାର୍ଯ୍ୟ'କୁ ସ୍ୱୀକୃତି ଦେବା ପାଇଁ ଚେଷ୍ଟା କରିଥାଏ ଏବଂ କଳା, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡା, ଔଷଧ, ସାମାଜିକ କାର୍ଯ୍ୟ, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ସାର୍ବଜନୀନ ବ୍ୟାପାର, ନାଗରିକ ସେବା, ବାଣିଜ୍ୟ ଏବଂ ଶିଳ୍ପ ଇତ୍ୟାଦି ସମସ୍ତ କ୍ଷେତ୍ର / ବିଷୟଗୁଡ଼ିକରେ ବିଶିଷ୍ଟ ଏବଂ ଅସାଧାରଣ ସଫଳତା / ସେବା ପାଇଁ ପ୍ରଦାନ କରାଯାଏ। ଜାତି, ବୃତ୍ତି, ପଦବୀ କିମ୍ବା ଲିଙ୍ଗ ନିର୍ବିଶେଷରେ ସମସ୍ତ ବ୍ୟକ୍ତି ଏହି ପୁରସ୍କାର ପାଇଁ ଯୋଗ୍ୟ। ଡାକ୍ତର ଏବଂ ବୈଜ୍ଞାନିକଙ୍କ ବ୍ୟତୀତ ପିଏସୟୁ ସହିତ ସରକାରୀ କ୍ଷେତ୍ରରେ କାମ କରୁଥିବା ସରକାରୀ କର୍ମଚାରୀମାନେ ପଦ୍ମ ପୁରସ୍କାର ପାଇଁ ଯୋଗ୍ୟ ନୁହଁନ୍ତି। ନାମାଙ୍କନ/ସୁପାରିଶପତ୍ରରେ ଉପରୋକ୍ତ ପୋର୍ଟାଲରେ ଉପଲବ୍ଧ ଫର୍ମାଟରେ ନିର୍ଦ୍ଦିଷ୍ଟ ସମସ୍ତ ପ୍ରାସଙ୍ଗିକ ବିବରଣୀ ରହିବା ଉଚିତ, ଯେଉଁଥିରେ ବର୍ଣ୍ଣନାତ୍ମକ ଆକାରରେ ଏକ ଉଦ୍ଧୃତି (ସର୍ବାଧିକ ୮୦୦ ଶବ୍ଦ) ଅନ୍ତର୍ଭୁକ୍ତ, ଯାହା ସୁପାରିଶ କରାଯାଇଥିବା ବ୍ୟକ୍ତି /ତାଙ୍କର ସମ୍ପୃକ୍ତ କ୍ଷେତ୍ର/ବିଭାଗରେ ବିଶିଷ୍ଟ ଏବଂ ଅସାଧାରଣ ସଫଳତା/ସେବା ସ୍ପଷ୍ଟ ଭାବରେ ପ୍ରକାଶ କରିବ। ଏ ସମ୍ପର୍କରେ ବିବରଣୀ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୱେବସାଇଟ୍ (https://mha.gov.in) ଏବଂ ପଦ୍ମ ପୁରସ୍କାର ପୋର୍ଟାଲ୍ (https://padmaawards.gov.in) ରେ 'ପୁରସ୍କାର ଏବଂ ପଦକ' ଶୀର୍ଷକରେ ମଧ୍ୟ ଉପଲବ୍ଧ। ଏହି ପୁରସ୍କାର ସମ୍ବନ୍ଧୀୟ ନିୟମାବଳୀ https://padmaawards.gov.in/AboutAwards.aspx ଲିଙ୍କ୍ ସହିତ ୱେବସାଇଟ୍‌ରେ ଉପଲବ୍ଧ।

### ଦିବ୍ୟାଙ୍ଗଙ୍କ ଉପରେ ଆପତ୍ତିଜନକ ଟିପ୍ପଣୀ ମାମଲା

## ସୁପ୍ରିମକୋର୍ଟରେ ହାଜର ହେଲେ କମେଡିଆନ୍



ନୂଆଦିଲ୍ଲୀ: ସମୟ ରାଇନାଙ୍କ ବିବାଦୀୟ ଶୋ' ଇଣ୍ଡିଆସ୍ ଗଟ୍ ଲାଟେଣ୍ଟରେ ଅଶ୍ଳୀଳ ଟିପ୍ପଣୀକୁ ନେଇ ଦାଖଲ ଯାଚିକା ଉପରେ ସୁପ୍ରିମକୋର୍ଟରେ ମଙ୍ଗଳବାର ଶୁଣାଣି ହୋଇଛି । ଆଜି ସମୟ ରାଇନା ଓ ଅନ୍ୟମାନେ କୋର୍ଟରେ ହାଜର ହୋଇଥିଲେ । କ୍ୟୁର ଏସ୍‌ଏମ୍‌ଏ ଇଣ୍ଡିଆ ଫାଉଣ୍ଡେସନ୍ ମାମଲାରେ ନିଜର ଜବାବ ଦାଖଲ କରିବା ପାଇଁ ତାଙ୍କ ଓକିଲ ସମୟ ମାଗିଛନ୍ତି । ରଣବୀର ଆହ୍ଲାବାଦିଆଙ୍କ ଆବେଦନ ସହ କ୍ୟୁରୋ ଏସ୍‌ଏମ୍‌ଏ ଇଣ୍ଡିଆ ଫାଉଣ୍ଡେସନ ଦ୍ୱାରା ଦାଖଲ ଆବେଦନ ମଧ୍ୟ ସୂଚୀବଦ୍ଧ କରାଯାଇଥିଲା । ଏଥିରେ ସ୍ପାଇନଲ୍ ମସ୍କୁଲର ଏଟ୍ରୋଫିର ମହଙ୍ଗା ଚିକିତ୍ସା ଉପରେ ସମୟ ରାଇନା ସମ୍ବେଦନହୀନ ଟିପ୍ପଣୀ କରିଥିବା ଅଭିଯୋଗ ରହିଛି । ରାଇନା ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ପରିହାସ କରିଥିବା ଅଭିଯୋଗ ରହିଛି ।

### ଭାରତୀୟ ସେନା ମାନହାନୀ ମାମଲା

## କୋର୍ଟରେ ସରେଣ୍ଡର କଲେ ରାହୁଲ



ଲକ୍ଷ୍ନୌ : ଲକ୍ଷ୍ନୌର ସାଂସଦ-ବିଧାୟକ କୋର୍ଟ ଭାରତୀୟ ସୈନିକଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ମାମଲାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଜାମିନ ପ୍ରଦାନ କରିଛନ୍ତି। କୋର୍ଟ ୨୦ ହଜାର ଟଙ୍କାର ମୁଚଲିକାରେ ଜାମିନ ଦେଇଛନ୍ତି। ରାହୁଲ ଗାନ୍ଧୀ ଭାରତ ଯୋଡୋ ଯାତ୍ରା ବେଳେ ଦେଇଥିବା ବିବୃତ୍ତିକୁ ନେଇ ରୁଜୁ ଏହି ମାମଲାରେ ପ୍ରଥମ ପାଞ୍ଚୋଟି ଶୁଣାଣିରେ ହାଜର ହୋଇ ନଥିଲେ। ମଙ୍ଗଳବାର ସେ ଆଡିସନାଲ ଚିଫ୍ ଜ୍ୟୁଡିସିଆଲ ମାଜିଷ୍ଟ୍ରେଟ୍ ଆଲୋକ ବର୍ମାଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ ହାଜର ହୋଇ ସରେଣ୍ଡର କରିବା ସହ ଜାମିନ ଆବେଦନ ଦାଖଲ କରିଥିଲେ। ଲାଇଭ୍ ଲ'ର ମୁତାବିକ, ରାହୁଲ ଗାନ୍ଧୀ ୫ଟି ଶୁଣାଣିରେ ଅନୁପସ୍ଥିତ ରହିବା ପରେ ଏହିଥର ଆଡିସନାଲ ଚିଫ୍ ଜ୍ୟୁଡିସାଲ ମାଜିଷ୍ଟ୍ରେଟ୍ ଆଲୋକ ବର୍ମାଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ଉଲ୍ଲେଖନୀୟ ଯେ, ମେ'ରେ ଆହ୍ଲାବାଦ ହାଇକୋର୍ଟ ତାଙ୍କର ଆବେଦନକୁ ଖାରଜ କରି ଦେଇଥିଲେ, ଯାହାପରେ ସେ ହାଜର ହୋଇଥିଲେ। ଏହି ପିଟିସନ ସେ ମାନହାନି ମାମଲା ଓ ଲକ୍ଷ୍ନୌର ଏମପି-ଏମଏଲଏ କୋର୍ଟ ଦ୍ୱାରା ଫେବୃଆରୀ ୨୦୨୫ରେ ପାରିତ ସମନ ଆଦେଶ ଉଭୟକୁ ଚ୍ୟାଲେଞ୍ଜ ଦେଇଥିଲେ। ସୂଚନାଯୋଗ୍ୟ ଯେ, ସୀମା ସଡ଼କ ସଙ୍ଗଠନର ଅବସରପ୍ରାପ୍ତ ନିର୍ଦ୍ଦେଶକ ଉଦୟ ଶଙ୍କର ଶ୍ରୀବାସ୍ତବ କୋର୍ଟ ସମ୍ମୁଖରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ମାନହାନି ଅଭିଯୋଗ ଦାୟର କରିଥିଲେ। ସେ କହିଥିଲେ ଯେ, ରାହୁଲ ଗାନ୍ଧୀ ୧୬ ଡିସେମ୍ବର ୨୦୨୨ରେ ଭାରତ ଯୋଡୋ ଯାତ୍ରା ବେଳେ ଭାରତୀୟ ସେନାର ଅପମାନ କରିଥିଲେ, ସେ ୯ଡିସେମ୍ବର ୨୦୨୨ରେ ଅରୁଣାଚଳ ପ୍ରଦେଶର ସୀମାରେ ଭାରତୀୟ ସେନା ଓ ଚାଇନା ସେନା ମଧ୍ୟରେ ହୋଇଥିବା ସଂଘର୍ଷ ବିଷୟରେ ଗଣମାଧ୍ୟମ ଓ ଲୋକଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଲୋକେ ଭାରତ ଯୋଡୋ ଯାତ୍ରା ବିଷୟରେ ପଚାରିବେ କିନ୍ତୁ ଚାଇନା ସୈନିକଙ୍କ ଦ୍ୱାରା ଆମର ସୈନିକଙ୍କୁ ମାଡ଼ ମାରିବା ବିଷୟରେ ଥରୁଟିଏ ବି ପ୍ରଶ୍ନ ପଚାରିବେ ନାହିଁ।

### ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ଘଟଣା

## ରାଜ୍ୟ ସରକାରଙ୍କୁ ପ୍ରିୟଙ୍କାଙ୍କ ଟାର୍ଗେଟ



ନୂଆଦିଲ୍ଲୀ: ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଡ୍ରା ଉଦ୍‌ବେଗ ପ୍ରକାଶ କରିଛନ୍ତି। ଓଡ଼ିଶାରେ ପୁଣି ଏକ ଝିଅ ନ୍ୟାୟ ପାଇଁ ଲଢ଼ି ହାରିଗଲା ବୋଲି ସୋସିଆଲ ମିଡିଆ ଏକ୍ସରେ ଉଲ୍ଲେଖ କରିଛନ୍ତି। ଏପରିକି ସୌମ୍ୟାଶ୍ରୀଙ୍କ ପ୍ରତି ହୋଇଥିବା ଅତ୍ୟାଚାରକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଓଡ଼ିଆ ଝିଅଙ୍କୁ ନ୍ୟାୟ ମିଳିବା ବଦଳରେ ଅପମାନ ଓ ପ୍ରତାରଣା କରାଗଲା। ଏଭଳି ଅତ୍ୟାଚାର ତାଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରିଦେଲା ବୋଲି ପ୍ରିୟଙ୍କା ପ୍ରକାଶ କରି ରାଜ୍ୟ ସରକାରଙ୍କୁ କଡ଼ା ଟାର୍ଗେଟ କରିଛନ୍ତି।

## ରାଜନନ୍ଦୋଗାଓଁ ନାଗରିକ ପ୍ରତିନିଧି ଦଳକୁ ଭେଟିଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ରାଜନନ୍ଦୋଗାଓଁ ଜିଲ୍ଲାର ନାଗରିକ ଟିମ୍‌କୁ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ଛତିଶଗଡ ବିଧାନସଭାର କମିଟି ହଲରେ ଏହି ପ୍ରତିନିଧି ଦଳକୁ ଭେଟିବା ସହ ଶ୍ରୀ ସାଏ ଆଲୋଚନ କରିଥିଲେ। ଶ୍ରୀ ସାଏ କହିଥିଲେ ତାଙ୍କ ସରକାର ବିକଶିତ ଛତିଶଗଡ ପାଇଁ ଆଗ୍ରହର ସହ କାର୍ଯ୍ୟ କରୁଛନ୍ତି। ପ୍ରଶାସନକୁ ଅଧିକ ସଶକ୍ତ କରାଯାଇଛି ଏବଂ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ସହ ନିର୍ଦ୍ଧାରିତ ସମୟରେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସରକାର କାର୍ଯ୍ୟ କରୁଛି ବୋଲି ସେ କହିଥିଲେ। ଶ୍ରୀ ସାଏ ଆହୁରି କହିଥିଲେ ଯେ, ଗତ ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ସୁନିର୍ବାଚିତ ଗ୍ରାମଗୁଡିକରେ ଅଟଳ ଡିଜିଟାଲ ସେବା କେନ୍ଦ୍ରମାନ ଖୋଲା ଯାଇଥିଲା। ଏହି ସେବା କେନ୍ଦ୍ରଗୁଡିକ ସିଧାସଳଖ ଗ୍ରାମସ୍ତରରେ ଲୋକମାନଙ୍କୁ ବ୍ୟାଙ୍କର ସୁବିଧା ଯୋଗାଇ ଦେଉଛନ୍ତି। ଆଗାମୀ ଦିନରେ ଅବଶିଷ୍ଟ ଗ୍ରାମପଞ୍ଚାୟତଗୁଡିକୁ ଏଥିରେ ସାମିଲ କରାଯିବ ବୋଲି ସେ କହିଥିଲେ। ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକୁ ପ୍ରଶଂସା କରିବା ସହ ପ୍ରୟାସ ବିଦ୍ୟାଳୟ, ନାଳନ୍ଦା କ୍ୟାମ୍ପସ ଏବଂ ଅନ୍ୟ ପ୍ରମୁଖ ବିକାଶ କାର୍ଯ୍ୟଗୁଡିକ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଛତିଶଗଡ ବିଧାନସଭାର ବାଚସ୍ପତି ରମଣ ସିଂ କହିଥିଲେ ଯେ, ବିଜେପି ସରକାରର ଦେଢ଼ ବର୍ଷ ପୂର୍ତ୍ତି ମଧ୍ୟରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ କରାଯାଇଛି। ବିଶୁଦ୍ଧ ପାନୀୟ ଜଳ, ରାସ୍ତା ନିର୍ମାଣ, ଭିତ୍ତିଭୂମିର ବିକାଶ କରାଯିବା ସହ ଏଥିରେ ୬୦୦କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହି ମୁଲାକତରେ ପୂର୍ବତନ ସାଂସଦ ପ୍ରଦୀପ ଗାନ୍ଧୀ, କୋମଲ ରାଜପୁତ ପ୍ରମୁଖ ଉପସ୍ଥିତ ଥିଲେ।

## ପାକିସ୍ତାନକୁ ତିରସ୍କାର କଲେ ଜୟଶଙ୍କର



ତିଆନଜିନ: ମଙ୍ଗଳବାର ଚୀନର ତିଆନଜିନରେ ସାଂଘାଇ ସହଯୋଗ ସଂଗଠନ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି ଯେ ଏପ୍ରିଲ ୨୨ରେ ହୋଇଥିବା ଆକ୍ରମଣ, ଯେଉଁଥିରେ ୨୬ ନିରୀହ ଲୋକ ପ୍ରାଣ ହରାଇଥିଲେ, ଜାମ୍ମୁ ଏବଂ କାଶ୍ମୀରର ପର୍ଯ୍ୟଟନ ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ଏବଂ ଧାର୍ମିକ ବିଭାଜନ କରିବା ଉଦ୍ଦେଶ୍ୟରେ କରାଯାଇଥିଲା। ଜୟଶଙ୍କର ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦ ବିରୁଦ୍ଧରେ ଲଢ଼ିବା ପାଇଁ ଏସସିଓ ପ୍ରତିଷ୍ଠିତ ହୋଇଥିଲା ଏବଂ ଏହି ଉଦ୍ଦେଶ୍ୟ ପ୍ରତି ସତ୍ୟ ରହିବା ପାଇଁ, ଏହି ବିପଦ ବିରୁଦ୍ଧରେ ଏକ ଅସାଧୁ ନୀତି ଆବଶ୍ୟକ। ସେ କହିଛନ୍ତି ଯେ ଜାତିସଂଘ ସୁରକ୍ଷା ପରିଷଦ, ଯେଉଁଥିରେ କିଛି ଏସସିଓ ସଦସ୍ୟ ଦେଶ ମଧ୍ୟ ଅନ୍ତର୍ଭୁକ୍ତ, ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି ଏବଂ ଦୋଷୀ, ପ୍ରାୟୋଜକ ଏବଂ ଆର୍ଥିକ ସହାୟତା ପ୍ରଦାନକାରୀଙ୍କୁ ଦଣ୍ଡ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି। ଜୟଶଙ୍କର କହିଛନ୍ତି ଯେ ଆମେ ଏପରି ଏକ ସମୟରେ ବୈଠକ କରୁଛୁ ଯେତେବେଳେ ବିଶ୍ୱରେ ଅସ୍ଥିରତା, ସଂଘର୍ଷ ଏବଂ ଆର୍ଥିକ ସଙ୍କଟ ବୃଦ୍ଧି ପାଉଛି। ଏହି ସମୟରେ, କେବଳ ଆଞ୍ଚଳିକ ସହଯୋଗ ଏବଂ ପାରସ୍ପରିକ ବିଶ୍ୱାସ ମାଧ୍ୟମରେ ବିଶ୍ୱ ବ୍ୟବସ୍ଥାକୁ ସ୍ଥିର କରାଯାଇପାରିବ।

# ବାଣିଜ୍ୟ



ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ଆରୋମାଥେରାପି କମ୍ପାନୀ ବ୍ଲୋସମ କୋଚର ଆରୋମା ମ୍ୟାଜିକ୍ ଗର୍ବର ସହ ଏହାର ଆଇକନିକ୍ ରେର ଏସେନ୍ସିଆଲ ଅଏଲର ପୁନଃ ଶୁଭାରମ୍ଭ ଘୋଷଣା କରିଛି। ୧୫ଟି ତେଲ ଏବେ ୧୦ ମିଲିଲିଟର ନୂଆ ପ୍ୟାକେଜିଂରେ ରହିଛି ଏବଂ ଏଥିରେ ଲାଭେଣ୍ଡର, ତୁଳସୀ, ଚନ୍ଦନ, ଗୋଲାପ, ନେରୋଲି, ଲେମନଗ୍ରାସ, ଚା' ଗଛ, ୟେଲାଙ୍ଗ ୟେଲାଙ୍ଗ ଆଦି ରହିଛି। ଅତ୍ୟାବଶ୍ୟକ ତେଲକୁ ଗଛର ଆତ୍ମା ବୋଲି କୁହାଯାଏ ଏବଂ ପତ୍ର, ଫଳ, ଫୁଲ ଏବଂ ମି ଭଳି ଗଛର ବିଭିନ୍ନ ଅଂଶରୁ ଉତୋଳନ କରାଯାଉଥିବା ଅତ୍ୟଧିକ କେନ୍ଦ୍ରୀଭୂତ ଅଣୁ କୁହାଯାଏ । ଆମର ଅତ୍ୟାବଶ୍ୟକ ତେଲ କେବଳ ସୌନ୍ଦର୍ଯ୍ୟ କିମ୍ବା ସୁସ୍ଥତା ଉତ୍ପାଦ ନୁହେଁ, କହିଛନ୍ତି ବ୍ଲୋସମ କୋଚର ଗ୍ରୁପ୍ ଅଫ୍ କମ୍ପାନିର ଅଧ୍ୟକ୍ଷ ତଥା ଭାରତରେ ଆରୋମାଥେରାପିର ଅଗ୍ରଣୀ ଡ. ବ୍ଲୋସୋମ କୋଚର। ଏହି ଅବସରରେ ଡ. ବ୍ଲୋସମ କୋଚର ସେଲୁନ୍ ପ୍ରଫେସନାଲମାନଙ୍କ ପାଇଁ ତାଙ୍କର ବିଭିନ୍ନ ଉତ୍ପାଦ ବିଷୟରେ ଆଲୋଚନା କରିବା ସହ ଜୁଏଲ କିଟ୍ ଏବଂ ନୂତନ ଭାବେ ଲଂଚ ହୋଇଥିବା ଭିଟାବୁଷ୍ଟ ଏବଂ ମୋଚା କିଟ୍‌ର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ।

## ଚନ୍ଦ୍ରଶେଖରପୁର ଷ୍ଟୋରର ୧୫ବର୍ଷ ପୂର୍ତ୍ତି ପାଳନ କଲା ତନିସ୍କ




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଦେଶର ଅନ୍ୟତମ ଅଗ୍ରଣୀ ଗହଣା ରିଟେଲ ବ୍ରାଣ୍ଡ୍ ତନିସ୍କ ଓଡ଼ିଶାରେ ଏହାର 'ଚନ୍ଦ୍ରଶେଖରପୁର ସ୍ଟୋର'ର ୧୫ ବର୍ଷ ପୂର୍ତ୍ତି ପାଳନ କରିଛି। ଏହି ଅବସରରେ ବ୍ରାଣ୍ଡ୍ ପକ୍ଷରୁ ସୁନା ଗହଣା ଏବଂ ହୀରା ଗହଣା ଗଢ଼ା ମଜୁରି ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଇଛି। ସୁନା ଗହଣା ମୂଲ୍ୟ ଉପରେ ଗ୍ରାମ୍ ପିଛା ୧୦୧ ଟଙ୍କା ରିହାତି ଉପଲବ୍ଧ। ଏହାସହିତ ତନିସ୍କର ସୁନା ଏକ୍ସଚେଞ୍ଜ ପ୍ରୋଗ୍ରାମ୍‌ର ଅଂଶବିଶେଷ ବ୍ରାଣ୍ଡ୍ ପକ୍ଷରୁ ଦେଶର ଯେକୌଣସି ଗହଣା ଷ୍ଟୋରରୁ କିଣାଯାଇଥିବା ପୁରୁଣା ସୁନା ବଦଳ ଉପରେ ଗ୍ରାହକ ୧୦୦% ବଦଳ ମୂଲ୍ୟ ପାଇବେ । ଗ୍ରାହକଙ୍କ ବିଶ୍ୱାସ ଏବଂ ସ୍ମାର୍ଟ କ୍ରୟକୁ ଏହା ସୁଦୃଢ଼ କରିବ। ଚନ୍ଦ୍ରଶେଖରପୁର ଷ୍ଟୋରର ୧୫ ବର୍ଷ ପୂର୍ତ୍ତି ଅବସରରେ ଷ୍ଟୋର ଏକ ସ୍ୱତନ୍ତ୍ର ଉତ୍ସବ ଅନୁଭୂତି ପ୍ରଦାନ କରୁଛି ଓ ବ୍ରାଣ୍ଡର ଉତ୍କୃଷ୍ଟ ଗହଣା ସମ୍ଭାରକୁ ଆବିଷ୍କାର କରିବାକୁ ଷ୍ଟୋର ଗ୍ରାହକଙ୍କୁ ଆମନ୍ତ୍ରଣ କରୁଛି । ୧୦,୦୦୦ ବର୍ଗଫୁଟ ସ୍ଥାନରେ ନିର୍ମିତ ଏ ଷ୍ଟୋରରେ ଚମକବାର ସୁନା, ଉଜ୍ଜ୍ୱଳ ହୀରା ଏବଂ କୁନ୍ଦନ ଓ ପୋଲ୍‌କୀ ଡିଜାଇନ୍ ?ରେ ବିସ୍ତୃତ ବର୍ଗର ଆଇକନିକ୍ ତନିସ୍କ କାରିଗରୀକୁ ପ୍ରଦର୍ଶିତ କରାଯାଇଛି। ସେଲିବ୍ରେଶନ୍‌ର ଅଂଶବିଶେଷ ଷ୍ଟୋର୍ ପକ୍ଷରୁ ଏହାର ନୂଆ କଲେକ୍ସନ 'ରେଡିଆନ୍ସ ଇନ୍ ରିଦିମ୍'କୁ ଉପସ୍ଥାପନ କରାଯାଇଛି। ଯେଉଁଥିରେ ଏମରାଲଡ, ସିଟ୍ରିନ୍, ଆକ୍ୱାମାରାଇନ୍, ସାଭୋରାଇଟ୍, ମାଲାଚିଟେ, ଟାଞ୍ଜାନାଇଟ୍ ଏବଂ ଆମେଥିଷ୍ଟ ସମେତ ଅନ୍ୟାନ୍ୟ ଦାମୀ ଏବଂ ଅର୍ଦ୍ଧ-ଦାମୀ ରତ୍ନପଥରରେ ପ୍ରସ୍ତୁତ ବ୍ୟାପକ ସମ୍ଭାର ଅଣାଯାଇଛି। ଅଭିନବ ପାଟର୍ଣ୍ଣରେ ଏଗୁଡ଼ିକୁ ପ୍ରସ୍ତୁତ କରାଯାଇଛି ଓ ଆଧୁନିକ ମହିଳାଙ୍କ ପାଇଁ ଡିଜାଇନ ହୋଇଥିବା 'ଇଲାନ୍' କଲେକ୍ସନ ଉପଲବ୍ଧ, ଯାହା ନରମ ଢାଞ୍ଚା, କୋମଳ ଫ୍ଲୋରାଲ ମୋଟିଭ ଏବଂ ଚିଲାଇ ପେଭ୍ ସେଟ୍ ହାରା ଦ୍ୱାରା ଅନୁପ୍ରାଣିତ । ଷ୍ଟୋରରେ ମଧ୍ୟ 'ସ୍ରୋତିକା' କଲେକ୍ସନ ରହିଛି, ଯାହା ଜୀବନ ପ୍ରବାହର ସାରକୁ ପ୍ରତିଫଳିତ କରେ ଏବଂ ସୌନ୍ଦର୍ଯ୍ୟରେ ସଜିତ । ଏହାସହିତ ଷ୍ଟୋରରେ ବ୍ରାଣ୍ଡ୍ ?ର ନୂତନ ଫେଷ୍ଟିଭ୍ କଲେକ୍ସନ 'ନବରାଣୀ' ରହିଛି, ଯାହା ରାଜ ଦରବାର, ରାଜପ୍ରସାଦ ଏବଂ ଭାରତର ବହୁମୂଲ୍ୟ ଐତିହ୍ୟର ମହିମା ଦ୍ୱାରା ଅନୁପ୍ରାଣିତ । ଆକର୍ଷଣୀୟ ଏବଂ ସମସାମୟିକ ଡେଲିଓ୍ୱେର ଗହଣା 'ଗ୍ଲାମ୍‌ଡେଜ୍' ସହିତ ଏକ ଅଧୁନିକ, ସମସାମୟିକ ଏବଂ ହାଲୁକା ଗହଣା କଲେକ୍ସନ 'ଷ୍ଟ୍ରିଙ୍ଗ୍ ଇଟ୍' ଉପଲବ୍ଧ। ସ୍ୱତନ୍ତ୍ର ମଙ୍ଗଳସୂତ୍ର କଲେକ୍ସନ 'ଡୋର' ରହିଛି, ଯାହାକି ହିନ୍ଦୁ ବିବାହର ପବିତ୍ର ଧାରାରୁ ଅନୁପ୍ରାଣିତ । ଭାରତୀୟ ବିବାହ ପରମ୍ପରାକୁ ପାଳନ କରିବା ପାଇଁ ବ୍ରାଣ୍ଡ୍ ?ର ବିବାହ ଗହଣା ଉପ-ବ୍ରାଣ୍ଡ୍ 'ରିବା ବାୟ ତନିସ୍କ' ଏଠାରେ ଉପଲବ୍ଧ। ଏ ଅବସରରେ ତନିସ୍କର ସର୍କଲ ବିଜ୍‌ନେସ୍ ମ୍ୟାନେଜର ଅଭିନ୍ଦମ ପ୍ରାମାଣିକ କହିଛନ୍ତି ଯେ, ଚନ୍ଦ୍ରଶେଖରପୁର ଷ୍ଟୋରର ୧୫ ବର୍ଷ ପୂର୍ତ୍ତି ପାଳନ କରି ଆମେ ଧନ୍ୟ ଅନୁଭବ କରୁଛୁ । ଏହା କେବଳ ଏକ ଷ୍ଟୋର ନୁହେଁ, ଏହା ଓଡ଼ିଶାର ଆତ୍ମାର ସେଲିବ୍ରେଶନ୍। ଚନ୍ଦ୍ରଶେଖରପୁର ସ୍ଟୋର ଭ୍ରମଣ କରି ଭାରତୀୟ ଐତିହ୍ୟ ଏବଂ ସମସାମୟିକ ସୁନ୍ଦରତାରେ ପ୍ରସ୍ତୁତ କାଳଜୟୀ ଡିଜାଇନ୍ ?ଗୁଡ଼ିକର ଅଭିଜ୍ଞତା ନେଇ ଏ ଆନନ୍ଦର ସେଲିବ୍ରେଶନ୍‌ରେ ସାମିଲ ହେବାକୁ ଗ୍ରାହକଙ୍କୁ ଆମନ୍ତ୍ରିତ କରିଛି ତନିସ୍କ।

## ଖୁଚୁରା ମୁଦ୍ରାସ୍ଫୀତି ୨.୧୦%କୁ ହ୍ରାସ

ନୂଆଦିଲ୍ଲୀ: ଭାରତର ଖୁଚୁରା ମୁଦ୍ରାସ୍ଫୀତି ଜୁନ୍ ମାସରେ ୨.୧୦%କୁ ହ୍ରାସ ପାଇଛି, ଯାହା ୨୦୧୯ ଜାନୁଆରୀ ପରେ ନିମ୍ନତମ ସ୍ତର ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ଏହା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ୪% ମଧ୍ୟମ ମିଆଦୀ ଲକ୍ଷ୍ୟଠାରୁ କମ୍ ରହିଥିବା ପଞ୍ଚମ ମାସ ଏବଂ ୬% ଉଚ୍ଚ ସୀମାଠାରୁ କମ୍ ରହିଥିବା ଅଷ୍ଟମ ମାସ। ସରକାରୀ ବିବୃତି ଅନୁଯାୟୀ, ଜୁନ୍ ୨୦୨୫ରେ ମୁଦ୍ରାସ୍ଫୀତି ମେ' ୨୦୨୫ ତୁଳନାରେ ୭୨ ବେସିସ୍ ପଏଣ୍ଟ ହ୍ରାସ ପାଇଛି। ଏହା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ୪% ମଧ୍ୟମ ମିଆଦୀ ଲକ୍ଷ୍ୟଠାରୁ କମ୍ ରହିଥିବା ପଞ୍ଚମ ମାସ ଏବଂ ୬% ଉଚ୍ଚ ସୀମାଠାରୁ କମ୍ ରହିଥିବା ଅଷ୍ଟମ ମାସ। ସରକାରୀ ବିବୃତି ଅନୁଯାୟୀ, ଜୁନ୍ ୨୦୨୫ରେ ମୁଦ୍ରାସ୍ଫୀତି ମେ' ୨୦୨୫ ତୁଳନାରେ ୭୨ ବେସିସ୍ ପଏଣ୍ଟ ହ୍ରାସ ପାଇଛି। ମେ'ରେ ମୁଦ୍ରାସ୍ଫୀତି ୨.୮୨% ଥିବା ବେଳେ ଜୁନ୍ ୨୦୨୪ରେ ଏହା ୫.୦୮% ଥିଲା। କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ମୁଖ୍ୟ ଅର୍ଥନୀତିବିତ୍ ଉପାସନା ଭାରଦ୍ୱାଜ କହିଛନ୍ତି, ଖାଦ୍ୟ ମୂଲ୍ୟରେ ନରମ ପରିବେଶ ଯୋଗୁଁ ମୁଦ୍ରାସ୍ଫୀତି ଆଶାଠାରୁ କମ୍ ରହିଛି।

## କଳାହାଣ୍ଡି ଏବଂ ରାୟଗଡ଼ାର ୨୧ଟି ଗାଁକୁ ଆଲୋକିତ କରିଛି ବେଦାନ୍ତ ଆଲୁମିନିୟମ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାର ୨୧ଟି ଗ୍ରାମରେ ୯୬ଟି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରିଛି। ଏହି ଷ୍ଟ୍ରିଟ୍ ଲାଇଟ ପୂର୍ବରୁ ଆଲୋକିତ ନଥିବା ଅଞ୍ଚଳରେ ଆଲୋକୀକରଣର ଏକମାତ୍ର ଉତ୍ସ ଭାବରେ କାର୍ଯ୍ୟକରେ। ଏହି ସବୁଜ ପଦକ୍ଷେପ ବାର୍ଷିକ ପ୍ରାୟ ୨୨ଟନ୍ ସିଓ୨ସମକକ୍ଷ ନିର୍ଗମନ ହ୍ରାସ କରିବାରେ ଯୋଗଦାନ ଦେବା ସହିତ ୫,୦୦୦ରୁ ଅଧିକ ବାସିନ୍ଦାଙ୍କୁ ନିର୍ଭରଯୋଗ୍ୟ, ଶକ୍ତି-ଦକ୍ଷ ଆଲୋକ ପ୍ରଦାନ କରିବ। ଗ୍ରାମୀଣ ଭିତ୍ତିଭୂମିକୁ ବୃଦ୍ଧି କରିବା ଏବଂ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ସମ୍ପ୍ରଦାୟଗୁଡ଼ିକୁ ଉନ୍ନତ କରିବା ପାଇଁ ବେଦାନ୍ତ ଆଲୁମିନିୟମର ବ୍ୟାପକ ମିଶନ ସହିତ ସମନ୍ୱୟ ରଖିବ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ, ଆମର ସମ୍ପ୍ରଦାୟ ବିକାଶ କାର୍ଯ୍ୟକ୍ରମ ଗୁଡ଼ିକ ଆମେ ସେବା କରୁଥିବା ଅଞ୍ଚଳ ଗୁଡ଼ିକର ନିର୍ଦ୍ଦିଷ୍ଟ ଆବଶ୍ୟକତାଅନୁସାରେପ୍ରସ୍ତୁତକରାଯାଇଛି। କଳାହାଣ୍ଡି ଏବଂ ରାୟଗଡ଼ାରେ ସୌର ଆଲୋକ ପ୍ରକଳ୍ପ ସ୍ଥାୟୀତ୍ୱ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଆମର ପ୍ରତିବଦ୍ଧତାର ପ୍ରମାଣ। ସୁରକ୍ଷାବୃଦ୍ଧି, ଗତିଶୀଳତାରେଉନ୍ନତି ଏବଂ ସମ୍ପ୍ରଦାୟ କଲ୍ୟାଣକୁ ସୁଦୃଢ଼ କରିବା ପାଇଁ ଏହି ସଂସ୍ଥାଗୁଡ଼ିକ ପୂର୍ବରୁ ଯେଉଁ ସକାରାତ୍ମକ ପ୍ରଭାବ ପକାଇ ଆସୁଛନ୍ତି ତାହା ଦେଖିବା ଉତ୍ସାହଜନକ। ଗ୍ରାମାଞ୍ଚଳରେ ସବୁଜ ଭିତ୍ତିଭୂମିକୁ ସମନ୍ୱିତ କରି, ଆମେଏକ ଉଜ୍ଜ୍ୱଳ, ସୁରକ୍ଷିତ ଏବଂ ଅଧିକ ସ୍ଥାୟୀ ଭବିଷ୍ୟତ ନିର୍ମାଣ କରିବାକୁ ପ୍ରୟାସ କରୁ। କାଶୀପୁର ବ୍ଲକର ସୁଙ୍ଗେର ଗ୍ରାମପଞ୍ଚାୟତର ସରପଞ୍ଚ ଜଗନ୍ନାଥନାଏକ ନାୟବ କହିଛନ୍ତି, ବେଦାନ୍ତର ସୌର-ଆଲୋକୀକରଣ ପଦକ୍ଷେପ କେବଳ ଆମ ଗାଁକୁ ଆଲୋକିତ କରିନାହିଁ ବରଂ ସମସ୍ତଙ୍କୁ ସୁରକ୍ଷା ପ୍ରଦାନ କରିଛି। ଆମେ ବର୍ତ୍ତମାନ ବିଦ୍ୟୁତ୍ ଯୋଗାଣର ଏକ ନିର୍ଭରଯୋଗ୍ୟ ଉତ୍ସ ପାଇଛୁ। ଆମ ସମ୍ପ୍ରଦାୟର ଆବଶ୍ୟକତା ପୂରଣ କରିବାରେ କମ୍ପାନୀର ପ୍ରୟାସକୁ ଗ୍ରାମବାସୀ ପ୍ରକୃତରେ ପ୍ରଶଂସା କରନ୍ତି। ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳକ୍ରୀଡା ଏବଂ ସଂସ୍କୃତିକୁ ନେଇ ରଣନୈତିକ ପଦକ୍ଷେପ ମାଧ୍ୟମରେ ଓଡ଼ିଶାରେ ପରିବର୍ତ୍ତନ ଆଣିବା ପାଇଁ ବେଦାନ୍ତ ଆଲୁମିନିୟମ ପ୍ରତିବଦ୍ଧ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମ୍ପ୍ରଦାୟ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ସହଯୋଗ କରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପ ସାମାଜିକ-ଆର୍ଥିକ ପ୍ରଗତି ଆଡ଼କୁ ନେଇଯିବ।

## ୩୩କେ.ଭି. ଫିଡର ଲାଇନ ପ୍ରକଳ୍ପ କାର୍ଯ୍ୟକ୍ଷମ କଲା ଟିପିଡବ୍ଲ୍ୟୁଓଡିଏଲ୍



ବୁର୍ଲା/ସୁନ୍ଦରଗଡ଼ (ଭାସ୍କର ନ୍ୟୁଜ୍) : ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଡବ୍ଲ୍ୟୁଓଡିଏଲ୍), ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ, ସୁନ୍ଦରଗଡ଼ ଜିଲ୍ଲାର ଗ୍ରାମୀଣ ଏବଂ ଶିଳ୍ପାଞ୍ଚଳରେ ବିଦ୍ୟୁତ୍ ଶକ୍ତିର ନିର୍ଭରଯୋଗ୍ୟତା ଏବଂ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷପ ଗ୍ରହଣ କରିଅଛି। ସୁନ୍ଦରଗଡ଼ ଜିଲ୍ଲାରେ ଦୁଇଟି (ସବଡେଗା ଏବଂ ହାତିବାରି)ଠାରେ ୭.୨ କୋଟି ଟଙ୍କାର ମିଳିତ ନିବେଶ ସହିତ ଟିପିଡବ୍ଲୁଓଡିଏଲ ଦ୍ୱାରା ଦୁଇଟି ପ୍ରମୁଖ ୩୩ କେ.ଭି.ଫିଡର ଲାଇନ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇଅଛି। ଟିପିଡବ୍ଲୁଓଡିଏଲର ସୁନ୍ଦରଗଡ଼ ବିଦ୍ୟୁତ୍ ବିଭାଗର ସବଡେଗା ସେକ୍ସନ ଅଧୀନରେ ୪.୬କୋଟି ଟଙ୍କାର ନିବେଶରେ ନିର୍ମିତ ହୋଇଥିବା ପ୍ରଥମ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହେଉଛି ୩୩ କେ.ଭି.ସବଡେଗା ଫିଡର ଲାଇନ୍ ପ୍ରକଳ୍ପ, ଯାହା କରମଡିହି ପାୱାର ସବଷ୍ଟେସନରୁ ସବଡେଗା ପାୱାର ସବଷ୍ଟେସନରୁସହିତ ସଂଯୋଗ କରୁଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ସହ ପ୍ରାୟ ୧,୨୦୦ଉଠା ଜଳସେଚନ ପ୍ରକଳ୍ପ ଏବଂ ୧୫ ହଜାରରୁ ଅଧିକ ଘରୋଇ ଏବଂ ବ୍ୟବସାୟୀକ ଉପଭୋକ୍ତା ଉପକୃତ ହେବେ। ଏହା ବ୍ୟତୀତ, ଏହି ନୂତନ ବିଦ୍ୟୁତ୍ ଭିତ୍ତିଭୂମି ଏହି ଅଞ୍ଚଳରେ ଆଗାମୀ ଦିନରେ ହେବାକୁ ଥିବା ଶିଳ୍ପ ପାର୍କକୁ ସମର୍ଥନ କରିବ। ଟିପିଡବ୍ଲୁଓଡିଏଲରେ, ଆମର ଲକ୍ଷ୍ୟ ହେଉଛି ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ କୋଣୋନୁକୋଣରେ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ପହଞ୍ଚାଇବା। ଏହି ଦୁଇଟି ପ୍ରକଳ୍ପ ଗ୍ରାମୀଣ ଏବଂ ଶିଳ୍ପ କ୍ଷେତ୍ରରେ ବିଦ୍ୟୁତ୍ ଶକ୍ତି ଆବଶ୍ୟକତା ପାଇଁ ସ୍ଥିର ଏବଂ ଭବିଷ୍ୟତ ପାଇଁ ଭିତ୍ତିଭୂମି ନିର୍ମାଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବ ବୋଲି ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରକାଶ କରିଅଛି ।

## ବ୍ରହ୍ମପୁରର ବିଜୁଳି ଭିତ୍ତିଭୂମି ସୁଦୃଢ଼ କରୁଛି ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ବିଜୁଳି ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରିବା ସକାଶେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ବ୍ରହ୍ମପୁର ସ୍ଥିତ ବିଦ୍ୟୁତପୁରୀ ପ୍ରାଇମେରୀ ସବଷ୍ଟେସନ (ପିଏସ୍‌ଏସ୍)ର ଉନ୍ନତିକରଣ କରାଯାଇଛି। ଏହି ପଦକ୍ଷେପ ଯୋଗୁଁ ନୀଳାଚଳ ନଗର, ଖୋଡାସିଙ୍ଗି, ବିଦ୍ୟୁତପୁରୀ ଅଞ୍ଚଳର ପ୍ରାୟ ୩ ହଜାର ଉପଭୋକ୍ତା ଉପକୃତ ହେଉଛନ୍ତି। ପୂର୍ବରୁ ଏହି ସବଷ୍ଟେସନରେ ୫ ଏମଭିଏ ବିଶିଷ୍ଟ ଦୁଇଟି ଟ୍ରାନ୍ସଫର୍ମର ଥିଲା। ବର୍ତ୍ତମାନ ଗୋଟିଏ ଟ୍ରାନ୍ସଫର୍ମରର କ୍ଷମତା ୮ ଏମଭିଏକୁ ବୃଦ୍ଧି କରାଯିବା ପରେ ସବଷ୍ଟେସନର ମୋଟ କ୍ଷମତା ୧୩ ଏମଭିଏ ହୋଇଛି। ବିଶେଷ କରି ବିଜୁଳି ଚାହିଦା ଅଧିକ ଥିବା ସମୟରେ ଏହି ଉନ୍ନତିକରଣ ପଦକ୍ଷେପ ସହାୟକ ହେବ। ଯାହାଫଳରେ ବିଜୁଳି ଯୋଗାଣ ଉନ୍ନତ ହେବା ସହ ସ୍ଥାନୀୟ ଶିକ୍ଷାନୁଷ୍ଠାନ, ବ୍ୟାବସାୟିକ ଅନୁଷ୍ଠାନ ଏବଂ ଆବାସିକ ଅଞ୍ଚଳକୁ ଗୁଣାତ୍ମକ ବିଜୁଳି ସେବା ମିଳିପାରୁଛି। ଏହି ପଦକ୍ଷେପ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଉପଭୋକ୍ତାଙ୍କୁ ଏକ ସ୍ଥାୟୀ ଏବଂ ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବା ଦିଗରେ ଏହା ଆମ ପ୍ରତିବଦ୍ଧତାକୁ ଦର୍ଶାଏ। ବ୍ରହ୍ମପୁର ସହରର କ୍ରମ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦାକୁ ପୂରଣ କରିବା ପାଇଁ ବିଦ୍ୟୁତ ବିତରଣ ନେଟୱାର୍କ ସୁଦୃଢ଼ କରିବାରେ ଆମ ଟିମ୍ ନିରନ୍ତର ପ୍ରୟାସ କରୁଅଛି। ସମଗ୍ର ଦକ୍ଷିଣ ଓଡ଼ିଶାରେ ଉନ୍ନତ ଭିତ୍ତିଭୂମି ନିର୍ମାଣ ଏବଂ ସୁରକ୍ଷିତ ତଥା ଭରସାଯୋଗ୍ୟ ବିଜୁଳି ଯୋଗାଣ ଉପରେ ଟିପିଏସ୍‌ଓଡିଏଲ୍ ଗୁରୁତ୍ୱ ଦେଇ ଆସୁଛି।

## ସିନ୍‌ଟେକ୍ସ ପକ୍ଷରୁ ଓଡ଼ିଶାରେ 'ସ୍ମାର୍ଟ' ଟ୍ୟାଙ୍କ ଲଞ୍ଚ



ନୂଆଦିଲ୍ଲୀ: ସିନ୍‌ଟେକ୍ସ ପକ୍ଷରୁ 'ସ୍ମାର୍ଟ' ଟ୍ୟାଙ୍କ୍ ଓଡ଼ିଶାରେ ଆରମ୍ଭ କରିଛି। ଭାରତୀୟ ପରିବାରର ବଜେଟ୍-ସଚେତନ ଆବଶ୍ୟକତାକୁ ବୁଝି, ସିନ୍‌ଟେକ୍ସ ସ୍ମାର୍ଟ ଟ୍ୟାଙ୍କକୁ ସୁଲଭ ମୂଲ୍ୟ ପ୍ରଦାନ କରିଛି, ଯାହା ନିଶ୍ଚିତ କରେ ଯେ ଓଡ଼ିଶାର ପ୍ରତ୍ୟେକ ପରିବାର ପାଖରେ ପ୍ରିମିୟମ୍ ଗୁଣବତ୍ତାର ଙ୍ଗବ-ସ୍ପରକ୍ସ ସ୍ପସ୍ପକ୍ଲକ୍ସବଶର ସମାଧାନର ବିକଳ୍ପ ଅଛି। ବଜାରରେ ସୁଲଭ ମୂଲ୍ୟରେ ପ୍ରଚୁର ପରିମାଣରେ ପ୍ଲାଷ୍ଟିକ୍ ଟ୍ୟାଙ୍କ ଉପଲବ୍ଧ, କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକ ପୁନଃଚକ୍ରିତ ପ୍ଲାଷ୍ଟିକରୁ ତିଆରି, ଯାହା ସୁରକ୍ଷାକୁ ବିପଦରେ ପକାଇପାରେ ଏବଂ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିପାରେ। ନୂତନ ଉତ୍ପାଦ ଲଞ୍ଚ ବିଷୟରେ କହିବାକୁ ୱେଲସ୍ପନ ବିଏପିଏଲ୍ ଲିମିଟେଡ୍‌ର ଏମ୍‌ଡି ସିନ୍‌ଟେକ୍ସ ନିର୍ଦ୍ଦେଶକ ଯଶୋବର୍ଦ୍ଧନ ଅଗ୍ରୱାଲ କହିଛନ୍ତି, ସିନ୍‌ଟେକ୍ସ ଆମେ ଗୁଣବତ୍ତା, ସ୍ଥାୟୀତ୍ୱ ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଦୃଢ଼ଧ୍ୟାନ ଦେଇ ଅଭିନବ ଏବଂ ସ୍ଥାୟୀ ୱାଟର ଷ୍ଟୋରେଜ୍ ସମାଧାନ ପ୍ରଦାନ କରିବାକୁ ପ୍ରତିବଦ୍ଧ। 'ସ୍ମାର୍ଟ' ଟ୍ୟାଙ୍କ ଏବେ ସମଗ୍ର ଓଡ଼ିଶାରେ ସିନ୍‌ଟେକ୍‌ସ ବ୍ୟାପକ ଡିଲର ନେଟୱାର୍କ ମାଧ୍ୟମରେ କ୍ରୟ ପାଇଁ ଉପଲବ୍ଧ, ଯାହା ବିଶ୍ୱସ୍ତ ଗୁଣବତ୍ତା ଏବଂ ସ୍ୱାସ୍ଥ୍ୟକର ଙ୍ଗବସ୍ପରକ୍ସ ସ୍ପସ୍ପକ୍ଲକ୍ସବଶର ଆପଣଙ୍କ ନିକଟକୁ ଆଣୁଛି। 'ସ୍ମାର୍ଟ' ଟ୍ୟାଙ୍କ ୫୦୦ ଲିଟର, ୭୫୦ ଲିଟର ଏବଂ ୧୦୦୦ ଲିଟର କ୍ଷମତାରେ ଉପଲବ୍ଧ।

# ଖେଳ ଖବର





କଟକ (ଭାସ୍କର ନ୍ୟୁଜ୍): ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏସନ୍ (ଓଏଏ)ର କାଉନ୍‌ସିଲ୍ ବୈଠକ ବାରବାଟୀ ଷ୍ଟାଡିୟମସ୍ଥିତ ବାରବାଟୀ ଗେଷ୍ଟହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଥ୍‌ଲେଟିକ ଏକାଡେମୀ ଅଫ୍ ଓଡ଼ିଶା ଶୁଭାରମ୍ଭ ହୋଇଛି। ଏହି ଏକାଡେମିରେ ପ୍ରଥମ ପର୍ଯ୍ୟାୟରେ ୧୪ ଜଣ ଖେଳାଳି ରହିବେ। ସାଇ ହଷ୍ଟେଲ ତଳ ମହଲାରେ ଖେଳାଳିଙ୍କ ରହିବା ବ୍ୟବସ୍ଥା କରାଯିବାକୁ ଚୂଡ଼ାନ୍ତ ହୋଇଛି। କାଉନ୍‌ସିଲ୍ ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଓଏଏ ପକ୍ଷରୁ ୪୯ ଲକ୍ଷ ଟଙ୍କାର ବଜେଟ୍ ପ୍ରସ୍ତୁତ ହୋଇଛି। ଓଏଏ ସଭାପତି ଡକ୍ଟର ଜିଏସ୍ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଓଡ଼ିଶା ଆଥ୍‌ଲେଟିକ୍ ସଂଘ ଅଧ୍ୟକ୍ଷ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ଅଭିଜିତ ପାଲ୍, ଉପସଭାପତି ଦୁଲାଲ ପ୍ରଧାନ, ନଳିନୀ କୁମାର ଦାସ, ଡକ୍ଟର ଜନାର୍ଦ୍ଦନ ଦାସ, ତାପସ କୁମାର ରାୟ ଚୌଧୁରୀ, ରଘୁନନ୍ଦନ ପାଢ଼ୀ, ଯୁଗ୍ମ ସଂପାଦକ ଅଶୋକ କୁମାର ସାହୁ, ରବି ନାୟକ, ସହସଂପାଦକ ବିଭୂତି ଭୂଷଣ ପଣ୍ଡା, କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀଙ୍କ ସମେତ କାଉନ୍‌ସିଲ ସଦସ୍ୟ, ବୈଷୟିକ କମିଟି ସଦସ୍ୟମାନେ ଯୋଗଦେଇଥିଲେ।

## ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ ପାଇଁ ଇଂଲଣ୍ଡ ଦଳ ଘୋଷଣା



ନୂଆଦିଲ୍ଲୀ: ଲର୍ଡ୍ସ ଟେଷ୍ଟରେ ବିଜୟ ପରେ ମାଞ୍ଚେଷ୍ଟରରେ ହେବାକୁ ଥିବା ଚତୁର୍ଥ ମ୍ୟାଚ୍ ପାଇଁ ଇଂଲଣ୍ଡ ଦଳ ଘୋଷଣା କରିଛି। ଲର୍ଡ୍ସ ଟେଷ୍ଟ ମ୍ୟାଚ୍‌ରେ ବିଜୟ ମୁହୂର୍ତ୍ତ ଦେଇଥିବା ଶୋଏବ ବସିରଙ୍କୁ ଦଳରୁ ବାଦ୍ ଦିଆଯାଇଛି। ବସିରଙ୍କ ଆଙ୍ଗୁଠିରେ ଆଘାତ ଲାଗିଛି। ତେଣୁ ସେ ସିରିଜ୍‌ରେ ଅବଶିଷ୍ଟ ମ୍ୟାଚ୍ ଖେଳି ପାରିବେ ନାହିଁ। ତାଙ୍କ ସ୍ଥାନରେ ଅନୁଭବୀ ସ୍ପିନର ଲିୟାମ ଡାସନଙ୍କୁ ଦଳରେ ସାମିଲ କରାଯାଇଛି। ଶୋଏବ ବସିରଙ୍କ ପ୍ରଦର୍ଶନ ଏହି ସିରିଜ୍ ସେତେ ଉତ୍ସାହଜନକ ନ ଥିଲା। ମାତ୍ର ଲର୍ଡ୍ସ ଟେଷ୍ଟରେ ମହମ୍ମଦ ସିରାଜଙ୍କୁ ଆଉଟ୍ କରି ସେ ଦଳକୁ ବିଜୟର ମୁହୂର୍ତ୍ତ ଦେଇଥିଲେ। ଏବେ ସିରିଜ୍‌ର ଅବଶିଷ୍ଟ ଦୁଇଟି ମ୍ୟାଚ୍‌ରେ ତାଙ୍କୁ ଦେଖିବାକୁ ମିଳିବ ନାହିଁ। ତୃତୀୟ ଟେଷ୍ଟରେ ଋଷଭ ପନ୍ତଙ୍କ ଏକ ସଟ୍ ତାଙ୍କ ବାମ ହାତର ସବୁଠୁ ଛୋଟ ଆଙ୍ଗୁଠିରେ ବାଜିବାରୁ ବଡ଼ ଆଘାତ ଲାଗିଛି। ଅନ୍ୟପଟେ ଲିୟାମ ଡାସନଙ୍କ କ୍ୟାରିୟର ଉପରେ ନଜର ପକାଇଲେ ସେ ୨୦୧୬-୧୭ରେ ଇଂଲଣ୍ଡ ପାଇଁ ମୋଟ୍ ୩ଟି ଟେଷ୍ଟ ଖେଳି ସାରିଛନ୍ତି। ଏଥିରୁ ଗୋଟିଏ ମ୍ୟାଚ୍ ସେ ଭାରତ ବିପକ୍ଷରେ ଖେଳିଥିଲେ। ତେବେ ଘରୋଇ କ୍ରିକେଟ୍‌ରେ ତାଙ୍କର ବେଶ ଅଭିଜ୍ଞତା ରହିଛି। ଏହି କାରଣରୁ ଏହି ଅନୁଭବୀ ସ୍ପିନରଙ୍କୁ ଇଂଲଣ୍ଡ ନିଜ ଦଳରେ ସାମିଲ କରିଛି। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଡାସନ ୩୭୧ ୱିକେଟ୍ ନେଇଛନ୍ତି। ଏହା ବାଦ୍ ଇଂଲଣ୍ଡ ଦଳରେ ଆଉ କୌଣସି ପରିବର୍ତ୍ତନ ଘଟିନି। ଇଂଲଣ୍ଡ ଦଳ: ବେନ ଷ୍ଟୋକ୍ସ(ଅଧିନାୟକ), ଜୋଫ୍ରା ଆର୍ଚର, ଗସ ଏଟକିଂସନ, ଜ୍ୟାକବ ବେଥେଲ, ହ୍ୟାରି ବ୍ରୁକ, ବ୍ରାଇଡନ କାର୍ସ, ଜ୍ୟାକ କ୍ରାଉଲି, ଲିୟାମ ଡାସନ, ବେନ ଡକେଟ୍, ଓଲି ପୋପ, ଜୋ ରୁଟ୍, ଜେମି ସ୍ମିଥ (ୱିକେଟ୍ କିପର), ଜୋଶ ଟଙ୍ଗ ଓ କ୍ରିସ୍ ୱକ୍ସ।

## ଟେଷ୍ଟ କ୍ରିକେଟ୍‌ରେ ଅଲୋଡ଼ା ରେକର୍ଡ କଲା ୱେଷ୍ଟଇଣ୍ଡିଜ୍



ନୂଆଦିଲ୍ଲୀ: ୱେଷ୍ଟଇଣ୍ଡିଜ କ୍ରିକେଟ ଟିମ ଟେଷ୍ଟ କ୍ରିକେଟରେ ଏକ ଅଲୋଡା ରେକର୍ଡ ନିଜ ନାମରେ କରିଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟରେ ଦଳ ଦ୍ୱିତୀୟ ଇନିଂସରେ ୨୭ ରନରେ ଅଲଆଉଟ ହୋଇ ଯାଇଥିଲା। ଏହା ଟେଷ୍ଟ କ୍ରିକେଟର ଦ୍ୱିତୀୟ ସର୍ବନିମ୍ନ ସ୍କୋର। ନ୍ୟୁଜିଲାଣ୍ଡ ଏବେ ବି ଏହି ଅଲୋଡା ରେକର୍ଡର ଶୀର୍ଷରେ ରହିଛି। ୧୯୫୫ରେ ଇଂଲଣ୍ଡ ୨୬ ରନରେ ନ୍ୟୁଜିଲାଣ୍ଡକୁ ଅଲଆଉଟ କରିଥିଲା। ସେହିପରି ୧୮୯୬ ଓ ୧୯୨୪ରେ ଇଂଲଣ୍ଡ ୩୦ ରନରେ ଦକ୍ଷିଣ ଆଫ୍ରିକାକୁ ଦୁଇ ଥର ଅଲଆଉଟ କରିଛି। ୧୮୯୯ରେ ଇଂଲଣ୍ଡ ପୁନର୍ବାର ଦକ୍ଷିଣ ଆଫ୍ରିକାକୁ ୩୫ ରନରେ ଅଲଆଉଟ କରିଥିଲା। ଭାରତର ସର୍ବନିମ୍ନ ସ୍କୋର ୩୬ ରହିଛି। ୨୦୨୦ରେ ଅଷ୍ଟ୍ରେଲିଆର ଆଡିଲେଡରେ ଭାରତ ଘରୋଇ ଦଳ ବିପକ୍ଷରେ ଏହି ସ୍କୋର କରିଥିଲା। ଅଷ୍ଟ୍ରେଲିଆ ଅନ୍ତିମ ଟେଷ୍ଟରେ ୧୭୬ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ସିରିଜକୁ ୩-୦ରେ କ୍ଲିନ ସୁଇପ କରିଥିଲା। ମିଚେଲ ଷ୍ଟାର୍କ ୭.୩ ଓଭରରେ ୯ ରନ ଦେଇ ୬ଟି ୱିକେଟ ନେଇଥିଲେ। ଏଥିସହ ସେ ଟେଷ୍ଟ କ୍ରିକେଟରେ ୪୦୦ ୱିକେଟ ପୂରଣ କରିଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ଶେନ ୱର୍ଣ୍ଣ, ଗ୍ଲେନ ମ୍ୟାକଗ୍ରା ଓ ନାଥାନ ଲାୟନ ଏହି ସଫଳତା ହାସଲ କରି ସାରିଛନ୍ତି।

## ଅଲିମ୍ପିକ୍ସ ୨୦୨୮: ଜୁଲାଇ ୧୨ରୁ ଆରମ୍ଭ ହେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

### ଭାଗ ନେବେ ୬ଟି ଦଳ





ନୂଆଦିଲ୍ଲୀ: ୧୨୮ ବର୍ଷର ଦୀର୍ଘ ବିରତି ପରେ କ୍ରିକେଟ୍ ଆଗାମୀ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ (ଏଲ୍ଏଜି ୨୮) ରେ ଏକ ଐତିହାସିକ ପୁନରାଗମନ କରିବାକୁ ଯାଉଛି। ଲସ୍ ଏଞ୍ଜେଲ୍ସଠୁ ପାଖାପାଖି ୫୦ କିଲୋମିଟର ଦୂର ପୋମେନା ସହରର ଫେୟାରଗ୍ରାଉଣ୍ଡସ ଷ୍ଟାଡିୟମରେ ଅଲିମ୍ପିକ୍ସରେ କ୍ରିକେଟ୍ ମ୍ୟାଚ୍ ଜୁଲାଇ ୧୨ରୁ ଖେଳାଯିବ। ପଦକ ମ୍ୟାଚ୍ ଜୁଲାଇ ୧୯ (ଭାରତରେ ଜୁଲାଇ ୨୦) ଓ ଜୁଲାଇ ୨୯ରେ ଏହି ପଡ଼ିଆରେ ଆୟୋଜିତ ହେବ। ତେବେ ଆନୁଷ୍ଠାନିକ ଭାବେ କ୍ରୀଡ଼ାସୂଚୀ ଘୋଷଣା କରାଯାଇ ନାହିଁ। ଏହା ମଧ୍ୟ ସ୍ଥିର ହୋଇ ନାହିଁ ଯେ କେଉଁ ଦଳ ଏଥିରେ ଖେଳିବେ। ପୁରୁଷ ଓ ମହିଳା ବର୍ଗର ମୋଟ୍ ଛଅ ଛଅ ଟିମ୍ ଏବଂ ୧୮୦ ଖେଳାଳି ଅଲିମ୍ପିକ୍ସରେ କ୍ରିକେଟ୍‌ର ସବୁଠୁ ଛୋଟ ଫର୍ମାଟ୍ ଟି-୨୦ରେ ଭାଗ ନେବେ। ପ୍ରତିଯୋଗିତାର କାର୍ଯ୍ୟକ୍ରମ ଅନୁସାରେ ଗୋଟିଏ ଦିନରେ ସର୍ବାଧିକ ୨ଟି ମ୍ୟାଚ୍ ଖେଳାଯିବ। ଜୁଲାଇ ୧୪ ଓ ୨୧ରେ କୌଣସି ମ୍ୟାଚ୍ ହେବ ନାହିଁ। ଅଲିମ୍ପିକ୍ସରେ ଏହା ପୂର୍ବରୁ ଥରୁଟିଏ ୧୯୦୦ ମସିହା ପ୍ୟାରିସ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଥିଲା। ସେହି ସମୟରେ କେବଳ ଦୁଇଟି ଦଳ ଗ୍ରେଟ୍ ବ୍ରିଟେନ ଓ ଫ୍ରାନ୍ସ ଅଂଶଗ୍ରହଣ କରିଥିଲେ। ଗ୍ରେଟ୍ ବ୍ରିଟେନ ପ୍ରତିଯୋଗିତାରେ ମାତ୍ର ଗୋଟିଏ ମ୍ୟାଚ୍ ଜିତି ସ୍ୱର୍ଣ୍ଣ ପଦକ ଜିତିଥିଲା। ପୁରୁଷ ଓ ମହିଳା ଟିମ୍ ୧୫ ଜଣିଆ ଦଳ ଘୋଷଣା କରି ପାରିବେ। କାରଣ ଉଭୟ ବର୍ଗ ପାଇଁ ମୋଟ୍ ୧୮୦ ଖେଳାଳି ସାମିଲ ହେବେ। ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି(ଆଇଓସି) କ୍ରିକେଟ୍, ବେସବଲ, ଫ୍ଲାଗ ଫୁଟବଲ, ଲ୍ୟାକ୍ରୋସ ଓ ସ୍କ୍ୱାସକୁ ୨୦୨୮ ଅଲିମ୍ପିକ୍ସରେ ସାମିଲ କରିବାକୁ ମଞ୍ଜୁରୀ ପ୍ରଦାନ କରିଥିଲା। ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସ ଆନୁଷ୍ଠାନିକ ଭାବେ ୨୦୨୮ ଜୁଲାଇ ୧୪ରୁ ଜୁଲାଇ ୩୦ ପର୍ଯ୍ୟନ୍ତ ଆୟୋଜିତ ହେବ। ମାତ୍ର କ୍ରିକେଟ୍‌ର କିଛି ମ୍ୟାଚ୍ ଆଗରୁ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟ ଜୁଲାଇ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ପଦକ ପାଇଁ ମ୍ୟାଚ୍ ଜୁଲାଇ ୨୦(ଆମେରିକାରେ ଜୁଲାଇ ୧୯)ରେ ଖେଳାଯିବ। ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଜୁଲାଇ ୨୨ରୁ ୨୮ ପର୍ଯ୍ୟନ୍ତ ଚାଲିବ ଏବଂ ଫାଇନାଲ୍ ମୁକାବିଲା ଜୁଲାଇ ୨୯ରେ ଖେଳାଯିବ। ଜୁଲାଇ ୩୦ରେ ଅଲିମ୍ପିକ୍ସର ଉଦଯାପନୀ ହେବ। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଦ୍ୱାରା ଖେଳ୨୮ ପାଇଁ କ୍ରିକେଟ୍ ସମେତ ବେସବଲ୍/ସଫ୍ଟବଲ୍, ଫ୍ଲାଗ୍ ଫୁଟବଲ୍, ଲାକ୍ରୋସ୍ (ସିକ୍ସେସ୍), ଓ ସ୍କ୍ୱାସ୍ ଭଳି ପାଞ୍ଚଟି ନୂଆ ଖେଳକୁ ଅନୁମୋଦନ କରାଯାଇଛି। ଏହି ଖେଳଗୁଡ଼ିକୁ ଯୁବ ଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ ବାଛିଛି।

## ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟବଲ୍ ଚାମ୍ପିଅନସିପ୍: ମୟୂରଭଞ୍ଜର ୨୫ ଜଣିଆ ଦଳ ଘୋଷିତ



ବାରିପଦା (ଭାସ୍କର ନ୍ୟୁଜ) : ୬୪ ତମ ରାଜ୍ୟସ୍ତରୀୟ ବରିଷ୍ଠ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିୟନସିପରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜର ୨୫ ଜଣିଆ ଦଳ ଘୋଷିତ ହୋଇଛି। ରାଇସେନ ଟୁଡୁ (ଅଧିନାୟକ), ମାନଚିତ୍ର ମାର୍ଣ୍ଡି (ଉପ ଅଧିନାୟକ) ଙ୍କ ସମେତ ଜୀବନ ବାସ୍କେ, ନାରଣ ମୁଣ୍ଡା, ବିଶାଲ ଟୋପୋ, ରାମଚନ୍ଦ୍ର ହେମ୍ବ୍ରମ, ସିପୁନ ହାଁସଦା, ଜିତମଲ ଟୁଡୁ, ମାଙ୍ଗତ ମାର୍ଣ୍ଡି, ରାମଚନ୍ଦ୍ର ବେଶ୍ରା, ମାନସିଂ ମାଝୀ, ଭରତ ଚନ୍ଦ୍ର ମାଝୀ, ସାଲାହୀ ଟୁଡୁ, ସୁକୁଲ ହେମ୍ବ୍ରମ, ଠାକୁର ହେମ୍ବ୍ରମ, ଗଣେଶ ସୋରେନ, ରଘୁନାଥ ସୋରେନ, ବାବୁଲି ନାଏକ, ନୀଲେଶ ତିଗା, ବୀରସିଂ ନାଏକ, ଲକ୍ଷ୍ମଣ ମାଝୀ, ଠାକୁରା ମୁର୍ମୁ, ମାଟୁ ଟୁଡୁ, ସୁମିତ କୁମାର ଓ ସିଲୁ ମୁର୍ମୁ ଦଳରେ ସାମିଲ ଅଛନ୍ତି ଓ ଦଳ ସହିତ କୋଚ ଅବନୀ ମୋହନ ମହାନ୍ତି ଓ ମେନେଜର ଭାବେ ଶ୍ରୀନିବାସ ହେମ୍ବ୍ରମ ଗସ୍ତ କରିଛନ୍ତି। ଚଳିତ ମାସ ୧୭ ତାରିଖ ଦିନ ମୟୂରଭଞ୍ଜ ତା'ର ପ୍ରଥମ ମ୍ୟାଚ କୋରାପୁଟ ସହିତ ଖେଳିବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। ଦଳ ଗସ୍ତ କରିବା ପୂର୍ବରୁ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ସ୍ପୋର୍ଟସ ହଷ୍ଟେଲର ଫୁଟବଲ କୋଚ ଅବନୀ ମୋହନ ମହାନ୍ତି, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ହରପ୍ରସାଦ ପାତ୍ର, ଅମ୍ବିକା ରାଉତ ଓ ବରିଷ୍ଠ ସଦସ୍ୟ ରାଜୀବ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

## ୨୧ ଜଣ ଫୁଟବଲ୍ ଖେଳାଳିଙ୍କ ବ୍ରହ୍ମପୁର ଗସ୍ତ



ମାଲକାନଗିରି (ଭାସ୍କର ନ୍ୟୁଜ): ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚମ୍ପିୟନସିପ ସାହାଣୀ କପ ୨୦୨୫ ପାଇଁ ଆଜି ମାଲକାନଗିରି ଜିଲ୍ଲାର ୨୧ ଜଣ କ୍ରୀଡ଼ାବିତ ବ୍ରହ୍ମପୁର ଗସ୍ତ କରିଛନ୍ତି। ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ଆସନ୍ତା କାଲିଠାରୁ ଜୋନ ସ୍ତରୀୟ ଚମ୍ପିୟନସିପରେ ଗ୍ରୁପ ଏ ଓ ଗ୍ରୁପ ବି ରେ ମୋଟ ୮ ଟି ଜିଲ୍ଲାର ଦଳ ଅଂଶ ଗ୍ରହଣ କରିବେ। ଏହି ଚମ୍ପିୟନସିପ ଆସନ୍ତାକାଲି ଅର୍ଥାତ ଜୁଲାଇ ୧୬ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଜି ମାଲକାନଗିରି ଜିଲ୍ଲାର ୨୧ ଜଣ କ୍ରୀଡ଼ାବିତଙ୍କ ସହ କୋଚ ମୁନା ବାଘ ଓ ମ୍ୟାନେଜର ଭିମା ପଡ଼ିଆମୀ ବ୍ରହ୍ମପୁର ଅଭିମୁଖେ ଏକ ଘରୋଇ ବସରେ ଯାତ୍ରା ଆରମ୍ଭ କରିଛନ୍ତି। ଗ୍ରୁପ ବି ରେ ଥିବା ମାଲକାନଗିରି ଦଳ ଆସନ୍ତା ୧୭ ତାରିଖରେ ରାୟଗଡ଼ା ଦଳ, ଆସନ୍ତା ୧୯ ତାରିଖରେ କୋରାପୁଟ ଓ ଆସନ୍ତା ୨୧ ତାରିଖରେ ମୟୂରଭଞ୍ଜ ଦଳ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ଗ୍ରୁପ ଏ ଓ ଗ୍ରୁପ ବି ର ଶ୍ରେଷ୍ଠ ଦଳ ଆସନ୍ତା ୨୩ ତାରିଖରେ ଜୋନ ସ୍ତରୀୟ କ୍ୱାଲିଫାଇ ମ୍ୟାଚ ଖେଳିବେ। ଗସ୍ତ ବେଳେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ମାଣ୍ଡାଙ୍ଗି, ଜିଲ୍ଲା ଅଥଲେଟିକ ଆସୋସିଏସନ ସମ୍ପାଦକ ରାମହରି ପଣ୍ଡା ଓ କୋଷାଧ୍ୟକ୍ଷ ଏସ. ପ୍ରସାଦ ରାଓ, ସଦସ୍ୟ ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ସମୀର ଜେନା ଉପସ୍ଥିତ ରହି କ୍ରୀଡ଼ାବିତଙ୍କୁ ଶୃଙ୍ଖଳିତ ହୋଇ ଉଚ୍ଚମାନର କ୍ରୀଡା ପ୍ରଦର୍ଶନ କରିବାକୁ ପରାମର୍ଶ ଦେବା ସହ ଶୁଭକାମନା ଜଣାଇଥିଲେ।

## ଭାରତର ପରାଜୟକୁ ନେଇ ତେନ୍ଦୁଲକରଙ୍କ ପ୍ରତିକ୍ରିୟା

ନୂଆଦିଲ୍ଲୀ: ଲର୍ଡସ ଟେଷ୍ଟରେ ଟିମ୍ ଇଣ୍ଡିଆ ମାତ୍ର ୨୨ରନରେ ପରାଜିତ ହେବା ଦ୍ୱାରା ଭାରତୀୟ ଦଳ ଏବେ ସିରିଜରେ ମଧ ପଛରେ ପଡ଼ିଯାଇଛି। ଏହି ବିଜୟ ସହିତ ଇଂଲଣ୍ଡ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୨-୧ରେ ଆଗୁଆ ରହିଛି। ଲର୍ଡସରେ ପଞ୍ଚମ ଦିନରେ ରବିନ୍ଦ୍ର ଜାଡେଜା, ଯଶପ୍ରୀତ ବୁମରା ଏବଂ ମହମ୍ମଦ ସିରାଜ ଯେପରି ବ୍ୟାଟିଂ କରିଥିଲେ ତାହାକୁ ସମସ୍ତେ ଏବେ ପ୍ରଶଂସା କରୁଛନ୍ତି। ସେହି ସମୟରେ ସଚିନ ସୋସିଆଲ ମିଡ଼ିଆରେ ଏକ ପୋଷ୍ଟ କରି ଲେଖିଛନ୍ତି 'ବିଜୟର ଏତେ ନିକଟର, ଜାଡେଜା, ବୁମରା ଏବଂ ସିରାଜ ଶେଷ ପର୍ଯ୍ୟନ୍ତ ଲଢ଼ିଥିଲେ। ବହୁତ ଭଲ ପ୍ରୟାସ କରିଥିଲା ଟିମ୍ ଇଣ୍ଡିଆ। ଇଂଲଣ୍ଡ ଏତେ ଚାପରେ ରହି ଭଲ ଖେଳିବା ଏବଂ କଷ୍ଟସାଧ୍ୟ ବିଜୟ ପାଇଁ ଅଭିନନ୍ଦନ। ଦ୍ୱିତୀୟ ଇନିଂସରେ ଚମତ୍କାର ବ୍ୟାଟିଂ କରିବା ସହିତ ରବିନ୍ଦ୍ର ଜାଡେଜା ୧୮୧ ବଲରେ ୬୧ରନର ଅପରାଜିତ ଇନିଂସ ଖେଳିଥିଲେ। ସେହିପରି ଯଶପ୍ରୀତ ବୁମରା ୫୪ବଲରେ ୫ରନ କରିଥିଲେ, ଏହା ବ୍ୟତୀତ ମହମ୍ମଦ ସିରାଜ ୩୦ବଲରେ ୪ରନ କରିଥିଲେ। ଭାରତ ପାଖରେ ମ୍ୟାଚ ଜିତିବା ପାଇଁ ୧୯୩ ରନର ଆବଶ୍ୟକ ଥିବା ବେଳେ ଦଳ ୧୭୦ରନରେ ଅଲଆଉଟ୍ ହୋଇଯାଇଥିଲା

## ମେଜର ଲିଗ୍ କ୍ରିକେଟ୍ ଟାଇଟଲ୍ ଜିତିଲା ଏମ୍ଆଇ ନ୍ୟୁୟର୍କ




ମୁମ୍ବାଇ: ୨୦୨୫ ମେଜର ଲିଗ୍ କ୍ରିକେଟ୍ (ଏମଏଲସି) ଟାଇଟଲ୍ ଜିତିଛି ଏମ୍ଆଇ ନ୍ୟୁୟର୍କ। ମୁମ୍ବାଇ ଇଣ୍ଡିଆନ୍ସ ମାତ୍ର ତିନି ସିଜିନ୍ ମଧ୍ୟରେ ଦ୍ୱିତୀୟ ଚାମ୍ପିଅନସିପ୍ ଟାଇଟଲ୍ ଜିତିଛି। ଏହି ବିଜୟ ସହ ବିଶ୍ୱ ସ୍ତରରେ ମୁମ୍ବାଇ ଇଣ୍ଡିଆନ୍ସର ଏହା ୧୩ତମ ଟାଇଟଲ୍ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ କେବଳ ୨୦୨୫ରେ ତିନୋଟି ଟ୍ରଫି ଜିତିଛି। ପୂର୍ବରୁ, ଏମ୍ଆଇ କେପ୍ ଟାଉନ୍ ଦକ୍ଷିଣ ଆଫ୍ରିକା ଟ୍ୱେଣ୍ଟି ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳ ଚଳିତ ବର୍ଷ ଆରମ୍ଭରେ ଡବ୍ଲୁପିଏଲରେ ଟାଇଟଲ୍ ଜିତିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ହେଉଛି ସବୁଠାରୁ ସଫଳ ବିଶ୍ୱସ୍ତରୀୟ ଟି-ଟ୍ୱେଣ୍ଟି ଫ୍ରାଞ୍ଚାଇଜ୍ କ୍ରିକେଟ୍ ସମୂହ। ଏହି ଅବସରରେ ନୀତା ଏମ. ଅମ୍ବାନୀ କହିଛନ୍ତି, 'ମୁମ୍ବାଇ ଇଣ୍ଡିଆନ୍ସ ପରିବାର ପାଇଁ ଏହା ବାସ୍ତବରେ ଏକ ବିଶେଷ ମୁହୂର୍ତ୍ତ। ତିନି ବର୍ଷ ମଧ୍ୟରେ ଆମର ଦ୍ୱିତୀୟ ଏମଏଲସି ଟ୍ରଫି ଜିତିବା ମୁମ୍ବାଇ ଇଣ୍ଡିଆନ୍ସର ଉତ୍ସାହ, ବିଶ୍ୱାସ ଏବଂ ଦଳଗତ ଉଦ୍ୟମର ବିଜୟ। ଆମେ ଆମର ସମସ୍ତ ପ୍ରଶଂସକ - ମୁମ୍ବାଇ ଇଣ୍ଡିଆନ୍ସ ପଲଟନ ପ୍ରତି କୃତଜ୍ଞ, ଯେଉଁମାନେ ସର୍ବଦା ଆମ ସହିତ ରହିଛନ୍ତି। ପ୍ରତ୍ୟେକ ଖେଳାଳି, ପ୍ରଶିକ୍ଷକ, ସମର୍ଥକ ଏବଂ ଆମର ବିଶ୍ୱବ୍ୟାପ୍ତ ମୁମ୍ବାଇ ଇଣ୍ଡିଆନ୍ସ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମୋର ଅଭିନନ୍ଦନ।' ବିଜୟ ପାଇଁ ଦଳକୁ ଅଭିନନ୍ଦନ ଜଣାଇ ଆକାଶ ଏମ. ଅମ୍ବାନୀ କହିଛନ୍ତି, 'ମୁମ୍ବାଇ ଇଣ୍ଡିଆନ୍ସରେ ଆମ ସମସ୍ତଙ୍କ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ। ଏମ୍ଆଇ ନ୍ୟୁୟର୍କ ସେମାନଙ୍କର ଦ୍ୱିତୀୟ ଏମଏଲସି ଟାଇଟଲ ଜିତିବା, ଚଳିତ ବର୍ଷ ଭାରତ, ଦକ୍ଷିଣ ଆଫ୍ରିକା ଏବଂ ଆମେରିକାରେ ଟାଇଟଲର ହ୍ୟାଟ୍ରିକର ଅଂଶ ଭାବରେ ଅତ୍ୟନ୍ତ ସନ୍ତୋଷଜନକ। ଏହି ସଫଳତା ଆମ ଦଳର ବର୍ଷ ବର୍ଷର ବିଶ୍ୱାସ, ସଂସ୍କୃତି ଏବଂ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ମୁହୂର୍ତ୍ତକୁ ସମ୍ଭବ କରିଥିବା ଏମଆଇ ନ୍ୟୁୟର୍କର ପ୍ରତ୍ୟେକ ସଦସ୍ୟଙ୍କୁ ଅଭିନନ୍ଦନ।' ମୁମ୍ବାଇ ଇଣ୍ଡିଆନ୍ସର ପାଞ୍ଚଟି ଦଳ ତିନୋଟି ମହାଦେଶ ଏବଂ ଚାରିଟି ଦେଶରେ ନିଜର ପ୍ରାଧାନ୍ୟ ବଜାୟ ରଖିଛନ୍ତି। ମୋଟ ୧୩ଟି ଚାମ୍ପିଅନସିପ୍ ଟାଇଟଲ୍ ସହିତ, ମୁମ୍ବାଇ ଇଣ୍ଡିଆନ୍ସ ବିଶ୍ୱସ୍ତରୀୟ ଟି-ଟ୍ୱେଣ୍ଟି ଲିଗ୍‌ରେ ସବୁଠାରୁ ସଫଳ ଫ୍ରାଞ୍ଚାଇଜ୍ - ଯେଉଁଥିରେ ୫ଟି ଆଇପିଏଲ ଟାଇଟଲ, ୨ଟି ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ) ଟାଇଟଲ୍, ୨ଟି ମେଜର୍ ଲିଗ୍ କ୍ରିକେଟ୍ ଟାଇଟଲ୍, ୨ଟି ଚାମ୍ପିଅନ୍ସ ଲିଗ୍ ଟି-ଟ୍ୱେଣ୍ଟି ଟାଇଟଲ୍ ଏବଂ ଆଇଏଲଟି ଟ୍ୱେଣ୍ଟି (ଏମଆଇ ଏମିରେଟସ, ୨୦୨୪) ଏବଂ ଦକ୍ଷିଣ ଆଫ୍ରିକା ଟ୍ୱେଣ୍ଟି (ଏମଆଇ କେପ୍ ଟାଉନ୍, ୨୦୨୫) ରେ ଗୋଟିଏ ଲେଖାଏଁ ଟାଇଟଲ୍ ସାମିଲ ରହିଛି।

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमंडल, डालटनगंज ।
पत्रांक...........दिनांक..................
प्रेष विज्ञप्ति
PR NO.-356092
ग्रामीण कार्य विभाग, कार्य प्रमंडल, डालटनगंज के अधीन अल्पकालीन ई0 निविदा सूचना संख्या–05RIV/2024–25/EE/RWD/DALTONGANJ, दिनांक 26.06.2025 के द्वारा आमंत्रित निविदा को तकनीकी कारणों से रद्द किया जाता है ।
कार्यपालक अभियंता,
ग्रामीण कार्य विभाग,
कार्य प्रमंडल, डालटनगंज ।
PR 357313 Rural Development (25-26)D

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमंडल, डालटनगंज
पत्रांक........... दिनांक..................
प्रेष विज्ञप्ति
PR NO.-356091
ग्रामीण कार्य विभाग, कार्य प्रमंडल, डालटनगंज के अधीन अल्पकालीन ई0 निविदा सूचना संख्या– 13RI/2024–25/EE/RWD/DALTONGANJ, दिनांक 26.06.2025 के द्वारा आमंत्रित निविदा को तकनीकी कारणों से रद्द किया जाता है ।
कार्यपालक अभियंता,
ग्रामीण कार्य विभाग,
कार्य प्रमंडल, डालटनगंज
PR 357314 Rural Development (25-26)_D

## ବିଶ୍ୱର ସବୁଠୁ ବୟସ୍କ ମାରାଥନ ଧାବକଙ୍କ ଦେହାନ୍ତ




ଜଳନ୍ଧର: ପଞ୍ଜାବର ଜଳନ୍ଧର ଜିଲାରେ ଏକ ସଡ଼କ ଦୁର୍ଘଟଣାରେ ବିଶ୍ୱ ପ୍ରସିଦ୍ଧ ମାରାଥନ ଧାବକ ଫୌଜା ସିଂହଙ୍କ ୧୧୪ ବର୍ଷ ବୟସରେ ମୃତ୍ୟୁ ଘଟିଛି। ସେ ତାଙ୍କ ଜନ୍ମସ୍ଥାନ ବ୍ୟାସରେ ବୁଲିବାକୁ ଯାଇଥିଲେ। ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ମୁଣ୍ଡରେ ଗମ୍ଭୀର ଆଘାତ ଲାଗିବାରୁ ତାଙ୍କୁ ଜଳନ୍ଧରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଯେଉଁ ବୟସରେ ଅଣ୍ଟା ସଳଖି ଚାଲିବା କଷ୍ଟ, ସେ ବୟସରେ ଘଣ୍ଟା ଘଣ୍ଟା ଦୌଡୁଥିଲେ। ବୟସ ୬୦ କି ୭୦ ବର୍ଷ ନୁହେଁ। ୧୦୦ ବର୍ଷ ହେବା ପରେ ବି ସେ ୭/୮ ଘଣ୍ଟା ପର୍ଯ୍ୟନ୍ତ ଦୌଡ଼ି ପାରୁଥିଲେ। ବିଶ୍ୱର ସବୁଠୁ ବୟସ୍କ ମାରାଥନ ଧାବକ ଭାବେ ଫୌଜା ବିଶ୍ୱ ରେକର୍ଡ କରିଛନ୍ତି। ଫୌଜାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ସରେ ସାରା ବିଶ୍ୱର ଧାବକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଏହି କିମ୍ବଦନ୍ତୀ ଧାବକଙ୍କ ଘର ହେଉଛି ଜଳନ୍ଧରର ବିଜ୍ ପିଣ୍ଡ ଗ୍ରାମରେ। ଗତ ସୋମବାର ଅପରାହ୍ନରେ ଗାଁ ରାସ୍ତାରେ ଚାଲି ଚାଲି ଯାଉଥିବାବେଳେ ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି। ୧୯୧୧ ଏପ୍ରିଲ ୧ରେ ଫୌଜା ସିଂହ ଜନ୍ମଗ୍ରହଣ କରିଥିଲେ। ୧୯୯୩ରେ ସେ ଇଂଲଣ୍ଡ ଚାଲିଯାଇଥିଲେ। ସେଠାରେ ୮୯ ବର୍ଷ ବୟସରେ ସେ ଯେତେବେଳେ ମାରାଥନ ଦୌଡ଼ ଆରମ୍ଭ କଲେ ସେତେବେଳେ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆସିଲେ। ୨୦୧୧ରେ ଫୌଜା ଇଂଲଣ୍ଡରେ ଏକ ମାରାଥନରେ ଭାଗ ନେଇ ତାହାକୁ ସମ୍ପୂର୍ଣ୍ଣ କରିଥିଲେ। ସେତେବେଳେ ତାଙ୍କୁ ୧୦୦ ବର୍ଷ ହୋଇଥିଲା। ଯେଉଁଥିପାଇଁ ସେ ବିଶ୍ୱର ସବୁଠୁ ବୟସ୍କ ମାରାଥନ ଧାବକ ଭାବେ ପରିଚୟ ହାସଲ କରିଥିଲେ। ଯେଉଁ ବୟସରେ ମଣିଷ ଚାଲିବା ବି କଷ୍ଟକର ହୋଇପଡ଼େ ସେହି ବୟସରେ ସେ ମାରାଥନ ଦୌଡ଼ି ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ୨୦୦୦ରୁ ୨୦୧୩ ମସିହା ଅର୍ଥାତ ୧୪ ବର୍ଷ ମଧ୍ୟରେ ସେ ୯ଟି ମାରାଥନ ସମ୍ପୂର୍ଣ୍ଣ କରିସାରିଥିଲେ। ଫୌଜା ୨୦୦୦ ଏପ୍ରିଲରେ ଆୟୋଜିତ ଲଣ୍ଡନ ମାରାଥନ ଭାଗ ନେଇ ୬ ଘଣ୍ଟା ୫୪ ମିନିଟ ଦୌଡ଼ି ଏହାକୁ ସମ୍ପୂର୍ଣ୍ଣ କରିଥିଲେ। ସେତେବେଳେ ତାଙ୍କୁ ୮୯ ବର୍ଷ ହୋଇଥିଲା। ୧୦୦ ବର୍ଷ ବୟସରେ ସେ ଟରୋଣ୍ଟୋ ମାରାଥନରେ ଅଂଶଗ୍ରହଣ ୮ଘଣ୍ଟା ୧୧ ମିନିଟ ଧରି ଦୌଡ଼ିଥିଲେ। ୨୦୧୨ରେ ସେ ଶେଷ ଥର ପାଇଁ ହଂକଂରେ ଆୟୋଜିତ ଅନ୍ତର୍ଜାତୀୟ ମାରାଥନରେ ଭାଗ ନେଇଥିଲେ। ୧୦୧ ବର୍ଷ ବୟସରେ ସେ ଏହି ମାରାଥନରେ ୧୦ କିଲୋମିଟର ଦୌଡ଼କୁ ୭ ଘଣ୍ଟା ୪୯ ମିନିଟରେ ସମ୍ପନ୍ନ କରିଥିଲେ। ଫୌଜାଙ୍କ ଏହି ସଫଳତା ପାଇଁ ତାଙ୍କୁ ବ୍ରିଟେନ ତରଫରୁ ଅନେକ ପୁରସ୍କାର ପ୍ରଦାନ କରାଯାଇଛି। ଫୌଜା ସିଂହଙ୍କୁ ସାରା ବିଶ୍ୱରେ 'ପଗଡ଼ି ବାଜି' ଭାବରେ ଜାଣନ୍ତି। ସେ ତାଙ୍କ ବୟସର ଏହି ପର୍ଯ୍ୟାୟରେ ମଧ୍ୟ ସକ୍ରିୟ ନ ଥିଲେ, ବରଂ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ମଧ୍ୟ ରହିଥିଲେ। ସେ ଅନେକ ଅନ୍ତର୍ଜାତୀୟ ମାରାଥନ ଦୌଡ଼ରେ ଅଂଶଗ୍ରହଣ କରିଥିଲେ ଏବଂ ସ୍ୱାସ୍ଥ୍ୟ, ନିଶାମୁକ୍ତି ଏବଂ ଫିଟନେସ ସମ୍ବନ୍ଧୀୟ ସାମାଜିକ ଅଭିଯାନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ସହିତ ଦେଶ କେବଳ ଜଣେ ଧାବକଙ୍କୁ ନୁହେଁ ବରଂ ଏକ ଜୀବନ୍ତ ପ୍ରେରଣାକୁ ହରାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଶ୍ରୀ ଫୌଜା ସିଂହଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ ଏବଂ ଦୃଢ଼ ମନୋଭାବ ଅନେକ ପିଢ଼ି ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲା। ପ୍ରଧାନମନ୍ତ୍ରୀ ତାଙ୍କୁ ଅବିଶ୍ୱସନୀୟ ଦୃଢ଼ତା ସହିତ ଏକ ଅସାଧାରଣ ଖେଳାଳି ଭାବରେ ପ୍ରଶଂସା କରିଛନ୍ତି। ଫୌଜା ସିଂହ ନିଜର ଅନନ୍ୟ ବ୍ୟକ୍ତିତ୍ୱ ଏବଂ ଫିଟ୍‌ନେସ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଭାରତର ଯୁବପିଢ଼ିଙ୍କୁ ପ୍ରେରିତ କରିବାର ନିଜର ଢଙ୍ଗ ଯୋଗୁଁ ଅସାଧାରଣ ଥିଲେ। ସେ ଅବିଶ୍ୱସନୀୟ ଦୃଢ଼ ସଂକଳ୍ପ ସହିତ ଜଣେ ଅସାଧାରଣ ଖେଳାଳି ଥିଲେ। ତାଙ୍କ ବିୟୋଗରେ ମୁଁ ମର୍ମାହତ। ତାଙ୍କ ପରିବାର ଏବଂ ସମଗ୍ର ବିଶ୍ୱରେ ତାଙ୍କର ଅଗଣିତ ପ୍ରଶଂସକଙ୍କ ସହିତ ମୋର ସମବେଦନା ରହିଛି।

JHARKHAND URJA SANCHARAN NIGAM LIMITED
(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002, (E-mail:cetjusnl@gmail.com)

e-TENDER NOTICE

NIT No.–280/PR/JUSNL/2025-26

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | Survey and assessment of healthiness of tower and their residual life for 132 kV S/C Chaibasa-II – Kendposi Transmission line for the work of reconductoring existing 132kV line by HTLS conductor to meet the proposed power demand of 27 MVA from Railway for its new TSS at Kendposi. |
| Estimated cost (Rs.) | Rs. 6,97,203.00 (including GST) |
| Earnest Money Deposit | Rs. 14,000.00 On line mode |
| Completion Period | 45 Days |
| e-Tender fee | Rs. 5,000.00 + 18% GST On line mode. |
| Start Date & Time of Download the Tender Documents | 21.07.2025 at 11:00 AM |
| Start Date and time of upload of BID | 21.07.2025 at 11:00 AM |
| End date and time of upload of BID | 11.08.2025 upto 04:00 PM |
| BID Opening date for technical part | 12.08.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनी शिकायतों को 18003456570(कॉल सेन्टर) पर दर्ज करायें।

Sd/-
General Manager C&M (NWBP)

PR 357377 Jharkhand Urja Sancharan Nigam Ltd(25-26)#D



ବର୍ତ୍ତମାନ ସମୟରେ ଅନେକଙ୍କ ପାଇଁ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଏକ ମୁଖ୍ୟ ସମସ୍ୟା ପାଲଟିଛି। ଏହା ଅଧିକ ବୟସରେ ନୁହେଁ ବରଂ କମ୍ ବୟସରେ ମଧ୍ୟ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ତେବେ ହାଡକୁ ମଜଭୂତ ରଖିବା ପାଇଁ କିଛି ସ୍ୱତନ୍ତ୍ର ଜିନିଷକୁ ନିଜ ଖାଦ୍ୟରେ ସାମିଲ କରିବା ନିତାନ୍ତ ଆବଶ୍ୟକ। ଏହି ସମସ୍ତ ଖାଦ୍ୟରେ ଥିବା ପୋଷକ ତତ୍ତ୍ୱର ଅଭାବରେ ହାଡ ଉପରେ ଅନେକ କୁପ୍ରଭାବ ପଡିଥାଏ। ଏସବୁ ଜିନିଷକୁ ନିଜ ଖାଦ୍ୟରେ ସାମିଲ ନକରିବା ଦ୍ୱାରା ୩୦ ବର୍ଷ ପରେ ହାଡ ଜନିତ ସମସ୍ୟା ଭୋଗିବାକୁ ପଡିଥାଏ। ହାଡରୁ କଟ୍‌କଟ୍ ଶବ୍ଦ ମଧ୍ୟ ହୋଇଥାଏ। କ୍ଷୀରରେ ପ୍ରଚୁର ପରିମାଣରେ କ୍ୟାଲସିୟମ ରହିଛି। ଯାହା ହାଡକୁ ମଜଭୂତ କରିଥାଏ। ସମସ୍ତ ପ୍ରକାର ସବୁଜ ପନିପରିବାରେ ପ୍ରଚୁର କ୍ୟାଲସିୟମ ରହିଥାଏ। ତେଣୁ ନିଜର ଦୈନନ୍ଦିନ ଖାଦ୍ୟରେ ଏହାକୁ ସାମିଲ କରନ୍ତୁ। ହାଡକୁ ମଜଭୂତ ରଖିବା ପାଇଁ ନିଜ ଖାଦ୍ୟରେ ବାଦାମ,କାଜୁ ଓ କିସ୍‌ମିସ୍ ନିଶ୍ଚୟ ସାମିଲ କରନ୍ତୁ। ହାଡକୁ ମଜଭୂତ ରଖିବା ପାଇଁ ନିଜ ଖାଦ୍ୟରେ ମାଛ ନିଶ୍ଚୟ ସାମିଲ କରନ୍ତୁ। ମାଛରେ ଓମେଗା ୩ ଫ୍ୟାଟି ଏସିଡ୍‌ଆଦି ଭରପୁର ମାତ୍ରାରେ ରହିଛି। ଏହା ମଧ୍ୟ ହାଡକୁ ମଜବୁତ କରିବାରେ ବେଶ ସହାୟକ ହୋଇଥାଏ। ଅଣ୍ଡା ପ୍ରୋଟିନ ଓ ଭିଟାମିନ୍‌ର ଏକ ଉତ୍ତମ ସ୍ରୋତ। ଏହା ହାଡକୁ ମଜଭୂତ କରିଥାଏ। ତେଣୁ ନିଜ ଖାଦ୍ୟରେ ଅଣ୍ଡା ନିଶ୍ଚୟ ସାମିଲ କରନ୍ତୁ। ନିଜ ଦୈନନ୍ଦିନ ଖାଦ୍ୟରେ ଫଳ ନିଶ୍ଚୟ ସାମିଲ କରନ୍ତୁ। ଋତୁ ଅନୁଯାୟୀ ମିଳୁଥିବା ଫଳ ଖାଇବା ଖୁବ ଉପକାରୀ।

## ଋଣ ମୁକ୍ତିରେ ସାହାଯ୍ୟ କଲା ଏଆଇ

ଏଆଇର ବ୍ୟବହାର ଏବେ ପାଠପଢ଼ାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା, ରିଟେଲ୍, ମାନ୍ୟୁଫ୍ୟାକଚରିଂ ଆଦି ବିଭିନ୍ନ କ୍ଷେତ୍ରକୁ ପ୍ରବେଶ କରିସାରିଛି। ଏଆଇର ବ୍ୟବହାର ଯୋଗୁ ଲୋକେ ସୃଜନଶୀଳତା ହରାଉଥିବା ନେଇ ପ୍ରଶ୍ନ ମଧ୍ୟ ଉଠିଲାଣି। ହେଲେ ନିକଟରେ ଆମେରିକାର ଜଣେ ମହିଳାଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଋଣ ସୁଝିବାରେ ସାହାଯ୍ୟ କରିଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ୩୫ ବର୍ଷୀୟା ଜେନିଫର ଯେଉଁଳି ଭାବେ ଏଆଇର ବ୍ୟବହାର କରିଛନ୍ତି, ତାହା ନିହାତି ପ୍ରଶଂସାଯୋଗ୍ୟ। ଜେନିଫରଙ୍କ ରୋଜଗାର ଠିକ୍ ଠାକ୍ ଥିଲା ଓ ହେଲେ ଟଙ୍କାକୁ କିଭଳି ଖର୍ଚ୍ଚ କରିବା ଦରକାର, ସେ କଳା ତାଙ୍କୁ ଜଣା ନ ଥିଲା। ଅବଶ୍ୟ ଝିଅ ଜନ୍ମ ବେଳେ ତାଙ୍କ ଆର୍ଥିକ ପରିସ୍ଥିତି ଠିକ୍ ଥିଲା । ପରେ ଏହି ସ୍ଥିତି ବିଗିଡ଼ିବାରେ ଲାଗିଲା । ଘରର ଯାବତୀୟ ଖର୍ଚ୍ଚ ସହ ସ୍ୱାସ୍ଥ୍ୟ ସେବା ଲାଗି ସେ କ୍ରେଡିଟ୍ କାର୍ଡ ଉପଯୋଗ କଲେ । ତେବେ କ୍ରେଡିଟ୍ କାର୍ଡ ବ୍ୟବହାରରୁ ସେ ଋଣ ବୋଝରେ ବୁଡ଼ି ରହିଲେ। ଏପରିକି ଦିନକୁ ଦିନ ଋଣ ବଢ଼ି ଚାଲିଲା। ଏଥିରେ ନିୟନ୍ତ୍ରଣ ଆଣିବା ଲାଗି ସେ ଚାଟଜିପିଟିର ସାହାରା ନେଲେ । ଏହାପରେ ଜେନିଫରଙ୍କ ଜୀବନରେ ପରିବର୍ତ୍ତନ ଆସିଲା । ସେ ୩୦ ଦିନ ପର୍ଯ୍ୟନ୍ତ ଚାଟଜିପିଟର ବ୍ୟବହାର କଲେ ଏବଂ ପ୍ରତିଦିନ ଖର୍ଚ୍ଚ ନିୟନ୍ତ୍ରଣ ପାଇଁ ଏହାର ପରାମର୍ଶ ନେଲେ । ଚାଟଜିପିଟିର ପରାମର୍ଶ କ୍ରମେ ସେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ସମସ୍ତ ଫାଇନାସ୍ ଆପକୁ ଚେକ୍ କଲେ । ଏହା ମାଧ୍ୟମରେ ସେ ତାଙ୍କର ପୁରୁଣା କେତେକ ଆକାଉଣ୍ଟ ବାବଦରେ ଜାଣିଲେ ଓ କେବଳ ସେତିକି ନୁହେଁ, ଅନେକ ସ୍ଥାନରେ ଥିବା ବଳକା ଟଙ୍କା ମଧ୍ୟ ପାଇଲେ ଓ ଏହିପରି ଭାବେ ତାଙ୍କୁ ସାଢେ ଆଠ ଲକ୍ଷ ଟଙ୍କା ମିଳିଲା । ଆଶ୍ଚର୍ଯ୍ୟର ବିଷୟ ହେଉଛି, ଯେଉଁ ଟଙ୍କା ବାବଦରେ ଜାଣି ନ ଥିଲେ, ସେହି ସବୁ ଟଙ୍କା ତାଙ୍କୁ ମିଳିଗଲା । ସେହିପରି ଜେନିଫରଙ୍କ ଅନେକ ଅଭ୍ୟାସ ଚାଟଜିପିଟି ସୁଧାରି ଥିବା ସେ ସ୍ୱୀକାର କରିଛନ୍ତି । ଏଇ ଯେମିତି ବାରମ୍ବାର ବାହାରୁ ଖାଦ୍ୟ ଅର୍ଡର କରି ଖାଉଥିଲେ, କିନ୍ତୁ ଚାଟଜିପିଟି ଯୋଗୁଁ ସେ ଘରେ ଖାଦ୍ୟ ତିଆରି କରିବା ଆରମ୍ଭ କଲେ । ଏହିପରି ଭାବେ ତାଙ୍କର ପ୍ରତି ମାସକୁ ୫୦ ହଜାର ଟଙ୍କା ସଞ୍ଚୟ ହେଲା । ତେବେ ଚାଟ୍‌ଜିପିଟର ଏହି ଟାସ୍କକୁ ଜେନିଫର ଚ୍ୟାଲେଞ୍ଜ ଭାବେ ନେଇ ମାସକ ମଧ୍ୟରେ ଗୋଟିଏ କ୍ରେଡିଟ୍ କାର୍ଡର ଅଧା ବିଲ୍ ପେମେଣ୍ଟ କରିବାରେ ସଫଳ ହୋଇଛନ୍ତି। ଏହି ପ୍ରକାରେ ଚାଟ୍ ଜିପିଟି ସାହାରାରେ ଜେନିଫର ଏବେ ଋଣ ବୋଝରୁ କିଛି ମାତ୍ରାରେ ଆଶ୍ୱସ୍ତ ହୋଇଛନ୍ତି ।



## ସ୍ୱାସ୍ଥ୍ୟ ପାଇଁ ବରଦାନ ନାସପତି

*ନାସପତି ହେଉଛି ଏକ ମିଠା ଓ ସ୍ୱାଦିଷ୍ଟ ଫଳ । ଯାହାର ଅନେକ ଉପକାରୀ ଗୁଣ ରହିଛି । ବିଶେଷ କରି ଗରମ ସମୟରେ ନାସପାତି ଖାଇବା ଦ୍ୱାରା ଶରୀର ଥଣ୍ଡା ହୋଇଥାଏ । ଯଦି ଆପଣ ହେଲଦି ଡାଏଟ୍ ପାଇଁ କୌଣସି ଫଳ ସାମିଲ କରିବାକୁ ଚାହୁଁଥାନ୍ତି ତେବେ ନାସପାତି ସାମିଲ କରିପାରିବେ । କାରଣ ନାସପାତିରେ ରହିଛି ଫାଇବର, ପ୍ରୋଟିନ୍, ଭିଟାମିନ , ମିନେରାଲ୍ସ ଓ ଆଣ୍ଟିଅକ୍ସିଡାଣ୍ଟ । ନାସପାତି ଖାଇବା ଦ୍ୱାରା କେଉଁ ଉପକାରିତା ହୋଇଥାଏ ଆସନ୍ତୁ ଜାଣିବା ...*

### ପାଚନ କ୍ରିୟା

ନାସପତି ଫାଇବର ଭରପୂର ମାତ୍ରାରେ ରହିଛି । ଯେଉଁଥିପାଇଁ ପେଟ ସଫା ରହିଥାଏ । ନିୟମିତ ଖାଇବା ଦ୍ୱାରା ଶକ୍ତି ମିଳିଥାଏ ।

### ଓଜନ ହ୍ରାସ

ଯଦି ପ୍ରାକୃତିକ ଉପାୟରେ ଓଜନ କମ୍ କରିବାକୁ ଚାହୁଁଛନ୍ତି, ତେବେ ଆପଣ ନିଜ ଡାଏଟରେ ନାସପାତିକୁ ସାମିଲ କରିପାରିବେ ।

### ହୃତପିଣ୍ଡକୁ ସୁସ୍ଥ ରଖେ

ନାସପତିରେ ପୋଟାସିୟମ ଓ ଆଣ୍ଟି ଅକ୍ସିଡେଣ୍ଟ ଥିବାରୁ ଏହା ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଫଳରେ ହୃତପିଣ୍ଡ ମଧ୍ୟ ସୁସ୍ଥ ରହେ। ଯାହାଦ୍ୱାରା ହୃଦରୋଗ ଆଦି ସମସ୍ୟା ସହଜରେ ଦେଖା ଦିଏନାହିଁ ।

### ରୋଗ ପ୍ରତିରୋଧକ ଶକ୍ତି

ନାସପତିରେ ଭିଟାମିନ ଉ ଏବଂ ପୋଷକତତ୍ତ୍ୱ ଥିବା କାରଣରୁ ତାହା ଶରୀରରେ ବିଭିନ୍ନ ରୋଗ ସହ ଲଢିବାରେ ଶକ୍ତି ପ୍ରଦାନ କରେ। ଅର୍ଥାତ୍ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।

### ତ୍ୱଚାରେ ଚମକ ପ୍ରଦାନ କରେ

ନାସପତି ଖାଇବା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ । ଚର୍ମରେ ଥିବା ଦାଗ ଲିଭିବାରେ ଏହା ସାହାଯ୍ୟ କରେ ।



## ଅଲବିଦା ଧୀରଜ କୁମାର



ଦୁନିଆକୁ ଅଲବିଦା କଲେ ବଲିଉଡର ଜଣାଶୁଣା ଅଭିନେତା ତଥା ପ୍ରଯୋଜକ ଧୀରଜ କୁମାର। ୭୯ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି। ସେ ଗତ କିଛି ଦିନ ହେବ 'ଏକ୍ୟୁଟ ନିମୋନିଆ'ରେ ପୀଡ଼ିତ ଥିଲେ ବୋଲି ଜଣାଯାଇଛି। ସୋମବାର ତାଙ୍କୁ ମୁମ୍ବାଇର ଅନ୍ଧେରୀରେ ଥିବା କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଡାକ୍ତର ତାଙ୍କୁ ଭେଣ୍ଟିଲେଟରରେ ରଖିଥିଲେ। ହେଲେ ମୃତ୍ୟୁ ସହ ଲଢୁଥିବା ଲଢ଼େଇ ସେ ଆଉ ଜିତିପାରିନଥିଲେ । କିଛି ଘଣ୍ଟା ମୃତ୍ୟୁ ସହ ସଂଗ୍ରାମ କରିବା ପରେ ଆଜି ତାଙ୍କର ଦେହାନ୍ତ ହୋଇଥିବା ଜଣାଯାଇଛି। ଗତ କିଛି ମାସ ହେବ ନିମୋନିଆ ସହ ଲଢୁଥିଲେ ଧୀରଜ କୁମାର। ଏହାର ନିରାକରଣ ପାଇଁ ସେ ବିଭିନ୍ନ ପ୍ରକାରର ଔଷଧ ଖାଇଥିଲେ ମଧ୍ୟ ତାଙ୍କ ସମସ୍ୟାର ସମାଧାନ ହୋଇନଥିଲା। ଶେଷରେ ଏହି ରୋଗ ତାଙ୍କର ଜୀବନ ନେଇଗଲା। ଧୀରଜ କୁମାରଙ୍କ ପେସା ବିଷୟରେ କହିବାକୁ ଗଲେ, ସେ ୧୯୬୫ ମସିହାରେ ମନୋରଞ୍ଜନ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିଥିଲେ। ସେ ଏକ ଟ୍ୟାଲେଣ୍ଟ ସୋ'ର ଫାଇନାଲିଷ୍ଟ ଥିଲେ, ଯେଉଁଥିରେ ତାଙ୍କ ସହିତ ସୁଭାଷ ଘାଇ ଏବଂ ରାଜେଶ ଖାନ୍ନା ମଧ୍ୟ ଥିଲେ। ରାଜେଶ ଖାନ୍ନା ସେହି ସୋ'ର ବିଜେତା ହୋଇଥିଲେ। ୧୯୭୦ ରୁ ୧୯୮୪ ମଧ୍ୟରେ ୨୧ଟି ପଞ୍ଜାବୀ ଚଳଚ୍ଚିତ୍ରରେ ତାଙ୍କର ବଳିଷ୍ଠ ଅଭିନୟ ଦର୍ଶକଙ୍କ ମନ କିଣିଥିଲା। ଏହା ପରେ, ସେ 'ହୀରା ପାନ୍ନା', 'ରାତୋଁ କା ରାଜା', 'ସରଗମ', 'ବହରୂପିଆ', 'ରୋଟି କପଡା ଔର ମକାନ' ସମେତ ଅନେକ ବଲିଉଡ୍ ଚଳଚ୍ଚିତ୍ରରେ କାମ କରିଥିଲେ। ଚଳଚ୍ଚିତ୍ର ବ୍ୟତୀତ ସେ ଟେଲିଭିଜନ ଜଗତରେ ମଧ୍ୟ ବହୁତ ଭଲ କାମ କରିଥିଲେ। ଦର୍ଶକଙ୍କୁ 'ଓମ୍ ନାମ ଶିବ', 'କାହାନ ଗଏ ୱୋ ଲଗ୍', 'ଅଦାଲତ', 'ୟେ ପ୍ୟାର ନା ହୋଗା କମ', 'ସିଙ୍ଘାସନ ବତିସି' ଏବଂ 'ମାଇକା' ଭଳି ଲୋକପ୍ରିୟ ସୋ' ଭେଟି ଦେଇଥିଲେ।

## ଅଗଷ୍ଟ ୧ରେ ରିଲିଜ୍ ହେବ ତୃପ୍ତିଙ୍କ 'ଧଡକ୍ ଟୁ'

ରିଲିଜ ହୋଇଛି ଫିଲ୍ମ ଧଡକ୍-ଟୁର ଟ୍ରେଲର। ସାଜିଆ ଇକବାଲଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଏକ ଭାବପ୍ରବଣ ପ୍ରେମ କାହାଣୀ। କିନ୍ତୁ ଏହା କୌଣସି ସାଧାରଣ ପ୍ରେମ କାହାଣୀ ନୁହେଁ । ଏଠି ପ୍ରେମର ଶତ୍ରୁ ହେଉଛି ଜାତିପ୍ରଥା । ଧଡକ୍ ଟୁ ୨୦୧୮ରେ ମୁକ୍ତିଲାଭ କରିଥିବା ଧଡକ୍ ର ସିକ୍ୱେଲ୍। ପ୍ରାୟ ୩ ମିନିଟ୍ ୩ ସେକେଣ୍ଡର ଏହି ଟ୍ରେଲରରେ ଦୁଇଜଣ ଆଇନ ଛାତ୍ରଙ୍କ କାହାଣୀ କୁହାଯାଇଛି । ସିଦ୍ଧାନ୍ତ ଏବଂ ତ୍ରିପ୍ତିଙ୍କ ଚରିତ୍ର ସମାଜର ବିଭିନ୍ନ ବର୍ଗରୁ ଆସିଛନ୍ତି। ସିଦ୍ଧାନ୍ତ ସଂରକ୍ଷଣ ମାଧ୍ୟମରେ ଆଇନ କଲେଜରେ ପ୍ରବେଶ ପାଆନ୍ତି । ସେଠାରେ ସେ ତ୍ରିପ୍ତିକୁ ଭେଟନ୍ତି, ଯିଏ ଏକ ତଥାକଥିତ ଉଚ୍ଚ ଜାତିର । ସେମାନେ ଦୁହେଁ ପ୍ରେମରେ ପଡ଼ିଯାଆନ୍ତି। କିନ୍ତୁ ସେମାନଙ୍କ ପ୍ରେମ କଲେଜ ଠାରୁ ପରିବାର ପର୍ଯ୍ୟନ୍ତ ଲୋକଙ୍କ ଠାରୁ ଘୃଣାର ସମ୍ମୁଖୀନ ହୁଏ । ଏହା ପରେ କ'ଣ ଘଟେ, ତାହା ହେଉଛି ଧଡକ୍ -ଟୁର କାହାଣୀ। ତ୍ରିପ୍ତି ଏବଂ ସିଦ୍ଧାନ୍ତଙ୍କ ଯୋଡିକୁ ଦର୍ଶକ ପସନ୍ଦ କରୁଛନ୍ତି । ଫିଲ୍ମରେ ତ୍ରିପ୍ତି ଡିମରୀଙ୍କ ଦମଦାର ଅଭିନୟ ଦେଖିବାକୁ ମିଳିପାରେ । 'ଧଡକ' ପରି ଏହା ମଧ୍ୟ ଏକ ରିମେକ୍ । 'ଧଡକ' ମରାଠୀ ଚଳଚ୍ଚିତ୍ର 'ସୈରାତ୍'ର ହିନ୍ଦୀ ରିମେକ୍ ଥିଲା । ଧଡକ୍ –ଟୁ ତାମିଲ ଫିଲ୍ମ ପେରିୟରମ ପେରୁମାଲ୍ ର ଅଫିସିଆଲ୍ ରିମେକ୍। ଧଡକ୍ ଟୁ ନଭେମ୍ବର ୨୦୨୪ରେ ମୁକ୍ତିଲାଭ କରିବାର ଥିଲା । କିନ୍ତୁ ସେନ୍ସର ବୋର୍ଡ ସହିତ ବିବାଦ ଯୋଗୁଁ ଏହାର ରିଲିଜ ସ୍ଥଗିତ ରହିଥିଲା । ଫିଲ୍ମରେ ୧୬ଟି କଟ୍ କରାଯାଇଛି । ଯାହା ପରେ ଏହା ଏବେ ଅଗଷ୍ଟ ୧ରେ ହଲରେ ରିଲିଜ୍ ହେବ। ଫିଲ୍ମରେ ସିଦ୍ଧାନ୍ତ ଏବଂ ତ୍ରିପ୍ତିଙ୍କ ବ୍ୟତୀତ ଆଶିଷ ଚୌଧୁରୀ, ବିପିନ ଶର୍ମା, ମଞ୍ଜିରୀ ପୁପାଲା ଏବଂ ଦୀକ୍ଷା ଜୋଶୀ ମଧ୍ୟ କାମ କରୁଛନ୍ତି।






## କାର୍ତ୍ତିକଙ୍କ ଫିଲ୍ମରେ ଜ୍ୟାକି

ଆସନ୍ତା ବର୍ଷ ଫେବୃଆରୀ ୧୩ରେ ରିଲିଜ୍ ହେବାକୁ ଥିବା ଫିଲ୍ମ 'ତୁ ମେରୀ ମେଁ ତେରା, ମେଁ ତେରା ତୁ ମେରୀ'ରେ ଅଭିନେତା କାର୍ତ୍ତିକ ଆର୍ଯ୍ୟନ ଏବଂ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନଜରକୁ ଆସିବେ। ଏବେ ଏହି ଫିଲ୍ମର ଶୁଟିଂ ଜାରି ରହିଛି। ରବିବାର ଫିଲ୍ମକୁ ନେଇ ଏକ ନୂତନ ଅପ୍‌ଡେଟ୍ ସାମ୍‌ନାକୁ ଆସିଛି। ଫିଲ୍ମର ଷ୍ଟାରକାଷ୍ଟରେ ଅଭିନେତା ଜ୍ୟାକି ଶ୍ରଫ୍ ଯୋଗଦେଇଛନ୍ତି। ଏନେଇ କାର୍ତ୍ତିକ ନିଜ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। କାର୍ତ୍ତିକ ତାଙ୍କ ପୋଷ୍ଟରେ ଫିଲ୍ମ ଶୁଟିଂ ସେଟ୍‌ର ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କ ସହ ଜ୍ୟାକି ମଧ୍ୟ ନଜରକୁ ଆସିଛନ୍ତି। ଏହି ଭିଡିଓରେ ଉଭୟ କାର୍ତ୍ତିକ ଏବଂ ଜ୍ୟାକି ଏକ ଗୀତର ତାଳେ ତାଳେ ଝୁମୁଥିବାର ଦେଖାଯାଉଛନ୍ତି। କ୍ୟାପ୍‌ସନ୍‌ରେ କାର୍ତ୍ତିକ ଲେଖିଛନ୍ତି, 'ତୁ ମେରୀ ମେଁ ତେରା, ମେଁ ତେରା ତୁ ମେରୀ'ରେ ଜ୍ୟାକିଙ୍କୁ ସ୍ୱାଗତ। ନିଶ୍ଚିତ ଭାବେ ଦର୍ଶକଙ୍କୁ ଏହି ଫିଲ୍ମଟି ପସନ୍ଦ ଆସିବ। ଧର୍ମା ପ୍ରଡକ୍ସନ୍ସର ବ୍ୟାନରରେ ନିର୍ମିତ ହେଉଥିବା ଏହି ଫିଲ୍ମର ନିର୍ଦ୍ଦେଶନା ସମୀର ବିଦ୍ୱାସ ଦେଉଛନ୍ତି। କରନ୍ ଶ୍ରୀକାନ୍ତ ଶର୍ମା ଏହି ଫିଲ୍ମର କାହାଣୀ ଲେଖିଛନ୍ତି। ଫିଲ୍ମରେ ଅଭିନେତ୍ରୀ ନୀନା ଗୁପ୍ତା ମଧ୍ୟ ନଜରକୁ ଆସିବେ।


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମହୁରା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଜୁନିଅର ରେଡକ୍ରସ ତାଲିମ ଶିବିର ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଓ ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି ଶିବିରରେ କେନ୍ଦୁଆପଦା ସରକାରୀ ଉଚ୍ଚ ବିଦ୍ୟାଳୟ ସାଧନକର୍ମୀ ତରଣୀସେନ ଯେନା ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରାଥମିକ ଚିକିତ୍ସା ଉପଚାର (ଫାଷ୍ଟ-ଏଡ), ରକ୍ତସ୍ରାବ, ସାପ କାମୁଡା, ହାଡ ଭାଙ୍ଗିବା, ବିଦ୍ୟୁତ ଆଘାତ, ଶ୍ୱାସନଳୀ ଅବରୋଧ, ଅଂଶୁଘାତ, ବାତରୋଗ, ମୂର୍ଚ୍ଛା ରୋଗ, ନିଆଁରେ ପୋଡିଯିବା ଆଦି ସମୟରେ ତତ୍କାଳ ଓ ଆଶୁ ଚିକିତ୍ସା ପଦ୍ଧତି କୌଶଳ ଶିକ୍ଷା ସହ ବ୍ୟାଣ୍ଡେଜ ଆଦିର ବ୍ୟବହାର ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ରେଡକ୍ରସ ପରାମର୍ଶଦାତା ସୌମ୍ୟରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଶିକ୍ଷକ ପ୍ରସନ୍ନ ମହାକୁଳ, ସୁକାନ୍ତ କୁମାର ଦାସ, ପବିତ୍ର ମୋହନ ଦାସ, ମନୋସ୍ୱିନୀ ରାଉତ, ପୁଷ୍ପାଞ୍ଜଳୀ ପାଢୀ ଓ ସଙ୍ଗୀତା ବେହେରା ଶିବିର ପରିଚାଳନା କରିଥିଲେ।



# ମିଥ୍ୟା ମାମଲା ପ୍ରତିବାଦରେ ତହସିଲ ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣା

୦ ମିଥ୍ୟା ଅଭିଯୋଗରେ ୧୧ଜଣଙ୍କ ନାଁରେ ମାମଲା ରୁଜୁକୁ ତୀବ୍ର ବିରୋଧ

୦ ମାମଲା ରୁଜୁ ହୋଇଛି, ଘଟଣାର ତଦନ୍ତ ହେବ : ଏସଡିପିଓ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ନଗର ଗ୍ରାମ ପଞ୍ଚାୟତ ଅଧୀନ କାଳିଆକଣ ଠାରେ ରାସ୍ତା ସଂଯୋଗୀ କରଣକୁ ନେଇ ବିବାଦୀୟ ପରିସ୍ଥିତି। ଉଭୟ ଗୋଷ୍ଠୀ ମଧ୍ୟରେ ତୀବ୍ର ଗଣ୍ଡଗୋଳ ପରେ କାବେରୀ ଦଳାଇଙ୍କ ଅଭିଯୋଗକୁ ଭିତ୍ତିକରି ଅସ୍ତରଙ୍ଗ ପୋଲିସ ୧୧ଜଣ ନାଁରେ ମାମଲା ରୁଜୁ କରିଛି। ଯାହାକୁ ସମ୍ପୂର୍ଣ୍ଣ ବିରୋଧ କରି କାହିଁକି ପୋଲିସ ମିଥ୍ୟା ଅଭିଯୋଗ ରେ ମାମଲା ରୁଜୁ କରିଛନ୍ତି ଏହାର ପ୍ରତିବାଦ ରେ ତହସିଲ ସାମ୍ନାରେ ଘଣ୍ଟା ଘଣ୍ଟା ଧରି ଶତାଧିକ ପୁରୁଷ ଓ ମହିଳାଙ୍କ ଶାନ୍ତିପୂର୍ଣ୍ଣ ଗଣଧାରଣା। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମ ପଞ୍ଚାୟତ ଅଧୀନ କାଳିଆକଣ ମୁଖ୍ୟ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ନିର୍ମାଣ ଓ ମରାମତି କାମ ଜାରୀ ରହିଛି। କିନ୍ତୁ କାଳିଆକଣ ପୁଷ୍କରଣୀ ନିକଟବର୍ତ୍ତୀ ସ୍ଥାନରେ ବିବାଦୀୟ ପରିସ୍ଥିତି ଥିବାରୁ ୧୩୦ମିଟର ସ୍ଥାନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରାସ୍ତା ସଂଯୋଗୀ କରଣ ହୋଇନାହିଁ। ଯାହା ଫଳରେ ମୁଖ୍ୟ ରାସ୍ତାରେ ଏଭଳି ସମସ୍ୟା ଯୋଗୁଁ ସାଧାରଣ ଲୋକ ଯାତାୟାତ କରିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରେ ଉକ୍ତ ଠିକାଦାର ଶୁକ୍ରବାର ଦିନ ରାସ୍ତା କାମ କରୁଥିବା ବେଳେ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ଓ ଗଣ୍ଡଗୋଳ ହୋଇଥିଲା। କିନ୍ତୁ ସ୍ଥାନୀୟ ଅଞ୍ଚଳର କାବେରୀ ଦଳାଇ ଅସ୍ତରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗରେ ଦର୍ଶାଇଥିଲେ ଏହି ଜାଗା ଉପରେ ପୂର୍ବରୁ କୋର୍ଟରେ କେଶ ରହିଅଛି, ଏହା ସହ କିଛି ପୁରୁଷ ଓ ମହିଳାଙ୍କ ନାମରେ ଅଭିଯୋଗ ମଧ୍ୟ କରିଥିଲେ, ଯାହାକୁ ନେଇ ଅସ୍ତରଙ୍ଗ ଥାନା ଉପନିରୀକ୍ଷକ ଅନିରୁଦ୍ଧ ଜାଲ୍ଲୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ କାବେରୀ ଦଳାଇଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ଅସ୍ତରଙ୍ଗ ଥାନାରେ ୧୧ଜଣ ନାଁରେ ମାମଲା ରୁଜୁ କରିଛି ପୋଲିସ। କିନ୍ତୁ କାଳିଆକଣ ଗ୍ରାମବାସୀ କହିବା ମୁତାବକ ବାରମ୍ବାର ମିଥ୍ୟା ଅଭିଯୋଗରେ ମାମଲା ରୁଜୁ କରିବା ପ୍ରତିବାଦରେ ମଙ୍ଗଳବାର ଦିନ ଶତାଧିକ ମହିଳା ଓ ପୁରୁଷ ଅସ୍ତରଙ୍ଗ ଭଉଁରିଆ ସେତୁ ଠାରୁ ଅସ୍ତରଙ୍ଗ ତହସିଲ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରା ରେ ତହସିଲ ସାମ୍ନାରେ ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ କରିଥିଲେ, ଏହା ସହ ନଗର ପଞ୍ଚାୟତ ପୂର୍ବତନ ସରପଞ୍ଚ ନିରଞ୍ଜନ ବେହେରା କହିଛନ୍ତି ଦାବିଗୁଡିକ ମଧ୍ୟରେ ମିଥ୍ୟା ମାମଲା ଖାରଜ କରାଯାଉ, ରାସ୍ତା ସମସ୍ୟା ପ୍ରଶାସନ ଗୁରୁତର ସହ ନେଇ ରାସ୍ତା ସଂଯୋଗୀ କରଣ ହେଉ। ଏମିତି କିଛି ଦାବି ନେଇ ଅସ୍ତରଙ୍ଗ ତହସିଲ ସାମ୍ନାରେ ଘଣ୍ଟା ଘଣ୍ଟା ଧରି ବସିଥିଲେ। କିନ୍ତୁ ତହସିଲ ପରିସରରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ତାଡ଼ଙ୍କ ମଧ୍ୟରେ ରାସ୍ତା ସମସ୍ୟା ସମ୍ପର୍କରେ ଆଲୋଚନା ପରେ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ରାସ୍ତା ସମସ୍ୟା ସ୍ଥାନ ପରିଦର୍ଶନ କରିଥିଲେ। ଆଗାମୀ ୨୨ତାରିଖରେ ରାସ୍ତା ସମସ୍ୟା ଥିବା ସ୍ଥାନରେ ମାପଚୁପ ହେବ ବୋଲି ଆଲୋଚନା ହୋଇଛି। ମିଥ୍ୟା ମାମଲା ଖାରଜ କରିବା ପ୍ରତିବାଦ ରେ ମଙ୍ଗଳବାର ଅପରାହ୍ନ ପର୍ଯ୍ୟନ୍ତ ବସିବା ପରେ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ପହଞ୍ଚି ପ୍ରତିବାଦରେ ବସିଥିବା ଲୋକଙ୍କ ସହ ଆଲୋଚନା କରିଥିଲେ। କହିଥିଲେ ଅଭିଯୋଗ ପରେ ମାମଲା ରୁଜୁ ହୋଇଛି କିନ୍ତୁ ଘଟଣାର ତଦନ୍ତ କରାଯିବ। ମାମଲା ରୁଜୁ ପରେ ତଦନ୍ତ ହୁଏ, ଯାହାକି ପ୍ରତିଶ୍ରୁତି ଦେବା ପରେ ପ୍ରତିବାଦରେ ବସିଥିବା ଶତାଧିକ ଲୋକ ଶାନ୍ତିପୂର୍ଣ୍ଣ ଧାରଣାରୁ ଉଠିଥିଲେ।

# ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ




କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ବ୍ଲକ ସଭାଗୃହ ଠାରେ କନ୍ଧମାଳ ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ କହ୍ନେଇଁ ଚରଣ ଡାଙ୍ଗ, ଜିଲ୍ଲାପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ ଓ ସୁମିତ୍ରା ସାହୁଙ୍କ ସମେତ ବ୍ଲକର ୨୪ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ସଭ୍ୟା, ଅଂଶଗ୍ରହଣ କରିଥିଲେ। ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀଙ୍କ ସମେତ ଏଥିରେ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଓ ବ୍ଲକ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଗ୍ରାମ ପଞ୍ଚାୟତ ଗୁଡ଼ିକରେ ଦେଖା ଦେଇଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଉକ୍ତ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜନ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ପରିମଳ, ବିଦ୍ୟୁତ୍ ଆଦି ବିଭିନ୍ନ ବିଭାଗର ଯୋଜନା ଉପରେ ଅଧିକାରୀମାନେ ଆଲୋକପାତ କରିଥିଲେ। ସରପଞ୍ଚ ଓ ସମିତିସଭ୍ୟ ମାନେ ନିଜ ନିଜ ଅଞ୍ଚଳର ସୁବିଧା ଅସୁବିଧା ସହ ସମସ୍ୟାର ସମାଧାନ ଉପରେ ବୈଠକରେ ଉପସ୍ଥାପନ କରିଥିଲେ। ସରକାରୀ ଯୋଜନା କିଭଳି ସଠିକ ଭାବରେ ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ସମସ୍ତେ ସହଯୋଗ କରିବାକୁ ବିଡିଓ ରେଡ୍ଡୀ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିକ୍ଷା, ପ୍ରାଣୀ ଓ ମତ୍ସ୍ୟ ବିଭାଗ, ସାଧାରଣ ଖାଉଟି ବଣ୍ଟନ ଆଦି ବିଭାଗ ଉପରେ ଆଲୋଚନା କରାଯାଇଥିଲା। ଏହା ସହ କେନ୍ଦ୍ରୀୟ ଆର୍ଥିକ ଆୟୋଗ ଦ୍ୱାରା ପ୍ରଦତ୍ତ ଅନୁଦାନ ଓ ରାଜ୍ୟ ଅନୁଦାନ ନେଇ ସବିଶେଷ ଆଲୋଚନା କରଯାଇଥିଲା। ଆଗାମୀ ବର୍ଷ ପାଇଁ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନେଇ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଯେପରି କାଗଜ କଲମରେ ଯୋଜନା ଗୁଡିକ ସୀମିତ ନ ରହି ଲୋକଙ୍କ ପାଖରେ ଠିକ୍ ଭାବରେ ପହଞ୍ଚି ପାରିବ ସେ ନେଇ ବିଧାୟକ ଡାଙ୍ଗ ସମସ୍ତ ଅଧିକାରୀମାନଙ୍କୁ ତାଗିଦ କରିଥିଲେ।

# ଆଦର୍ଶ ବିଦ୍ୟାଳୟର ବାଳିକା ଛାତ୍ରାବାସ ଉଦ୍‌ଘାଟିତ

ବାରିପଦା, (ଭାସ୍କର ନ୍ୟୁଜ୍): ସାନଶୋଳ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ବାଳିକା ଛାତ୍ରାବାସ ଆଜି ଉଦ୍‌ଘାଟନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ବିଧାୟିକା ସଂଜଳି ମୁର୍ମୁ, ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ଲକ ଉନ୍ନୟନ ଅଧିକାରୀ ମୁନା ସେଠୀ, ବ୍ଲକ ଶିକ୍ଷା ଅଧିକାରୀ ଦିପ୍ତିମୟୀ ସିଂ, ଜିଲ୍ଲା ପରିଷଦ ମଧୁସୂଦନ ସିଂ, ବ୍ଲକ ଚେୟାରମ୍ୟାନ ଚନ୍ଦ୍ରମୋହନ ସିଂ ତଥା ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପରିବେଶ ସୁରକ୍ଷା ସପ୍ତାହ ପାଳନ ଅବସରରେ ଛାତ୍ରାବାସ ପରିସର



ମଧ୍ୟରେ ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଏହି ଉଦ୍‌ଘାଟନୀ ଉତ୍ସବଟି ବହୁ ଆଡମ୍ବର ସହିତ ସମାପ୍ତ ହୋଇଥଲା। ପରିଶେଷରେ ଜିଲ୍ଲା ଶିକ୍ଷା ଅଧିକାରୀ ସମସ୍ତ ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କ ସହ ବିଭିନ୍ନ ଗଠନାତ୍ମକ ଉପଦେଶ ମାନ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପ୍ରତ୍ୟେକ ଶିକ୍ଷକଶିକ୍ଷୟିତ୍ରୀ ତଥା ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମ ସଫଳ ହୋଇଛି ବୋଲି ଅଧ୍ୟକ୍ଷ ଅଭିମତ ରଖିଥିଲେ।

# ଆବର୍ଜନାରେ ଭର୍ତ୍ତି କରଞ୍ଜିଆ ବସଷ୍ଟାଣ୍ଡ





କରଞ୍ଜିଆ, (ଭାସ୍କର ନ୍ୟୁଜ୍): ବେହାଲ୍ ହୋଇଛି କରଞ୍ଜିଆ ବସ୍‌ଷ୍ଟାଣ୍ଡର ପରିମଳ ବ୍ୟବସ୍ଥା। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଉଛି। କରଞ୍ଜିଆ ଏକ ବ୍ୟସ୍ତବହୁଳ ସହର। ଏଠାରେ ବହୁ ବ୍ୟବସାୟୀକ ପ୍ରତିଷ୍ଠାନ ସହ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ, ପଞ୍ଚପୀଢ ମହିଳା ମହାବିଦ୍ୟାଳୟ, କରଞ୍ଜିଆ ହସ୍ପିଟାଲ ଆଦି ରହିଛି। ଯାତ୍ରୀଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ଟାଉନ୍ ମଝିରେ ଏନ୍‌ଏସି ପାଖରେ ଏକ ବସଷ୍ଟାଣ୍ଡ ନିର୍ମାଣ କରାଯାଇ ଥିଲା। ପ୍ରତିଦିନ ବସ୍ ଯିବାଆସିବା କରିବା ଯୋଗୁଁ ଟ୍ରାଫିକ୍ ଜାମ୍ ହେବାରୁ ପୂର୍ବ ସରକାର ସବ୍‌ଷ୍ଟାଣ୍ଡକୁ ଷ୍ଟାଡିୟମ୍ ପାଖକୁ ଉଠାଇ ନେଇଥିଲେ। ସେଠାରେ ନୂଆ ବସ ଟର୍ମିନାଲ୍ ନିର୍ମାଣ କରାଯାଇଥିଲା। ପ୍ରତିଦିନ ସେଠାକୁ ରାଜ୍ୟ ତଥା ପଡ଼ଶୀ ରାଜ୍ୟ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଛତିଶଗଡ଼ରୁ ବସ ଯିବାଆସିବା କରୁଥିଲା। ଏଥିସହ ରାଜ୍ୟ ରାଜଧାନୀ ଓ ପଡ଼ୋଶୀ ଜିଲ୍ଲାକୁ ଗଡୁଥିଲା ବସ। ଯାତ୍ରୀଙ୍କ ସୁରକ୍ଷାକୁ ଦେଖି ପରବର୍ତ୍ତୀ ସମୟରେ ବସଷ୍ଟାଣ୍ଡକୁ ମରାମତି କରାଯାଇଥିଲା। ଯାତ୍ରୀଙ୍କ ପାଇଁ ବେଞ୍ଚ ପଡ଼ିଥିଲା ଓ ପଙ୍ଖା ଲାଗିଥିଲା। ଏଥିସହ ଶୌଚାଳୟ ଓ ଦୋକାନୀଙ୍କ ପାଇଁ ଘର ନିର୍ମାଣ କରାଯାଇଥିଲା। ହେଲେ ଦୁଃଖର ବିଷୟ ଏହି ବସ୍‌ଷ୍ଟାଣ୍ଡ ଏବେ ଯାତ୍ରୀଙ୍କ କୌଣସି କାମରେ ଲାଗୁନାହିଁ। ପଙ୍ଖା ଝୁଲୁଛି, ହେଲେ ଘୁରୁନି। ଶୌଚାଳୟ ନିର୍ମାଣ ହୋଇଛି, ହେଲେ ପାଣି ସଂଯୋଗ ହୋଇନି। ନୂତନ ନିର୍ମିତ ଘର ସାମ୍ନାରେ ପୁରୁଣା ଗାଡି ଗୁଡିକ ଦୀର୍ଘ ଦିନ ହେଲା ଛିଡା ହୋଇ ରହୁଥିବାରୁ ଯାତ୍ରୀ ମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ବସଷ୍ଟାଣ୍ଡରେ ନିର୍ମାଣ ହୋଇଥିବା ଦୋକାନ ଘର ଗୁଡ଼ିକ ଆଜିପର୍ଯ୍ୟନ୍ତ ଦୋକାନୀଙ୍କୁ ହସ୍ତାନ୍ତର କରାଯାଇ ନାହିଁ। ଯାତ୍ରୀଙ୍କ ବସିବା ପାଇଁ ନିର୍ମାଣ ହୋଇଥିବା ବେଞ୍ଚରେ ଅଳିଆ ଆବର୍ଜନା ପଡ଼ିଛି। ପାନ ଓ ଗୁଟଖା ଛେପ ପଡ଼ିଥିବାରୁ ଯାତ୍ରୀ ଅସନ୍ତୋଷ ହେଉଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ନାହିଁନଥିବା ଅସୁବିଧାରେ ପଡୁଛନ୍ତି। ବସିବା ପାଇଁ ସ୍ଥାନ ନଥିବାରୁ ଯାତ୍ରୀମାନେ ଦୀର୍ଘ ସମୟ ଧରି ବାହାରେ ଛିଡ଼ା ହେଉଛନ୍ତି। ଶୌଚାଳୟର ପରିଷ୍କାର ନଥିବାରୁ ଯାତ୍ରୀମାନେ କାନ୍ଥ ଓ ବାଡ଼ରେ ପରିଶ୍ରା କରୁଛନ୍ତି। ଏଥିରେ ବେଶୀ ଅସୁବିଧାରେ ପଡୁଛନ୍ତି ମହିଳା ଯାତ୍ରୀ। ପରିମଳ ବ୍ୟବସ୍ଥା ଏକ ପ୍ରକାର ବିଗିଡ଼ି ଯାଇଛି। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

# ରକ୍ତ ଦେଇ ବିପଦର ବନ୍ଧୁ ସାଜିଲେ ମୋହନ ବାଘ

ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ରକ୍ତହୀନତାର ଶିକାର ହୋଇଥିବା ଜଣେ ମହିଳାଙ୍କୁ ରକ୍ତଦାନ କରି ବିପଦର ବନ୍ଧୁ ସାଜିଛନ୍ତି ଜଣେ ଯୁବକ। ରକ୍ତଦାନ କରିଥିବା ଯୁବକ ଜଣକ ହେଉଛନ୍ତି ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଜମାଦାରପଡା ପଞ୍ଚାୟତ କରାଡ଼ଙ୍ଗରି ଗ୍ରାମର ମୋହନ ବାଘ। ଯୁବକଙ୍କ ଏଭଳି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଜମାଦାରପଡା ଗ୍ରାମର ଟିକମ ହରିଣାଙ୍କ ସ୍ତ୍ରୀ ପ୍ରଭାସିନୀ ହରିଣା (୩୫)ଦେହ ଅସୁସ୍ଥ ହୋଇଥିବାରୁ ପରିବାର ଲୋକେ ଚନ୍ଦାହାଣ୍ଡି ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ଅଭିଜିତ ଦେବତା, ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଓ ଶେଷରେ ଏହି ମହିଳାଙ୍କୁ ହେମୋଗ୍ଲୋବିନ



ମାତ୍ରା କମ ଅଛି ତୁରନ୍ତ ରକ୍ତର ଆବଶ୍ୟକତା ଅଛି ବୋଲି କହିଥିଲେ। ତୁରନ୍ତ ଉମରକୋଟ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରେଫର କରିଥିଲେ। ତେବେ ତାଙ୍କୁ 'ଓ' ପଜିଟିଭ ରକ୍ତର ଆବଶ୍ୟକତା ଥିବାରୁ ପରିବାର ବର୍ଗ ଅତ୍ୟାଧିକ ଚିନ୍ତାରେ ପଡିଥିଲେ। ଭାଲୁଡଙ୍ଗରି ଗ୍ରାମ ସମାଜ ସେବି ପୁସ୍ତମ ବାଘଙ୍କୁ ଯୋଗାଯୋଗ କରିଥିଲେ। ପୁସ୍ତମ ବାଘ କରଡ଼ଙ୍ଗରି ଗ୍ରାମର ମୋହନ ବାଘଙ୍କୁ ଧରି ନିଜସ୍ୱ ଖର୍ଚ୍ଚରେ ଉମରକୋଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ପ୍ରଭାସିନୀ ହରିଣାଙ୍କୁ ରକ୍ତଦାନ କରିଥିଲେ। ବିପଦ ସମୟରେ ରକ୍ତଦାନ କରି ମୋହନ ବାଘ ମଣିଷ ପଣିଆକୁ ଜାହିର କରିଥିବାରୁ ପରିବାର ଲୋକେ ସାଧୁବାଦ ଜଣାଇଥିଲେ। ଏଭଳି ବିପଦ ସମୟରେ ଅନ୍ୟମାନେ ମଧ୍ୟ ରକ୍ତଦାନ କଲେ ଅନେକ ଜୀବନ ବଞ୍ଚିପାରିବ ବୋଲି ବିପଦର ବନ୍ଧୁ ସାଜିଥିବା ମୋହନ ବାଘ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ପ୍ରଭାସିନୀ ହରିଣା ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି।

# କାର୍ଯ୍ୟକ୍ଷମ ହେଲା ନାହିଁ ଦେଉଳି ଷ୍ଟ୍ରକଚର

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ ଅଧିନ ଦେଉଳି ଠାରେ ଥିବା ଇଲେକ୍ଟ୍ରି ଷ୍ଟ୍ରକଚର ର କାର୍ଯ୍ୟ ସରିଥିଲେ ସୁଦ୍ଧା କାହିଁକି ତାକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ତାହା ସଠିକ ବୁଝା ପଡୁନାହିଁ। ଦିନରାତି ମଧ୍ୟରେ ୩୦ରୁ ଅଧିକ ଥର କରେଣ୍ଟ କଟାଯାଉଛି। ତା ସହିତ ବିଦ୍ୟୁତ ବିଭାଗୀୟ ଅଧିକାରୀ ମାନେ ପୁରାନିଘଡ଼ ନିଦରେ। ପାଞ୍ଚ ପଇସାର କାମ ହୋଇପାରୁନି। କାହାରି ସହିତ କାହାରି ତାଳ ମେଳ ରହୁନାହିଁ। ଆନ୍ତରିକତାର ଘୋର ଅଭାବ ରହିଥିବା ଜଣାପଡୁଛି। ୨୦ବର୍ଷ ଭିତରେ ଫୋନ କଲେ ଆଜିଯାଏଁ ଗୋଟିଏ ଉତ୍ତର ଅଧିକାରମାନେ ଦେଉଛନ୍ତି। ପୁରୁଣା ସରକାର ଯାଇ ନୂଆ ସରକାର ଆସିଲା। ତଥାପି ବିଦ୍ୟୁତ ଉପଭୋକ୍ତା ମାନଙ୍କ କୌଣସି କିଛି ଲାଭ ହୋଇପାରିଲା ନାହିଁ। ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଅନୁରୋଧ ଅଞ୍ଚଳବାସୀଙ୍କ ମୁଖ୍ୟ ସମସ୍ୟା, ବିଦ୍ୟୁତ ସମସ୍ୟାକୁ ସୁଧାରିବା ନିମନ୍ତେ ତୁରନ୍ତ ଇଲେକ୍ଟ୍ରି ଷ୍ଟ୍ରକଚରକୁ କାର୍ଯ୍ୟକ୍ଷମ କରାଯିବାକୁ ପଦକ୍ଷେପ ଗ୍ରହଣ କଲେ ଖୁବ୍ ଭଲ ହୁଅନ୍ତା।

# ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବିଇଡି ମହାବିଦ୍ୟାଳୟ ପରିସରରେ ଜିଲ୍ଲା ଦକ୍ଷତା ବିକାଶ ଓ କର୍ମ ନିଯୋଜନ ବିଭାଗ ତରଫରୁ ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୫ ପାଳିତ ହୋଇଯାଇଛି। ବିଭିନ୍ନ ଜିଲ୍ଲାର ପ୍ରାୟ ୫୦୦ ଜଣ ମହାବିଦ୍ୟାଳୟ ଓ ହାଇସ୍କୁଲ ସ୍ତରର ଏନ୍‌ସିସି କ୍ୟାଡେଟ ମାନଙ୍କ ପ୍ରଶିକ୍ଷଣ ଶିବିର ସମାଗମରେ ଆୟୋଜିତ ବିଶ୍ୱ ଦକ୍ଷତା ଦିବସ ପାଳନରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମଞ୍ଚାସିନ ଅତିଥି ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ଏନ୍‌ସିସି କମାଣ୍ଡିଂ ଅଧିକାରୀ ସୁନିଲ କୁମାର, ଡିଆଇପିଆର୍ ଓ ମନୋଜ କୁମାର ବେହେରା, ଉମରକୋଟ ଆଇଟିଆଇ ଅଧ୍ୟକ୍ଷ ସଞ୍ଜୟ ଠାକୁର, ଚନ୍ଦାହାଣ୍ଡି ଆଇଟିଆଇ ଅଧ୍ୟକ୍ଷ ପ୍ରଣବ ପଣ୍ଡା ଉପସ୍ଥିତ ଥିଲେ। ଜିଲ୍ଲା ଦକ୍ଷତା ବିକାଶ ଓ କର୍ମ ନିଯୋଜନ ଅଧିକାରୀ ଆନନ୍ଦ ଦଳେଇ ଦିବସ ପାଳନ ର ଉଦ୍ଦେଶ୍ୟ ସହ ସମ୍ୟକ୍ ସୂଚନା ଦେଇଥିଲେ। ଆଜିର ଦିନରେ ଯୁବା ବର୍ଗଙ୍କୁ ନିଜ କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ଚେଷ୍ଟା କରିବା ସହ ଉତ୍ତମ ପ୍ରଶିକ୍ଷଣ, ଡିଜିଟାଲ ବୈଷୟିକ ଜ୍ଞାନ ର ସଠିକ୍ ଉପଯୋଗ, ଉନ୍ନତ କାର୍ଯ୍ୟଶୈଳୀ, କୃତିମ ବୁଦ୍ଧିମତ୍ତା, ପ୍ରଯୁକ୍ତି ବିଦ୍ୟା ଉପରେ ବିଶେଷ ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଥିଲା। ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏନ୍‌ସିସି ଛାତ୍ର ଛାତ୍ରୀମାନଙ୍କୁ ଦକ୍ଷତା ବିକାଶ ଉପରେ ବିଶେଷ ତଥ୍ୟ ଓ ପରାମର୍ଶ ଦେବା ସହ କଠିନ ପରିଶ୍ରମ କରିବାକୁ ଓ ଯୁଗ ଉପଯୋଗୀ ପ୍ରଯୁକ୍ତି ବିଦ୍ୟା ଓ କାର୍ଯ୍ୟ କୌଶଳକୁ ପ୍ରୟୋଗ କରିବା ପାଇଁ କହିଥିଲେ। ଦକ୍ଷତା ବିକାଶ ଉପରେ ଏନ୍‌ସିସି କ୍ୟାଡେଟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗୀତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସଭାକୁ ଏନ୍‌ସିସି କ୍ୟାଡେଟ ପ୍ରିୟଙ୍କା ପାଣିଗ୍ରାହୀ, ଉଦିପ୍ତା ନାୟକ ଏବଂ ଅଙ୍କିତା ଦାସ ସଞ୍ଚାଳନ ସହ ପରିଚାଳନା କରିଥିଲେ। ୧୩(ଓ) ଏନ୍‌ସିସି ବାଟାଲିୟନର କର୍ମଚାରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମାପନ ହୋଇଥିଲା।

# ହଟନଗର-ଓରାଳି ଅଙ୍ଗନୱାଡ଼ି ଗୃହ ନିର୍ମାଣକୁ ନେଇ ବିବାଦ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବୋଡ଼କ ପଞ୍ଚାୟତ ଅଧୀନ ହଟନଗର-ଓରାଳି ଅଙ୍ଗନୱାଡ଼ିକେନ୍ଦ୍ର ଗୃହ ନିର୍ମାଣ ପାଇଁ ସ୍ଥାନ ନିରୂପଣକୁ ନେଇ ଗ୍ରାମବାସୀ ଓ ଅଙ୍ଗନୱାଡ଼ି କର୍ମୀଙ୍କ ମଧ୍ୟରେ ବିବାଦ ଉପୁଜିଛି। ଏହି ବିବାଦ ଥାନା ପର୍ଯ୍ୟନ୍ତ ପହଞ୍ଚିଛି। ଉଭୟ ଥାନାରେ ମଧ୍ୟ ଏତଲା ଦାୟର କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ହଟନଗର-ଓରାଳି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଗତ ୨୦୧୭-୧୮ ଆର୍ଥିକ ବର୍ଷରୁ ୭ଲକ୍ଷ ଟଙ୍କା ଅନୁଦାନ ଆସିଛି। ମାତ୍ର ଅଙ୍ଗନୱାଡ଼ି ଗୃହ ନିର୍ମାଣ ପାଇଁ ସ୍ଥାନ ନିରୁପଣ ନେଇ ବିବାଦ ଉପୁଜିବାରୁ ଅନୁଦାନ ଟଙ୍କା ପଡ଼ି ରହିଛି। ହଟନଗର-ଓରାଳି ଅଙ୍ଗନୱାଡ଼ି କେନ୍ଦ୍ର ବର୍ତ୍ତମାନ ଏକ କମ୍ୟୁନିଟି ସେଣ୍ଟରରେ ଚାଲିଛି। ଗ୍ରାମବାସୀ ଓ ଅଭିଭାବକମାନେ ଗ୍ରାମର ମଧ୍ୟସ୍ଥଳରେ ନୂତନ ଅଙ୍ଗନୱାଡ଼ି ଗୃହ ନିର୍ମାଣ ପାଇଁ ଦାବି କରୁଥିବା ବେଳେ ତହସିଲଦାରଙ୍କ ମାଧ୍ୟମରେ ଗ୍ରାମ ଶେଷ ମୁଣ୍ଡରେ ସ୍ଥାନ ନିରୂପଣ କରାଯାଇଛି। ମାତ୍ର ଗ୍ରାମବାସୀ ଓ ଅବିଭାବକ ତହସିଲଦାରଙ୍କ ଚିହ୍ନଟ ଜମିରେ ଗୃହ ନିର୍ମାଣ ପାଇଁ ଚାହୁଁ ନାହାନ୍ତି। ଗ୍ରାମ ମୁଣ୍ଡରେ ସରକାରୀ ଜମିରେ ଗୃହ ନିର୍ମାଣ ହେଲେ ବହୁ ସମସ୍ୟା ଉପୁଜିବ। ଓରାଳି ଗ୍ରାମ ଠାରୁ ଚିହ୍ନଟ ହୋଇଥିବା ଜମି ପ୍ରାୟ ୧କି.ମି. ହେବ। ସେଠାକୁ ଶିଶୁ ଓ ଗର୍ଭବତୀ ମହିଳାମାନେ ଯାତାୟତ କରିବା କଷ୍ଟସାଧ୍ୟ ହେବ। ଚିହ୍ନଟ ସରକାରୀ ଜମି ନିକଟରେ ରେବନଦୀ ରହିଥିବାରୁ କୁମ୍ଭୀରଙ୍କ ଭୟ ମଧ୍ୟ ରହିଛି। ଶିଶୁମାନଙ୍କ ପାଇଁ ଏହି ଜାଗା ନିରପଦ ନୁହେଁ। ଏହି ସମସ୍ୟା ପାଇଁ ଗ୍ରାମବାସୀ ଓ ଅଭିଭାବକ ମାନେ ସେଠାରେ ଗୃହ ନିର୍ମାଣ କରାନଯିବାକୁ ବିଡିଓ ଏବଂ ସିଡିପିଓଙ୍କ ନିକଟରେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ଜଣେ ଯୁବକ ଅଙ୍ଗନୱାଡ଼ିଙ୍କ ଖାତାରେ ଗାର ପାକାଇ ଦୁର୍ବ୍ୟବହାର କରିଥିବା ଅଙ୍ଗନୱାଡ଼ି କର୍ମୀ ସାବିତ୍ରୀ ମଳିକ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷେ ମଙ୍ଗଳବାର ସୋନାଲି ରାଉତ, ମିନାକ୍ଷୀ ପାତ୍ର, ତିଳୋ□ମା ପାତ୍ର, ଜୟନ୍ତୀ ପାତ୍ର, ବିମଳା ରାଉତ, ମମତା ସ୍ୱାଇଁ, ପ୍ରଣତି ପାତ୍ର, ପୁଷ୍ପାଞ୍ଜଳି ସ୍ୱାଇଁ, ରଂଜିତା ବେହେରା, ଅଲିଭା ବେହେରା, ସଂଘମିତ୍ରା ରାଉତ, ସନାତନ ବେହେରା ପ୍ରମୁଖ ଗ୍ରାମବାସୀ ଓ ଅଭିଭାବକ ମାନେ ଥାନାରେ ପହଞ୍ଚି କର୍ମୀ ମଳିକ କରିଥିବା ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ ବୋଲି ଦର୍ଶାଇବା ସହିତ କର୍ମୀ ନିଜ ଘର ନିକଟରେ କେନ୍ଦ୍ର ନିର୍ମାଣ ପାଇଁ ଚାହୁଁଥିବାରୁ ଉଦ୍ଦେଶ୍ୟମୂଳକ ଭାବେ ଏପ୍ରକାର ଅଭିଯୋଗ କରିଥିବା ଲିଖିତ ଭାବେ ଜଣାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସିଡିପିଓ ବାସନ୍ତୀ ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ତହସିଲଦାରଙ୍କ ଚିହ୍ନଟ ଜମି ଉପରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ ହେବ। ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଉଛି ବୋଲି କହିଛନ୍ତି।

# ନାଗ-ନାଗୁଣୀ ଉଦ୍ଧାର



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଷୋଳମ ପୁର ପଞ୍ଚାୟତ ଖପୁରିଆପଦା ଗ୍ରାମର ବିରଞ୍ଚି ନାରାୟଣ ବରାଳଙ୍କ ବାସ ଭବନରୁ ନାଗୁଣୀ ମଙ୍ଗଳବାର ଅପରାହ୍ନରେ ଉଦ୍ଧାର ହୋଇଛି। ଗତ ୮ ତାରିଖ ମଙ୍ଗଳବାର ବିରଞ୍ଚିଙ୍କ ଘର ମାଟିକାନ୍ଥରୁ ୫ ଫୁଟ ଲମ୍ବର ନାଗସାପ ଉଦ୍ଧାର ହୋଇଥିଲା। ବିରଞ୍ଚିଙ୍କ ପତ୍ନୀ ଚୁମୁକି ନାଗସାପ ଗର୍ଜନ କରୁଥିବା ଦେଖିଥିଲେ। ଯାଜପୁର ସ୍ନେକ ହେଲପ ଲାଇନର ଜାହାଙ୍ଗୀର ଖାଁ ପହଞ୍ଚି କାନ୍ଥ ଖୋଳି ଗାତ ଭିତରୁ ନାଗସାପ ଉଦ୍ଧାର କରିଥିଲେ। ମଙ୍ଗଳବାର ପଡୋଶୀ ରଘୁନାଥ ବରାଳଙ୍କ ବାଡିରେ ନାଗୁଣୀ ବୁଲୁଥିବା ଦେଖି ସ୍ନେକ ହେଲପ ଲାଇନକୁ ଖବର ଦିଆଯାଇଥିଲା। ସମାଜସେବୀ ବିଶ୍ୱମ୍ଭର ରାଉତଙ୍କ ସହଯୋଗରେ ଜାହାଙ୍ଗୀର ପହଞ୍ଚି ସାଢେ ଚାରିଫୁଟ ନାଗୁଣୀ ଉଦ୍ଧାର କରି ଜଙ୍ଗଲରେ ଛାଡିଦେଇଥିବା ଜଣାଯାଇଛି। ସେହିପରି ନପଙ୍ଗ ରଘୁନାଥ ନାୟକଙ୍କ ବାଡିରୁ ୫ଫୁଟ ଲମ୍ବର ନାଗ ସାପ ଭଦ୍ରକ ସ୍ନେକ ହେଲପ ଲାଇନ ଶେଖ ମିର୍ଜା ଉଦ୍ଧାର କରିଥିବା ଜଣାଯାଇଛି।

# ନନ୍ଦାହାଣ୍ଡିରେ ପଞ୍ଚାୟତ ସମିତି ବୈଠକ



ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝୀ, ଉପାଧ୍ୟକ୍ଷ ସଦନ ଗୌଡ଼, ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ ଯୋଗ ଦେଇଥିଲେ। ବିଡ଼ିଓ କ୍ଷୀରୋଦ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଏତଦ୍ ବ୍ୟତୀତ ତହସିଲଦାର ଚନ୍ଦ୍ର ଦାସ ମହାନନ୍ଦିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର ବୁଡେକ, ସମସ୍ତ ଏଗାର ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହିଥିଲେ। ବିଭିନ୍ନ ବିଭାଗ ଯଥା କୃଷି, କୃଷି ଉଦ୍ୟାନ, ମତ୍ସ୍ୟ, ପ୍ରାଣୀ ସମ୍ପଦ ବିକାଶ, ଶିଶୁ ବିକାଶ ପ୍ରକଳ୍ପ, ଖାଦ୍ୟ ଯୋଗାଣ, ମୃତ୍ତିକା ସଂରକ୍ଷଣ, ଜଙ୍ଗଲ, ପୁଲିସ, ଅବକାରୀ, ଗ୍ରାମ୍ୟ ବିଭାଜନ, ଶିଳ୍ପ ତାଲିମ କେନ୍ଦ୍ର ,ବିଦ୍ୟୁତ୍ , ପୂର୍ତ୍ତ ଓ ପାନୀୟ ଜଳ ଯୋଗାଣ ସମୂହର ଅଧିକାରୀମାନେ ସାମିଲ ହୋଇଥିଲେ। ଅଧିକାରୀମାନେ ନିଜନିଜ ବିଭାଗରେ ଚାଲିଥିବା ବିକାଶ ଓ ଜନ ହିତକର ଯୋଜନା କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନ କରିଥିଲେ। ବିଧାୟକ ଓ ପଞ୍ଚାୟତ ରାଜ ସଂସ୍ଥାନର ଜନ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନ ଓ ସନ୍ଦେହର ଉତ୍ତର ବିଭାଗୀୟ ଅଧିକାରୀ ମାନେ ତଥ୍ୟ ସହ ରଖିଥିଲେ ଏବଂ ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ତିନି ଗୋଟି ବିଭାଗ ଯଥା ସ୍ୱଚ୍ଛ ଭାରତ ମିଶନ, ସ୍ୱାସ୍ଥ୍ୟ ଓ ଉଠା ଜଳସେଚନର କୌଣସି ଅଧିକାରୀ ଉପସ୍ଥିତ ରହି ନଥିବା ଯୋଗୁଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇବା ପାଇଁ ବିଡ଼ିଓ ସାହୁ ନିର୍ଦ୍ଦେଶ କରିଥିଲେ।

# ଦିନରେ ରାସ୍ତା ପାର ହେଲେ ହାତୀପଲ



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ବନଖଣ୍ଡ ମହାବୀରୋଡ଼ ରେଞ୍ଜ ଡିହାଦୋଳ ସେକ୍ସନ ଅଧିନସ୍ଥ ଅଁଳାକଟା ଅଂଚଳ ରେ ହାତୀ ମାନଙ୍କ ଉପଦ୍ରବ ଥମିବାରେ ନା ଧରୁନି। ଖୋଲମଖୋଲା ଭାବେ ସୋମବାର ଅପରାହ୍ନ ବେଳ ବୁଡିବା ସମୟରେ ଅଠର ଟିକିଆ ହାତୀପଲ ପାଣିଭଣ୍ଡାର ଡେଙ୍ଗେଇସୁଣୀ ଜଙ୍ଗଲରୁ ପୂର୍ତ୍ତ ବିଭାଗ ରାସ୍ତା ପାର ହୋଇ କୁମୁସି ଟୀପେଇଝରଣ ଜଙ୍ଗଲକୁ ଯାଉଥିବା ଲୋକମାନେ ଦେଖିବାକୁ ପାଇଥିଲେ। ଖବର ପାଇ ଡିହଡୋଳ ବନପାଳ ଚନ୍ଦ୍ର ଶେଖର ବେହେରାଙ୍କ ନେତୃତ୍ୱରେ ହାତୀ ସ୍କ୍ୱାଡ଼ ଟିମ ହାତୀମାନଙ୍କୁ ପିଛାକରି ଜଙ୍ଗଲକୁ ଘଉଡ଼ାଇଥିଲେ। ତତ୍‌ସହିତ ହାତୀର ଗତିବିଧିକୁ ନଜର କରି ସ୍ଥାନୀୟ ଲୋକ ଏବଂ ନିକଟବର୍ତ୍ତୀ ଗ୍ରାମବାସୀମାନଙ୍କୁ ବନବିଭାଗ ସତର୍କ ରହିବାକୁ ସୂଚନା ଦେଇଥିଲେ। ଦିବାଲୋକରେ ହାତୀମାନଙ୍କ ଚଳପ୍ରଚଳକୁ ନେଇ ସର୍ବସାଧାରଣ ଭୟରେ ନିତ୍ୟକର୍ମ ଓ ଜଙ୍ଗଲକୁ ଯିବାକୁ ଭୟ କରୁଥିବା କହିଛନ୍ତି। ବର୍ତ୍ତମାନ ଜମିରେ ଧାନ ଚାଷ ହେଉଥିବାରୁ ହାତୀମାନେ ଗାଁ ପାଖରେ ଜଙ୍ଗଲରେ ରହୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ବିଭାଗୀୟ ହାତୀମାନଙ୍କ ଗତିବିଧି ଉପରେ ଅଧିକ ନଜର ଦେବାକୁ ସର୍ବସାଧାରଣଙ୍କ ଦାବି ରହୁଛି।



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ନୂଆ କେଶଡିହା ନିକଟରେ ବନ କର୍ମଚାରୀ ସମ୍ବର ମାଂସ ସହ ୨ ଶିକାରୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି। ଆସାମୀଙ୍କୁ ବାରିପଦା ସିଜେଏମ କୋର୍ଟରେ ହାଜର କରିବା ପରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଉଲ୍ଲଂଘନ ଅଭିଯୋଗରେ ବିଚାର ବିଭାଗୀୟ ହାଜତକୁ ଉଭୟ ଆସାମୀଙ୍କୁ ପଠାଇ ଦିଆଯାଇଛି। ଘଟଣାରୁ ପ୍ରକାଶ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଠାକୁରମୁଣ୍ଡା ବନାଞ୍ଚଳ, ଠାକୁରମୁଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ କର୍ମଚାରୀ ନୂଆ କେଶଡିହା ନିକଟରେ ଗତ ୧୩ ତାରିଖ ଛକି ରହିଥିଲେ କ୍ଷ ଉଭୟ ମାଂସ ଧରି ପାହାଡ଼ରୁ ଓହ୍ଲାଇବା ପରେ ଚମ୍ପାଝର ଗ୍ରାମପଞ୍ଚାୟତ ପତ୍ରପଡାର ଟ୍ରିବନ ହୋ (୩୫) ଏବଂ ଶରତ ଥାନା ନୋଟ ଗ୍ରାମପଞ୍ଚାୟତ ପ୍ରଶ୍ନଚନ୍ଦ୍ରପୁର ର ଚାର୍ଲସ ବୈପାଇ (୪୭) କୁ ବନ କର୍ମଚାରୀ କାବୁ କରି ୧୪ ତାରିଖ ବାରିପଦାରେ ହାଜର କରିଥିଲେ। ବିଚାରପତି ଜାମିନ ନାମଞ୍ଜୁର କରି ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ସଚେତନତା ସତ୍ତ୍ୱେ ଶିମିଳିପାଳରୁ ଶିକାର କମୁନଥିବା ଏହି ଘଟଣା ପ୍ରମାଣିତ କରୁଛି।

## ପୋଲିସ ରିମାଣ୍ଡରେ ଗଣଦୁଷ୍କର୍ମ ଅପରାଧୀ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କିଛିଦିନ ତଳେ କରଞ୍ଜିଆ ଥାନା ଅନ୍ତର୍ଗତ ହଳଦିଆପୋଷି ନିକଟ ନଧାଗାଡ଼ିଆର କାଜୁ ଜଙ୍ଗଲ ଠାରୁ ଏକ ଯୁବତୀକୁ ଅପହରଣ ଓ ଜାତୀୟ ରାଜ ପଥ ନିକଟ ଏକ କାଜୁ ଜଙ୍ଗଲରେ ତିନିଜଣ ବ୍ୟକ୍ତି ଦୁଷ୍କର୍ମ କରିଥିଲେ। ଏଥିରେ ଆଉ ଚାରି ଜଣ ବ୍ୟକ୍ତି ମଧ୍ୟ ଲିପ୍ତ ଥିଲେ। ଘଟଣାରେ ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କରଞ୍ଜିଆ ପୁଲିସ ବିଚାର ବିଭାଗ ଅଧୀନରେ କରଞ୍ଜିଆ ଜେଲରୁ ରିମାଣ୍ଡରେ ଦିନକ ପାଇଁ ଆଣିଛନ୍ତି। କରଞ୍ଜିଆ ଥାନା ଅଧିକାରୀ ଶରତ କୁମାର ମହାଳିକ ଉକ୍ତ ଧର୍ଷଣ ଘଟଣାରେ ଅଧିକ ତଦନ୍ତ କରିବା ପାଇ ବିଚାର ବିଭାଗର କୋର୍ଟରେ ପାର୍ଥନା କରିଥିଲେ। ମାନ୍ୟବର ଅଦାଲତ ମଙ୍ଗଳବାର ସମ୍ପୃକ୍ତ ଥିବା କରଞ୍ଜିଆ ଥାନାର ମାମଲା ଅନୁଯାଇ ୭ଜଣ ଆସାମୀଙ୍କୁ କରଞ୍ଜିଆ ଜେଲରୁ ଆଣିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ଥାନା ଅଧିକାରୀ ଶରତ କୁମାର ମହାଳିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନଙ୍କ ଡାକ୍ତରୀ ପରୀକ୍ଷା ପରେ ଉକ୍ତ ଦୁଷ୍କର୍ମ ଘଟଣାର ଅଧିକ ତଦନ୍ତ ପାଇଁ ସେମାନଙ୍କୁ ତଦନ୍ତ ପରିସର କରାଯାଇଛି। ଆଜି ସେମାନଙ୍କୁ ଆଉଥରେ ଜେଲ ହାଜତକୁ ପଠାଇ ଦିଆଯିବ।

### ଦିଲିପ ପାତ୍ର ହତ୍ୟାକାଣ୍ଡ ଘଟଣା

## ଦ୍ୱିତୀୟ ଅଭିଯୁକ୍ତ ଚେନ୍ନାଇରୁ ଗିରଫ



ରଙ୍ଗେଇଲୁଣ୍ଡା, (ଭାସ୍କର ନ୍ୟୁଜ୍): ଗୋଳନ୍ଥରା ଥାନା ଅନ୍ତର୍ଗତ ସିଙ୍ଗବାଡି ଗ୍ରାମରେ ମାତ୍ର ୫ ହଜାର ଟଙ୍କା ପାଇଁ ଘଟିଥିବା ଜଘନ୍ୟ ହତ୍ୟାକାଣ୍ଡ ଘଟଣାରେ ପୋଲିସ ସମ୍ପୃକ୍ତ ଦ୍ୱିତୀୟ ଅଭିଯୁକ୍ତକୁ ଚେନ୍ନାଇରୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ସିଙ୍ଗାବାଡିର ମାନସ ଓରଫ କାମନା ଗୌଡ(୨୪) ବୋଲି ପୁଲିସ ସୂଚନା ଦେଇଛି। ଗତ ୬ ତାରିଖ ରାତିରେ ଦିଲିପ କୁମାର ପାତ୍ର ନିଜ ହାର୍ଡୱେର ଦୋକାନ ତଥା ଘରେ ବସିଥିବା ବେଳେ ହଠାତ ପିତବାସ ସାହୁ ଏବଂ ମାନସ ସେଠାରେ ପହଞ୍ଚି ଥିଲେ। ପୂର୍ବରୁ ଘଟିଥିବା ମୋଟର ସାଇକେଲ ଦୁର୍ଘଟଣା ବାବଦରେ ମିମାସାଂ ହୋଇଥିବା ୫ ହଜାର ଟଙ୍କା ଦେବାକୁ କହିଥିଲେ। କିନ୍ତୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ପିତବାସ ଓ ମାନସ, ଦିଲିପ ପାତ୍ରଙ୍କୁ ଘରୁ ଘୋଷାଡି ଆଣି ଘର ସମ୍ମୁଖରେ ଖଣ୍ଡାରେ ଉଭୟ ହାଣି ହତ୍ୟା କରିଥିଲେ। ଘଟଣାରେ ପୋଲିସ ପ୍ରଥମେ ମୁଖ୍ୟ ଅଭିଯୁକ୍ତ ପିତବାସକୁ ଗିରଫ କରି ଗତ ୯ ତାରିଖରେ କୋର୍ଟ ଚାଲାଣ କରିଥିଲା। ଅନ୍ୟତମ ଅଭିଯୁକ୍ତ ମାନସ ଘଟଣା ପରଠାରୁ ଚେନ୍ନାଇ ଫେରାର ହୋଇଯାଇଥିଲା। ଅଭିଯୁକ୍ତ ମାନସଙ୍କ ମୋବାଇଲ ଟ୍ରାକିଂ କରି ଗତ ୧୩ ତାରିଖରେ ତଦନ୍ତ ଅଧିକାରୀ ସିଲୁ ଧଳଙ୍କ ନେତୃତ୍ୱରେ ଏକ ତିନିଜଣିଆ ପୋଲିସ ଟିମ ଚେନ୍ନାଇର ଭେଲାଭେଡୁ ଥାନା ଅନ୍ତର୍ଗତ କୁଟୁମ୍ବକମ ଅଞ୍ଚଳରୁ ସ୍ଥାନୀୟ ପୋଲିସ ସହାୟତାରେ ଗିରଫ କରି ସ୍ଥାନୀୟ କୋର୍ଟରେ ହାଜର ପରେ ମଙ୍ଗଳବାର ବ୍ରହ୍ମପୁରରେ ପହଞ୍ଚି କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ଧଳ ସୂଚନା ଦେଇଛନ୍ତି।

## ପାଉଡ଼ର ନିଶାରେ ଦୀପାଞ୍ଚଳ ଯୁବଗୋଷ୍ଠୀ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ଥ କସର୍ଦା ଫାଣ୍ଡି ଅଧୀନ ଦେବୀକନ୍ଦଳ ଦୀପାଞ୍ଚଳ, ଯୁଆଡେ ଦେଖିବ ପାଉଡ଼ର ନିଶାରେ ଝୁମୁଛନ୍ତି ଯୁବ ଗୋଷ୍ଠୀ। ଏହି ଯୁବ ଗୋଷ୍ଠୀ ପାଇଁ ପଥଚାରୀ ବେପାରୀ ବ୍ୟବସାଇ ଓ ସାଧାରଣ ପରିବାର ତ୍ରାହି ତ୍ରାହି ଡାକିଲେଣି। ଟଙ୍କା ପାଇଁ କେଉଁଠି ହାଣିଲେ ତ କେଉଁଠି ଏସ ସି ଖୋଲି ବିକି ଦେଲେଣି। ଆଉ କେଉଁଠି କବାଟ ଝରକା ତାଡ଼ି ଲକ୍ଷାଧିକ ଟଙ୍କା ଲୁଟି ନେଲେଣି ତ କେଉଁଠି ରାସ୍ତା କଡ଼ରେ ମାଡ଼ ମାରି ଟଙ୍କା ଛଡାଇ ନେଉଛନ୍ତି। ଗତ ସୋମବାର ରାତି ୯ ଟା ସମୟରେ ଜଣେ ମହିଳା ବ୍ୟବସାୟୀଙ୍କୁ କଟୁରିରେ ହାଣି ଟଙ୍କା ଲୁଟିବାରେ ବିଫଳ ହୋଇଥିଲେ। ଘଟଣା ସ୍ଥଳରେ ଖବର ପାଇ ନିଆଳି ପୋଲିସ ଛାନବିନ କରୁଥିବା ବେଳେ ମାତ୍ର ୩୦ ମିନିଟ ବ୍ୟବଧାନ ରେ ଜଣେ ଗଣ ମାଧ୍ୟମ ପ୍ରତିନିଧି ଲୁଟର ଶିକାର ହେବାକୁ ଯାଇ ହଣା ଖାଇଲେ। ଚୋରି ସାଙ୍ଗକୁ ଲୋକଙ୍କୁ ହାଣିବା ପୋଲିସ ପାଇଁ ମଧ୍ୟ ଚ୍ୟାଲେଞ୍ଜ ପାଲଟିଲା। ଆକ୍ସନ ମୁଡ଼ କୁ ଆସିଲା ନିଆଳି ପୋଲିସ। ରାତା ରାତି ତିନିଜନଙ୍କୁ ଧରି ଆଣି ନିଧୂମ ପିଟିଲା ପରେ ସତ୍ୟ ପଦାକୁ ଆସିଛି। ତଦନ୍ତରେ ବାଧା ଉପୁଜିବ ଆଶଙ୍କା କରି ପୋଲିସ ମୁହଁ ଖୋଲୁନାହିଁ। ପୋଲିସ ପାଇଁ ଏବେ ସିସିଟିଭି ଫୁଟେଜ ମାଧ୍ୟମ ହୋଇଥିବା ବେଳେ ଅନ୍ୟ ଆସାମୀ ମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ଜାଗାରେ ଚଢ଼ାଉ ଜାରି ରଖିଛି। ଏମିତିକି ପୋଲିସ ସାଧା ପୋଷାକ ଓ ବାଇକ ବ୍ୟବହାର କରି ଆସାମୀ ମାନଙ୍କୁ ଧରୁଛି। ଏଠାରେ ସୂଚନା ଥାଉ କି ବରିଷଣ ଗ୍ରାମରେ କବାଟ ଝରକା ତାଡ଼ି ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟିବା, ଏରଞ୍ଚର ମୋବାଇଲ ଦୋକାନରୁ ମୋବାଇଲ ଚୋରିକରିବା, କୁସୁନ ପୂର ଅଞ୍ଚଳରୁ ମାଡ଼ ମାରି ୩୦ ହଜାର ଟଙ୍କା ଛଡାଇ ନବା, ଖରିବିଲ ଅଞ୍ଚଳରୁ ଏସସି ଚୋରି କରି ଅଡଶପୁର ଅଞ୍ଚଳରେ କବାଡିଆ ଦୋକାନରେ ବିକିବା, ପାଞ୍ଚବଟୀ ଛକରୁ ସୋଲାର ଲାଇଟ ଚୋରି କରିବା, ଏରଞ୍ଚ ଭୋଗେଶ୍ୱର ରାସ୍ତାରେ ମହିଳାଙ୍କୁ ହାଣିବା ଓ ଜଣେ ଗଣ ମାଧ୍ୟମ ପ୍ରତିନିଧିଙ୍କୁ ହାଣିବା ଭଳି ଘଟଣା ଏସବୁର ଖିଅ ପୋଲିସ ହାତରେ ଲାଗିଥିବା ବେଳେ ପାଉଡ଼ର ନିଶା ପାଇଁ ଏହି ସବୁ କାଣ୍ଡ ବିଉଛନ୍ତି ବୋଲି ଆଲୋଚନା ହେଉଛି।

# ନୋଡାଲ ସଚିବଙ୍କ ମାଲକାନଗିରି ଜିଲ୍ଲା ଗସ୍ତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଦାୟିତ୍ୱରେ ଥିବା ଜିଲ୍ଲା ନୋଡାଲ ସଚିବ ତଥା ଶିଳ୍ପ ବିଭାଗ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରେଡ୍ଡୀ ମାଲକାନଗିରି ଜିଲ୍ଲା ଗସ୍ତରେ ଆସିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ। ଜିଲ୍ଲାପାଳ ପାଟିଲ ଜିଲ୍ଲାରେ ଚାଲିଥିବା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚିବଙ୍କୁ ଅବଗତ କରାଇଥିଲେ। ସର୍ବ ପ୍ରଥମେ ସଚିବ ସମାଜ ମଙ୍ଗଳ ବିଭାଗ ଅଧିନରେ ମମତା, ପୋଷଣ ଅଭିଯାନ ଓ ସୁଭଦ୍ରା ଯୋଜନା ବିଷୟରେ ପଚାରି ବୁଝିଥିଲେ। ଆକାଂକ୍ଷୀ ବ୍ଲକ ମାନଙ୍କରେ ଏହି ସବୁ ଯୋଜନାରେ ଯେପରି ସମସ୍ତ ଲୋକ ଉପକୃତ ହେବେ ସେଥିପ୍ରତି ସଚିବ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ କାରଣରୁ ବଞ୍ଚିତ ହୋଇଥିବା ସୁଭଦ୍ରା ହିତାଧୀକାରୀକୁ ଅଗ୍ରାଧିକାର ଭିତ୍ତିରେ ଏହି ଯୋଜନାରେ ସାମିଲ କରେଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ପିଏମ୍ ଜନମନ ଅଧୀନରେ ଜିଲ୍ଲାର ଆଦିମ ଜନଜାତି ବଣ୍ଡା ଓ ଦିଦାୟୀଙ୍କ ନିମନ୍ତେ ପକ୍କା ଘର, ଶୌଚାଳୟ, ପାନୀୟ ଜଳ ଓ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଜନଜାତି ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଓ ସେତୁ ଯୋଜନାରେ ବଣ୍ଡା ଓ ଦିଦାୟୀ ଜନଜାତିଙ୍କ ଜୀବନ ଜୀବିକାର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି ବୋଲି ବୈଠକରେ କୁହାଯାଇଛି। ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଯୋଜନାରେ ଜିଲ୍ଲାର ୯୫ ଟି ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ରୂପାନ୍ତରଣ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏଥିନିମନ୍ତେ କେନ୍ଦ୍ର ସରକାରଙ୍କ ଜନଜାତି ମନ୍ତ୍ରାଳୟ ୩୬୯ ଟି ପ୍ରକଳ୍ପ ପାଇଁ ୧୯ କୋଟି ୩୩ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଜନଜାତି ଆଶ୍ରମ ବିଦ୍ୟାଳୟର ଭିତ୍ତିଭୂମି ସହ ହୋଷ୍ଟେଲ ବ୍ୟବସ୍ଥା ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ବର୍ଷା ଋତୁ ସମୟରେ ମ୍ୟାଲେରିଆ ଡେଙ୍ଗୁ ଇତ୍ୟାଦି ରୋଗରୁ ରକ୍ଷା ପାଇବା ପାଇଁ ଏଲଏଲଏନ ମଶାରି ଓ ପର୍ଯ୍ୟାପ୍ତ ଔଷଧ ବଣ୍ଟନ ବ୍ୟବସ୍ଥା ବିଷୟରେ ମଧ୍ୟ ସଚିବ ପଚାରି ବୁଝିଥିଲେ। ସେହିପରି ଶିକ୍ଷା ବିଭାଗକୁ ସ୍କୁଲ ପୋଷାକ, ବହି, ମଧ୍ୟାହ୍ନ ଭୋଜନ ଓ ଆନୁଷଙ୍ଗିକ ବିଦ୍ୟାଳୟ ଭିତ୍ତିଭୂମି ବିଷୟରେ ପଚରା ଯାଇଛି। ଆକାଂକ୍ଷୀ ଜିଲ୍ଲା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ବିସ୍ତାରରେ ଆଲୋଚନା କରାଯାଇଛି। ଜିଲ୍ଲାରେ ଜଳ ସେଚନର ସ୍ଥିତି ନେଇ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ସହ ସଚିବ ଆଲୋଚନା କରିଥିଲେ। ଜିଲ୍ଲାରେ କେନାଲ ସ୍ଥିତି ସହ ଶତ ପ୍ରତିଶତ ଜଳ ସେଚନ ହେଉଛି ନା ନାହିଁ ତାହା ମଧ୍ୟ ସୁନିଶ୍ଚିତ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରାସ୍ତା ନିର୍ମାଣ କାର୍ଯ୍ୟ, ଗ୍ରାମ୍ୟ ଗୃହ ନିର୍ମାଣ, ପ୍ରାଣୀ ସମ୍ପଦ ସ୍ଥିତି ଏବଂ ଦକ୍ଷତା ବିକାଶ ଓ ନିଯୁକ୍ତି ନେଇ ମଧ୍ୟ ଆଲୋଚନା କରାଯାଇଛି। ସେହିପରି ମୁଦ୍ରା ଲୋନ୍, ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ଜନଧନ ଏକାଉଣ୍ଟ ନେଇ ଲିଡ୍ ବ୍ୟାଙ୍କ୍ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ବିଶେଷ ଭାବେ ସୁକ୍ଷ୍ମ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗୀଙ୍କୁ ଯୋଗ୍ୟତା ଭିତ୍ତିରେ ଋଣ ଯୋଗାଇ ଦେବା ପାଇଁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ସଚିବ ଚିତ୍ରକୋଣ୍ଡା ବ୍ଲକ୍‌ର ବଡପଡା ଏଜୁକେସନାଲ କମ୍ପ୍ଲେକ୍ସ, ଡ୍ରାଗନ୍ ଫଳ ଚାଷ, ଆମ ବ୍ୟାଙ୍କ୍, ମିନି ମେଗା ପାଇପ ୱାଟର, ଅଙ୍ଗନୱାଡ଼ି କେନ୍ଦ୍ର, ଟନେଲକ୍ୟାମ୍ପ ବହୁମୁଖି ଉତ୍କର୍ଷ କେନ୍ଦ୍ର, ଚିତ୍ରକୋଣ୍ଡା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ଇକୋ ପାର୍କ ପରିଦର୍ଶନରେ ଯାଇ ସ୍ଥିତି ଦେଖିଥିଲେ। ସେହିପରି ଜିଲ୍ଲାରେ ଚାଲିଥିବା ରେଳ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ସଚିବ ସମୀକ୍ଷା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବୈଠକରେ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## କଲେଜ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଛାତ୍ର କଂଗ୍ରେସର ବିକ୍ଷୋଭ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ କଲେଜ ସମ୍ମୁଖରେ ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ମଧ୍ୟାହ୍ନରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଫଟୋଚିତ୍ରକୁ ନିଆଁ ଲଗାଇ ପୋଡ଼ା ଯାଇଥିଲା। ଏଥିସହ ସେମାନେ ସରକାର ବିରୋଧୀ ସ୍ଲୋଗାନ ଦେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ



ଇସ୍ତଫା ଦାବି କରିଥିଲେ। ଏହି ବିକ୍ଷୋଭରେ ଜିଲା ଛାତ୍ର କଂଗ୍ରେସ ସଭାପତି ସୌମ୍ୟରଂଜନ ବାରିକ, ଦିଲିପ ବିଶ୍ୱାଳ, କାଳନ୍ଦୀ ଚରଣ ଜେନା, ପ୍ରଦୀପ ସାହୁ, ଦୀପାରାଣୀ ଜେନା, ପୂଜାରାଣୀ ବିଶ୍ୱାଳ, ଦେବସ୍ମିତା ସାମଲ, ଲକ୍ଷ୍ମୀପ୍ରିୟା ବେହେରା, ସୁପ୍ରଭା ବେହେରା, ସଂଘମିତ୍ରା ନାଥ, ସୁଭଦ୍ରା ମୁଦୁଲି, ସୁପ୍ରଭା ସେଠୀ, ଗୌରାଙ୍ଗ ବଳ, ଜ୍ୟୋତିପ୍ରକାଶ ବେହେରା, ଅବିନାଶ ବଳ, ଅଦିତ୍ୟ ତ୍ରିପାଠୀ ମନଦତ୍ତ କୁଅଁର ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ସୌମ୍ୟାଶ୍ରୀଙ୍କ ବିୟୋଗରେ ମହମବତୀ ଶୋଭାଯାତ୍ରା

ବଡ଼ଚଣା, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ସ୍ଥିତ ଫକୀର ମୋହନ ସ୍ୱୟଂ ଶାସିତ ମହା ବିଦ୍ୟାଳୟର ଜନୈକ ଅଧ୍ୟାପକଙ୍କ ଯୌନ ଉତ୍ପୀଡନ ଶିକାର ହୋଇ ନିଜକୁ ପେଟ୍ରୋଲ ଢାଳି ଆତ୍ମହତ୍ୟା କରୁଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଗତକାଲି ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ସବୁ ରାଜନୈତିକ ଦଳ, ରାଜନୈତିକ ନେତୃ ମଣ୍ଡଳୀ ଘଟଣାର ନିନ୍ଦା କରିବା ସହିତ ଦୋଷୀପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରିଛନ୍ତି। ଏହି ପରିପେକ୍ଷି ରେ ବଡଚଣା ବିଜୁ ଜନତା ଦଳ ପକ୍ଷରୁ ଏକ ମହମବତୀ ଶୋଭାଯାତ୍ରାରେ ଚଣ୍ଡିଖୋଲ ଛକ ପରିକ୍ରମା କରିବା ସହିତ ଗୌତମ ବୁଦ୍ଧ ପ୍ରତିମୂର୍ତ୍ତି ନିକଟରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇ ଥିଲା। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳଙ୍କ ସଭାପତିତ୍ୱରେ ବିଜେଡ଼ି ନେତା କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ର ଯୋଗଦେଇ ମୃତ ସୌମ୍ୟାଶ୍ରୀ ଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ସହିତ ଏଥିରେ ସମ୍ପୃକ୍ତ ଦୋଷୀ ମାନଙ୍କୁ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ବିଜେଡି ବ୍ଲକ୍ ସଭାପତି ତାପସ ଚନ୍ଦ୍ର ରାୟ, ଧନେଶ୍ୱର ବେହେରା, ଆମର ମହାନ୍ତି, ଆଶିଷ ରଂଜନ ଚୌଧୁରୀ, ରମେଶ ପୃଷ୍ଟି, ଦେବେନ୍ଦ୍ର ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାକର ସାମଲ, ଜଗନ୍ନାଥ ମୁଦୁଲି, ଧୁଲେଶ୍ୱର୍ ଦାସ, ନାରାୟଣ ଚନ୍ଦ୍ର ମଲ୍ଲିକ, ଉମେଶ ଜେନା, ନିରଞ୍ଜନ ବିଶ୍ୱାଳ, ଜୟନ୍ତୀ ସ୍ୱାଇଁ, ପ୍ରୀୟବର୍ତ୍ତ ଖିଲାର, ପ୍ରଦୀପ୍ତ ମହାନ୍ତି, କିଶୋର ରାଉତ, ଗଣେଶ୍ୱର ସାମଲ, ସଞ୍ଜୀବ ସାମଲ, ପ୍ରଶାନ୍ତ ବଳ, ଦମୟନ୍ତୀ ସାମଲ, ମାନ ଗୋବିନ୍ଦ ସେଠୀ, ଅଭିନେତା ମିଟୁ ମିଥୁନ, ନୀହାର ମହାପାତ୍ର,ସଞ୍ଜୟ ବେହେରା, ପ୍ରମୁଖ ଯୋଗ ଦେଇ ମୃତା ଛାତ୍ରୀ ସୌମ୍ୟାଶ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ପବିତ୍ର ଆତ୍ମାର ସଦଗତି କାମନା କରିଥିଲେ। ଶେଷରେ ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

## ଜମି ବିବାଦକୁ କେନ୍ଦ୍ରକରି ଭାଇକୁ ହତ୍ୟା କଲା ଭାଇ

ଧର୍ମଗଡ, (ଭାସ୍କର ନ୍ୟୁଜ): ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଭାଇକୁ ହତ୍ୟାକଲା ଭାଇ। ଭାଇର ଟାଙ୍ଗିଆ ଆକ୍ରମଣରେ ଭାଇର ମୃତ୍ୟୁ ହୋଇଛି। ମୃତକ ହେଲେ ଗୋକୁଳ କେତକୀ (୪୫)। କେଗାଁ ଥାନା ମହାଲିଙ୍ଗ ଗାଁ'ର ଘଟଣା। ଭାଇକୁ ହତ୍ୟା ପରେ ଭାଇର କେଗାଁ ଥାନାକୁ ଯାଇ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସୂଚନାମତେ ମହାଲିଙ୍ଗ ଗ୍ରାମର କୋଳିଆପଡା ଠାରେ ଥିବା ଏକ ବିଲରେ ତିନିଜଣ ଭାଇ ମିଶି ଚାଷ କାର୍ଯ୍ୟ କରୁଥିଲେ। ତିନିଜଣ ଭାଇଙ୍କ ମଧ୍ୟରେ ଜମି ବାଡ଼ି ବିବାଦକୁ ନେଇ ପୂର୍ବରୁ ପାଟିତୁଣ୍ଡ ହୋଇଥିଲା। ପୁଣି ଚାଷ କାର୍ଯ୍ୟ ବେଳେ ଜମିବାଡ଼ି ବିବାଦ କଥା ଉପୁଜିଥିବା ବେଳକୁ ପ୍ରତିଶୋଧ ପରାୟଣ ହୋଇ ସାନଭାଇ ନିଜ ବଡ଼ଭାଇକୁ ଏକ ଟାଙ୍ଗିଆର କାଠ ସାହାଯ୍ୟରେ ମାରିଦେଇଥିବା ଜଣାପଡିଛି। ସାନ ଭାଇ ଚିତ୍ର କେତକୀ କେଗାଁ ଥାନରେ ଯାଇ ଆତ୍ମସମର୍ପଣ କରିଛି। ଅନ୍ୟପଟେ ଅଭିଯୁକ୍ତ ଆତ୍ମସମର୍ପଣ କରିବା ପରେ ଅଭିଯୋଗକୁ ଆଧାର କରି କେଗାଁ ଥାନ ପୁଲିସ ପହଁଚି ଶବଟିକୁ ଜବତ କରିବା ସହ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରୁଥିବା ଜଣାପଡିଛି। ତେବେ ମୃତକଙ୍କ ଆଉ ଜଣେ ମଧ୍ୟ ଏହି ହତ୍ୟା ଘଟଣାରେ ସମ୍ପୃକ୍ତି ଥିବା ସୂଚନା ମିଳିଛି। ଏନେଇ କେଗାଁ ଥାନା ଅଧିକାରୀ ମୁକୁନ୍ଦ ନାୟକଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ତଦନ୍ତ ପରେ ସବିଶେଷ ତଥ୍ୟ ଦେଇ ହେବ ବୋଲି ସୂଚନା ଦେଇଥିଲେ।

## ବନାଞ୍ଚଳରେ ସୁରକ୍ଷିତ ନାହାଁନ୍ତି ଗଜରାଜ

ହିନ୍ଦୋଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳରେ ସୁରକ୍ଷିତ ନାହାନ୍ତି ଗଜରାଜ, ଶିକାରୀମାନଙ୍କ ବିଦ୍ୟୁତ ଫାସରେ ହେଉ କି ଅନ୍ୟାନ୍ୟ କାରଣରେ ହେଉ ହିନ୍ଦୋଳ ବନାଞ୍ଚଳରେ ୨ ବର୍ଷ ଭିତରେ ୨୦ରୁ ଉର୍ଦ୍ଧ୍ୱ ହାତୀ ମୃତ୍ୟୁ ହୋଇଥିବା ବେଳେ ହାତୀ ଆକ୍ରମଣରେ ୨ ବର୍ଷରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ନିରୀହ ଲୋକଙ୍କ ଜୀବନ ଚାଲିଯାଇଛି। ଏପରିକି ଉପଖଣ୍ଡରେ ହାତୀ ଭୟରେ ଶତକଡା ୫୦ ଭାଗ ଚାଷ ଜମି ପଡିଆ ପଡୁଥିବା ଦେଖିବାକୁ ମିଳୁଛି। ଏଠି ବାନ ବିଭାଗ ହାତୀ ସୁରକ୍ଷା ଦେବା ହେଉ କି ହାତୀ ଦାଉରୁ ଜନସାଧାରଣଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଜଣାପଡିଛି। ହିନ୍ଦୋଳ ବନାଞ୍ଚଳ ବରିଆରଗଡି ଗ୍ରାମରେ ରବିବାର ବିଳମ୍ବିତ ରାତିରେ ବିଦ୍ୟୁତ ଆଘାତରେ ଏକ ମାଇହାତିର ମୃତ୍ୟୁ ଘଟିଛି। ସୋଲାର ଫେନସି ତାର ଟାଣିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ବରିଆରଗଡି ଗ୍ରାମର କରୁଣାକର ସାହୁଙ୍କ ପୁଅ ପ୍ରଭାକର ସାହୁ ପୂର୍ବରୁ ସୋଲାର ଟାଣିବା ତାର ଟାଣିଥିଲେ। ସେହି ତାରରେ ବିଦ୍ୟୁତ ସଂଯୋଗ କରିଥିବାରୁ ଏହା ସଂସ୍ପର୍ଶରେ ଆସି ମାଇହାତିର ମୃତ୍ୟୁ ହୋଇଥିବା ଜଣାପଡିଛି। ହାତୀ ମୃତ୍ୟୁ ଘଟଣାରେ ବନବିଭାଗ ବରିଆରଗଡ଼ି ଗ୍ରାମର ପ୍ରଭାକର ସାହୁଙ୍କୁ ଅଟକ ରଖି ପଚରା ଉଚୁରା ଜାରି ରଖିଥିବା ଦେଖିବାକୁ ମିଳିଛି। ହାତୀ ମୃତ୍ୟୁର ଖବର ପାଇ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କର ହିନ୍ଦୋଳ ବନାଞ୍ଚଳ ଅଧିକାରୀ ଗୌତମ ପ୍ରଧାନ ଓ ଏସଟିଏଫ ଟିମ୍ ସ୍ଥାନୀୟ ପୋଲିସ ଓ ଡାକ୍ତରୀ ଟିମ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିବା ବେଳେ ଘଟଣାସ୍ଥଳରେ ମୃତ ମାଇ ହାତୀର ବ୍ୟବଚ୍ଛେଦ କରିବା ସାହିତ ଘଟଣା ସ୍ଥଳରେ ହାତୀକୁ ପୋତିଦେଇଥିବା ଦେଖିବାକୁ ମିଳିଛି।

## ମୁକୁଳା ଟ୍ରାନ୍ସଫର୍ମର ନେଲା ଗାଈର ଜୀବନ



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଆଗ୍ରାହାଟ ପଞ୍ଚାୟତ ଅନ୍ତର୍ଗତ ଯାଜ ଭୈରବ ନୂଆଗାଁ'ରେ ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଗୋଟିଏ ଗାଈର ମୃତ୍ୟୁ ହୋଇଯାଇଛି। ସୂଚନାଥାଉ କି, ନୂଆଗାଁ'ର ଅମରେନ୍ଦ୍ର ପ୍ରସାଦ କରଙ୍କ ୩ଟି ଗାଈ ଚରିବାକୁ ଯାଇଥିବା ବେଳେ ରାସ୍ତାକଡ଼ରେ ଥିବା ଏକ ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସିଯିବାରୁ ଘଟଣା ସ୍ଥଳରେ ଗାଈଟିର ମୃତ୍ୟୁ ହୋଇଯାଇଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଖବର ପାଇ ବିଦ୍ୟୁତ୍ ବିଭାଗ ଟିପିସିଓଡିଏଲର ଅଧିକାରୀ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରି କ୍ଷତିପୂରଣ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବିଦ୍ୟୁତ୍ ବିଭାଗର ବେପରୁଆ ନୀତି ଯୋଗୁଁ ବହୁ ସ୍ଥାନରେ ଏଭଳି ଖୋଲାମେଲା ଟ୍ରାନ୍ସଫର୍ମର ବସିଥିବା ଯୋଗୁଁ ବହୁ ସମୟରେ ଧନଜୀବନ ହାନୀ ହେବାର ନଜିର ରହିଥିବା ବେଳେ ଏହି ଘଟଣାକୁ ନେଇ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ପୂର୍ବରୁ ଏହିଭଳି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୩ଟି ଗାଈ ମୃତ୍ୟୁବରଣ କରିଥିବା ବେଳେ ସ୍ଥାନୀୟ ଲକ୍ଷ୍ମୀବିହାର ଅଂଚଳରେ ଏଭଳି ମୁକୁଳା ଟ୍ରାନ୍ସଫର୍ମର ଯୋଗୁଁ ଜଣେ ବ୍ୟକ୍ତିଙ୍କର ଜୀବନ ଚାଲିଯାଇଥିଲା। ତୁରନ୍ତ ଏଭଳି ଖୋଲାମେଲାରେ ବସିଥିବା ଟ୍ରାନ୍ସଫର୍ମର ଗୁଡ଼ିକୁ ତାରବାଡ଼ ଦ୍ୱାରା ଆବଦ୍ଧ କରାଯାଉ ବୋଲି ଅର୍ବାନ ବ୍ୟାଙ୍କ୍ ଡାଇରେକ୍ଟର ନୀଳମଣି କର ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ ନିକଟରେ ଦାବି କରିଥିବା ଜଣାପଡ଼ିଛି।

## ସୌମ୍ୟାଶ୍ରୀଙ୍କ ପାଇଁ ଡେଲାଙ୍ଗରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ସୌମଶ୍ରୀଙ୍କ ମୃତ୍ୟୁପାଇଁ ଦାୟି ବ୍ୟକ୍ତିମାନଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ, ଉଚ୍ଚଶିକ୍ଷା ମନ୍ତ୍ରୀ ଓଡ଼ିଶାଙ୍କ ଇସ୍ତଫା, ଦୁଇ କୋଟି ଟଙ୍କା ସରକାରୀ ସହାୟତା ପରିବାରକୁ ପ୍ରଦାନ ଓ ମୃତ୍ୟୁର ନ୍ୟାୟିକ ତଦନ୍ତ ଦାବିରେ ଡେଲାଙ୍ଗ ହାଟବଜାର ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା କାରାଯାଇଥିଲା। ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ନିକଟରେ ଉକ୍ତ ଶୋଭାଯାତ୍ରା ଆରମ୍ଭ ହୋଇ ବଜାର ପରିକ୍ରମା କରିଥିଲା। ଆଗାମି ୧୭ ଜୁଲାଇରେ ସମସ୍ତ ଦୋକାନ, ବଜାର, ରେଳ, ସ୍କୁଲ୍, କଲେଜ ବନ୍ଦ ରହିବ ରଖିବାକୁ ଶୋଭାଯାତ୍ରାକାରୀ ମାନେ ଜନ ସାଧାରଣଙ୍କୁ ଅନୁରୋଧ କରିଥିଲେ। ଉକ୍ତ ଶୋଭାଯାତ୍ରାରେ ଜାତୀୟ କଂଗ୍ରେସ ତରଫରୁ ମାନସ ଆଚାର୍ଯ୍ୟ, ବିଶ୍ୱ କେଶନ ହରିଶ୍ଚନ୍ଦନ, ନିର୍ମଳ ପରିଡ଼ା ଓ ସି.ପି.ଆ.ଇ (ଏମ.ଏଲ୍) ଲିବରେସନ୍ ତରଫରୁ ଅଶୋକପ୍ରଧା, କିଷାନ ପଟ୍ଟନାୟକ, ରାମଚନ୍ଦ୍ର ମହାରଣା କ୍ୟାଣ୍ଡେଲ୍ ଶୋଭାଯାତ୍ରାରେ ନେତୃତ୍ୱ ନେଇଥିଲେ।

## ବିଶ୍ୱ ଯୁବ ଦକ୍ଷତା ଦିବସ ଅନୁଷ୍ଠିତ




ରାୟଗଡ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ବିଶ୍ୱ ଯୁବ ଦକ୍ଷତା ଦିବସ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସହିତ ଜିଲ୍ଲାର ୧୦ଗୋଟି ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ ରୁଥିବା ପ୍ରାୟ ୨୦୦ଜଣ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ, ସମ୍ମାନିତ ଅତିଥି ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରାୟଗଡା ଏବଂ ବିଜୟ କୁମାର ସାହୁ, ଜିଏମ, ଜିଲ୍ଲା ଶିଳ୍ପ କେନ୍ଦ୍ର, ରାୟଗଡା, ମୁଖ୍ୟ ବକ୍ତାଭାବରେ ଯୋଗଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ବିନୟ କୁମାର ବସନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିମନ୍ତିତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ନାହାକ ଛାତ୍ରଛାତ୍ରୀମାନଙ୍କୁ ଦକ୍ଷ ହୋଇ ସ୍ୱରୋଜଗାର କ୍ଷମ ହେବା ସହିତ କୁଶଳୀ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ସାହୁ ବୈଷୟିକ ଶିକ୍ଷା ଏବଂ ଏହାର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥି ବୃନ୍ଦ ସେମାନଙ୍କର ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ଟ୍ରେଡ଼ ଭିତ୍ତିକ ଦକ୍ଷତା ପ୍ରଦର୍ଶନୀକୁ ସମସ୍ତ ଅତିଥି ଏବଂ ଛାତ୍ରଛାତ୍ରୀ ବୁଲି ଦେଖିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ରୋଲ ମଡେଲ ସୁଶ୍ରୀ ରାନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବଶେଷରେ ଅନୁଷ୍ଠାନର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତାଲିମ ଅଧିକାରୀ ନିଶିକାନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିବା ବେଳେ ସନ୍ତୋଷ କୁମାର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଦିପ୍ତିସୂର୍ଯ୍ୟ ବିଶ୍ୱାଳଙ୍କ ନେତୃତ୍ୱରେ ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାୟୀ କରାଯାଇ ଭଣ୍ଡାରିପୋଖରୀ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସେମାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଦଳର ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ଯୁବନେତା



ଉକବଳ କେଶରୀ ମହାନ୍ତି, ଜଗତ ଜୀବନ ବାରିକ, ବିରେନ୍ଦ୍ର ନାୟକ, ଅବିନାଶ ରାଉତ, ନାଗେଶ୍ୱର ବେହେରା ପ୍ରମୁଖ ବହୁ କର୍ମୀ ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

# 'ଆଶିଷ ପାଇଁ ଗଛଟିଏ'




ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନିଆଳ ପଞ୍ଚାୟତ ସ୍ଥିତ ରାଧାନଗର ଗ୍ରାମ ମା କାଳୀଙ୍କ ଏବଂ ରାଧାନଗର ଖେଳ ପଡିଆ ନିକଟରେ ଆଜି ଅପରାହ୍ନ ସମୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମା କାଳୀ କ୍ରିକେଟ ରାଧାନଗର ଏବଂ ପଲ୍ଲୀଆଲୋକ କ୍ରିକେଟ କ୍ଲବ, ରାଧାନଗରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ମୋଟ ୨୧ ଟି ବୃକ୍ଷ ରୋପଣ କରିଥିଲେ। ସୂଚନା ସୂତ୍ରରୁ ପ୍ରକାଶ ରାଧନାଗର ଗ୍ରାମର ରତ୍ନାକର ବେହେରାଙ୍କ ଏକମାତ୍ର ପୁଅ ଆଶିଷ (୩୧) ସୁଦୂର ବାଙ୍ଗାଲୋରରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ସମୟରେ ଅକସ୍ମାତ ଏକ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ତାଙ୍କର ଏତେ କମ ବୟସରୁ ହଠାତ ପରଲୋକ ହୋଇଯିବା ଅଞ୍ଚଳବାସୀ, ପରିବାର ବର୍ଗଙ୍କ ସହ ସର୍ବଦା ଯୁବ ଗୋଷ୍ଠୀଙ୍କୁ କ୍ରୀଡ଼ା ପାଇଁ ପ୍ରୋତ୍ସାହନ ଓ ସହଯୋଗ କରୁଥିବା ଯୁବକ ସଂଘର ଯୁବକମାନେ ଏକାଠି ହୋଇଥିଲେ। ତାଙ୍କୁ ସବୁଦିନ ମନେ ପକାଇବା ଉଦେଶ୍ୟରେ ତାଙ୍କର ଏକାଦଶାହରେ ସେ ଖେଳୁଥିବା ତାଙ୍କ ପଡିଆ ପାର୍ଶ୍ୱରେ ୨୧ଟି ବୃକ୍ଷରୋପଣ କରିବା ସହ ଆଗାମୀ ଦିନରେ ଆହୁରି ବୃକ୍ଷରୋପଣ କରିବେ ବୋଲି ଅଧର କୁମାର ସାହୁ, ସୌରଭ ଲେଙ୍କା, ରାଜେଶ କୁମାର ବିଶ୍ୱାଳ, ସୁଧୀର କୁମାର ରାଉତ, ସନ୍ତୋଷ କୁମାର ଲେଙ୍କା, ଅଭିଜିତ ପାତ୍ର, ନରୋତ୍ତମ ସ୍ୱାଇଁ, ଶ୍ରୀକାନ୍ତ ସାହୁ, ସଚିନ ଲେଙ୍କା, ପ୍ରଶାନ୍ତ ପରିଡ଼ା, ପ୍ରତାପ ପରିଡ଼ା, ସତ୍ୟପ୍ରକାଶ ନାୟକ, ଦୀପକ କୁମାର ନାୟକ ପ୍ରମୁଖ ମାନେ ମତ ପ୍ରକାଶ କରିଛନ୍ତି।

## ପିକ୍‌ଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ମଙ୍ଗଳବାର ଭୋର ୪ ଘଣ୍ଟା ସମୟରେ ଜାତୀୟ ରାଜପଥ ନଂ ୫୭ର ବାଉଁଶୁଣୀ ଦମକଳ କେନ୍ଦ୍ର ନିକଟରେ ରାସ୍ତାକଡରେ ଛିଡା ହୋଇଥିବା ଏକ ଟ୍ରକ ପଛକୁ ଧକ୍କାଦେଇ ବୋଲବମ୍ ଯାତ୍ରୀଙ୍କୁ ନେଇ ଫେରୁଥିବା ଏକ ପିକପ୍ ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ୫ ଜଣ ବୋଲବମ୍ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। କଟକ ଜିଲ୍ଲା ନରସିଂହପୁର ଅଞ୍ଚଳର ବୋଲବମ୍ ଯାତ୍ରୀ ମାନେ ନୂଆପଡା ଅଞ୍ଚଳର କୌଣସି ଶୈବ ପୀଠରେ ପାଣି ଢାଳି ଫେରୁଥିବା ସମୟରେ ରାସ୍ତା କଡରେ ଛିଡା ହୋଇଥିବା ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ଦୀନବନ୍ଧୁ ସାହୁ, ସୁମନ୍ତ କୁମାର ସାହୁ, ନାଲୁ ପ୍ରଧାନ, ବଳଭଦ୍ର ସାହୁ ଓ ଡ୍ରାଇଭର ସୂର୍ଯ୍ୟମଣି ଜେନା ଗୁରୁତର ଆହତ



ହୋଇଥିଲେ। ବାଉଁଶୁଣୀ ଅଗ୍ନିଶମ ବାହିନୀ ଓ ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତ ଗୁରୁତରଙ୍କୁ ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



# ଆମ କଳାହାଣ୍ଡି





## ମାତିଛନ୍ତି ଭଣ୍ଡ ବାବା

## ଦେହରେ ବିଭୁତି ଓ ବେକରେ ମାଳା ପକାଇ ଠକୁଛନ୍ତି

ଧର୍ମଗଡ, (ଭାସ୍କର ନ୍ୟୁଜ୍): ଭଣ୍ଡ ବାବା ଏବେ ଧର୍ମଗଡ଼ରେ ଡେରା ପକେଇବା ଆରମ୍ଭ କରି ଦେଲେଣି। ଦେହରେ ବିଭୁତି ଓ ବେକରେ ମାଳା ପକାଇ ରାଜ ରାସ୍ତାରେ ଲୋକଙ୍କୁ ଠକୁଛନ୍ତି ଭଣ୍ଡବାବା। ଏମିତି ଏକ ଘଟଣା ଘଟିଛି ଧର୍ମଗଡରେ। ଉତ୍ତରପ୍ରଦେଶରୁ ଆସିଥିବା ୬ ଭଣ୍ଡ ବାବାଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି ଧର୍ମଗଡ ଥାନା ପୁଲିସ। ସୂଚନା ଥାଉ କି ଏହି ଭଣ୍ଡ ବାବା ମାନେ ପୁରୀ ଯାଇଥିବା ବେଳେ ପୁରୀରୁ ଧର୍ମଗଡ଼ ଆସିଥିଲେ। ପ୍ରଥମେ ସେମାନେ ଧର୍ମଗଡ଼ ବିଧାୟକଙ୍କ ଘର ଓ ରାଜ ହୋଟେଲରେ ପହଞ୍ଚି ଥିଲେ ସେଠାରେ ବିଫଳ ହେବା ପରେ ବିଭିନ୍ନ ଆଳ ଦେଖାଇ କନାଗାଁ ସରପଞ୍ଚ ଓ କାଙ୍କେରୀ ସରପଞ୍ଚଙ୍କ ଠାରୁ ୨୫ଶହ ଓ ପାଞ୍ଚ ହଜାର ଟଙ୍କା ନେଇଥିଲେ। ପରେ ଏମାନେ ସନ୍ଧିକୁଲିହାରୀ ସ୍ଥିତ ଏକ ଦୋକାନ ଘରୁ ପନିର ଓ ଦୈନିକ ବ୍ୟବହାର୍ଯ୍ୟ ସାମଗ୍ରୀ ଚୋରୀ କରି

### ଥାନାରେ ୬ ବାବା ଅଟକ

ନେଉଥିବା ବେଳେ ଦୋକାନ ମାଲିକ ଦେଭୋଗ ଅଞ୍ଚଳରୁ ଜେରା କରି ଦେଭୋଗ ଥାନାରେ ଜିମା ଦେଇଥିଲେ। ପରେ ଦେଭୋଗ ପୁଲିସ ଭଣ୍ଡ ବାବା ମାନଙ୍କୁ ଧର୍ମଗଡ ଥାନାରେ ଜିମା ଦେଇଥିବା ବେଳେ ବାବା ମାନେ ଠକିଥିବା ଟଙ୍କା କନାଗାଁ ଓ କାଙ୍କେରୀ ସରପଞ୍ଚଙ୍କୁ ଫେରସ୍ତ କରିବା ପାଇଁ କହିଥିଲେ। ଉଭୟ ସରପଞ୍ଚଙ୍କୁ ଟଙ୍କା ମଧ ଫେରସ୍ତ କରିଥିଲେ। ଧର୍ମଗଡ ଅଞ୍ଚଳରେ ଏଭଳି ଘଟଣା ଘଟିବାରୁ ଛାନିଆ ହେଉଛନ୍ତି ଲୋକେ। ତେବେ ଭଣ୍ଡ ବାବା ମାନେ ହେଲେ ଉତ୍ତର ପ୍ରଦେଶ ରାଜ୍ୟର ମୁକେଶ କୁମାର, ସୀତାରାମ ଯୋଶୀ, ସୁରେଶ କୁମାର, କ୍ରିଷ୍ଣା ଗିରି, ଗଣେଶ ଗୋସ୍ୱାମୀ, ଏବଂ ଗାଡି ଚାଳକ ସୁବାଷ ଯାଦବ ବୋଲି ସେମାନଙ୍କ ଆଧାର କାର୍ଡରୁ ଜଣା ପଡିଛି। ପଚରାଉଚରା ପରେ ପୁଲିସ ଉକ୍ତ ବାବା ମାନଙ୍କୁ ଛାଡି ଦେଇଥିବା ଜଣାପଡିଛି।

## ବିପର୍ଯ୍ୟସ୍ତ ଯୋଗାଯୋଗ ବ୍ୟବସ୍ଥା: ୨ବର୍ଷ ହେବ ସରୁନି ଟାୱାର କାମ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟ ଠାରୁ ଗ୍ରାମପଞ୍ଚାୟତ ଓ ଗ୍ରାମାଞ୍ଚଳକୁ ଗମନାଗମନ ସୁବିଧା ପାଇଁ ରାସ୍ତାଘାଟ ନିର୍ମାଣ କରିବାକୁ ଅଧିକ ଗୁରୁତ୍ୱ ଦେଇ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କାର ଅନୁଦାନର ବ୍ୟବସ୍ଥା କରାଯାଉଛି। ମାତ୍ର ସଂପ୍ରତି ଏହା ଏକ ପ୍ରହସନ ପାଲଟିଛି ବୋଲି କିଛି ଲୋକ ଆଲୋଚନା କରୁଛନ୍ତି। ଦେଶ ସ୍ୱାଧୀନତାର ଅନେକ ବର୍ଷ ପରେ ମଧ ଲୋକେ ଗମନାଗମନ ସୁବିଧାରୁ ବଞ୍ଚିତ ରହିଛନ୍ତି। ଲୋକେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନେଇ ଯଦି ଗାଁରୁ ବାହାରିବେ ତାହାହେଲେ ସେହି କାଦୁଅ ପଚପଚ ରାସ୍ତା ଦେଇ ଯିବାଆସିବା କରିବା ଭଳି ଘଟଣା ଅତି ଉଦ୍‌ବେଗ ଜନକ ପରିସ୍ଥିତି ଉପୁଜୁଛି। ସବୁଦିନିଆ ରାସ୍ତା ଖଣ୍ଡେ ନଥିବାରୁ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବାକୁ ପଡୁଛି ଗ୍ରାମବାସୀଙ୍କୁ। ଏହି ବ୍ଲକ୍‌ରେ ଅନେକ ଗାଁ ରହିଛି ତନ୍ମଧ୍ୟରୁ ଗୁଣୁପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ମଦାଙ୍ଗଗୁଡା ଗ୍ରାମରେ ପ୍ରାୟ ୬୦/୭୦ ଘର ପରିବାର ରହିଥିବା ବେଳେ ଏଥିରେ ହାରାହାରି ୨୦୦/୨୫୦ ଲୋକ ବସବାସ କରୁଛନ୍ତି। ମୁଖ୍ୟତଃ ଏହି ଗାଁରେ ଭଲ ରାସ୍ତା ଖଣ୍ଡେ ନାହିଁ, ପାଣି ପାଇଁ ଗ୍ରାମରେ ୩ଟି ନଳକୂପ ଅଛି କିନ୍ତୁ ପ୍ରର୍ଯ୍ୟାପ୍ତ ପରିମାଣରେ ପାଣି ମିଳେନାହିଁ। ବସୁଧାରେ ଟାଙ୍କି ନିର୍ମାଣ ଚାଲିଛି ସତ କିନ୍ତୁ ବର୍ଷ ପରେ ବର୍ଷ ବିତିଯାଇଛି ମାତ୍ର ନିର୍ମାଣ କାମ ସରିପାରୁନାହି। ବର୍ଷା ଦିନ ପୂର୍ବରୁ ନରେଗା ଯୋଜନା ମାଧ୍ୟମରେ ମଦାଙ୍ଗଗୁଡ଼ା ଗ୍ରାମ ଛକ ଠାରୁ ଗ୍ରାମ ପର୍ଯ୍ୟନ୍ତ ମାଟି ରାସ୍ତା ନିର୍ମାଣ ହୋଇଥିଲା ସତ ଏବେ ବର୍ଷା ଦିନେ ରାସ୍ତାର ଅବସ୍ଥା



କଥା କହିଲେ ନ ସରେ। ଗାଁଲୋକେ ଭଲ ରାସ୍ତା ଖଣ୍ଡେ ପାଇବା ଆଶାନେଇ ବିଧାୟକଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ପାଖରେ ହାରିଗୁହାରି କରିଆସୁଥିଲେ ମଧ ଏହାର ସୁଫଳ ମିଳିପାରୁନାହିଁ। ବିଧାୟକଙ୍କୁ ବାରମ୍ବାର ଜଣାଇଲେ ସେ ପ୍ରତିଶ୍ରୁତି ଦେଉଛନ୍ତି ମାତ୍ର ସମୟ ଗଡେଇ ଚାଲିଛନ୍ତି। ରାସ୍ତାଘାଟ ଅବସ୍ଥା ଶୋଚନୀୟ ହେତୁ ଜରୁରୀ କାଳୀନ ସ୍ୱାସ୍ଥ୍ୟସେବା ପାଇଁ ଆମ୍ବୁଲାନ୍ସ ମଧ ଗାଁକୁ ପହଞ୍ଚି ପାରୁ ନାହିଁ କିମ୍ବା ଲୋକେ ମାସିକ ପିଡ଼ିଏସ ଚାଉଳ ଆଣିଯିବା ପାଇଁ ମଧ ବହୁତ ହିନସ୍ତା ହେଉଛନ୍ତି। ଏହି ଗାଁର ଟେଲି ଯୋଗାଯୋଗ ମଧ ଆହୁରି ସମସ୍ୟା ସୃଷ୍ଟି କରୁଥିବା ଜଣାପଡିଛି। ଗାଁରେ ଏକ ବିଏସଏନଏଲ୍ ଟାୱାର ପାଖାପାଖି ୨ ବର୍ଷ ପୂର୍ବେ ସ୍ଥାପନ ହୋଇଛି, ହେଲେ ଆଜି ପର୍ଯ୍ୟନ୍ତ ଲୋକଙ୍କ ସେବାରେ ଲାଗି ପାରୁନାହିଁ। ନେଟୱର୍କ ଅସୁବିଧାରୁ ଆମ୍ବୁଲାନ୍ସକୁ ମଧ ଫୋନ କରିବାକୁ ହେଲେ ୨ କି.ମି ଦୂର ପାହାଡ ଚଢି ଫୋନ କରିବାକୁ ପଡୁଛି। ଏନେଇ ଜିଲ୍ଲା ବିଏସ୍‌ଏନ୍‌ଏଲ୍ ଏସ୍‌ଡିଓ କୁଞ୍ଜବିହାରୀ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲା ହେଲେ କୌଣସି ଉତ୍ତର ମିଳିପାରି ନାହିଁ। ରାସ୍ତା ବିଷୟରେ ବିଭାଗୀୟ ଯନ୍ତ୍ରୀ ତନବିର ଆଲମ୍‌ଙ୍କୁ ପଚାରିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସେହି ଗାଁକୁ ଅନ୍ତର୍ଭୁକ୍ତ କରି ଟେଣ୍ଡର ମଧ ଶେଷ ହୋଇଛି ବହୁତ ଶୀଘ୍ର କାମ ଆରମ୍ଭ କରାଯିବ ବୋଲି ପ୍ରକାଶ କରିଥିଲେ। ଏଠାରେ ପ୍ରକାଶ ଥାଉକି ଯେ ଗୁଣୁପୁର ଗ୍ରାମପଞ୍ଚାୟତ ଅଞ୍ଚଳର ବାସିନ୍ଦା ହେଉଛନ୍ତି ବ୍ଲକ ଅଧ୍ୟକ୍ଷ ତଥାପି ମଦାଙ୍ଗଗୁଡା ଗାଁ ପାଇଁ ସବୁଦିନିଆ ଭଲ ରାସ୍ତା ଖଣ୍ଡିଏ ଏପର୍ଯ୍ୟନ୍ତ ଅଭାବ ରହିଥିବା ପରିତାପର ବିଷୟ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ନାବାଳକର ଆତ୍ମହତ୍ୟା

କେସିଙ୍ଗା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ଓ୍ୱାର୍ଡ ନ ୮ବୋରିଙ୍ଗପଦରରେ ଘଟିଛି ଏକ ଅଭାବନୀୟ ଘଟଣା। ବୋରିଙ୍ଗପଦରର ବାଲକୁମାର ଶିକା (୧୫), ନାମକ ଜଣେ ନାବାଳକ ରବିବାର ସଂନ୍ଧ୍ୟା ସମୟରେ ନିଜ ବାସଭବନର ଛାତ ଉପରେ ବେକରେ ଏକ ଶାଢ଼ୀ ପରି କପଡା ଦ୍ୱାରା ଫାସି ଲଗାଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିବା ଜଣାପଡିଛି। ଖବର ପାଇ କେସିଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ପାଇଁ କେସିଙ୍ଗା ସରକାରୀ ଚିକିତ୍ସାଳୟକୁ ପଠାଇଛି ପରିବାର ଲୋକଙ୍କ କହିବାନୁଯାୟୀ ତାଙ୍କ ପୁଅଟି ପୂର୍ବରୁ କାହା ସହ ଶତ୍ରୁତା ନଥିବା ବେଳେ ହଠାତ୍ ଏମିତି ଏକ ଚରମ ପଦକ୍ଷେପ ନେଇ ପାରିବ ନାହିଁ। ଏହା ନିଶ୍ଚିତ ଭାବେ ଏକ ହତ୍ୟା ବୋଲି ଉକ୍ତ ଯୁବକର ମା' ଅଭିଯୋଗ ଆଣିଛନ୍ତି। ଯୁବକର ଘର ବୋରିଙ୍ଗପଦରପଡ଼ାରେ। ଘଟଣା ଘଟିଥିବା ସମୟରେ ସତାଙ୍କ ପରିବାର ଲୋକେ ଘରେ ନଥିଲେ। ସେହି ସମୟରେ ଏହି ଘଟଣା ଘଟିଥିବା ପରିବାର ଲୋକେ କହିଛନ୍ତି। ଏହା ପ୍ରକୃତରେ ହତ୍ୟା ନା ଆତ୍ମହତ୍ୟା ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ମୃତକର ମାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ ବ୍ୟାପକ ତଦନ୍ତ ଆରମ୍ଭ କରୁଥିବା ବେଳେ ସୋମବାର ସକାଳୁ ଭବାନୀପାଟଣାରୁ ସାଇଣ୍ଟିଫିକ୍ ଟିମ୍ ଡକାଇ ତଦନ୍ତ ଜୋରଦାର କରିଛି।

## ବିଭିନ୍ନ ସ୍ଥାନରେ ଯୁଗ୍ମ ଜନଶୁଣାଣୀ ଶିବିର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ ଠାରେ ୧୪ ତାରିଖ ସୋମବାର ଦିନ କଳାହାଣ୍ଡି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଓ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୪୩ ଗୋଟି ଆପତ୍ତି ଅଭିଯୋଗର ପଞ୍ଜିକରଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୨୭ ଗୋଟି ଓ ସାମୂହିକ ୧୩ ଗୋଟି ରହିଥିବା ବେଳେ ୦୬ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ଓ ଏଥିରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ତିନି ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଭତ୍ତା, ପାନୀୟଜଳ, ଜମି ବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଅବକାରୀ, ସମାଜ କଲ୍ୟାଣ, ଶିଶୁ ସୁରକ୍ଷା, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାତ୍ରୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରବେଶନ) ଅନିମେସ ପ୍ରଧାନ, ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଧର୍ମଗଡ଼, ଅଜୟ କୁମାର ତିର୍କୀ,ବ୍ଲକ ଅଧକ୍ଷକ୍ଷ ସବିତା ମେହେର, ବିଡିଓ, ଦେବାଶିଷ କର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା କିଶୋର କୁମାର ପୃଷ୍ଟି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ,ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ନେତୃତ୍ୱରେ ସୋମବାର ଉଛଲା ଗ୍ରାମ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଓ ତାର ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୫୯ ଅଭିଯୋଗରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ସାମିଲ କରି ୩୦ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା। ରାଜ୍ୟ ତଥା ମୋହନ ସରକାର ଓ କେନ୍ଦ୍ର ତଥା ମୋଦି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁବିଧା ଗାଁ ବସତି ପଡା ରେ ପହଞ୍ଚାଇବା ଆମ ପ୍ରଶାସନ ର



ଉଦ୍ଦେଶ୍ୟ ବୋଲି ବ୍ଲକ ଅଧକ୍ଷ ଶ୍ରୀ ମହାନନ୍ଦ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁରା ମହାନନ୍ଦ, ସହକାରୀ ଯନ୍ତ୍ରୀ ଚିତ୍ତ ରଂଜନ ଜେନା, ସାମାଜିକ ସୁରକ୍ଷା ବିଭାଗ ପିତାମ୍ବର ନାଏକ, ବ୍ଲକ ମଙ୍ଗଳ ଅଧିକାରୀ ସୁବ୍ରତ କୁମାର ମିଶ୍ର,ଅତିରିକ୍ତ ମତ୍ସ୍ୟ ଅଧିକାରିଣୀ ବନ୍ଦନା ରାଣୀ ପଣ୍ଡା, ମହିଳା ପରିଦର୍ଶିକା ଗୀତା ହରିଜନ, ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ, ଆର୍‌ଆଇ ସୋହନ ପାଟଯୋଶୀ, ଯୋଗାଣ ନିରୀକ୍ଷକ ଦିବ୍ୟରାଜ ଭୋଇ,ସରପଞ୍ଚ ପୁର୍ଣ୍ଣିମା ଶବର, ପାନୀୟ ଜଳ ବିଭାଗରୁ ଅତିରିକ୍ତ ଯନ୍ତ୍ରୀ ସୁବାସ ପଣ୍ଡା, କନିଷ୍ଠ ଯନ୍ତ୍ରୀ ରେଂଗୋ ନାଏକ,ଏପିଓ କ୍ଷେତ୍ର ମୋହନ ମାଝୀ, ପିଇଓ ଯୁଧିଷ୍ଠିର ଗହୀର, ଏଡିଇଓ କଣ୍ଟ ସୁନାନୀ, ଜନ ଶୁଣାଣି ବିଭାଗରୁ ନନ୍ଦିନୀ ଶବର ସମେତ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ଓ ଉଛଳା ପଞ୍ଚାୟତର ଅନେକ ଜନସାଧାରଣ ଉପସ୍ଥିତ ଥିଲେ।

## ଯୁବ ଲେଖକ ରଜତ ବଂଶଲଙ୍କୁ 'ଶବ୍ଦ ସମ୍ମାନ'



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡିର ଯୁବ ଲେଖକ ରଜତ ବଂଶଲଙ୍କୁ ସାହିତ୍ୟ ପତ୍ରିକା ସୃଜନ ସଳିତା 'ନବନୀତା' ପକ୍ଷରୁ ଶବ୍ଦ ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପତ୍ରିକାର ସୃଜନ ସହଯୋଗୀ ଡ. କୌତୁକ ପନ୍ଦର ଓ ଡ. ଜଗନ୍ନାଥ ସାହୁ, ପରିଚାଳନା ସମ୍ପାଦକ ଯୁଜେଷ୍ଟି ମେହେର ପ୍ରମୁଖ ସହଯୋଗ କରିଥିଲେ। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ୍ ଅନ୍ତର୍ଗତ ବେହେରା ଗ୍ରାମରେ ଜନ୍ମିତ ରଜତ କବିତା, ଗଳ୍ପ, ପ୍ରବନ୍ଧ, ଅନୁବାଦ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସ୍ୱକୀୟ ପ୍ରତିଭା ପ୍ରତିପାଦନ କରିପାରିଛନ୍ତି। ତାଙ୍କର କବିତା ସଂକଳନ 'ଅବ୍ୟକ୍ତ ଶବ୍ଦ' ବେଶ୍ ପାଠକୀୟ ଆଦୃତି ପାଇଥିବା ବେଳେ ସାହିତ୍ୟ ସାଧନା ପାଇଁ ସେ ବହୁ ପୁରସ୍କାର ଓ ସମ୍ମାନ ପାଇସାରିଛନ୍ତି। ଏଥିସହ ଜଣେ ସକ୍ରିୟ ସାମାଜିକ କର୍ମୀ ଓ ସାମ୍ବାଦିକ ଭାବେ ତାଙ୍କର ସୁଖ୍ୟାତି ରହିଛି। ତାଙ୍କୁ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଅଭିନନ୍ଦନ ଜଣାଇଛନ୍ତି।

## ସ୍ଥାୟୀ ପଟ୍ଟା ଆଶାରେ କୁଶୁର୍ଲା କଲୋନୀ ପଡାବାସୀ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଜୋରାଡ଼ବରା ପଞ୍ଚାୟତ କୁଶୁର୍ଲା କଲୋନୀ ପଡାରେ ଲୋକେ ବସବାସ କରିବା ଦୀର୍ଘ ୪୦ବର୍ଷ ବିତିଯାଇଥିଲେ ମଧ ସ୍ଥାୟୀ ପଟ୍ଟା ମିଳୁ ନ ଥିବାରୁ ପଡ଼ାବାସୀ ଏବେ ଚିନ୍ତାରେ ପଡିଛନ୍ତି। ସ୍ଥାୟୀ ପଟ୍ଟା ପାଇବା ଆଶାରେ ବ୍ଲକ ପ୍ରଶାସନଠୁ ଜିଲ୍ଲା ପ୍ରଶାସନଠାରେ ମଧ ଅଭିଯୋଗ କରିଥିଲେ ମଧ ଏମାନଙ୍କ ସମସ୍ୟାର ସମାଧାନ ହୋଇ ପାରୁ ନ ଥିବା ଜଣାପଡିଛି। ଆଗାମୀ ଦିନରେ କର୍ଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ସଜବାଜ ହେଉଥିବା ପଡାବାସୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗ୍ରାମୀଣ ଆବାସ ଯୋଜନାରେ ଗୃହ ପାଇବାକୁ ଯୋଗ୍ୟ ହୋଇଥିଲେ ମଧ କଲୋନୀ ପଡାବାସୀଙ୍କ ନିଜ ନିଜର ନାମରେ ଘର ଡିହ ନ ଥିବା କାରଣରୁ ଘର ତିଆରି କରିବା ସମ୍ଭବପର ହୋଇପାରୁ ନାହିଁ। ଏଣୁ ଏ ଦିଗରେ ଜିଲ୍ଲାପାଳ ପଦକ୍ଷେପ ନେବାକୁ କଲୋନୀ ପଡାବାସୀ ଅନୁରୋଧ କରିଛନ୍ତି।

## ଅନୀତା ଦାସଙ୍କୁ ଡକ୍ଟରେଟ୍ ସମ୍ମାନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ କାମଠଣା ଠାରେ ଥିବା ସରକାରୀ ଜେଏନ୍‌ଏମ୍ ପ୍ରଶିକ୍ଷଣ କେନ୍ଦ୍ରର ପୂର୍ବତନ ପ୍ରିନ୍ସିପାଲ୍ ତଥା ସଂପ୍ରତି ସରକାରୀ ନର୍ସିଂ ମହାବିଦ୍ୟାଳୟ, ନବରଙ୍ଗପୁରରେ ଟିଉଟର୍ ଭାବେ କାର୍ଯ୍ୟ କରୁଥିବା ଅମିତା ଦାସ ରାଜସ୍ଥାନର ଝୁନଝୁନୁ ଠାରେ ଥିବା ଜଗଦୀଶ ପ୍ରସାଦ ଝବରମଲ୍ ଟିବଡେ- ବାଲା ୟୁନିଭରସିଟିରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି। ଶ୍ରୀମତୀ ଦାସଙ୍କ ସନ୍ଦର୍ଭ 'ଏ ଷ୍ଟଡି ଟୁ ଏସେସ୍ ଦି ଏଫେକ୍ଟିଭନେସ୍ ଅଫ୍ ଇନଫରମେସନ୍,ଏଜୁକେସନ ଆଣ୍ଡ କମ୍ୟୁନିକେସନ୍ ପ୍ୟାକେଜ୍ ଅନ୍ ନଲେଜ୍ ଆଣ୍ଡ ଏଟିଚ୍ୟୁଡ୍ ଟୁଆର୍ଡସ୍ କଣ୍ଟ୍ରୋଲିଂ ବ୍ଲଡ ପ୍ରେସର ଏମଙ୍ଗ୍ କ୍ଲାଏଣ୍ଟସ୍ ୱିଥ୍ ପ୍ରାଇମେରୀ ହାଇପରଟେନସନ୍ ଇନ୍' ଡି.ଡି.ଏଚ୍. ଭବାନୀପାଟଣା, ଡିଷ୍ଟ୍ରିକ୍ଟ କଳାହାଣ୍ଡି, ଓଡିଶା ଉକ୍ତ ୟୁନିଭରସିଟି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଶ୍ରୀମତୀ ଦାସ ରାଜସ୍ଥାନସ୍ଥିତ ଶ୍ରୀ ଜେଜେଟି ୟୁନିଭରସିଟିର ମେଡିକାଲ ସର୍ଜିକାଲ୍ ନର୍ସିଂ ବିଭାଗର ପ୍ରଧାପିକା ଡ.ତୁଳସୀଙ୍କର ପ୍ରତ୍ୟକ୍ଷ



ତତ୍ତ୍ୱାବଧାନରେ ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରି ଡକ୍ଟରେଟ୍ ଡିଗ୍ରୀ ହାସଲ କରିବାର କୃତିତ୍ୱ ଅର୍ଜନ କରିଛନ୍ତି। ସେ କଟକ ଜିଲ୍ଲା ଚମ୍ପାପୁର ଗ୍ରାମ ନିବାସୀ ଭରତ ଚନ୍ଦ୍ର ଦାସ ଓ ପ୍ରଫୁଲ୍ଲ ବାଳା ଦାସଙ୍କ ସୁପୁତ୍ରୀ ଏବଂ ପ୍ରସନ୍ନ କୁମାର ବିଶ୍ୱାଳଙ୍କ ଧର୍ମପତ୍ନୀ ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ନିଜର ସ୍ୱାମୀ, ମାର୍ଗଦର୍ଶିକା ପ୍ରାଧାପିକା ଡ.ତୁଳସୀ ଏବଂ ଶୁଭଚିନ୍ତକ ମାନଙ୍କୁ କୃତଜ୍ଞତା ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରିଛନ୍ତି।

## ବ୍ଲକରେ ବେଧଡକ ସଟ୍ଟା କାରବାର, ପୋଲିସ ଚୁପ୍

ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ଥିବା ଅନେକ ଗ୍ରାମରେ ବେଧଡକ୍ ଖୁଲମ୍ ଖୁଲା ସଟ୍ଟା ଖେଲ କାରବାର ଚାଲିଛି। ସଟ୍ଟା ଖେଲର ଚାହିଦା ଦିନକୁ ଦିନ ବଢି ଚାଲୁ ଥିବା ବେଳେ ଏଥିରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଛାତ୍ର ଓ ଯୁବକ ମାନେ ମଧ ଖେଳରେ ମଜିବାକୁ ଲାଗିଲେଣି। ଯାହାର ଫଳରେ ଲୋକଙ୍କ ବହୁତ କ୍ଷତି ହେଉଥିବା ଅଭିଯୋଗ ହେଉଛି। କ୍ଷତି ହେଉଥିବା ସତ୍ତ୍ୱେ ମଧ ଖୁଲମ ଖୁଲା ସଟ୍ଟା ଖେଳ ବଢି ଚାଲିଥିବା ବେଳେ ସ୍ଥାନୀୟ ପୋଲିସ୍ ଜାଣି କି ଚୁପ ରହୁଛି। ଏଥିରେ ପାଠ ପଢା ଛାତ୍ର ଠାରୁ ଯୁବକ, ବୃଦ୍ଧ ସମସ୍ତେ ଖେଳ ଖେଳିବାରେ ମାତିଛନ୍ତି। ଏହି ଖେଳରେ ଦିନକୁ ଦିନ ଖେଳାଳିଙ୍କ ସଂଖ୍ୟା ବଢୁଛି। ହାତରେ ଟଙ୍କା ନ ଥିଲେ ଧାର କରଜ କରି କିମ୍ବା ନିଜର ଆସବାବ ପତ୍ର ବନ୍ଧକ କରି ଖେଳୁଥିବା ଅନେକ ପରିବାର ପକ୍ଷରୁ ଅଭିଯୋଗ ହେଉଛି। ଫଳରେ ଗୋଲାମୁଣ୍ଡା ବ୍ଲକରେ ସଟ୍ଟା ଖେଳୁଥିବା ଖେଳାଳିଙ୍କ ପରିବାରକୁ ଏକ ବଡ କ୍ଷତିର ଝଟ୍‌କା ସହିବାକୁ ପଡୁଛି। ଏହି ଖେଳ ସାଧାରଣ ସଭ୍ୟ ସମାଜ ଉପରେ ଏକ କୁପ୍ରଭାବ ପକାଉଥିବା ବେଳେ ଏଥି ପ୍ରତି କୌଣସି ପୋଲିସ ପ୍ରଶାସନ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଏଣୁ ଗୋଲାମୁଣ୍ଡା ବ୍ଲକର ଯେତେକ ସ୍ଥାନରେ ସଟ୍ଟା ଖେଲ ହେଉଛି, ତୁରନ୍ତ ସ୍ଥାନୀୟ ପୋଲିସ୍ ଚଢାଉ କରି ସମ୍ପୂର୍ଣ୍ଣ ସଟ୍ଟା ମୁକ୍ତ ଗୋଲାମୁଣ୍ଡା ବ୍ଲକରେ ପରିଣତ କରିବା ପାଇଁ ସାଧରଣରେ ଦାବି ହେଉଛି। ପ୍ରକାଶ ଥାଉ କି ଗୋଲାମୁଣ୍ଡା ବ୍ଲକର ସଦର ମହକୁମା ସହ ଚିଚିଆ, ଖଲିଆକାନି, ବୃନ୍ଦାବାହାଲ, ଚପ୍ରିଆ, କେଗାଁ, ମାନଝରି, ଅନ୍ତର୍ଲା, ଦଶପୁର, ଦେକୋଟ, ଫରଙ୍ଗ, ଗଣ୍ଡାମେର, ଲିମସେର ସହ ବ୍ଲକର ସମସ୍ତ ଅଞ୍ଚଳରେ ଚାଲୁଛି। ଆଜି ପର୍ଯ୍ୟନ୍ତ କୌଣସି ସେହିପରି ପଦେକ୍ଷେପ ନିଆଯାଉ ନାହିଁ ଏଣୁ ସାଧାରଣ ଭାବରେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ଓ ସ୍ଥାନୀୟ ପୋଲିସ ଉପରେ ବିଶ୍ୱାସ କରିପାରୁ ନଥିବାରୁ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଏଥିପ୍ରତି ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେଇ ବେଆଇନ ଭାବରେ ଚାଲୁଥିବା ସଟ୍ଟା କାରବାର ଉପରେ ପଦକ୍ଷେପ ନେବାପାଇଁ ଦାବି ଜଣାଉଛନ୍ତି।

## ସିଟିଜେନ ଫୋରମ ପକ୍ଷରୁ ସମସ୍ୟା ସମାଧାନ ବୈଠକ


କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ସିଟିଜେନ ଫୋରମ୍‌ର ସଭାପତି ଡ ହେମସାଗର ସାହାଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ କେସିଙ୍ଗା ସରକାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୩ ବର୍ଷ ପରେ ପ୍ରଥମ ଥର ପାଇଁ ସାମ୍ବାଦିକ ସମ୍ମିଳନୀ କରି କେସିଙ୍ଗାବାସୀଙ୍କ ପାଇଁ ଫୋରମର କାର୍ଯ୍ୟକାରିତା ବାବଦରେ ବାଖାଣିଛନ୍ତି। ଡ. ସାହା କହିଛନ୍ତି ଏ ସଂସ୍ଥାରେ ବୟସ୍କ ଓ ବୁଦ୍ଧିଜୀବୀ ମାନେ ସମସ୍ତ ପଞ୍ଚାୟତରୁ ଆସି ସଦସ୍ୟ ହୋଇଛନ୍ତି। ସଦସ୍ୟ ମାନେ ଓ ଆଖପାଖ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ସ୍ୱାର୍ଥର ସମାଧାନ ଫୋରମରେ ଉପସ୍ଥାପନା କରି ଆଲୋଚନା କରି ଅଞ୍ଚଳର ବିଭାଗୀୟ ଅଧିକାରୀ ଓ ନିର୍ବାଚିତ ପ୍ରତିନିଧି ମାନଙ୍କ ଜରିଆରେ ସରକାରଙ୍କ ଠାରେ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି। ତାହା ଏକ ସ୍ୱାଗତ ପଦକ୍ଷେପ ବୋଲି ଗଣମାଧ୍ୟମରେ ଓ ସଦସ୍ୟ ମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଆଜି ଦୀର୍ଘ ବର୍ଷ ପରେ ସାମ୍ବାଦିକ ସମ୍ମିଳନୀରେ ସଭାପତି କେବଳ ଫୋରମ୍‌ର କାର୍ଯ୍ୟ ବଖାଣିବା ସହିତ ସାମ୍ବାଦିକ ମାନଙ୍କ ସହିତ ଅଞ୍ଚଳର




ବିଭିନ୍ନ ସମସ୍ୟା ସ୍ୱାର୍ଥକୁ ନେଇ ଅନେକ ଆଲୋଚନା ହୋଇଥିଲା। ବିଗତ ଦିନରେ ନିଆଯାଇଥିବା ପଦକ୍ଷେପ ଓ ନିଷ୍ପତି ଏବଂ ଆଗକୁ କେସିଙ୍ଗା ଓ ଆଖପାଖ ଅଞ୍ଚଳ ପାଇଁ ଫୋରମ୍ କେଉଁ ସମସ୍ୟା କୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି ସେହି ବିଷୟରେ ଗଣମାଧମ ସହିତ ବିସ୍ତୃତ ଆଲୋଚନା କରି ରଣନୀତି ପ୍ରସ୍ତୁତ କରିଛି। କେସିଙ୍ଗା ବାଏପାସ ସମେତ ରେଳଷ୍ଟେସନ ରେ ଥିବା ଅନେକ ଛୋଟ ବଡ଼ ସମସ୍ୟା, ସ୍ୱାର୍ଥ କେସିଙ୍ଗାରୁ ଭୁବନେଶ୍ୱର ସିଧାସଳଖ ଟ୍ରେନ ପାଇଁ ଦାବି, କେସିଙ୍ଗା ଏନ୍‌ଏସିକୁ ମ୍ୟୁନିସିପାଲଟି ରେ ପରିଣତ, ସମେତ କେସିଙ୍ଗା ମେଡିକାଲ ର ଅବ୍ୟବସ୍ଥା ଉପରେ ଫୋରମ୍ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ କେତେ ତାରିଖରେ କେଉଁ ଅଧିକାରୀ ଓ ମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା ସହିତ ଦାବି ଉପସ୍ଥାପନ କରାଯାଇଛି ସେ ବିଷୟରେ ସଭାପତି ଅବଗତ କରାଇଥିଲେ। ବିଗତ ଦିନରେ କିଛି ଦାବି ପୂରଣ ହୋଇଥିବା ବେଳେ କିଛି ଦାବି ଓ ଅନୁରୋଧ ସରକାରୀ ବିଚାରରେ ରହିଛି ଯାହା ଯଥା ଶୀଘ୍ର ସମାଧାନ ହେବ ବୋଲି ସଭାପତି ଉପସ୍ଥିତ ସାମ୍ବାଦିକ ମାନଙ୍କୁ ସୂଚନା ଦେଇ ଥିଲେ। ଏବଂ ଆଗାମୀ ଦିନରେ ଚାରି ଦଶନ୍ଧି ଧରି ବନ୍ଦ ପଡ଼ିଥିବା କୋଣାର୍କ ସୂତାକଳ ଓ ଏମ୍‌ଏସ୍‌ଏମ୍‌ଇ ପାର୍କ ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ କେସିଙ୍ଗା ସହର ମଧ ଦେଇ ଯାଇଥିବା ଏନ୍ ଏଚ ୨୬ ରାସ୍ତା ଉପରେ କେସିଙ୍ଗା ନୋଡାଲ ହାଇସ୍କୁଲ ଓ ସରକାରି ବିଦ୍ୟାଳୟ ପାଇଁ ଏକ ପାଦଚଲା ଓଭର ବ୍ରିଜ ଲାଗି ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବି ଉପସ୍ଥାପନା କରାଯାଇଥିବା ସେହିପରି କେସିଙ୍ଗା ସିଭିଲ ଜଜ୍ ସିନିୟର୍ ଡିଭିଜନ କୋର୍ଟ ପାଇଁ ରାଜ୍ୟସରକାରଙ୍କ ଆଇନ ସଚିବଙ୍କ ସହ ଆଲୋଚନା କରାଯାଇଥିବା ଫୋରମ୍ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିବା ସଭାପତି ପ୍ରକାଶ କରିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଫୋରମ୍ ଉଁ ଉପ ସଭାପତି ବିନୟ ପ୍ରକାଶ ନାଏକ, ହରିଶଙ୍କର ଭୋଇ, ରଙ୍ଗ ଲାଲଜୈନ ପ୍ରମୁଖ ମଞ୍ଚାଷିନ ଥିବାବେଳେ ସାଧାରଣ ସମ୍ପାଦକ ବିସିଏସ୍ ଆଚାରି ମଞ୍ଚ ପରିଚାଳନା କରିଥିବା ବେଳେ ଏଥିରେ ଫୋରମ୍‌ର କୋଷାଧକ୍ଷ ରଞ୍ଜନ କୁମାର ପଣ୍ଡା ଓ ସିଟିଜନ ଫୋରମ୍ ସଦସ୍ୟ ଙ୍କ ସମେତ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ। ଭକ୍ତ ଆସିଥାନ୍ତି। ଦେବଗିରି ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡାମାଝୀଙ୍କ ତତ୍ତ୍ୱାବଧାନରେ ସେବାୟତ ଓ ପୂଜକ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ଟ୍ରଷ୍ଟ ବୋର୍ଡ଼ ସଦସ୍ୟମାନେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନର୍ଲା ପୋଲିସ ମୁତୟନ ହୋଇଥିଲେ। ସେହିପରି ନର୍ଲା, ଭୀମକେଲା, କେରାଣ୍ଡିଖୁଣ୍ଟି, ନର୍ଲାରୋଡ୍, ଖମ୍ବପଡା, ମାଣ୍ଡେଲ, ଦେହେଲି ଆଦି ଶୈବପୀଠ ମାନଙ୍କରେ ମଧ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିଥିଲା।

## ରାଶିଫଳ

ବୁଧବାର, ୧୬ ଜୁଲାଇ ୨୦୨୫



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଲାଭ ସୁଯୋଗ ଆସିବ। ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବିନିଯୋଗ ଶୁଭ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଏହାର ପ୍ରଭାବ ଚାକିରି କ୍ଷେତ୍ରରେ ପଡିବ।



**ବୃଷ:** ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ। ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ। ଆପଣ ସାମାଜିକ ସେବା କରିବାକୁ ପ୍ରେରଣା ପାଇବେ। ସମ୍ମାନ ପାଇବେ। ଟଙ୍କା ମିଳିବା ସହଜ ହେବ। ଆଘାତ ଏବଂ ରୋଗ ହେତୁ ବାଧା ହେବାର ସମ୍ଭାବନା ଅଛି।



**ମିଥୁନ:** ଯେ କୌଣସି ବଡ ସମସ୍ୟାର ସମାଧାନ ସହଜ ହେବ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଭାଗ୍ୟ ଆପଣଙ୍କ ସହିତ ରହିବ।



**କର୍କଟ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଚାକିରିରେ ମିଳିବ।



**ସିଂହ:** ଶତ୍ରୁତା ରହିବ। ପୂଜାରେ ନିୟୋଜିତ ହେବେ। ବ୍ୟବସାୟରୁ ଲାଭ ବୃଦ୍ଧି ହେବ। କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ। ଏକ ବିବାଦରେ ବିଜୟ ହାସଲ କରାଯାଇପାରେ। ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ। ଚିନ୍ତିତ ହେବେ।



**କନ୍ୟା:** ଦୂରରୁ ଭଲ ଖବର ଗ୍ରହଣ କରାଯିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ। ପରିବାରରେ ଯେ କୌଣସି ଚାହିଦା କାମ ସମ୍ଭବ। ଅସ୍ଥିରତା ହୋଇପାରେ। ବକ୍ତବ୍ୟରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ। ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ। ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ। ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ପ୍ରୟାସ ସଫଳ ହେବ। ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। କିଛି ବଡ କରିବାର ଇଚ୍ଛା ହେବ। ବ୍ୟବସାୟ ଭଲ କରିବ। ଟଙ୍କା ମିଳିବା ସହଜ ହେବ।



**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ। ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ। ଦୌଡାଦୌଡି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ବେପରୁଆ ହୁଅନ୍ତୁ ନାହିଁ। କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ।



**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି। ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ। ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଚିନ୍ତିତ ହେବେ।



**ମକର:** କାରବାରରେ ସାବଧାନ ରୁହ। ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟ ବୃଦ୍ଧି ପାଇବ। ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ। କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ। ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ। ବିବାଦର ସମାଧାନ ହୋଇପାରିବ। ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ। ଖୁସି ହେବେ। ପାରିବାରିକ ସହାୟତା ଜାରି ରହିବ। ଆୟ ବୃଦ୍ଧି ପାଇବ।



**ମୀନ:** ସୁଖ ବୃଦ୍ଧି ପାଇବ। ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ। ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ। ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ। ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯